Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଖଣ୍ଡ ୨୦ ଶ
ସଂ ୪୧ ସଂଖ୍ୟା
ତା ୧୭ ଇଣ ମାହେ ଅକ୍ଟୋବର ସନ ୧୮୮୫ ମସିହା । ମୁ । କାର୍ତ୍ତିକ ଦି ୧୨ ... ୧୨୯୨ ସାଲ
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୪

## ବିଜ୍ଞାପନ ।

ଯେଉଁମାନେ ଉତ୍କଳଦୀପିକାର ଗ୍ରାହକ ହୋଇ ଏକବର୍ଷରୁ ଅଧିକ ହେବ କିଛି ମୂଲ୍ୟ ଦେଇ ନାହାନ୍ତି ଏବଂ ବିଲ ପଠାଯିବାରେ ହେଁ ମନୋଯୋଗୀ ହୋଇ ନାହାନ୍ତି ସେମାନଙ୍କୁ ପ୍ରାର୍ଥନା କରୁଅଛୁଁ କି ଅନୁଗ୍ରହ ପୂର୍ବକ ଏହି ମାସ ମଧ୍ୟରେ ମୂଲ୍ୟଟଙ୍କା ପଠାଇଦେବେ । ଯେଉଁ ଗ୍ରାହକ ଏଥି ମଧ୍ୟରେ କିଛି ନ ପଠାଇବେ ତାହାଙ୍କ ନିକଟକୁ ଆଗାମିମାସ ଆରମ୍ଭରୁ ଉତ୍କଳଦୀପିକା ପ୍ରେରଣ ହେବ ନାହିଁ ଏବଂ ପାଉଣା ଆଦାୟର ଅନ୍ୟ ବନ୍ଦୋବସ୍ତ ହେବ ଇତି ।

୨୧।୧୦।୮୫ ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ ।

---

ଉତ୍କଳ ଗତବର୍ଷର ଅନାବୃଷ୍ଟିର ଦାରୁଣ ଏବର୍ଷ ସାଧାରଣ ଦେଖାଯାଏ ଯେହେତୁ ଗତ ଫାଲ୍ଗୁନଠାରୁ ଅଠରନ ମାସ ଶ୍ରାବଣମାସର ବୃଷ୍ଟି ହୋଇଅଛି । ଏଥିରେ ଅଂଶିକ ଧାନ ଓ ରବିଫସଲ ନଷ୍ଟ ହେବାର ଭୟ ହୋଇଅଛି ଏବଂ ଜ୍ୱରରୋଗ କ୍ରମଶଃ ପ୍ରବଳ ହେଉଅଛି ।

---

ଏ ସପ୍ତାହରେ ଏ ନଗରର ଅନେକ ସ୍ଥାନରେ ସିନ୍ଧିଚୋରୀ ହେବାର ଅମ୍ଭେମାନେ ସମ୍ବାଦ ପାଇ ଅଛୁଁ । ଅନୁମାନ ହୁଏ ସିନ୍ଧିଆଳମାନେ ଲେଖିଅଛନ୍ତି, ଅଧି ଏନଗରରେ ଉପଦ୍ରବ ଲଗାଇ ଅଛନ୍ତି । ପୁଲିସ ଖୁବ ଜାଗର୍ତ୍ତହୋଇ ଏମାନଙ୍କୁ ଗିରଫ୍ତାର କଲେ ଲୋକଙ୍କର ବଡ଼ ଉପକାର ହେବ ।

---

ଗତ ଶୁକ୍ରବାର ଦୀପାବଳୀ ଅମାବାସ୍ୟା ଥିଲା [illegible] ତହିଁ ପୂର୍ବଦିନ ସନ୍ଧ୍ୟାସମୟରେ ଏକଘଣ୍ଟା ଜୋର ବୃଷ୍ଟି ପବନସହିତ ହେବା ଏବଂ ସେହି ରାତ୍ରି ଏବଂ ପରଦିନ ଦିନମାନ ମେଘ ଘୋଟି ରହିବାରୁ ଦୀପାବଳୀ ହେବ କି ନାହିଁ ତାହାର ଆଶା ନ ଥିଲା ଏବଂ ଦୀପଦାନ ହୋଇ ନେଲେ ଲୋକ ପର୍ବରୁ ଉଦ୍ୟମ କଲେ ନାହିଁ । ଯାହା ହେଉ ସେଦିନ ଆଉ ବୃଷ୍ଟି ହେଲା ନାହିଁ ଏବଂ ଦୀପଦାନ ଏକପ୍ରକାର ହୋଇଥିଲା ।

---

ସ୍ଥାନାନ୍ତରେ ପ୍ରକାଶିତ ଇଂରାଜୀ ବିଜ୍ଞାପନରୁ ପାଠକମାନେ ଅବଗତ ହେବେ ପୁରୀ ମନ୍ଦିରର ମ୍ୟାନେଜରଙ୍କ ପଦ ଖାଲି ଅଛି । ଯେଉଁମାନେ ଏହି କାର୍ଯ୍ୟପାଇଁ ପ୍ରାର୍ଥୀ ହେବାକୁ ଇଚ୍ଛା କରିବେ ସେମାନେ ଆପଣା ଯୋଗ୍ୟତାର ନିଦର୍ଶନପତ୍ର ସହିତ ଆବେଦନପତ୍ର ପୁରୀର ରାଣୀଙ୍କ ନିକଟକୁ ପଠାଇବେ । ଆବେଦନ ପଠାଇବା ବିଷୟରେ କିଛି ସମୟ ନିର୍ଦ୍ଦିଷ୍ଟ ହୋଇ ନ ଥିବାରୁ ବୁଝିବାକୁ ହେବ ଯେ ଶୀଘ୍ର ପ୍ରାର୍ଥନା କରିବାକୁ ହେବ ।

---

ଏ ଜିଲ୍ଲାର ସିଭିଲ୍‌ସର୍ଜନଡାକ୍ତର ଷ୍ଟିବାର୍ଟ ସାହେବ ଛୁଟୀ ନେଇ ବିଲାତକୁ ଯାଇଥିଲେ । ଛୁଟୀ ଶେଷ ହେବାରୁ ଏନଗରକୁ ଫେରିଆସି ଗତ ସୋମବାର ଡାକ୍ତର ବୋଉଲଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି । ସାହେବ ବଦଳି ହୋଇ ଏସ୍ଥାନକୁ ପୁନର୍ବାର ଆସିଲେ । ଏଥିରେ ସମସ୍ତଙ୍କର ଅପାର ଆନନ୍ଦ ହୋଇଅଛି କାରଣ ଏହାଙ୍କଠାରୁ ଓଡ଼ିଆ ଅନେକ ଉପକାର ପାଇଅଛନ୍ତି । ଏଠା ମେଡିକାଲସ୍କୁଲ କେବଳ ତାହାଙ୍କ ପ୍ରସାଦରୁ ଏପର୍ଯ୍ୟନ୍ତ ସ୍ଥାପିତ ବର୍ତ୍ତିତ ଅନେକ ଓଡ଼ିଆଙ୍କ ଜୀବନ ରକ୍ଷାକରୁଅଛି ।

---

ଗତ ସମ୍ବାଦବାହିକାରୁ ଅବଗତ ହେଲୁଁ ଯେ ଚଳିତମାସ ତା ୭।୮ ଉଷରେ ବାଲେଶ୍ୱର ଥାନା ଏଲାକାରେ ପ୍ରଚୁର ବୃଷ୍ଟି ହୋଇ ଖାଲ ପୁଷ୍କରିଣୀମାନ ପୂର୍ଣ୍ଣ ହେଇଅଛି ଏବଂ ଯେଉଁ ସବୁ କ୍ଷେତ ସେପର୍ଯ୍ୟନ୍ତ ମରି ନ ଥିଲା ସେହି ସମସ୍ତର ବିସ୍ତର ଉପକାର କରିଅଛି । ସରକାରୀ ଗେଜେଟରେ ଲେଖାଅଛି ଯେ ଭଦ୍ରଖ ସବଡିଭିଜନରେ ଫସଲ ଅତି ଉତ୍ତମ ହେବ ବୋଲି ଆଶା ହେଉଅଛି ଏବଂ ବାଲେଶ୍ୱର ସବଡିଭିଜନରେ ଯେଉଁଠାରେ କ୍ଷେତ ମରି ଯାଇଅଛି ସେ ସ୍ଥାନରହିତ ଅନ୍ୟ ସକଳସ୍ଥାନର ଫସଲର ଅବସ୍ଥା ଉତ୍ତମ । ଯାହା ହେଉ ଯତ୍‌ଶେଷରେ ଇନ୍ଦ୍ରଦେବତା ବାଲେଶ୍ୱର ପ୍ରତି ସଦୟ ହେଲେ ବଡ଼ ସୁଖର ବିଷୟ ଅଟଇ ।

---

Digitized by srujanika@gmail.com

Split by PDF Splitter
360



ଭୁଅଁପାଳ ହରଭକ୍ତିପ୍ରଦାୟିନୀ ସଭାର ସମ୍ପାଦକ ନାମରେ ଏକବ୍ୟକ୍ତି ଲେଖିଅଛନ୍ତି ଯେ କେତେକଜଣ ବଙ୍ଗବ୍ରାହ୍ମଣ ଜଣେ ଅଗ୍ରଦାନୀ ବ୍ରାହ୍ମଣର ଆମନ୍ତ୍ରଣ ଗ୍ରହଣପୂର୍ବକ ତାହାଠାରୁ ଖାଦ୍ୟସାମଗ୍ରୀ ଏବଂ ଚଣ୍ଡୀମଣ୍ଡପରେ ଯାଇକରି ଭୋଜନ କରିବାରୁ ବାଙ୍ଗାଳୀସମ୍ପ୍ରଦାୟ ମଧ୍ୟରୁ କେହି୨ ସେମାନଙ୍କୁ ପ୍ରାୟଶ୍ଚିତ୍ତଯୋଗ୍ୟ ବୋଲି ପତିତ କଲେ ମାତ୍ର ଅପର କେହି୨ ସେମାନଙ୍କୁ ପତିତଜ୍ଞାନ ନ କରି ବ୍ରାହ୍ମଣର କ୍ରିୟାକଳାପ ତାହାଙ୍କଦ୍ୱାରା କରାଉଅଛନ୍ତି । ବ୍ରାହ୍ମଣମାନେ ବାସ୍ତବରେ ପତିତ ହେଲେ କି ନା ଏ ବିଷୟରେ ଶାସ୍ତ୍ରୀୟ ପ୍ରମାଣ କେହି ଦେଲେ ପତ୍ରପ୍ରେରକ ବାଧିତ ହେବେ ବୋଲି ଲେଖିଅଛନ୍ତି । ଅପାତତଃ ଜାତିଭିତ୍ତି ପ୍ରଭୃତି ଲୋକଙ୍କର ଅନ୍ତଃକାଳ ଯେପରି ଅସ୍ଥା ତାହା ଏଥିରୁ ଜଣା ଯାଉଅଛି । ବର୍ତ୍ତମାନ ସ୍ୱାଧୀନତା ସମୟରେ ସାମାଜିକ ବିଷୟରେ ଲୋକଙ୍କୁ ଶାସନ କରିବା ଏକପ୍ରକାର ଅସମ୍ଭବ ବୋଲି ଜଣାଯାଏ ।

---

ବାଲେଶ୍ୱରର କଲେକ୍ଟର କର୍ଷ୍ଟିସ୍ ସାହେବ ବାସ୍ତବରେ ଜଣେ ପ୍ରଜାବତ୍ସଳ ହାକିମ ଅଟନ୍ତି । ଗତବର୍ଷ ଭୋଗରାଇର ଅନ୍ନକଷ୍ଟ ନିବାରଣ ନିମିତ୍ତ ଯେପରି କାର୍ଯ୍ୟ କରିଥିଲେ ତାହାରି ଅବିଦିତ ନାହିଁ । ଏବର୍ଷ ବାଲେଶ୍ୱର ଏଲକାର କୌଣସି୨ ସ୍ଥାନରେ ମରୁଡ଼ି ହେଉ ଫସଲ ମାରିପଡ଼ିବାର ସମ୍ଭାବନା ଦେଖି ପୂର୍ବରୁ ସତର୍କ ହେବାର ଦେଖି ଅମ୍ଭେମାନେ ଆନନ୍ଦିତ ହେଲୁଁ । ସମ୍ବାଦବାହିକାରୁ ପ୍ରକାଶ ଯେ ବାଲେଶ୍ୱର ଡିଷ୍ଟ୍ରିକ୍ଟ ବୋର୍ଡର ଗତ ସଭାରେ କଲେକ୍ଟର ସାହେବ ପ୍ରସ୍ତାବ କରିଥିଲେ ଯେ ଭୋଗରାଇ ନିମିତ୍ତ ଯେଉଁ ହଜାରଟଙ୍କା ସାହାଯ୍ୟ ବୋର୍ଡ ମଞ୍ଜୁର କରିଥିଲେ ତାହା ଉକ୍ତସ୍ଥାନରେ ଖର୍ଚ୍ଚ ନ ହେବାରୁ ଉକ୍ତ ଅବଶିଷ୍ଟ ଟଙ୍କା ମରୁଡ଼ିସ୍ଥାନରେ ଏବର୍ଷ ସାହାଯ୍ୟ ଦିଆଯିବା କାରଣ ମଞ୍ଜୁର ହେଉ । ବୋଲିବା ବାହୁଲ୍ୟ ଯେ ବୋର୍ଡ ଏ ପ୍ରସ୍ତାବ ମଞ୍ଜୁର କରିଅଛନ୍ତି । ଏପରି ସତର୍କତା ସହିତ କାର୍ଯ୍ୟ କରିବା ହେତୁ କର୍ଷ୍ଟିସ୍ ସାହେବ ଅବଶ୍ୟ ଧନ୍ୟବାଦର ପାତ୍ର ଅଟନ୍ତି ।

---

ଗତ ରବିବାର ପୁରୀ ସନାତନଧର୍ମରକ୍ଷିଣୀ ସଭାର ଯେଉଁ ଅଧିବେଶନ ହୋଇଥିଲା ତହିଁର କାର୍ଯ୍ୟାବଳୀର ପ୍ରତିଲିପି ବାବୁ ଶିବଚରଣ ମହାନ୍ତି ସମ୍ପାଦକଙ୍କ ସ୍ୱାକ୍ଷରରେ ଅମ୍ଭେମାନେ ପାଇଅଛୁଁ । ଏସଭାର କର୍ମଚାରୀମାନଙ୍କର ପରିବର୍ତ୍ତନ ହୋଇଥିବାରୁ ପୂର୍ବ ସମ୍ପାଦକଙ୍କ ସ୍ୱାକ୍ଷର କଥା ବୁଝିପାରିଲୁଁ ନାହିଁ । ଯାହା ହେଉ କାର୍ଯ୍ୟାବଳୀରୁ ଜଣାଯାଏ ଯେ ବାମଣ୍ଡାର ରାଜା ଉକ୍ତ ସଭାକୁ ଟ ୧ [illegible] ଏହି ନିୟମରେ ଦାନ କରିଅଛନ୍ତି କି [illegible] ମିଷ୍ଟାନ୍ନ ଶ୍ରୀଜଗନ୍ନାଥଙ୍କ ଅମୃତମନୋହି ହେବ ଓ ସଭାରେ ଉପସ୍ଥିତ ଥିବା ପଣ୍ଡିତମାନେ ସେହି ମହାପ୍ରସାଦ ସେବା କରିବେ । ଗତମାସ ତା ୨୪ ରିଖରେ ଉକ୍ତ ଟଙ୍କା ସଭାକୁ ପ୍ରାପ୍ତ ହେବାରୁ ସେହି ମାସ ତା ୨୫ ରିଖଠାରୁ ବଦାନ୍ୟଙ୍କ ମାନସ ଅନୁସାରେ କାର୍ଯ୍ୟ ହେଉଅଛି । ଅବଶ୍ୟ ଶାସ୍ତ୍ରପ୍ରତ ପ୍ରସନ୍ନ ହୋଇ ରାଜା ଏଦାନ କରିଅଛନ୍ତି କିନ୍ତୁ ଏଥିରେ ସଭାର ଉପକାର ହେବ କି ? ମିଷ୍ଟାନ୍ନ ଲବ୍ଧ ହେଲା ପଣ୍ଡିତମାନେ ସଭାରେ ଉପସ୍ଥିତ ହେବାକୁ ଇଚ୍ଛା କରନ୍ତି ନାହିଁ କି ? ଅପର ସଭ୍ୟମାନେ କି ଦୋଷ କଲେ ? ସଭାର ଉଦ୍ଦେଶ୍ୟ ସାଧନର ସାହାଯ୍ୟ ନିମିତ୍ତ ଏଟଙ୍କା ଦେଇଥିଲେ ଅମ୍ଭମାନଙ୍କ ବିବେଚନାରେ ଭଲ ହୋଇଥାନ୍ତା ।

---

ମାନ୍ଦ୍ରାଜଠାରେ ଏକ ଭୟାନକ ଦଙ୍ଗା ହଙ୍ଗାମା ହୋଇ ଯାଇଥିବାର ସମ୍ବାଦ ମିଳଇ । ମାନ୍ଦ୍ରାଜନଗରର ଏକଅଂଶ ଯହିଁରେ କେବଳ ହିନ୍ଦୁମାନେ ବସନ୍ତି ତହିଁରେ ମୁସଲମାନମାନେ ମସଜିଦ ନିର୍ମାଣ କରିବାକୁ ଯିବାରୁ ହିନ୍ଦୁମାନେ ଆପତ୍ତି କରିଥିଲେ । ମାତ୍ର ହିନ୍ଦୁମାନଙ୍କୁ କୌଣସି ଯାତଯାତ କାର୍ଯ୍ୟରେ ବାଧା ନ ହେବାର ପ୍ରତିଶ୍ରୁତ ହେବାରୁ ମୁସଲମାନମାନଙ୍କୁ ମସଜିଦ ନିର୍ମାଣ କରିବାକୁ ଅନୁମତି ଦିଆଯାଇଥିଲା ସମ୍ପ୍ରତି ଏକ ବିବାହ ଉପଲକ୍ଷରେ ହିନ୍ଦୁମାନେ ମସଜିଦ ନିକଟରେ ଯିବା ସମୟରେ ମୁସଲମାନମାନେ ବ୍ୟାକୁଳ ଦଳବଦ୍ଧ ହୋଇ ସେମାନଙ୍କୁ ଅଟକ କଲେ । କ୍ରମେ ଗୋଳମାଳ ଭୟଙ୍କର ଆକାର ଧାରଣ କଲା । ପ୍ରାୟ ୬୦୦ ଜଣ ପୁଲିସ ଗୋଳମାଳ ନିବାରଣ କରିବାକୁ ଅକ୍ଷମ ହେବାରୁ ସିପାହୀ ଡକା ହୋଇଥିଲେ । ଅବଶେଷରେ ପୁଲିସ ମୁସଲମାନମାନଙ୍କୁ ମସଜିଦ ମଧ୍ୟରୁ ତଡ଼ିଦେଲେ । ହିନ୍ଦୁମାନଙ୍କର ସଂଖ୍ୟା ପ୍ରାୟ ୨୦୦୦ ଥିଲା । ସର୍ବସୁଦ୍ଧା ୧୫୭ ଜଣ ମୁସଲମାନ ଧରା ହୋଇ ହାଜତରେ ଅଛନ୍ତି । ଏ ସବୁ ଗୋଳମାଳ ବାସ୍ତବରେ ବଡ଼ବିଷୟ ଏବଂ ମୁସଲମାନମାନେ ଶୀଘ୍ର ଶାନ୍ତ ନ ହେଲେ ଅବଶେଷରେ ଅପଣାର ଅନିଷ୍ଟ ଘଟାଇବେ । ଅମ୍ଭମାନଙ୍କର ଧାରଣା ହିନ୍ଦୁ ଏବଂ ମୁସଲମାନମାନେ ଯେତେ ମିଳିମିଶି ରହିବେ ଦେଶର ସେତେ ମଙ୍ଗଳ ସାଧନ ହେବ ।

---

ସମ୍ବଲପୁର ହିତୈଷିଣୀରେ ପାଠକଙ୍କୁ ବିଦିତ ଉକ୍ତ ନଗରର ରାସ୍ତା ଘାଟ ଇତ୍ୟାଦି ମଳ ମୂତ୍ରତ୍ୟାଗରୁ ରକ୍ଷାକରିବା ଉଦ୍ଦେଶ୍ୟରେ ନିୟମ ହୋଇଥିଲା କି ସଞ୍ଜ ଘ ୧୦ ଟା ରାତ୍ରିରୁ ସହରମଧ୍ୟରେ କେହି ଯାତାୟାତ କରିପାରିବେ ନାହିଁ । ବର୍ତ୍ତମାନ ଏହି ନିୟମ ରକ୍ଷାକରିବାରେ ପୁଲିସର ଶୈଥିଲ୍ୟ ହେବାରୁ ରାସ୍ତା ଘାଟ ଅପରିଷ୍କାର ହେଉଅଛି ଏବଂ ଚୋରମାନେ ପ୍ରଶ୍ରୟ ପାଉଅଛନ୍ତି । ଅତଏବ ଉକ୍ତ ନିୟମ ଦୃଢ଼ରୂପେ ପାଳନ କରାଇବା ସହଯୋଗୀ ଉପଦେଶ ଦେଇଅଛନ୍ତି । ଅମ୍ଭେମାନେ ଏ ଉପଦେଶର ସପକ୍ଷରେ ଯୁକ୍ତି ନ ପାଇ ବଡ଼ ଦରବରରେ ପଡ଼ିଅଛୁଁ । ସହଯୋଗୀ କି ଇଚ୍ଛା କରନ୍ତି ଯେ ସଞ୍ଜ ଘ ୧୦ ଟା ରାତ୍ରିରୁ କୌଣସି ବ୍ୟକ୍ତି କୌଣସି କାର୍ଯ୍ୟରେ ବାହାରିଲେ ପୁଲିସ ତାହାକୁ ଗିରଫ୍ତାର କରିବେ ଅବା ଅନ୍ୟକୌଣସିମତେ ଅଟକ କରିବେ । ଏପରି ନିୟମରେ ମଶା ମାରିବା ଉଦ୍ଦେଶ୍ୟରେ ଘର ପୋଡ଼ିଦେବା ବ୍ୟବସ୍ଥାର ଆଭାସ ପାଉଅଛୁ । ପୁଲିସ ଆପଣା କାର୍ଯ୍ୟରେ ତତ୍ପର ହେଲେ ଅପରାଧ କରିଥିବା ବ୍ୟକ୍ତିକୁ ଗିରଫ୍ତାର କରି ଦଣ୍ଡରେ ଦଣ୍ଡିତ କରାଇବାଦ୍ୱାରା ଶାସନର ଗୌରବ ରକ୍ଷାକରିବେ । ଅପରାଧୀଙ୍କ ଶାସନ ନିମିତ୍ତ ନିରପରାଧୀଙ୍କୁ ଅଟକ କରିବା ଅଧିକ କି ଯୁକ୍ତି ସଙ୍ଗତ ନୁହଇ । ଅକର୍ମଣ୍ୟ ପୁଲିସର ସୁବିଧାନିମିତ୍ତ ବରଂ ଏପରି ନିୟମ କରିବା ଅଧିକ ସହଜ ଯେ ଘ ୧୦ ଟା ରାତ୍ରିରୁ ପୁଲିସକର୍ମଚାରୀମାନେ ନଗରବାସିଙ୍କ ଆପଣା୨ ଘରେ ତାଲ ଦେଇ ନିଶ୍ଚିନ୍ତରେ ଶୟନ କରିବେ ।

---

ବୁଧବାର ଏକାଦଶୀ ସମ୍ବନ୍ଧରେ ସହଯୋଗୀ ସମ୍ବଲପୁରହିତୈଷିଣୀ ଯଥାର୍ଥ କହିଅଛନ୍ତି ଯେ ବାଲ୍ୟବିଧବାମାନଙ୍କର ଧର୍ମଲୋପ ହେବାଭୟରୁ ଏବଂ ବାଲ୍ୟ ଧର୍ମ ରକ୍ଷିବା ଉଦ୍ଦେଶ୍ୟରେ ନିର୍ଜଳା ଏକାଦଶୀ କରାଇବା ଅତ୍ୟନ୍ତ ନିଷ୍ଠୁର କାର୍ଯ୍ୟ ଅଟଇ । ପୁଣି ସେ ଉପଯୁକ୍ତ ପ୍ରମାଣଦ୍ୱାରା ଦେଖାଇଅଛନ୍ତି ଯେ ଏକାଦଶୀବ୍ରତ ପାଳିବା ସମସ୍ତଙ୍କର କର୍ତ୍ତବ୍ୟ ହେଲେ ହେଁ ସମସ୍ତଙ୍କୁ

Digitized by srujanika@gmail.com

ଯେ କର୍ତ୍ତା ଉପବାସ କରିବାକୁ ହେବ ଏମନ୍ତ ନୁହଇ । ତନ୍ତ୍ର ପ୍ରମାଣଂ ଯଥା ।

ଉପବାସାସମର୍ଥଶ୍ଚେତ୍ ଫଲମୂଲାଦି ଭୋଜନଂ । ସଙ୍କଳ୍ପ୍ୟଂ ଦତ୍ତ୍ୱା ।ନଂ ଶିଷ୍ଟ ନୈବେଦ୍ୟମେବ ଚ । ନ ଭବେତ୍ ପ୍ରତ୍ୟବାୟୀ ସ ଉପବାସଫଲଂ ଲଭେତ୍ । ଉପବାସାସମର୍ଥଶ୍ଚ ଏକଭକ୍ତଂ ଭୋଜୟେଦ୍ଦ୍ବିଜ । ଭକ୍ଷ୍ୟଂ ବ୍ରାହ୍ମଣାନ ବା ଦଦ୍ୟାଦ୍ ଯଦ୍ଭକ୍ଷ୍ୟା ଦ୍ୱିଗୁଣଂ ଭବେତ୍ ।

ଇତି ବ୍ରହ୍ମବୈବର୍ତ୍ତ ।

ଅର୍ଥାତ୍ ଉପବାସ କରିବାକୁ ଯେ ଅସମର୍ଥ ହେବ ସେ ଫଳ ମୂଳ ବା ଭକ୍ଷ୍ୟ ବା ଶିଷ୍ଟଙ୍କ ନୈବେଦ୍ୟ ଭୋଜନ କରିପାରେ ଅଥବା ଏଥିକି ଅସମର୍ଥ ହେଲେ ଜଣେ ବ୍ରାହ୍ମଣ ଭୋଜନ କରାଇବ ଓ ନିଜେ ଯାହା ଆହାର କରନ୍ତେ ସେହି ଖାଦ୍ୟଦ୍ରବ୍ୟର ଦ୍ୱିଗୁଣ ମୂଲ୍ୟ ବ୍ରାହ୍ମଣଙ୍କୁ ଦେବ । ଫଳତଃ ପ୍ରତ୍ୟେକଲୋକ ଆପଣାର ବଳ ବୁଝି ଧର୍ମ କରନ୍ତୁ ଶାସ୍ତ୍ରକାରଙ୍କର ଏହି ଉଦ୍ଦେଶ୍ୟ । ସେମାନେ ଏତେ ଅଜ୍ଞ ନ ଥିଲେ ଯେ ଯହିଁରେ ତାହାର ଯନ୍ତ୍ରଣା ଏବଂ ପ୍ରାଣର ସଂଶୟ ହେବ ସେପରି ବିଧାନ ତାହାପ୍ରତି କରନ୍ତେ । ଆମ୍ଭେମାନେ ସହଯୋଗିଙ୍କ ସହିତ ଏକମତ ହୋଇ ଭରସା କରୁଁ ସହୃଦୟ ମହାତ୍ମାମାନେ ବିଧବା ଜନମାନଙ୍କୁ ଏହି ଯନ୍ତ୍ରଣାରୁ ଅବ୍ୟାହତି ଦେବାକୁ ଚେଷ୍ଟା କରିବେ ।

---

ବ୍ରହ୍ମଦେଶ ଶାସନ ସମ୍ପର୍କରେ ଏକ ଦୀର୍ଘ ମନ୍ତବ୍ୟପତ୍ର ଇଣ୍ଡିଆ ଗେଜେଟରେ ପ୍ରକାଶିତ ହୋଇଅଛି । ଏଥିରୁ ଜଣାଯାଏ ଯେ ରାଜ୍ୟର ପ୍ରଥମ ଅଧିକାରସମୟରେ ଲୋକମାନଙ୍କ ଉପଦ୍ରବ ଅଶାନ୍ତି ଥିଲା । ତାହା ଏବେ ସମ୍ପୂର୍ଣ୍ଣରୂପେ ଉଚ୍ଛେଦିତ ହୋଇଅଛି ଏବଂ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ କ୍ଷମତା ଓ ପ୍ରଭୁତ୍ୱ ବର୍ତ୍ତମାନ ଉକ୍ତ ଦେଶମଧ୍ୟରେ ସମ୍ପୂର୍ଣ୍ଣରୂପେ ସ୍ଥାପିତ ଓ ସ୍ୱୀକୃତ ହୋଇଅଛି । ରାଜ୍ୟର କୌଣସି ଅଂଶରେ ଉତ୍ପାତ ପ୍ରବୃତ୍ତ ହେଉ ନାହିଁ । ଡକାଏତମାନେ ଦମିତ ହୋଇ ଅଛନ୍ତି ଏବଂ ପ୍ରଜାମାନେ ନିର୍ବିଘ୍ନରେ ଆପଣା ବ୍ୟବସାୟ ବାଣିଜ୍ୟ ଜୀବିକାରେ ରତ ଅଛନ୍ତି । ଯାନ୍ତ ରାଜସ୍ୱପ୍ରବୃତ୍ତିର ବୃଦ୍ଧିରୁ ଜଣାଯାଏ, ସନ ୧୮୮୭।୮୮ ସାଲରେ ୨୨ ଲକ୍ଷ ରାଜସ୍ୱ ଅଦାୟ ହୋଇଥିଲା ସନ ୧୮୮୮।୮୯ ରେ ୨୭ ଲକ୍ଷ ହୋଇଅଛି । ପୂର୍ବେ ପ୍ରାୟ ୧୧ ଲକ୍ଷ ଟଙ୍କାର ବାଣିଜ୍ୟ ହେଉଥିଲା ବର୍ତ୍ତମାନ ୩୨ଲକ୍ଷ ଟଙ୍କାର ହୋଇଅଛି । ଏହିପରି କୃଷିକାର୍ଯ୍ୟର ମଧ୍ୟ ବୃଦ୍ଧି ହୋଇଅଛି ଏବଂ ରେଲବାଟରେ ବହୁତ ଯାତ୍ରିକର ଓ ମାଲର ଗମନାଗମନ ହେଉଅଛି ।

ଇଂରାଜଙ୍କ ପରାକ୍ରମକୁ ଯେ ବ୍ରହ୍ମବାସୀ ଭୁଲାଇଯାଇଲା ଏ କଥା କେହି କେବେ କଳ୍ପନା କରି ନ ଥିଲା କେବଳ ଏହି କାର୍ଯ୍ୟ ସାଧନ କରିବାରେ ଯେତେ ରକ୍ତପାତ ଓ ଅନ୍ୟାୟ ବ୍ୟବହାର ହୋଇଅଛି ଏବଂ ଯହିଁରେ ଗରିବ ଭାରତବାସୀଙ୍କର ପ୍ରଦତ୍ତ କର ଯେତେ ଖର୍ଚ୍ଚ ହୋଇଅଛି ତାହା ଭାବନାର ବିଷୟ । ଯାହା ହେଉ ଶେଷରେ ବ୍ରହ୍ମଦେଶରେ ଶାନ୍ତି ବିରାଜିଲା ଏହା ସୁଖର ବିଷୟ ଅଟଇ ଏଥର ଗବର୍ଣ୍ଣମେଣ୍ଟ ଯେଉଁ ସମସ୍ତ ବ୍ରହ୍ମବାସୀଙ୍କୁ ଡକାଏତ ବୋଲି ଗିରଫ କରିଅଛନ୍ତି ସେମାନଙ୍କୁ ଛାଡ଼ିଦେଲେ ପ୍ରଶଂସାର କାର୍ଯ୍ୟ ହେବ ।

---

ଆମ୍ଭେମାନେ ଗତ ସପ୍ତାହରେ ପୁରୀମନ୍ଦିରର ମେନେଜର ବାବୁ ହରେକୃଷ୍ଣ ଦାସଙ୍କ ପୀଡ଼ାର ସମ୍ବାଦ ଲେଖିଥିଲୁଁ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ସେହି ପୀଡ଼ାରେ ବାବୁଙ୍କର ଦେହାନ୍ତର ହୋଇଗଲା । ବାବୁଙ୍କର ମୃତ୍ୟୁ ଓଡ଼ିଶାପ୍ରତି ବଡ଼ କ୍ଷତିକର ଅଟଇ କାରଣ ସେ ଜଣେ ବଡ଼ ଦୂରଦର୍ଶୀ ଯୋଗ୍ୟ ଓ ସଚ୍ଚରିତ୍ରବନ୍ତ ଥିଲେ । ପ୍ରାୟ ଛମାସ ମନ୍ଦିରର କାର୍ଯ୍ୟ କରି ପୁରୀବାସୀଙ୍କର ଏବଂ ସର୍ବସାଧାରଣଙ୍କର ବଡ଼ ପ୍ରିୟପାତ୍ର ହୋଇଥିଲେ ଆଉ ମଧ୍ୟ ଜଗନ୍ନାଥଙ୍କପ୍ରତି ତାହାଙ୍କର ଏପରି ଅଚଳଭକ୍ତି ଥିଲା ଯେ ସାଂଘାତିକରୋଗଗ୍ରସ୍ତ ହୋଇଥିବା ଏକା ଜଗନ୍ନାଥଙ୍କ ଉପରେ ନିର୍ଭର ରଖି ତାହାଙ୍କ ଚରଣାମୃତ ଛଡ଼ା ଅନ୍ୟ କୌଣସି ଔଷଧ ସେବା କଲେ ନାହିଁ । ଏପରି ଦୃଢ଼ବିଶ୍ୱାସ ଅସାଧାରଣ ଅଟଇ ଏବଂ ଏମନ୍ତ ବିଶ୍ୱାସୀଲୋକଙ୍କୁ ପରମେଶ୍ୱର ଆପଣା ନିକଟକୁ ନ ନେଇ ସଂସାରବନ୍ଧନରେ ପକାଇରଖିବା ଆଶା କରଯାଇ ନ ପାରେ । ଲୋକେ କହୁଅଛନ୍ତି ଯେ କେହି ତାହାଙ୍କୁ ବାଣ ମାରିଲା ମାତ୍ର ଏହା ନିତାନ୍ତ ଅଳୀକ ଏବଂ କୁସଂସ୍କାରପନ୍ନ ବ୍ୟକ୍ତିଙ୍କ କଥା । ଫଳତଃ ତାହାଙ୍କ ସ୍ଥାନରେ ଜଣେ ସୁଯୋଗ୍ୟ ମେନେଜର ପାଇବା ବଡ଼ କଠିନ ହେବ । ଓଡ଼ିଶାର ନିତାନ୍ତ ଦୁର୍ଭାଗ୍ୟ ଯେ ତାହାର ସନ୍ତାନଙ୍କ ମଧ୍ୟରୁ ଯେ ଟିକିଏ ମୁଣ୍ଡ ଉଠାଇଲା ତାହାର ଶୀଘ୍ର ପତନ ହେଲା । ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହେଲୁଁ ଯେ ସେ ଏତେକାଳ କଡ଼ଗୃହିତ କରି ଆପଣା ସ୍ତ୍ରୀ ପୁତ୍ରଙ୍କ ସକାଶେ କିଛିମାତ୍ର ସଙ୍ଗତି ରଖିପାରି ନାହାନ୍ତି ଅଥଚ ସେ ପରମିତବ୍ୟୟୀ ଓ ଅଡ଼ମ୍ବରଶୂନ୍ୟ ଲୋକ ଥିଲେ । ଏଥିରୁ ତାହାଙ୍କର ସତ୍ପ୍ରବୃତ୍ତିର ଅଧିକ ପରିଚୟ ଆଉ କ'ଣ ଦିଆଯିବ । ପୁଣି କେନ୍ଦ୍ରାପଡ଼ା ବଳଦେବଙ୍କ ମଠର ଅପବ୍ୟୟ ନିବାରଣ ନିମିତ୍ତ ମୋକଦ୍ଦମା କରି ପ୍ରାୟ ଅଠରଶତଙ୍କା ଋଣଗ୍ରସ୍ତ ହୋଇଅଛନ୍ତି । ଏହାହିଁ ତାହାଙ୍କର ଧର୍ମନିଷ୍ଠା ଓ ନିସ୍ୱାର୍ଥ କର୍ତ୍ତବ୍ୟ ପାଳନର ପରିଚୟ ଅଟଇ । ଏହି ଋଣ ପରିଶୋଧ ଏବଂ ଅନାଥ ପରିବାରଙ୍କ ଭରଣପୋଷଣ ଓ ପୁତ୍ରମାନଙ୍କ ସୁଶିକ୍ଷାନିମିତ୍ତ ବଳଦେବଜୀଉଙ୍କ ମଠ ଏବଂ ଓଡ଼ିଶାବାସିମାନେ ଦାୟୀ ଏଥିରେ ସନ୍ଦେହ ନାହିଁ । ଆମ୍ଭେମାନେ ଆଶା କରୁଁ ସର୍ବସାଧାରଣ ଏଥିର କର୍ତ୍ତବ୍ୟବେଚନା କରିବେ ।

---

ଗଡ଼ଜାତ ଦୁର୍ଭିକ୍ଷର ପ୍ରତୀକାର ।

ଜଙ୍ଗଲରକ୍ଷାର ନିୟମଦ୍ୱାରା ଗଡ଼ଜାତବାସିମାନେ ଯେପରି ଅତ୍ୟାଧିକ କଷ୍ଟ ଓ ଅସୁବିଧା ଜନ୍ମାଇ ସହୁଅଛନ୍ତି ସେଥିରୁ ଆମ୍ଭେମାନେ ପୁନଃ ପୁନଃ ପ୍ରକାଶକରି ଆସିଥିଲେ ହେଁ ଗବର୍ଣ୍ଣମେଣ୍ଟ ଏପର୍ଯ୍ୟନ୍ତ ତାହାସବୁ ଶୁଣି ଶୁଣୁ ନ ଥିଲେ । ଗତବର୍ଷ ଖୋରଧାର ଅନ୍ନକଷ୍ଟ ସରକାରଙ୍କର ଚକ୍ଷୁ ଚେତନା କରାଇବାକୁ ଜଙ୍ଗଲ ଖଣ୍ଡ ଆଂଶିକରୂପେ ହୋଇଥିଲା । ଉକ୍ତ ଏବଂ ପ୍ରଧାନ ସେକ୍ରେଟେରୀ ସର ଏଡ଼ଗାର ସାହେବ ଲୋକଙ୍କ କଷ୍ଟ ସ୍ୱଚକ୍ଷୁରେ ଦେଖି ତାହାଙ୍କ ରିପୋର୍ଟରେ ସ୍ପଷ୍ଟ ଲେଖିଅଛନ୍ତି ଯେ ଗଡ଼ଜାତର ଅନ୍ନକଷ୍ଟ ଜଙ୍ଗଲ ଓ ଚୈଲା ଅଟକିବାର କେତେକ ପରିମାଣରେ ଘଟିଅଛି ଏବଂ ଅତ୍ୟନ୍ତ ଶୋଚନୀୟରୂପେ ବୃଦ୍ଧି ହୋଇଅଛି । ଏଥିର ବିସ୍ତାରିତ ହେତୁ ମାନ ସେ ଆପଣା ରିପୋର୍ଟରେ ବର୍ଣ୍ଣନା କରି ଦେଖାଇଅଛନ୍ତି ଯେ ଗବର୍ଣ୍ଣମେଣ୍ଟଙ୍କ ନିର୍ଦ୍ଧାରିତ ବ୍ୟବସ୍ଥା ଜଙ୍ଗଲ କର୍ମଚାରୀଙ୍କଦ୍ୱାରା ବ୍ୟର୍ଥ ହୋଇଅଛି । ଅତଏବ ସେ ଜଙ୍ଗଲନିୟମ ପରିବର୍ତ୍ତନ ବିଷୟରେ କେତେଗୁଡ଼ିଏ ପ୍ରସ୍ତାବ କରିଥିଲେ । ଏହି ପ୍ରସ୍ତାବମାନ ଦୁର୍ଭିକ୍ଷର ପ୍ରଧାନ ପ୍ରତୀକାର ଅଟଇ । ଏଥିରୁ ବଙ୍ଗୀୟ ଗବର୍ଣ୍ଣମେଣ୍ଟ କହୁଅଛନ୍ତି ଯେ ଖୋରଧାରେ ବ୍ୟବହାର୍ଯ୍ୟ ଘାସ, ଖଦର ବାଉଁଶ ପ୍ରଭୃତିକୁ ଚୈଲାଜମି ଚାଷ କରିବାକୁ ଦେବାବିଷୟ ବର୍ତ୍ତମାନ ବିବେଚନାଧୀନରେ ଅଛି ଓ ଶୀଘ୍ର ନିଷ୍ପତ୍ତି ହେଲାରୁ ସରକାରଙ୍କର ଇଚ୍ଛା ଯେ କୃଷିମାନଙ୍କୁ ଚୈଲାଜମି ନ ଦେଇ ଅହୋ

Split by PDF Splitter

Digitized by srujanika@gmail.com

Split by PDF Splitter



ଗୃହଜମି ନ ଥିବା ପାଣପ୍ରଜାଙ୍କୁ ଛେଳା ଚରିବାକୁ ଦେବାର ବନ୍ଦୋବସ୍ତ ହେବ ଏବଂ ଖୋର୍ଦ୍ଧାରେ ଉକ୍ତ ନିୟମ କାର୍ଯ୍ୟକର ହେବାମାତ୍ରେ ଅନୁଗୁଳ ବାଙ୍କୀ ଓ ଅନ୍ୟାନ୍ୟ ଗଡ଼ଜାତରେ ଅବଶ୍ୟକୀୟ ପରିବର୍ତ୍ତନସହିତ ସେହି ନିୟମମାନ ଜାରି ହେବ । ଜଙ୍ଗଲନିୟମ ସଂଶୋଧନ ବିଷୟରେ ଲେଫ୍ଟନାଣ୍ଟ ଉଡ଼ିଶାବିଭାଗର କମିଶ୍ନର ଏବଂ ଜଙ୍ଗଲର ରକ୍ଷକମହାଶୟମାନଙ୍କଠାରୁ ଏଡ଼ଗର ସାହେବଙ୍କ ପ୍ରସ୍ତାବସମ୍ବନ୍ଧରେ ପରାମର୍ଶ ପ୍ରାର୍ଥନା କରିଅଛନ୍ତି ଏବଂ ଉକ୍ତସଙ୍ଗେ ଜମି ନ ଥିବା ଲୋକଙ୍କର ଜଙ୍ଗଲରେ ନିର୍ବାହହେବା କଥା ବିଶେଷରୂପେ ବିଚାରକରିବା କାରଣ ସ୍ମରଣ କରାଇ ଦେଇଅଛନ୍ତି । ସେମାନଙ୍କ ରିପୋର୍ଟ ପାଇଲେ ଗବର୍ଣ୍ଣମେଣ୍ଟ ଉପଯୁକ୍ତ ଆଦେଶ ପ୍ରଦାନ କରିବେ ଏବଂ ଭରସା ହୁଅଇ ଉଦ୍ଧାର ଜଙ୍ଗଲଅଞ୍ଚଳସ୍ଥିର ବନ୍ଦୋବସ୍ତମାନରେ ଜାରି ହେବ ।

ପ୍ରଧାନ ସେକ୍ରେଟାରୀଙ୍କର ଅନ୍ୟପ୍ରସ୍ତାବ ପାଟ୍ନାଗଡ଼ା ପୁରୀ ରେଲୱାଏ ଅଟଇ । ସେ ଲେଖିଅଛନ୍ତି ଯେ ଓଡ଼ିଶାର ଅଧମ ନିବାସିଙ୍କ ଅବସ୍ଥା ଉନ୍ନତ କରିବ ନିମନ୍ତେ ସର୍କାର ଯେତେ ଉପାୟ କଲେହେଁ ତାହାର ଫଳ ଶୀଘ୍ର ଫଳିବ ନାହିଁ ଓ ଅନେକବର୍ଷପର୍ଯ୍ୟନ୍ତ ସମୟରେ ଅନ୍ନକଷ୍ଟରୁ ଏମାନଙ୍କୁ ରକ୍ଷାକରିବାକାରଣ ପ୍ରସ୍ତୁତ ରହିବାକୁ ହେବ । ପୁଣି ଅନ୍ନକଷ୍ଟ ପଡ଼ିଲେ ଅନ୍ୟସ୍ଥାନରୁ ଗଡ଼ଜାତକୁ ବାଟ ଅସୁବିଧାହେବାରୁ ଖାଦ୍ୟଦ୍ରବ୍ୟ ପଠାଇବା କଠିନ ହେବ । ଅତଏବ ପାଟ୍ନାଗଡ଼ାଠାରୁ ପୁରୀକି ଯେଉଁ ରେଲୱେ ଟାଣିବାର ପ୍ରସ୍ତାବ ହୋଇଅଛି ସେହି ରେଲୱାଏ ଶୀଘ୍ର ନିର୍ମାଣ କରିବା ଅତ୍ୟନ୍ତ ଆବଶ୍ୟକ ହୋଇଅଛି । କେନାଲବାଟରେ କଲିକତା ଓ କଟକ ଯୋଗ ହୋଇଅଛି ମାତ୍ର କଟକରୁ ଗଡ଼ଜାତ ବା ପୁରୀକି ଦ୍ରବ୍ୟାଦି ପଠାଇବାର ସହଜଉପାୟ ନାହିଁ । ଅତଏବ ଏହି ରେଲୱାଏ ଶୀଘ୍ର ପ୍ରସ୍ତୁତ କରିବାର ଆବଶ୍ୟକ । ବଙ୍ଗୀୟ ଲେଫ୍ଟନାଣ୍ଟ ଏହି ପ୍ରସ୍ତାବରେ ସମ୍ପୂର୍ଣ୍ଣରୂପେ ଐକ୍ୟ ହୋଇ ପାଟ୍ନାଗଡ଼ା ପୁରୀ ରେଲୱାଏ ଶୀଘ୍ର ନିର୍ମାଣକରିବାକାରଣ ଦୃଢ଼ରୂପେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିବେବୋଲି କହିଅଛନ୍ତି । ଏଥିରୁ ଭରସା ହୁଅଇ ଶୀଘ୍ର ଓଡ଼ିଶାକୁ ରେଲବାଟ ଆସିବ ।

---

ଅନୁଗୁଳ ଅନ୍ନକଷ୍ଟ—ଦୋଷ କାହାର ।

ପ୍ରଧାନ ସେକ୍ରେଟରୀଙ୍କ ରିପୋର୍ଟ ଦୃଷ୍ଟିରେ ବଙ୍ଗୀୟଗବର୍ଣ୍ଣମେଣ୍ଟ ଶ୍ରୀଯୁକ୍ତ ଟୁଇଡଲ୍ ସାହେବ କମିଶନର ଏବଂ ବାବୁ ନାରାୟଣଚନ୍ଦ୍ର ନାୟକ ତହସିଲଦାରଙ୍କ ଦାୟିତ୍ୱ ବିବେଚନାରେ ପ୍ରବୃତ୍ତ ହୋଇଅଛନ୍ତି ଏହା ଯଥାର୍ଥ ହୋଇଅଛି । ମାତ୍ର ଶ୍ରୀଯୁକ୍ତ ଏଡଗାର ସାହେବ ଅନୁଗୁଳର ଗତବର୍ଷର ଅବସ୍ଥା ସଂକ୍ଷେପରେ ଶେଷ କରି ଏବଂ ସେ ସମ୍ବନ୍ଧରେ କମିଶନର ଶ୍ରୀଯୁକ୍ତ ଓର୍ସଲ ସାହେବଙ୍କ କଥା କିଛି ନ ଲେଖି ଭଲ କରି ନାହାନ୍ତି । ପ୍ରକୃତରେ ଅନୁଗୁଳର କଷ୍ଟ ଯଥୋଚିତମତେ ପ୍ରକାଶ ପାଇଥିଲା ଯଦ୍ୟପି ସେସମୟରେ ପ୍ରତୀକାର ହୋଇଥାନ୍ତା ତେବେ ବର୍ତ୍ତମାନବର୍ଷରେ ଏତେ ମୃତ୍ୟୁ ଘଟି ନ ଥାନ୍ତା କିମ୍ବା ସାହାଯ୍ୟଦାନର ବ୍ୟବସ୍ଥା କରିବାରେ ଏତେ ଶୈଥିଲ୍ୟ ହୋଇ ନ ଥାନ୍ତା । ଗତବର୍ଷ ଖୋରଧାଠାରୁ ବରଂ ଅଧିକ କଷ୍ଟ ଅନୁଗୁଳରେ ପଡ଼ିଥିଲା । ମାତ୍ର ଖୋରଧାର ହାକିମ ଟେଲର ସାହେବ ଦୃଢ଼ପ୍ରଜ୍ଞ ଥିଲେ ଓ ପୁରୀର କଲେକ୍ଟର ତାହାଙ୍କର ପୃଷ୍ଠପୋଷକ ହେଲେ ସ୍ୱତନ୍ତ୍ର ସେଠାରେ ବର୍ଷମଧ୍ୟେ ସାହାଯ୍ୟଦାନର ବ୍ୟବସ୍ଥା ହେଲା ଏବଂ ଓର୍ସଲ ସାହେବ କମିଶନରଙ୍କର ଭିନ୍ନମତ ଥିଲେ ସୁଦ୍ଧା ସେ ଆପଣା ମତେ କାର୍ଯ୍ୟ କରିପାରିଲେ ନାହିଁ । କିନ୍ତୁ ଅନୁଗୁଳର ତହସିଲଦାର ଦେଶୀୟ ଲୋକ ଏବଂ ତାହାଙ୍କ ଉପରେ କଲେକ୍ଟର କେହି ପୃଷ୍ଠପୋଷକ ନ ଥିଲେ କିମ୍ବା ଟେଲର ସାହେବଙ୍କ ପରି ସେତେ ଦମ୍ଭରେ ଦୁଃଖିଲୋକଙ୍କ ସକାଶେ ଲଢ଼ିପାରିଲେ ନାହିଁ ସୁତରାଂ ଓର୍ସଲସାହେବ ତାହାଙ୍କ କଥାରେ ସେତେ ଆସ୍ଥା କରିବା ଦେଖିନ ଆଉ ବରଂ ତହସିଲଦାରଙ୍କୁ ଏମନ୍ତ ଉପଦେଶ ଦେଲେ ଯେ ସେ ସାହେବଙ୍କ ଆପଣା ବିବେଚନାମତେ ସାହାଯ୍ୟ ଦେଇପାରିବେ ନାହିଁ । ତହସିଲଦାର ଯେବେ ଓର୍ସଲସାହେବଙ୍କ ସହାନୁଭୂତି ପାଇଥାନ୍ତେ ତେବେ ତାହାଙ୍କ କାର୍ଯ୍ୟରେ କିଛିମାତ୍ର ତ୍ରୁଟି ଘଟି ନ ଥାନ୍ତା । ଉଚିତ ମୂଲ ନ ପାଇବାରୁ ମୂଲିଆମାନେ କାର୍ଯ୍ୟ କଲେ ନାହିଁ ଏବଂ ଉଚିତ ପରିମାଣରେ ଋଣ ଦେବାର ନିୟମ ହେବାରୁ ପ୍ରଜାମାନେ ତାହାଙ୍କ ଦାବିକି ନେଲେ ନାହିଁ । ତହସିଲଦାର ଏ କଥା ମାନ ଓର୍ସଲସାହେବଙ୍କୁ ଜଣାଇଲେ ମାତ୍ର ସାହେବ ସେଥିରୁ ଅର୍ଥ ବୁଝିଲେ ନ ସେତେବେଳେ ମୂଲକଙ୍କୁ ଓ ଟଙ୍କା ଦେବାକୁ ଅସ୍ୱୀକାର କଲେ ତେବେ କାହାର କଷ୍ଟ ହୋଇ ନାହିଁ ଏବଂ ସାହାଯ୍ୟ ବନ୍ଦ କରିବାକୁ ତହସିଲଦାରଙ୍କୁ ଆଜ୍ଞା ଦେଲେ । ସେ ଏତେ ଭାବିଲେ ନାହିଁ ଯେ ସେଉଁ ମୂଲ ବା ଦାଦନରେ ଲୋକଙ୍କର ପ୍ରାଣରକ୍ଷା ନ ହେବ ସେମାନେ କାହିଁକି ନେବେ ? ମୂଲଲାଗି ମରିବାଠାରୁ ଘରେ ବସି ବା ଉପବାସି ମରିବା ଭଲ ଲୋକଙ୍କର ଏବଂ ଏହି ଅବସ୍ଥାର ଶେଷ ପରିଣାମ ହେଲ ନାହିଁ । ଅନୁଗୁଳର ଅନ୍ନକଷ୍ଟ ସମୟରେ ଓର୍ସଲ ସାହେବ ଛୁଟି ନେବାପର୍ଯ୍ୟନ୍ତ ଥରେ ସୁଦ୍ଧା ଅନୁଗୁଳକୁ ଗଲେ ନାହିଁ । ଅନୁଗୁଳ ଲୋକମାନେ କଟକ ଓ କଲିକତାର ସମ୍ବାଦପତ୍ରମାନଙ୍କରେ ଆପଣା ଅବସ୍ଥା ପ୍ରକାଶ କଲେ ଏବଂ ତାରଯୋଗେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାରେ ତହିଁର ତଦନ୍ତ ନିମିତ୍ତ ସାହେବଙ୍କ ନିକଟକୁ ଆସିଲା । ଉକ୍ତସଙ୍ଗେ ତଦନ୍ତନିମିତ୍ତ ବରଂ ଶାସ୍ତ୍ର ବଲେ ଇଥାଡ ସାହେବଙ୍କର ମନ ସେମାନଙ୍କ ଟଳିଲା ନାହିଁ । ସେ ସବୁ ବଡ଼ ଆପଣା ବୁଦ୍ଧିମତରେ ଲର୍ଡ ବଡ଼ ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କଲେ ଯେ ଅନୁଗୁଳରେ କିଛି କଷ୍ଟ ହୋଇ ନାହିଁ ଓ ସମ୍ବାଦପତ୍ରର ଲେଖାସବୁ ଅତିରଞ୍ଜିତ ଏବଂ ଲୋକଙ୍କ ଗୁଜବ ଅକାରଣ । ପୁଣି ଉହିଁସଙ୍ଗେ ତହସିଲଦାର ତାହାଙ୍କ ଅଦେଖାଗରେ ସାହାଯ୍ୟ ନ ଦେବାରୁ ତାହାଙ୍କ ମିତବ୍ୟୟୀ ଓ ବିଚକ୍ଷଣ ବୋଲି ପ୍ରଶଂସା କଲେ । ଏଥିରୁ କଥା ବିବେଚନା କଲେ ଅନୁଗୁଳ କଷ୍ଟର ପ୍ରଧାନ କାରଣ ଶ୍ରୀଯୁକ୍ତ ଓର୍ସଲ ସାହେବ ହୋଇଅଛନ୍ତି ଏହା କେ ଅସ୍ୱୀକାର କରିବ । ସେ ସ୍ୱୟଂ ପାଷାଣହୃଦୟ ହୋଇ ଅନ୍ନକଷ୍ଟ ଲୋକଙ୍କପ୍ରତି କିଛିମାତ୍ର ସାହାଯ୍ୟ କଲେ ନାହିଁ ଏବଂ ତହସିଲଦାର ବାବୁ ନାରାୟଣଚନ୍ଦ୍ରଙ୍କର ସଦୁଚେଷ୍ଟା ବ୍ୟର୍ଥ କରିଦେଲେ ଗବର୍ଣ୍ଣମେଣ୍ଟ ଓର୍ସଲ ସାହେବଙ୍କୁ ଛାଡ଼ି ଦେବାରୁ ଆମ୍ଭମାନଙ୍କର ଭୟ ହେଉଅଛି ଯେ ତହସିଲଦାରଙ୍କପ୍ରତି ସୁବିଚାର ହେବାରେ ବାଧା ଘଟିବ ।

ଶ୍ରୀଯୁକ୍ତ ପିଜଟ୍ କେଲ ସାହେବ କୃଷିବିଭାଗର ଡାଇରେକ୍ଟର । ଅନୁଗୁଳର ଫସଲର ଅବସ୍ଥା ତଦାରଖ କରିବାକୁ ତାହାଙ୍କପ୍ରତି ଆଦେଶ ହୋଇଥିଲା । ସେ କେବଳ ଗଡ଼ଠାରୁ ଯାଇ ଫେରି ରିପୋର୍ଟ କଲେ ଯେ ଅଧିକମସ୍ଥାନର ଅଠପଣ ଓ କେବଳରେ ସାଧାରଣ ଫସଲ

Digitized by srujanika@gmail.com

ହୋଇଅଛି। ଟ୍ରେଟ ସାହେବଙ୍କର ମଧ୍ୟ ଯିବାର ଥିଲା କିନ୍ତୁ ସେ ଗଲେ ନାହିଁ। ଫଲ୍ଟନ ସାହେବ ଯଥାର୍ଥ ଅନୁମାନ କରିପାରି ଥିଲେ ଗବର୍ଣ୍ଣମେଣ୍ଟ ପ୍ରଥମରୁ ଠିକ ହୋଇଥାନ୍ତେ ଏବଂ ଅଭାବଗ୍ରସ୍ତ ଲୋକ ରକ୍ଷା ହୋଇପାରନ୍ତେ। ତାହା ସୁତରାଂ ଏହାଙ୍କର ଦାୟିତ୍ୱ ଗୁରୁତର ହୋଇବାର ଦେଖି ଥିଲେ ଓ ଶ୍ରୀଯୁକ୍ତ ଏଡ଼ଗାର ସାହେବ ଆପଣା ରିପୋର୍ଟରେ ଏହାଙ୍କ କଥା ଲେଖିଥିବା ପ୍ରତ୍ୟକ୍ଷେ ଗବର୍ଣ୍ଣମେଣ୍ଟ ଏହାଙ୍କ ଦାୟିତ୍ୱ କମାଇ ଦେବାର ଆପଣା ମନ୍ତବ୍ୟରେ ଯାହା ଲେଖି ନାହାନ୍ତି ଏଥିରେ ଆମ୍ଭେମାନେ ଦୁଃଖିତ ହୋଇଅଛୁଁ।

ଗବର୍ଣ୍ଣମେଣ୍ଟ ଉତ୍କଳଖଣ୍ଡର ଅବସ୍ଥା ଦେଖନ୍ତୁ ଜଗ ରିପୋର୍ଟ କହନ୍ତା କାରଣ ଗଭର୍ଣ୍ଣମେଣ୍ଟରୁ ଜାତ ହଉଥିଲେହେଁ ଏବଂ ଏଡ଼ଗାର ସାହେବଙ୍କ ଉଦ୍ୟମରେ ଅନୁକୂଳକୁ ହେଉଥିଲା ପୁନଶ୍ଚ ସେଠା ଅବସ୍ଥା ଜାଣିଥିବା ପ୍ରତ୍ୟକ୍ଷେ ଶ୍ରୀଯୁକ୍ତ ହପକିନ୍ସ ସାହେବ ଗତ ଜୁନ ମାସ ଶେଷ ପର୍ଯ୍ୟନ୍ତ ସେଠାର ଅବସ୍ଥା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ନାହାନ୍ତି। ଓ୍ବେଲି ସାହେବଙ୍କଠାରୁ ହପକିନ୍ସ ସାହେବଙ୍କର ମଧ୍ୟ ଅନୁଗ୍ରହ ଅଥବା ଅନୁସନ୍ଧାନ ଗଡ଼ଜାତର ଅନାବୃଷ୍ଟି ଜଣାଇଲେ ତେଣୁ ମାର୍ଚ୍ଚ ମାସ ଠାରୁ ଏବଂ କଟକ ରେଭିନ୍ୟୁବୋର୍ଡଙ୍କୁ ଏମନ୍ତ ସୂଚନା ଲେଖିଥିଲେ ଯେ ଗଡ଼ଜାତ ଲୋକଙ୍କ ଅବସ୍ଥା ଅନୁକୂଳ ଜଙ୍ଗଲରେ ଫଳ ଓ ମୂଳ ଯଥେଷ୍ଟ ଅଛି। ଲୋକଙ୍କ କଷ୍ଟବୃଦ୍ଧି ମାତ୍ରକେ ଆମ୍ଭେମାନେ ଓ କଲିକତାର ଷ୍ଟେଟ୍ସମାନ ଆଦି ସମ୍ବାଦ ପ୍ରଚାର କଲୁଁ ଏବଂ ସ୍ୱୟଂ ହପକିନ୍ସ ସାହେବ ପୁରୀରେ ଥିବା ସମୟରେ ଅନେକ ଗଡ଼ଜାତ ଲୋକ ସେଠାରେ ଭୁକ୍ତ ହୋଇଥିଲେ। ମାତ୍ର ଏସମସ୍ତ ଦେଖି ଶୁଣି ସୁଦ୍ଧା ସାହେବଙ୍କର ଚେତନା ବା ଦୟା ହେଲା ନାହିଁ। ସେ କେବଳ ଆପଣା କର୍ତ୍ତବ୍ୟ ଓ ଦାୟିତ୍ୱ କଥା କେବଳ ଭାବିଥାନ୍ତେ ଏପରି ଉଦାସୀନ ନ ହୋଇ ଅନୁକୂଳକୁ ଅପେକ୍ଷା ଯାଇ ପ୍ରତ୍ୟକ୍ଷ ଘଟଣା ସ୍ୱଚକ୍ଷୁରେ ଦେଖି ଆସିଥାନ୍ତେ ଅଥବା ଅନ୍ୟର ପରାମର୍ଶର କଥା ଏଥିକି ପ୍ରଶ୍ନରୁ ଏଠାକୁ ଫେରିଆସି ଉତ୍କଳଲୋକଙ୍କସଙ୍ଗେ ସାକ୍ଷାତ୍ ଦେଖା-ହେଉ ଯେବ୍ୟକ୍ତି ଅନାବୃଷ୍ଟିର କଥା କହିଲେ ତାହା ଉପରେ ରାଗ ହେଲେ। ଏଠା କଲେକ୍ଟର ଟ୍ରେଟ ସାହେବ ମଧ୍ୟ ତାହାଙ୍କର ଉପଯୁକ୍ତ ମନ୍ତ୍ରୀ ହୋଇଥିଲେ। ଅନାବୃଷ୍ଟିର ଚାପ ପ୍ରଜା ନ ଭାଙ୍ଗିବା ଉଦ୍ଦେଶ୍ୟରେ ସେ ସ୍ୱତନ୍ତ୍ର ବୈଦ୍ୟ-

ନାଥ ପଣ୍ଡିତଙ୍କର ଅଲକ୍ଷ୍ୟ ଉଠାଇ ନ ଦେବା ପର୍ଯ୍ୟନ୍ତ କିଛି ହୋଇ ପାରିଲେ ନାହିଁ ଏବଂ ତାହାଙ୍କର ଏକାର୍ଯ୍ୟକୁ ହପକିନ୍ସ ସାହେବ ବଡ଼ ପସନ୍ଦ କଲେ। ଯେବେ ସେହି ଚିଠିକୁ ପରେ ଦେଖିଥାନ୍ତେ ତେବେ ଗଡ଼ଜାତର କଥା ଭଲଭାବରୂପେ ବୁଝିପାରିଥାନ୍ତେ। ହପକିନ୍ସ ସାହେବଙ୍କ କାର୍ଯ୍ୟ ଅସାବଧାନତାର ଉଦାହରଣ ଏବଂ ଗବର୍ଣ୍ଣମେଣ୍ଟ ତାହାଙ୍କୁ ଯଥାର୍ଥ ମତରେ ଦାୟୀ କରୁଅଛନ୍ତି।

---

# ସାପ୍ତାହିକସମ୍ବାଦ।

ଆମ୍ଭମାନଙ୍କ କମିଶନର ସାହେବ ଅନୁକୂଳ ରେ କଟକକୁ ଯାଇଅଛନ୍ତି। ସ୍ୱାସ୍ଥ୍ୟକାର୍ଯ୍ୟ ଦେଖିବା ଏବଂ କେବେ ତାହା ବନ୍ଦ ହେବ ତହିଁର ବ୍ୟବସ୍ଥା କରିବା ଏ ଯାତ୍ରାର ଉଦ୍ଦେଶ୍ୟ।

ଆଗାମୀ ସୋମବାର ଦେବୀପୂଜା ଦୋଲଭୋଗ ଫିଟିବ।

ଏ ନଗରରେ ବର୍ତ୍ତମାନ ଓଲାଉଠା ଅଧିକ ହୋଇଅଛି। ଦୁଇ ଚାରି ମୃତ୍ୟୁ ଘଟିବାର ଶୁଣାଯାଏ।

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପ୍ରକାଶ କରୁଅଛୁଁ ଏ ନଗରର ପ୍ରାଚୀନ ବଡ଼ ସ୍କୁଲ ବାବୁ ଜଗନ୍ନାଥ ସରକାର ଗତ ଶନିବାର ସନ୍ଧ୍ୟାରେ ଜ୍ୱରରୋଗରେ ଦେହତ୍ୟାଗ କଲେ। ଏହାଙ୍କର ବୟସ ପ୍ରାୟ ୭୦ ବର୍ଷ ହୋଇଥିଲା। ଏ ବାବୁ ଜଣେ ଧାର୍ମିକ, ସଦାଳାପୀ ଓ ବଡ଼ ପରୋପକାରୀ ଲୋକ ଥିଲେ ଏବଂ ସଙ୍ଗୀତ ବିଦ୍ୟାର ବ୍ୟୁତ୍ପତ୍ତିରେ ଏଠାରେ ପ୍ରସିଦ୍ଧ ଥିଲେ।

ଅତ ବାର ପୂଜକ ଦସ୍ତୁର ସାଧୁ ଅସୁଅଛନ୍ତି। ଚଳନ୍ତି ଯାତ୍ରାରେ ଅଧିକ ସମାଗମ ହେବାର ଜଣାଯାଏ।

ବାଲେଶ୍ୱରର ଅନ୍ୟ ଜାତି ବଙ୍ଗୀୟ ଲୋକ ହେଉଥିବାର ଓଡ଼ିଆରେ ପାଠ କଲୁଁ। ବୋଧ ହୁଏ ଅନାବୃଷ୍ଟିର ସୁଯୋଗ ପାଇ ବଦମାସମାନେ ମାତି ଉଠିଅଛନ୍ତି। ଏ ସମୟରେ ପୁଲିସ ହିଁ ଏ ସାବଧାନ ହେବାର ଆବଶ୍ୟକ।

ଗତ ତା ୧୨ ରଖରେ ଶେଷ ହେବା ସପ୍ତାହରେ କଟକ-ନଗରେ ୨ ୧୧ ଜାର କଙ୍ଗାଳ ମନୁଷ୍ୟ ଓ ୨ ୨୪ ଜାର ଲୋକ ସରକାରୀ ସାହାଯ୍ୟ ପାଇଥିଲେ। ଓରକ୍ତଠାରେ କେବଳ ୧ ଣ ମରିଥିଲେ। ଖାଦ୍ୟ ଦ୍ରବ୍ୟର ଦର କ୍ରମଶଃ ଶସ୍ତା ହେଉଅଛି। ଏଜଣ୍ଟଙ୍କୁ ମାତ୍ର ସେ ୫୦ ୫ ଉ ଓ ଗୁଡ଼ କୁ ୧୧ ୩ ହୋଇଥିଲା ବୃଷ୍ଟି ପ୍ରଚୁର ପରିମାଣରେ ହୋଇଅଛି।

ପୂର୍ବ ଉପକୂଳ ବା ଇଷ୍ଟକୋଷ୍ଟ ରେଲୱେ କଟକ ଜମିର ଇଞ୍ଜିନିୟରମାନେ ନିଯୁକ୍ତ ହୋଇଅଛନ୍ତି ଏବଂ ଏହି ରେଲ ବାଟରେ ଯେ ପରିମାଣ କାର୍ଯ୍ୟ ଚଳାଇ ହେବ ତହିଁର ବିବରଣ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଠାରୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଗ୍ରହଣ କରୁଅଛନ୍ତି।

## କଲିକତା-ଗେଜେଟ।

ଖଡ଼ଗପୁରର ପୋଲିସ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ମିଃ ପାଟେନ୍ ଛୁଟି ନେବାରୁ ପୋଲିସର ଅଃ ସୁପରିଣ୍ଟେଣ୍ଡେଣ୍ଟ ମିଃ ଡଣ୍ଡାସ୍ ଖଡ଼ଗପୁର ମହାଲର ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ ହେଲେ।

ଡେପୁଟୀ ଓ ସବ୍‌ଡେପୁଟି ପରୀକ୍ଷାର୍ଥୀମାନେ ପରୀକ୍ଷାରେ ଉପସ୍ଥିତ ହେବା ସକାଶେ ଅନୁମତି ପରୀକ୍ଷାର ସହିତ ସ୍ୱସ୍ୱ ନକଲ ଓ ବୟସ ପ୍ରମାଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଦସ୍ତଖତରେ ତାଲିକା ପ୍ରେରଣ କରିବା ନିମନ୍ତେ ବିଜ୍ଞାପନ ଦିଆଯାଇଅଛି।

---

କମ୍ବୁଜ ଦ୍ୱୀପରେ ହାଇକୋର୍ଟରେ ହାରିଯାଇ ପୁଣି ଦାବିଦ୍ୱାରା ମେଜିଷ୍ଟ୍ରେଟଙ୍କ ନିକଟରେ ପାଶ୍ଚାତ୍ୟର ସମ୍ପାଦକ ଓ ପ୍ରକାଶକଙ୍କ ନାମରେ ଦ୍ୱିତୀୟ ଉଠାଇବାର ନାଲିସ କରି ସମନ ବାହାର କରାଇ ଅଛନ୍ତି। ଏଥର କ ଫଳ ହେବ ଦେଖାଯିବ।

ଗତମାସ ତା ୭ ରଖରେ ବନ୍ଧଠାରେ ଏକ ଯାତ୍ରୀ ଏବଂ ଅନ୍ୟ ଏକ ମାଲ ବୋଝାଇ ରେଲଗାଡ଼ି ପରସ୍ପରକୁ ପ୍ରଚଣ୍ଡ ସମୟରେ ଧକ୍କା ଖାଇଥିବାର ସମ୍ବାଦ ମିଳଇ। ଦୁଇ ଗାଡ଼ି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଇଅଛି। ତତକ୍ଷଣ ଲୋକ ପଞ୍ଚତ୍ୱପ୍ରାପ୍ତ ହୋଇଅଛନ୍ତି ଏବଂ କ ୧୨ ଣ ଲୋକଙ୍କର ହାଡ଼ ଭାଙ୍ଗି ଯାଇଅଛି।

ଜନଫାଉଣ୍ଡଲଣ୍ଡ ନିକଟରେ ଗତମାସ ତା ୨ ରଖରେ ଏକ ଜାହାଜ ଧକ୍କା ଖାଇ ବୁଡ଼ି ଯାଇଅଛି। ତହିଁରେ ଥିବା ୧୬ ଣ କର୍ମଚାରୀ ସେଣ୍ଟପିଅରଠାରେ ଗତମାସ ତା ୫ ରଖରେ ପହଞ୍ଚିବାର ସମ୍ବାଦ ମିଳଇ, ୫ ଣ ଲୋକଙ୍କର ଅବଧି କିଛି ଠିକଣା ମିଳି ନାହିଁ ଏବଂ ସେମାନେ ମରି ପଡ଼ିଥିବାର ସମ୍ପୂର୍ଣ୍ଣ ସମ୍ଭବ। କଳ ଶୁଦ୍ଧ ଜୀବିତ ନାହିଁ ସତ ନାହିଁ।

ସାତ ଲକ୍ଷଠାରେ ଇସ୍ପାତର ତୋପଖାନା ଗତମାସ ତା ୫ ରଖରେ ହୋଇଥିଲା। ଅନେକଗୁଡ଼ିଏ କମ୍ପାର୍ଟ୍ମେଣ୍ଟ, ପଡ଼ିଅଛି ଏବଂ ପରକାଳରେ ଅନେକର ମଧ୍ୟ ଭାଙ୍ଗି ଦେଇଅଛି। ପ୍ରାୟ ତୋପଖାନାରେ ଲୋକ ରହିବାର ପରେ ଜଳ ଯାଉଥିଲେ ସେ ସେମାନଙ୍କମଧ୍ୟରୁ ୬୦ ଣ ପ୍ରାଣ ହରାଇଅଛନ୍ତି।

ଜାପାନ ସମ୍ରାଟର ଆଗାମୀ ଅଧିବେଶନ ଟୋକିଓଠାରେ ହେବାର ପାଠକମାନଙ୍କୁ ଜଣା ଅଛି। ଏଥିପାଇଁ ଟୋକିଓ-ବାସୀମାନେ ଅନେକଙ୍କୁ ଉଦ୍‌ଯୋଗ କରାଇଅଛନ୍ତି। ବର୍ତ୍ତମାନ ସମ୍ବାଦ ମିଳଇ ଯେ ସେଠାର ପ୍ରେମଭରି ସମ୍ମିଳନରେ ଏକ କମି ଏ ସମିତିର ଅଧିବେଶନ ନିମିତ୍ତ ନିଆ ଯାଇଅଛି। ଏଥିର ପରିମାଣ ୨୦୦୦ ଟଙ୍କା ହେବ।

ବଙ୍ଗଦେଶର ଜଣେ ବରିଷ୍ଠ କମିଶନର ଶ୍ରୀଯୁକ୍ତ ସମିତି-ସାହେବ ଯେ କ ଅନୁଭବ ପ୍ରଙ୍କ ଏଠାରେ କଟକର କମିଶନର ଥିଲେ ସରକାରୀ କର୍ମରୁ ଇସ୍ତଫା ଦେଇଅଛନ୍ତି।

ଏକ ଜଣ ସ୍ତ୍ରୀ ଆପଣା ନାମ ର ପରିଚୟ ନ ଦେଇ ଏକ ରେଜିଷ୍ଟରୀ ଚିଠିରେ ଦଶ ହଜାର ପାଉଣ୍ଡ ଅର୍ଥାତ୍ ଏକଲକ୍ଷ ଟଙ୍କାର ଗଭର୍ଣ୍ଣମେଣ୍ଟ ନୋଟ ଇଂଲଣ୍ଡର ଚାନ୍ସେଲରଙ୍କ ନିକଟକୁ ପଠାଇ ଦେଇଅଛନ୍ତି ଏବଂ ପତ୍ରରେ ଲେଖିଦେଇଅଛନ୍ତି ଯେ ତାହାଙ୍କ ଗର୍ଭସ୍ଥ ଧନ ଅତ୍ୟନ୍ତ ଅଧିକ ହେବାରୁ ଏପରି କଲେ। ଧନ ଅଧିକ ହେଲେ କୌଣସି ଦୁଃଖିତ ବ୍ୟକ୍ତି ସାହାଯ୍ୟରେ ଦାନ ନ କରି ଚେଇଅ ମୂଲ୍ୟରେ ଦେଇ ତାଙ୍କର ତାତ୍ପର୍ଯ୍ୟ କିଛି ବୁଝାଯାଇ ନାହିଁ। କ ହେଲେ କ ସ୍ତ୍ରୀ ବୁଦ୍ଧି।

ଅଯୋଧ୍ୟାର ମୃତରାଜାଙ୍କ ଦେଓ୍ୟାନଙ୍କ ସାହେବ ଖୋରାକ ମାସକୁ ଟ ୩୦୦୦୧ ଙ୍କା ଲେଖାଏଁ ଥିଲା। ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ଅନୁରୋଧରେ ଟ ୪୦୦୦୧ ଙ୍କା ହୋଇଅଛି।

ପାଟିଆଲାର ମହାରାଜା ଆପଣା ବୟସ ସାବାଳକ ହେବାରୁ ସମ୍ପୂର୍ଣ୍ଣ କ୍ଷମତା ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କଠାରୁ ପାଇଅଛନ୍ତି। ଉକ୍ତ ରାଜ୍ୟ ଶାସନ ନିମିତ୍ତ କେଉଁ ସଭା କମିଟିରେ ତାହା ଉଠିଗଲା।

---

ଫିଲିପିନେଶର ଶାଙ୍ଖାଇଙ୍କ ନ ଗରରେ ବର୍ତ୍ତମାନ ଫିଲିପି ଗବର୍ଣ୍ଣମେଣ୍ଟ ଜମ୍ବୁଲର ବସିଥିବାର କଥିତ ହୁଏ । ନେଉ-ରଲ ବୃଲେଜାର ବଲ ବହୁତ ବୃଦ୍ଧି ହୋଇଅଛି ।

ଲକ୍ଷ୍ନୌଠାରେ ଋଷିଜଣ ସାହେବ ମଦ ଖାଉଥିବା ସମୟରେ ମଜୁଅମାନଙ୍କ ସ୍ୱଭାବାନୁଯାୟୀ ଗୋଟିଏ ଜେବ ଘଡି ଓ ଅନ୍ୟ ସାମାନ୍ୟ ବିଷୟରେ ବଡ ଉଦ୍ରେକ ହେଲା । ଏହି ବଢ଼ ଶମେ ଏମନ୍ତ ଗୁରୁତର ହୋଇ ଉଠିଲା ଯେ ନ ୨ ଣ ସଙ୍ଗୀ ଗୋଟିଏ ହୁରି ଘେନ ଅପର ସଙ୍ଗୀର ବେକ କାଟି ପକାଇଲେ । ମଦ ଖାଇବା କି ସୁନ୍ଦର କଥା !

ଇଙ୍ଗ୍ଲଣ୍ଡ ନଗରରେ ସଦ୍ୟଯୁକ୍ତ ପ୍ରିନ୍ସ ଅଲବର୍ଟ ଭିକ୍ଟରଙ୍କୁ ଅଭ୍ୟର୍ଥନା କରିବାର ଉଦ୍‌ଯୋଗ ଅନେକ୍ ଲାଗି ଯାଇଅଛି ।

ବର୍ଲିନନଗରରେ ଜର୍ମାଣର ସମ୍ରାଟ୍ ରୁସିୟାର ସମ୍ରାଟଙ୍କ ଗତତ ମାସ ତା ୧୧ ଦଶ ସ୍ଥାନରେ ଏକ ଉତ୍ତମ ଭୋଜ ଦେଇଥିବାର ସମ୍ବାଦ ମିଳଇ । ଭୋଜ ସମୟରେ ଉଭୟ ସମ୍ରାଟଙ୍କର ଅନେକକ୍ଷଣ କଥାବାର୍ତ୍ତା ହୋଇଥିଲା । ପ୍ରଥମେ ରୁଷିଆର ସମ୍ରାଟ ଜଣାନ୍ତ ନମ୍ରଭାବରେ କଥାବାର୍ତ୍ତା କରୁଥିଲେ ମାତ୍ର ପଛକୁ ଯାଇ ମନ ଖୋଲି ଯାଉଥିବ ର ଦେଖାଗଲା । କଥିତ ହୁଏ ଏତଦ୍ୱାରା ଉଭୟ ସମ୍ରାଟଙ୍କର ବନ୍ଧୁତା ଅଧିକ ବୃଦ୍ଧି ହୋଇଅଛି । ମାତ୍ର ଆମ୍ଭମାନଙ୍କର ଶୁଣିବାକୁ ଯେ ସେମାନଙ୍କ ବିଶ୍ୱାସ ନ କରିବାର କହୁଅଛନ୍ତି ତାହା ମନେ ପଡ଼ୁଅଛି ।

ଗତତ ମାସ ତା ୧୩ ଦିନରେ ରୁଷିଆର ସମ୍ରାଟ ଜର୍ମାନର ଜଗତ ସମ୍ରାଟ ଫ୍ରେଡେରିକଙ୍କ କବର ଦେଖିବାକୁ ଯାଇ ତହିଁର ଉପରେ ଗୋଟିଏ ଫୁଲମାଳ ରଖିଥିଲେ । ସେହି ତା ୧୩ ଦିନରେ ସେ ବର୍ଲିନନଗରରୁ ଯାତ୍ରା କରି ଆସିଅଛନ୍ତି ।

ଗତତ ମାସ ତା ୧୪ ଦିନ ସନ୍ଧ୍ୟାରେ କଲିକତା ଓଲିଗାସ୍ ସଭାର ବର୍ତ୍ତମାନ ଏବଂ ଭୂତପୂର୍ବ ସଭାପତିମାନଙ୍କୁ ଭୋଜ ଦିଆ ଯାଇଥିବାର ସମ୍ବାଦ ମିଳଇ । ଉକ୍ତ ଭୋଜରେ ପାର୍ଲିମେଣ୍ଟର ମେମ୍ବର କେନସାହେବ ଉପସ୍ଥିତ ଥାଇ ବକ୍ତୃତାଦ୍ୱାରା ସ୍ୱାୟତ୍ତଶାସନ କାର୍ଯ୍ୟରେ ଦେଶୀୟଲୋକଙ୍କୁ ଅଧିକ ପରିମାଣରେ ନିଯୋଗ ନ କରିବା ପ୍ରଥାକୁ ନିନ୍ଦା କରି ଭାରତୀୟ ସମ୍ବାଦପତ୍ରର ବିଶେଷ ପ୍ରଶଂସା କରିଅଛନ୍ତି ।

କୋଚିନର ରାଜା ସାହେବ ସଦ୍ୟଯୁକ୍ତ ପ୍ରିନ୍ସ ଅଲବର୍ଟ ଭିକ୍ଟରଙ୍କୁ ଆପଣା ପ୍ରାସାଦକୁ ଯିବାପାଇଁ ନିମନ୍ତ୍ରଣ କରି ପଠାଇଥିଲେ ମାତ୍ର ରାଜପୁତ୍ରଙ୍କ ଭ୍ରମଣର ତାଲିକା ପ୍ରସ୍ତୁତ ହୋଇ ସରିଥିବାରୁ ସେ ନିମନ୍ତ୍ରଣ ରକ୍ଷା କରି ପାରିଲେ ନାହିଁ । କଥିତ ହୁଏ ମାନ୍ଦ୍ରାଜ ଗବର୍ଣ୍ଣର ପୁଣି ଏ ବିଷୟରେ ଯତ୍ନ କରିବେ ।

ରୁଷିଆର ସାହାଜାମନ ଏକସ୍ଥିତ ଜାହାଜ ଗତମାସ ତା ୧୬ ଦିନରେ କାଣ୍ଟନଠାରେ ବୁଡ଼ି ଯାଇଥିବାର ସମ୍ବାଦ ମିଳଇ । ଏ ଜାହାଜରେ ଥିବା ସମସ୍ତ କର୍ମଚାରୀ ବୁଡ଼ି ମରି ଅଛନ୍ତି ।

ପଞ୍ଜାବର ରାଜା ମରଣାପନ୍ନ ଅବସ୍ଥାରେ ପଡ଼ିଥିବାର ସମ୍ବାଦ ମିଳଇ ।

ସାଧାରଣରେ ଘୋଡ଼ାର ପରମାୟୁ ୨୦ ବର୍ଷ ହୋଇ ଏକ ୨ ଘୋଡ଼ା ୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିବାର ଦେଖା ଯାଇଅଛି ।

କାବୁଲର ଅମୀର ବାତବ୍ୟାଧିରେ ପୀଡ଼ିତ ହୋଇ ବର୍ତ୍ତମାନ ତୁର୍କିସ୍ତାନ ପ୍ରଦେଶରେ ଅଛନ୍ତି ।

ଏକପ୍ରକାର ବାରୁଦ ସୃଷ୍ଟି ପ୍ରସ୍ତୁତ ହୋଇଅଛି ଯେ ତହିଁରେ ଅଗ୍ନି ଧୂଅଁ ହୁଅଇ ନାହିଁ ଅଥଚ ତହିଁର ବଳ ସାଧାରଣ ବାରୁଦଠାରୁ ଅଧିକ । ଧୂଅଁ ନ ବାହାରିବାରୁ ସଇନ୍ୟ ଯେ କେଉଁଠାରୁ ତୋପର ଗୁଳି ଆସୁଅଛି ଶତ୍ରୁପକ୍ଷ ଜାଣି ପାରିବେ ନାହିଁ ।

## ଯାଜପୁର-ସମ୍ବାଦ ।

ଏ ବର୍ଷ ବିରଜାଦେବୀଙ୍କ ପାର୍ବଣଯାତ୍ରା ନିର୍ବିଘ୍ନରେ ଶେଷ ହୋଇଅଛି । ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ପ୍ରତିଦିନ ଠାକୁରାଣୀଙ୍କ ଭେଟଣା ସମୟରେ ଓ ଅଷ୍ଟମୀ ରାତ୍ରରେ ମନ୍ଦିରରେ ବହୁତ ଯାତ୍ରୀ ହୋଇଥିଲେ ପୁଲିସ ବନ୍ଦୋବସ୍ତ ଭଲ ଥିଲା ।

ଫସଲର ୧ ଭାଗ ଅତ୍ୟନ୍ତ ସୁଖପ୍ରଦ ହୋଇଅଛି । ଏଣିକି ଅଧିକ ବୃଷ୍ଟି ହେଲେ ଫଳ ନଷ୍ଟ ହେବ ।

ଆଜି ଚାଉଳର ଦର ପୂର୍ବପରି ରହିଥିବାରୁ ଗରିବମାନଙ୍କର କଷ୍ଟ ଘୁଞ୍ଚୁ ନାହିଁ ।

ଏଠା ମୁନସଫ ବାବୁ ଗୋପାଳଚନ୍ଦ୍ର ବାନାର୍ଜ୍ଜୀ କଟେଷ୍ଟ-ବଦଳରେ ଗଲେ ସ ଯାଉଥିଲେ ଫେରି ଆସିଅଛନ୍ତି ।

## ପତ୍ରପ୍ରେରକଙ୍କ ପ୍ରତି ।

ମାର୍କଣ୍ଡେୟ ମହାପାତ୍ର—ମଞ୍ଜୁଷାରାଜାଙ୍କ ମୃତ୍ୟୁ-ବିଷୟ ପ୍ରକାଶିତ ହୋଇ ଅଛି ଆଉ ପତ୍ର ପ୍ରକାଶ କରିବାର ଆବଶ୍ୟକ ନାହିଁ ।

ଷଙ୍ଖୋଲ ବିଦ୍ୟାଳୟ-ଶିକ୍ଷକଗଣ ବ ଗତ ସପ୍ତମୀପୂଜା ସମୟରେ ମାହାଙ୍ଗା ବାବୁ ଜନାର୍ଦ୍ଦନ ଚୌଧୁରୀଙ୍କ ଘରେ ଭରତଲୀଳା ନାଟକ ଏବଂ ଚଣ୍ଡୀଲୀଳା ପୁସ୍ତକର ଅଭିନୟ ମହାଗ୍ରାମ ଯାତ୍ରାଦଳ ଥିଏଟର ଦଲ କରିଥିଲେ ଏବଂ ମୋଫସଲ ପ୍ରତି ଅଭିନୟ କାର୍ଯ୍ୟ ବଡ଼ ସୁନ୍ଦର ଓ ପ୍ରଶଂସନୀୟ ହୋଇଥିଲା, ପ୍ରାୟ ଦୁଇ ହଜାର ଯାତ୍ରୀ ଅଭିନୟ ଦେଖି ବଡ଼ ଆନନ୍ଦିତ ହେଲେ । ଉତ୍ତମ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ ।

ଦୁଃଖର ବିଷୟ ଏହି ଯେ ମଞ୍ଜୁଷାଗଡ଼ର ମହାରାଜା ଶ୍ରୀ ଶ୍ରୀ ରାଜମଣି ଦେବ ଅଳ୍ପ ଦିନ ହେଲା ମାନବଲୀଳା ସମ୍ବରଣ କରି ଅଛନ୍ତି । ଏହି ଶୋକଜନକ ଘଟଣା ତାହାଙ୍କ ପ୍ରଜାପୁଞ୍ଜ ଓ ଅନ୍ୟାନ୍ୟ ଜନସମାଜକୁ ଦୁଃଖ ସାଗରରେ ଏକାବେଳକେ ଭସାଇ ଦେଇ ଅଛି । ଏ ମହାଶୟ ପ୍ରଜାପାଳନ-ତତ୍ପର ବଦାନ୍ୟବର ଓ ଦେଶହିତୈଷୀ ଥିଲେ । ରାଜାମହୋଦୟ ଜଣେ ମହାନ୍ ପଣ୍ଡିତ ଥିଲେ । ଏହାଙ୍କର ଶିଳ୍ପବିଦ୍ୟାରେ ବିଶେଷ ପାରଦର୍ଶିତା ଥିଲା । ଇଂରାଜଗବର୍ଣ୍ଣମେଣ୍ଟଙ୍କର ପରମ ବନ୍ଧୁତାର ପରିଚୟ ଦେଇ C. I. E. ପଦବୀ ଲାଭ କରିଥିଲେ । ଏହାଙ୍କ ମରଣରେ ଓଡ଼ିଆମାନେ ନୈରାଶ୍ୟ ସମୁଦ୍ରରେ ମଗ୍ନ ହୋଇ ଅଛନ୍ତି । ସେମାନଙ୍କ ଆଶାଭରସା ସମସ୍ତ ସ୍ୱୀୟ ହସ୍ତଙ୍କରେ ଘେନି ବିଧିଙ୍କ ବିଷୟ ବାସନାରେ ଜଳାଞ୍ଜଳି ଅର୍ପଣପୂର୍ବକ ମର୍ତ୍ତ୍ୟଲୋକ ତ୍ୟାଗ କରି ଅଛନ୍ତି । ଆମ୍ଭେମାନେ କାୟମନୋବାକ୍ୟରେ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରୁଁ ଯେ ଏ ମହାଶୟ ସ୍ୱର୍ଗଲାଭ କରନ୍ତୁ । ଇତି ।

୧୬।୧୦।୮୯
ବ୍ରହ୍ମପୁର } ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ

## ମୂଲ୍ୟପ୍ରାପ୍ତି

| | | | |
|---|---|---|---|
| ବାବୁ ରାମମଣି ସିଂହ | ଅଠଗଡ଼ | କଟକ | ଟ ୩ |
| " ଶିବପ୍ରସାଦ ରାଉତ | କଟକ | ଅସ୍ତ୍ରଙ୍ଗ | ଟ ୪ |
| " ଗୌରଚନ୍ଦ୍ର ପ୍ରଧାନ | ଅନୁଗୁଳ | " | ଟ ୩ |
| " ସ୍ୱତନ୍ତ୍ରପତ୍ରି ଅଡ ଲୋହମା ନାଉ ହୁଲସ | | " | ଟ ୯ |
| ଓଡ଼ିଶାର ମାନବାଦ୍ୟ ବଡ଼ିଶନଭ | | " | ଟ ୩ |
| ଡିଟକଟ " | କଲେକ୍ଟର | " | ଟ ୩ |
| ଯାଜପୁର " | ସବ୍‌ଡିଭିଜନାଲ ବର୍ଣ୍ଣକ୍ୟୁଲର | " | ଟ ୩ |
| କେନ୍ଦ୍ରାପଡ଼ାର " | " | " | ଟ ୨୫ |
| ବାବୁ ଘନଶ୍ୟାମ ପଟ୍ଟନାୟକ ବୋଲଗଡ଼ ମୁସ୍ତି | | " | ଟ ୩ |
| " ଡ, ଶିବରାମ ଦାସ ପାରଲାକେମଡ଼ି | | " | ଟ ୪ |
| " ଚକ୍ରପାଣି ପଟ୍ଟନାୟକ ଅନୁଗୁଳ | | କଟକ | ଟ ୮ |


# ବିଜ୍ଞାପନ ।

## FOR SALE.

The thatched bungalow with about ten máns of rented land, situated near Tulsipore and lately occupied by Mr. Homan, excellent accommodation, with several out offices, close to Government offices, and with airy situation.

Apply to

Miss Beale
Cuttack.

## WANTED

A manager for the Temple of Juggernath of Puri. Applications with testimonials of character to be addressed to the Ranee of Puri at Puri. Please write on the cover application for the post of the manager.

M. S. DAS
Pleader and agent
for the Ranee of Puri.


Split by PDF Splitter

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

### ପ୍ରମେହାନ୍ତକ କଷାୟ ।

ଏହି ଔଷଧ ସେବନରେ ସକଳ ପ୍ରକାର ମେହ ରୋଗ ଏକ ସପ୍ତାହ ମଧ୍ୟରେ ଏକାବେଳକେ ଆରୋଗ୍ୟ ହୁଅଇ । ପ୍ରସ୍ରାବ କଲା ବେଳେ ଯନ୍ତ୍ରଣା ଥାଇ ପଡ଼ିବା ରକ୍ତ ପ୍ରସ୍ରାବ ଖଡ଼ିଜଳ ପରି ପ୍ରସ୍ରାବ, ଟୋପା ଟୋପା ପ୍ରସ୍ରାବ ପ୍ରସ୍ରାବଦ୍ୱାର ଫୁଲିବା ଓ ଜ୍ୱାଳାଦି ଏକାବେଳକେ ଆରୋଗ୍ୟ ହୁଅଇ ।

ଏକଶିଶିର ମୂଲ୍ୟ ଟ ୧ ଅର୍ଦ୍ଧେକ ଟ ୦ ୷
ଡାକମାସୁଲ ଟ ୦ ।

---

### ଲୋମନାଶକ ଚୂର୍ଣ୍ଣ ।

ଏହି ଚୂର୍ଣ୍ଣକୁ କୌଣସି ଲୋମଯୁକ୍ତ ସ୍ଥାନରେ ଲଗାଇ ଦେଲେ ମାତ୍ରକେ ତତ୍କ୍ଷଣାତ୍ ବିନା ଯନ୍ତ୍ରଣାରେ ଲୋମମାନ ସେ ସ୍ଥାନରୁ ଛାଡିଯିବ । ଏହି ଚୂର୍ଣ୍ଣଦ୍ୱାରା ଦାଢ଼ି ଜଙ୍ଘ, ଦେହ ପ୍ରଭୃତି ସ୍ଥାନରୁ ଲୋମ ଉଠାଇଦେବା ଅତି ସହଜଅଟେ ।

ଏକଶିଶିର ମୂଲ୍ୟ ଟ ୦ ୳ ଅର୍ଦ୍ଧେକ ଟ ୦ ୵
ଡାକମାସୁଲ ଟ ୦ ।

ଏହା ଛଡ଼ା ସକଳ ପ୍ରକାର ରୋଗର ଔଷଧ ଅଛି । ବିଦେଶରୁ ରୋଗର ଅବସ୍ଥା ସମସ୍ତ ଲେଖି ପଠାଇଲେ ଉଚିତ ଉପଯୋଗୀ ବ୍ୟବସ୍ଥା ଦିଆଯାଏ ।

କବିରାଜ ଶ୍ରୀ ଅଧରନାଥ ଶର୍ମ୍ମା
ନ ୨୮ ନଂର ଜଡ଼ଘୋଷଙ୍କ ଷ୍ଟ୍ରିଟ, ସିମୁଲିଆ
କଲିକତା ।

---

# ଦ୍ୱିଭାଷୀ ।

( ନୂତନ ପୁସ୍ତକ )

ମାଇନର ଭର୍ଣ୍ଣାକ୍ୟୁଲର ସ୍କୁଲ ଓ ଏଣ୍ଟ୍ରେନ୍ସ ସ୍କୁଲର ଅଧିକାଂଶ ଶ୍ରେଣୀର ଛାତ୍ରମାନଙ୍କର ଇଂରାଜୀଶିକ୍ଷାପକ୍ଷରେ ଏହି ପୁସ୍ତକ ଅତ୍ୟନ୍ତ ଉପଯୋଗୀ । ଏଥିରେ ପ୍ରାୟ ଦୁଇସହସ୍ର ଅତ୍ୟାବଶ୍ୟକୀୟ ଓ ନାନାବିଷୟକ ଓଡ଼ିଆଶବ୍ଦର ଇଂରାଜୀ ଅନୁବାଦ, ପ୍ରତ୍ୟେକ ଇଂରାଜୀଶବ୍ଦର ଉଚ୍ଚାରଣ ଓ ପ୍ରତ୍ୟେକ ପୃଷ୍ଠାରେ ଗୋଟିଏ-ଲେଖାଏଁ ଇଂରାଜୀ ହିତୋପଦେଶ ଓ ତାହାର ଓଡ଼ିଆ ଅନୁବାଦ ଅଛି । ମୂଲ୍ୟ ଟ ୦ । ଅଣା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

ଆୟୁର୍ବେଦୋକ୍ତ
ନୂତନ

# ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ୍ୟ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

---

ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ !

### ସଙ୍ଗୀତ ସାଗର ।

ପ୍ରଥମତରଙ୍ଗ ।

କବିସୂର୍ଯ୍ୟ ସମ୍ବୁଗୁରୁ, ବନମାଳୀ, ଉପେନ୍ଦ୍ରଭଞ୍ଜ, ରାମକୃଷ୍ଣ, ଗୋପାଳକୃଷ୍ଣ ଓ ହରି ପ୍ରଭୃତି କବିମାନଙ୍କ ରଚିତ ଉତ୍କୃଷ୍ଟ ଏକଶତ ସଙ୍ଗୀତ ଦୁରୂହପଦ ଓ କଠିନ ଅର୍ଥ ସହିତ ଏକତ୍ର ସନ୍ନିବେଶିତ । ଏପ୍ରକାର ପୁସ୍ତକ ସୁଲଭ ମୂଲ୍ୟରେ ଏପର୍ଯ୍ୟନ୍ତ ପ୍ରକାଶ ହୋଇ ନ ଥିଲା । ମୂଲ୍ୟ ଟ ୦ । ମାତ୍ର । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟ ଓ ଅନ୍ୟାନ୍ୟ ପୁସ୍ତକାଳୟରେ ପ୍ରାପ୍ୟ ।

---

### ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୵ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

### ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍ସିଲ, ଚିଠିକାଗଜ, ଷ୍ଟେସନେରି ପଦାର୍ଥ, ବହୁପ୍ରକାର ଖେଳଣା, ରେଲଗାଡ଼ି, ଜାମେଜ, କୋଟ, ଦେଶୀ ଓ ବିଲାତିଯୋଡ଼ା, ନାନାପ୍ରକାରଲୁଗା, ଷ୍ଟେଳବାର ବାକ୍ସ, ବଲ, ତାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭମାନଙ୍କ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କିଣି କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କିଣି ପଠାଇବାର ପରିଶ୍ରମ ବାବଦରେ ଶତକରା ୫ ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୋଗର କାଳ, ରୋଗି ପୁରୁଷ କି ସ୍ତ୍ରୀ, ରୋଗିର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପରିଚିତ ସ୍ଥାନକୁ ଭାଲୁପେବଲ ଡାକରେ ପଠାଯାଇ ପାରିବ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । କେବଳ ଏତିକି ମାତ୍ର କହୁଅଛୁଁ କି ଆମ୍ଭମାନଙ୍କଠାରୁ ଦ୍ରବ୍ୟାଦି କିଣି କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack Stores } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
କଟକଷ୍ଟୋର୍ସ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

Digitized by srujanika@gmail.com

Split by PDF Splitter

366



ଆଳମଖାଁ ବଜାର ପୂର୍ବୋକ୍ତ ଏକାଡ଼ମୀସ୍କୁଲ ନିକଟ ଅମ୍ଭ ବସାରେ ଅନେକ ଦିନ ହେଲା ଗୋଟିଏ ବଢ଼ାଇକାରଖାନା ଖୋଲିଅଛୁ ଯେ ତହିଁରେ ପଲଙ୍କ, ଖୁରୁଚୀ, ଅଲମାରୀ, ଚୌକି ଇତ୍ୟାଦି ନାନାପଦାର୍ଥ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ମଧ୍ୟ କେତେକ ପଦାର୍ଥ ପ୍ରସ୍ତୁତ ହୋଇ ବିକ୍ରୟନିମିତ୍ତ ରଖାଯାଇଅଛି । ଯେଉଁ ବ୍ୟକ୍ତି କୌଣସି ପଦାର୍ଥ ନେବାକୁ ଇଚ୍ଛୁକ ହେବେ ଉକ୍ତ ସ୍ଥାନକୁ ଯାଇ ପଦାର୍ଥ ଦେଖି ମୂଲ୍ୟ ଜାଣି ନେଇପାରିବେ ଆଉ ଯେବେ କେହି କୌଣସି ପଦାର୍ଥ ନେବାକୁ ଫରମାସ ଦେବେ ତେବେ ସେ ଫରମାସି ପଦାର୍ଥର ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଦେଇ ଫରମାସ ଦେଲେ ଅତିସତ୍ୱର ଶସ୍ତାଦରରେ ପାଇପାରିବେ । ଇତି ।

କଟକ ୨୧-୮-୮୯

ଆଳମଖାଁବଜାର ଶ୍ରୀ ଭଗିଚରଣ ନନ୍ଦ ।—

# ମେହରୋଗ ।

୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଦ୍ଧାର ଶୋଷଣ ହେବାର ଉପାୟ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରିବା ନୁହେ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସପ୍ତାହରେ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛି ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଏହାର ଉପସ୍ଥିତିରେ ପରୀକ୍ଷା ନ ହେଲେ ଆଉ ଜୀବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପ୍‌ପରଚିତପୁର ୧୩୭ନମ୍ବର ଭବନରେ ଏ, ବି, ରାୟ କମ୍ପାନୀଙ୍କଠାରେ ଏବଂ କଟକ ବାଲୁବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ୧।୵୦ ଟଙ୍କା । ପ୍ୟାକିଙ୍ଗ ଓ ଡାକମାଶୁଲ ପୃଥକ

# ବାଲିକାଗଜ ।

ଉତ୍କୃଷ୍ଟ ଶସ୍ତା ଦରରେ କଟକ ଚୌଧୁରୀ ବଜାର ବାବୁ ଗୋପୀନାଥଙ୍କର ଘରକୁ ଲଗା ଉତ୍ତରେ ବାବୁ ଅର୍ଜୁନଚନ୍ଦ୍ର ଦାସ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | |
|---|---|---|
| ୧୭ ପଉ ବାଲି | ଉ ୧।୦ ଟ ୮୵୦ | ଓ ୧।୦ ଟ ୦୵୦ |
| ୧୮ ପଉ .. | .. ଟ ୮୵ | .. ଟ ୦୵୦ |
| ୧୨ ପଉ .. | .. ଟ ୩ | .. ଟ ୦୵ |
| ୨୨ ପଣି ଡବଲଫୁଲସ୍କେପ .. | ଟ ୩। | .. ଟ ୦୵୦ |

ଆଯୁକ୍ତ ବାବୁ ଗୋପୀନାଥଙ୍କର ସମ୍ମୁଖରେ ଚୌଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଚଦରକୋଣା ଓ ବନାତ ଓ ରେସମାଣ୍ଡଗେର ଲୁଗା ଓ ଷ୍ଟେସନରୀ ଓ ନାନା କଳା ଇତ୍ୟାଦିସଉଦାଗର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକଙ୍କର ମଧ୍ୟରେ ବିଦିତ ଅଛି ! ଉପସ୍ଥିତ ଆଉ କେତେକ ଫେମସ୍ ଜିନିସ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ସ୍ଥଳରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବିଲାତି ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ସବୁ ନୂଆ ଗାଡ଼ିମାନ ବିକ୍ରୟ ହେବା ପର୍ଯ୍ୟନ୍ତ ଆପଣା ମଫସଲ ସକାଶେ ଭଡ଼ା ଲୋଡ଼ିଲେ ଏକ ଘଣ୍ଟାକୁ ୫ ବଳି ୦।୵୦ ହିସାବରେ ଭଡ଼ା ଦେଲେ ପାଇ ପାରିବେ ! ମାତ୍ର ତାହାର ଖର୍ଚ୍ଚ ଆବଶ୍ୟକର ଭାର ତାଙ୍କ ଉପରେ ଥିବ । ଖଣ୍ଡ ହେଲେ ଗାଡ଼ିର ପୁରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫେହରିସ୍ତ ।

| | |
|---|---|
| ଜଲଦି ଝରଣା ଓ ଉନ୍ନତରେ ଘଡ଼ି ଠେଲେ ଘରେ । | ଧରିବା ଗଣ୍ଡି କୋଟରେ ଦାଗ । |
| ମଦପରୀକ୍ଷାଜ | ହାତ ରଖିବା ଓ ବଡ଼ ଇଞ୍ଚ ଓ ୮ ଖୁଣ୍ଟି |
| ବଂଶୀ ନୂଆ ହେଲା ନିତା ଶେଷ ଶାଢ଼ୀ ଓ ଟୋପି ସବୁତ ! | ଘଣ୍ଟା |
| ତ୍ରୀଂ ଅର୍ଥାତ ଜର୍ମନ ନୂଆ ଖାଲେ ପେଟକ ଘୋଡ଼ା ଓ ଚଲନ । | ଲକ୍ଷ୍ମୀ ବୃନ୍ଦାବନ ଏକତାର ତୁରୀ |
| ପେଣ୍ଟସିଲ ଲାଗିବା କଲି । | ନୂଆ ଅଣେ ଫି ହେଲା ଅଣ୍ଡି |
| ନାନା ପ୍ରକାରର ଓଠ କାଗଜ ଏ ଲଫାପା ନିବ ଧାର | ଏ, ଲୋହା ଷଣ୍ଢରେ |
| ଲେଡ ଇଣ । | ଜାମିନ ୫ ମୁଦ୍ରା ନାନା ଅବଗୋଟ ଏକ ଭାଲେ । |
| କଲମ ଖାତିର । | ଅଟମୋଟ ପେଣ୍ଟ୍ରୋଲ ଝାର ଏ ପେଣ୍ଟସିଲରେ ଲେଖା ଲିଖିତ ପେପ ହଲ୍ ଉଠାଇ ଯେଉଁ |
| ତାଳାକି ଘାସର ଗନ୍ଧ ଦେ ଭିଜା ପଞ୍ଚୁଆଳ ତୁଲ । | ପେନସିଲ ଲେଖା ପରେ ଶେଷ ତଗାର ବଳେଯାଉଥିବା ଏବ |
| ନକ୍ଷେତ୍ର ରେଜ—ଅର୍ଥାତ ଦୁଇଟି ଡୁବେ । | ବ ଲମ୍ବେ । |
| ତସର ତୁଷ । | |
| ଓଉଷ୍ଟର୍ଡ୍ ଫୁଟ ଭଗା । | |
| ଯୋଡ଼ିବାକ ଓ ପିତଳର ଜୋତଡ଼ ମେଜ ୧ ତତକ ତଳେ ଘରେ | ଓଷ୍ଟ ଓ ପାଉଡରଙ୍କୋଟ ଜେଡ଼ |
| କୁଦୁକ କାଟ ଅର୍ଥାତ ଲେଡିଜମାନଙ୍କ ଘର ଓ ଘୁଷିଲେ କଳା ହେବ । | କଟୋନ ଟେଲରେ ଘଣ୍ଟା ଚାଦରାର ଖାତ ମଶଗୁଣା |
| ଅଫିସ ଥଳି ୧୨ × ୧୦ ଇଞ୍ଚ ୧୪ × ୧୨ ଇଞ୍ଚ ୧୬ × ୧୪ .. | ଲେଡି ଦୁ ପେନ୍ସିଲ ଜାରକା ଘାଡ଼ୀ ଓ ଘୋଡ଼ା ଓ କଳ |
| ମୋଜା ଓ ମୋଜାନଚ ଜେଲନ ୨ଅ ନମ୍ବର ଉପରେ ମଟର ଗାଉଁ କଳା ଓ ଲାଲ | ମଦ୍ୟପାନର ଓ ଔଷଧ ପାନ ଯାଉଥିବା ଓ ଖାଲି । |
| ଭେଣ୍ଟିଲେଟର । | ହିଙ୍ଗୁ ବଡ଼ ଏକ୍ସୋଲ ଅର୍ଥାତ ଘରଠାରୁ ଛାପା ଅକ୍ଷର ତଳେ ବସି ନିମନ୍ତେ ବାଲିକାର ହୁଏ । |

# ପିଚଗାର ।

ଏ ଗାରକୁ ହେଉଛନ୍ତି ପାଦରେ ଭଙ୍ଗି ନଅଁରେ ଭରଲାଇ କୋଠାଘରର ଫାଟରେ ଦେଲେ ପାଣିଗଳା ବନ୍ଦ ହେବ, ଘରର ମଝି ଅଟେ ଲେପିଦେଲେ ମଜବୁତ ହେବ ଓ ଉଇ ଧରିବ ନାହିଁ ।

ବଟିଭ ଡମଜା ଓ ସାଳରେ ଲଗାଇବାର କାମ ମଧ୍ୟ ଅଛି ।

ଅରିଜିନ୍ୟାଲ ଜର କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ଏକାଂଶ

| | |
|---|---|
| ଧାଡ଼ିପ୍ରତି | ଟ ୦୵୦ |
| ଅକ୍ଷସ୍ତମ୍ଭକୁ | ଟ ୨୵ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୫ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତାହାର ଖର୍ଚ୍ଚ ୦।୵୦ ରୁ ଊଣା ହେବ ନାହିଁ ।

ଦୁଇଥର ଓ ତିନିଥର ଏକାଥରେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କ ଅଗ୍ରିମ ପଠାଇବାକୁ ହେବ ।

☞ ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରରେ ମ୍ୟାନେଜରଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୯ ଭା ‖ ସ ୪୭ ସଂଖ୍ୟା } ତା ୨ ଇଙ୍ଗ ମାସେ ନବେମ୍ବର ସନ ୧୮୯ ... ସାଲ ... କାର୍ତ୍ତିକ ... ବାର ... { ଅଗ୍ରିମ ବାର୍ଷିକ ମୂଲ୍ୟ ୨ ... ‖ ଡାକମାସୁଲ ୨ ...

କୁଷ୍ଠରୋଗିଙ୍କ ସମ୍ବନ୍ଧରେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଜଟିଳ ନିୟମ କରିବାର ଜଣାଯାଏ । ଉକ୍ତ ପ୍ରଦେଶର କୌଣସି ଅଫିସରେ ଜଣେ କୁଷ୍ଠରୋଗୀ ଚାକିରି କରୁଥିଲା । ଗବର୍ଣ୍ଣମେଣ୍ଟ ତାହାକୁ ମେଡିକାଲ ବୋର୍ଡ଼ଦ୍ୱାରା ପରୀକ୍ଷା କରାଇ ପେନ୍‌ଶନ୍ ନେବାକୁ ବାଧ୍ୟ କରିଅଛନ୍ତି । ସରକାରୀ କାର୍ଯ୍ୟରେ ଥିବା କୁଷ୍ଠରୋଗିଙ୍କ ସମ୍ବନ୍ଧରେ ବଙ୍ଗଳା ପ୍ରଭୃତି ସକଳ ଗବର୍ଣ୍ଣମେଣ୍ଟରେ ଏପରି ନିୟମ ହେବାର ଉଚିତ ।

---

ସମ୍ବଲପୁର ହିତୈଷିଣୀରେ ପାଠକଲୁଁ ଯେ ଉକ୍ତ ସଦର ନିକଟର ମଡ଼ମୁଣ୍ଡାଗ୍ରାମର ପର୍ବତରୁ କାଠଆଦ କାଟିବା ନିଷେଧ ହେବାରୁ ଜଙ୍ଗଲ ଘନ ହୋଇ ଏହିଁରେ ଗୋ ... ଟା ବାଘ ବାସ କରି ଗ୍ରାମ୍ୟ ପଶୁସବୁ ନାଶ କରୁଅଛନ୍ତି । ଜଙ୍ଗଲରକ୍ଷାର ଅଧ୍ୟକ୍ଷର ସର୍ବତ୍ର ସମାନ । ଗ୍ରାମନିକଟରେ ନିବିଡ଼ ଜଙ୍ଗଲ ବଢ଼ାଇ ପଶୁ ଓ ମନୁଷ୍ୟ ନଷ୍ଟ କରାଇବା ଉତ୍ତମ ବିଧିର ଅମ୍ଭେମାନେ ବୁଝି ପାରୁ ନାହୁଁ । ପ୍ରାଣିଠାରୁ କାଠର ମୂଲ୍ୟ କି ଅଧିକ ?

---

ବିଲାତ ପାର୍ଲିମେଣ୍ଟର ଜଣେ ମେମ୍ବର ବ୍ରାଡ଼ଲା ସାହେବଙ୍କର ସାଂଘାତିକ ପୀଡ଼ାର ସମ୍ବାଦ ତାର ଯୋଗେ ଆସିଅଛି । ଏଥିରେ ଭାରତବାସୀ ସମସ୍ତେ ଅତ୍ୟନ୍ତ ଚିନ୍ତିତ ଅଛନ୍ତି ଏକଥା କହିବା ଅଧିକ ଅଟଇ । ବସ୍ତୁତାକ ପରେ ଭାରତବାସିମାନେ ତାହାଙ୍କ ପରି ଜଣେ ସୁଯୋଗ୍ୟ ଓ ଅଟଳବନ୍ଧୁ ପାର୍ଲିମେଣ୍ଟ ସଭାରେ ପାଇଅଛନ୍ତି ଏବଂ ଅଳ୍ପଦିନ ହେଲା ସେ ଏ ଦେଶ ବାସିଙ୍କ ଅଭାବ ଓ ଇଚ୍ଛା ବିଷୟ ଅବଗତ ହୋଇ ଏଥି ମଧ୍ୟରେ ପାର୍ଲିମେଣ୍ଟ ସଭାକୁ ଜଣାଇ ଦେଇଅଛନ୍ତି । ପରମେଶ୍ୱର ଶୀଘ୍ର ଏହାଙ୍କୁ ଆରୋଗ୍ୟ କରନ୍ତୁ ନହୁବା ଅମ୍ଭେମାନେ ଏମନ୍ତ ଜଣେ ବନ୍ଧୁ ସହଜରେ ପାଇବୁଁ ନାହିଁ ।

---

ଓଡ଼ିଶାର ବର୍ତ୍ତମାନ ବନ୍ଦୋବସ୍ତର ମିଆଦ ଆଉ ଚାରିବର୍ଷ ଅଛି । ଏଥି ଉତ୍ତାରୁ ନୂତନ ବନ୍ଦୋବସ୍ତ ହେବ । ନୂତନ ବନ୍ଦୋବସ୍ତର ଆୟୋଜନ ଏଥିଠାରୁ ଲାଗିଅଛି ଏବଂ ଅନତିକାଳମଧ୍ୟରେ କାର୍ଯ୍ୟାରମ୍ଭ ହେବ । ନୂତନ ବନ୍ଦୋବସ୍ତ ବିପଦ ହେଲେ ସରକାରଙ୍କର କ୍ଷତି ହେବ ନାହିଁ ଅଥଚ ଜମିଦାର ଓ ପ୍ରଜାଙ୍କୁ ବାଧିବ ନାହିଁ ଅର୍ଥାତ୍ ଉଭୟ ପକ୍ଷଙ୍କର ମଙ୍ଗଳ ହେବ ଅମ୍ଭମାନଙ୍କର ଯେ କଥା ବର୍ତ୍ତମାନ ସମୟରୁ ଚିନ୍ତା କରିବାର ଉଚିତ । କଲିକତାରେ ଏଥି ପାଇଁ ଗୋଟିଏ ସଭା ଆହ୍ୱାନ କରିଅଛନ୍ତି ଅମ୍ଭେମାନେ ଭରସା କରୁଁ କି ଉତ୍କଳର ଜମିଦାର ଏବଂ ଅପର ସମ୍ପର୍କୀୟ ଲୋକମାନେ ଏ ସଭାର କାର୍ଯ୍ୟରେ ଯୋଗ ଦାନ କରି ଉଚିତ ବିଷୟରେ ପ୍ରବୃତ୍ତ ହେବେ ।

---

ଏଦେଶରେ ଓ ଅନ୍ୟାନ୍ୟ ଦେଶରେ ଅନେକ ଲୋକ ଆପଣାକୁ ବୈଦ୍ୟ ବୋଲି ପ୍ରକାଶ କରି ଚିକିତ୍ସା କରନ୍ତି ଅଥଚ ଚିକିତ୍ସାଶାସ୍ତ୍ର ଲେଶମାତ୍ର ଜାଣନ୍ତି ନାହିଁ । ଏପ୍ରକାର ମୂର୍ଖବୈଦ୍ୟଙ୍କଦ୍ୱାରା ବିଶେଷ ଅନିଷ୍ଟ ଘଟଇ । ଏହା ନିବାରଣର ଉପାୟ ଏଦେଶରେ ଅଛି କି ନାହିଁ ଜାଣୁ ନାହିଁ ଓ ସେ ଅନେକ ଅନ୍ୟସ୍ଥାନରେ ନିକଟରେ ସେଠାରେ ଏକ ସଭା ... ଜଣ ମୂର୍ଖବୈଦ୍ୟଙ୍କ ନାମରେ ମକଦମା କରି କୃତକାର୍ଯ୍ୟ ହୋଇଛନ୍ତି । ବିଚାରରେ ସେ ବୈଦ୍ୟମାନେ ଶାସ୍ତ୍ର ଜାଣି ନ ଥିବାର ପ୍ରକାଶ ହେବାରୁ ପ୍ରତି ଜଣ ଉପରେ ଟ୨୦୦୦ ଟଙ୍କା ଲେଖାଏଁ ଅର୍ଥଦଣ୍ଡ ହେଲା । ଖୁବ ହୋଇଅଛି । ଏ ଦେଶରେ ଏପରି କିଛି ବ୍ୟବସ୍ଥା ହେବାର ବାଞ୍ଛନୀୟ ଓ ଅତି ଆବଶ୍ୟକ । ଅସ୍ମଦ୍ଦେଶୀୟ ସୁଚିକିତ୍ସକ ବୈଦ୍ୟ ଓ ପ୍ରଧାନ ବ୍ୟକ୍ତି ଓ ସଭ୍ୟ ସମିତିମାନେ ଏ ବିଷୟରେ ମନୋଯୋଗୀ ହେବେ କି ?

---

ଭଙ୍ଗାରପୁରର ବିଖ୍ୟାତ ଚୌଧୁରୀବଂଶର ଚୌଧୁରୀ କୁଳମଣିଦାସ ଏବଂ ଚୌଧୁରୀ ମାଳମଣିଦାସଙ୍କ ନାମରେ ତାହାଙ୍କ ପ୍ରଜାମାନେ କେତେ ନମ୍ବର ଫୌଜଦାରୀ ମାମଲା କରିବାରୁ ଉଭୟ ଚୌଧୁରୀଙ୍କ ନାମରେ ୱାରେଣ୍ଟ ହୋଇଥିଲା । ପ୍ରଥମେ ଚୌଧୁରୀ ମାଳମଣିଦାସ ଉପସ୍ଥିତ ହେବାରୁ ତାହାଙ୍କୁ ଜାମିନରେ ଛାଡ଼ି ଦିଆଗଲା ।

Digitized by srujanika@gmail.com

Split by PDF Splitter



ଗତ ବୁଧବାର ଚୌଧୁରୀ କୁଳମଣିଦାସ ଉପସ୍ଥିତ ହୁଅନ୍ତେ ମାଜିଷ୍ଟ୍ରେଟ ତାହାଙ୍କୁ ହାଜତ ଦେଲେ ଏବଂ ଯାମିନର ପ୍ରାର୍ଥନା ଗ୍ରାହ୍ୟ କଲେ ନାହିଁ । ଅଗତ୍ୟା ଚୌଧୁରୀଙ୍କୁ ଜେଲଖାନା ପର୍ଯ୍ୟନ୍ତ ଆସିବାକୁ ହେଲା ଏବଂ ଏ ସମୟରେ ଜେଲଖାନାସମ୍ମୁଖରେ ଭାରୀ ଭିଡ଼ ହୋଇଥିଲା । ଯାହାହେଉ ଜଜସାହେବଙ୍କ ଠାରେ ଜାମିନର ପ୍ରାର୍ଥନା ହେବାରୁ ଗ୍ଭରଶତ ଟଙ୍କା ଜାମିନ ନେଇ ଛିଡ଼ିବାର ଆଦେଶ ହେଲା ଏବଂ ସନ୍ଧ୍ୟା ସମୟରେ ଚୌଧୁରୀ ଆପଣା ବସାକୁ ଗଲେ । ମୋକଦ୍ଦମାର ବିଚାର ସ୍ୱୟଂ ମାଜିଷ୍ଟ୍ରେଟ କରିବେ ।

---

ଋଣଗ୍ରସ୍ତ ଅମଲଙ୍କ ବିଷୟରେ ସମ୍ପ୍ରତି ଗବର୍ଣ୍ଣମେଣ୍ଟ ନିୟମ କରିଅଛନ୍ତି କି ଯେଉଁ ଅମଲର ଋଣ ଏତେ ଅଧିକ ଯେ କ୍ରମାଗତ ତାହାର ବେତନରୁ ମାସକୁ ଅଧେ ଲେଖାଏଁ କଟାଗଲେ ଦୁଇବର୍ଷରେ ସୁଦ୍ଧା ପରିଶୋଧ ହେବ ନାହିଁ ତାହାକୁ ସରକାରୀ କାର୍ଯ୍ୟରେ ରଖିବା ନ ରଖିବା କଥା ବିଚାର ହେବ । ଏ ନିୟମ ଉତ୍ତମ ଅଟଇ । ଏହା ଅମଲମାନଙ୍କ ଅବେକ୍ଷଣକ ମାଜିଷ୍ଟ୍ରେଟ ମିଉନିସିପାଲ କମିଶନର ସ୍ଥାନୀୟ ଓ ଜିଲ୍ଲା ବୋର୍ଡ଼ ଏବଂ ଅନ୍ୟାନ୍ୟ କମିଟୀର ମେମ୍ବର ପ୍ରଭୃତି ସମସ୍ତଙ୍କ ପ୍ରତି ଏପରି ନିୟମ ହେବାର ଉଚିତ କାରଣ ଯେଉଁମାନେ ଅଗଣନ ଋଣଜାଲରେ ଜଡ଼ିତ ସେ ଆପଣା ଦାୟିତ୍ୱ ସ୍ମରଣ ରଖିବାର ଆଶା କରାଯାଇ ନ ପାରେ ଏବଂ ଯାହାର ଦାୟିତ୍ୱ ଜ୍ଞାନ ଊଣା ସେ ନିରପେକ୍ଷ ଭାବରେ କାର୍ଯ୍ୟ କରିବାକୁ ଅସମର୍ଥ ।

---

ସମ୍ବାଦବାହିକାରୁ ଅବଗତ ହେଲୁଁ ଯେ କେଉଁଝର ଇଲାକାର ଆନନ୍ଦପୁର ଏଲକାରେ ହେଡ଼ ମ୍ୟାନେଜର ବାବୁ ଫକୀରମୋହନ ସେନାପତିଙ୍କ ନାମରେ ଜାଲସିଦ୍ଧକମେ ଗଡ଼ତହବିଲରୁ ଏକହଜାର ଟଙ୍କା ଅପ୍ରସାତ ହେବାର ମୋକଦ୍ଦମା ହୋଇଥିଲା । ଆସିଷ୍ଟାଣ୍ଟ ମ୍ୟାନେଜର ବାବୁ ବଚ୍ଚାନନ୍ଦ ଦାସ ତଦାରଖ କରି ତହବିଲଦାର ଶାନ୍ତିଦାସ ପଟ୍ଟନାୟକ ଓ ତାହା ପୁଅ ପାଳକଣ୍ଡ ପଟ୍ଟନାୟକ ମହାପାତ୍ରଙ୍କୁ ଆସାମୀ ସ୍ୱରୂପ ଚାଲାନ ଦେଲେ ଓ ଡେପୁଟି ଇନସପେକ୍ଟରରୁ କେତେକ କାଗଜପତ୍ର ହେଲା ଏବଂ ତହବିଲଦାର ଆଉ ଟ ୩୦୦୦ଙ୍କା ତୁସରୁପ କରିଥିବାର କଥା ପ୍ରକାଶ ପାଇଲା । ଶୁଣିବାରେ ଭୁସରଫି ମୋକଦ୍ଦମା ମହାରାଜାଙ୍କର ବିଚାରାଧୀନରେ ଅଛି କେବଳ ଜାଲ କରିବା ଅପରାଧ ପାଳକଣ୍ଡ ଉପରେ ପ୍ରମାଣ ହେବାରୁ ମହାରାଜା ତାହାକୁ କଠିନ ପରିଶ୍ରମ ସହିତ ତିନିମାସ କାରାବାସ ଏବଂ ତିନିଶତ ଟଙ୍କା ଅର୍ଥଦଣ୍ଡ ଦେଇଅଛନ୍ତି ।

---

ବିଲାତ ତାନ୍ତ୍ରିଆଭିଲ ଯାବଜ୍ଜୀବନ କାରାବାସ ଦଣ୍ଡ ଲଭିଥିବାର ପାଠକମାନଙ୍କୁ ଜଣାଇଅଛୁଁ । ଏଥି ମଧ୍ୟରେ ତାହା ନାମରେ ଏକ ଖୁନ ମୋକଦ୍ଦମା ଉପସ୍ଥିତ ହୋଇ ଦୌରାବିଚାରରେ ପ୍ରମାଣିତ ହେବାରୁ ତାହା ପ୍ରତି ଫାଶିଦଣ୍ଡର ଆଦେଶ ହୋଇଅଛି । ତାନ୍ତ୍ରିଆ ମୃତ୍ୟୁ କଣ୍ଠରେ ଆପଣାର ସମସ୍ତ ଅପରାଧ ସ୍ୱୀକାର କରି ନରହତ୍ୟା କଥା ସ୍ପଷ୍ଟ ଅସ୍ୱୀକାର କରିଥିବା ଏବଂ ପଶ୍ଚାତ୍ତରେ ତ ୧୨ ଟି କାଳ ପୁଲିସକୁ ପାଣି ପିଆଇଥିବାରୁ ତାହାକୁ ସଂକ୍ଷେପ ଦଣ୍ଡ ଦିଆଯିବା ପକ୍ଷେ ପୁଲିସ ଜିଦ କରିବା ଅସମ୍ଭବ ଅନୁମାନ ନ ଥିବା ବିବେଚନାରେ ଶେଷ ଦୋଷ ବିଚାର ଯଥାର୍ଥ ହୋଇଅଛି ଏପରି ମନକୁ ଆସୁ ନାହିଁ ଏବଂ ଯଥାର୍ଥ ବିଚାର ହୋଇଥିଲେ ସୁଦ୍ଧା ଯେ ବ୍ୟକ୍ତି ମନ୍ଦ କାର୍ଯ୍ୟରେ କ୍ଲାନ୍ତ ହୋଇ ସୁପଥରେ ଚାଲିବାକୁ ମନ କଲାଣି ତାହାକୁ ମୃତ୍ୟୁଦଣ୍ଡ ଦେଲେ ସଂସାରର କି ଲାଭ ହେବ ବୁଝାଯାଉ ନାହିଁ । ଯାହା ହେଉ ଫାଶି ପାଉ ବା ଚିରକାଳ ଜେଲ ରହୁ ତାନ୍ତ୍ରିଆ ଜଣେ ବୀରପୁରୁଷ ସନ୍ଦେହ ନାହିଁ ।

---

ନାବାଲଗି ଓ କୋର୍ଟ ମାହାଲର ଗତ ବର୍ଷର କାର୍ଯ୍ୟସମ୍ବନ୍ଧରେ ମାନ୍ୟବର ଲେଫ୍ଟେନାଣ୍ଟ ଲେଖିଅଛନ୍ତି କି ପୂର୍ବବର୍ଷଠାରୁ ବର୍ତ୍ତିତବର୍ଷର ସନ୍ତୋଷଜନକ କାର୍ଯ୍ୟ ଊଣା ହୋଇଅଛି ଏବଂ ତହିଁମଧ୍ୟରେ ପାଟନା ଭାଗଲପୁର ଏବଂ ଓଡ଼ିଶାର କାର୍ଯ୍ୟ ଅତି ମନ୍ଦ । ପାଟନାରେ ଶତକଡ଼ା ୮୬ ଏବଂ ଓଡ଼ିଶାରେ ଶତକଡ଼ା ୪୯ ଟଙ୍କା ଉସୁଲ ହୋଇଅଛି ମାତ୍ର ଫସଲ ନେକସାନ ଦୃଷ୍ଟିରେ ଏହାଙ୍କୁ ଗବର୍ଣ୍ଣମେଣ୍ଟ ଅସନ୍ତୋଷଜନକ ଜ୍ଞାନ କରିଅଛନ୍ତି । ପଶ୍ଚାତ୍ତରେ ସନ ୧୮୮୭।୮୮ ରେ ୧୨୪୧୮ ସାର୍ଟିଫିକେଟ ଜାରି ହୋଇଥିବାସ୍ଥଳେ ସନ ୧୮୮୮।୮୯ ରେ ତହିଁର ଦ୍ୱିଗୁଣ ଅର୍ଥାତ ୨୪୯୧୨ ନମ୍ବର ଜାରି ହୋଇଅଛି । ଟଙ୍କା ଆଦାୟନିମନ୍ତେ ଏତେ ସାର୍ଟିଫିକେଟ ଜାରି ହେବାରେ ମାନ୍ୟବର ଲେଫ୍ଟେନାଣ୍ଟ ଦୁଃଖିତ ହୋଇଅଛନ୍ତି ମାତ୍ର ଏଥିର ସନ୍ତୋଷଜନକ କଇଫିୟତ ପାଇବାରୁ କିଛି ଆଦେଶ ଦେଇନାହାନ୍ତି । ଫସଲ ନେକସାନ ସମୟରେ ପ୍ରଜାମାନଙ୍କୁ ଏତେ ସାର୍ଟିଫିକେଟ-ମୋକଦ୍ଦମାରେ ଜଡ଼ିତ କରିବାରୁ ସରକାରଙ୍କ ହାତରେ ଥିବା ମାହାଲମାନଙ୍କର ଶାସନ କାର୍ଯ୍ୟ ଅନୁକୂଳ ବୋଲାଯାଇ ନ ପାରେ ।

---

ଗତବର୍ଷର ଗଭର୍ଣ୍ଣମେଣ୍ଟକୁମାର କାର୍ଷିକ ରିପୋର୍ଟସମ୍ବନ୍ଧରେ ବଙ୍ଗୀୟ ଲେଫ୍ଟେନାଣ୍ଟ ଓଡ଼ିଶାବିଭାଗର ସରକାରୀ ମାହାଲର ସନ୍ତୋଷ ଊଣା ହେବାର ଦେଖି ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତ ଫସଲ ଭଲ ନ ହେବାରୁ ଦୁଇ ପ୍ରଧାନ ମାହାଲ ଖୋରଧା ଓ ବାଙ୍କୀର ତହସିଲକାର୍ଯ୍ୟ ଅତ୍ୟନ୍ତ ଊଣା ହୋଇଅଛି । ଖୋରଧାରେ କେତେକଜଣ ସରବରାକାର ମାଲିଲ ଓ ସସପେଣ୍ଡ ହୋଇଅଛନ୍ତି ଖଜଣା ଉସୁଲସମ୍ବନ୍ଧରେ ଅମିନମାନେ ନିଯୁକ୍ତ ହୋଇଅଛନ୍ତି ଏବଂ ସରକାରୀ ପାଉଣା ଆଦାୟର ଆଇନଅନୁସାରେ ମୋକଦ୍ଦମାମାନ ଦାଏର ହୋଇଅଛି । କିନ୍ତୁ ଅଭିରକ୍ଷିତ ହୋଇଥିଲେ ସୁଦ୍ଧା ସେସ୍ଥଳେ ଅନାବୃଷ୍ଟି ନିଃସନ୍ଦେହରୂପେ ରହିଥିବାର ପ୍ରକାଶ ସେସ୍ଥଳେ ସରବରାକାରଙ୍କ ଉପରେ କମିକରିବା କାହ୍ମମାନ୍ୟ କେନ୍ଦ୍ରିତ ହୋଇ ନାହିଁ । ଏଥିରୁ ପ୍ରକାଶ ଯେ ମାନ୍ୟବର ଲେଫ୍ଟେନାଣ୍ଟ ଏ ସମୟରେ ଖୋରଧାର ସରବରାକାରଙ୍କ ପ୍ରତି କୋମଳ ବ୍ୟବହାର କରିବାକୁ ଇଚ୍ଛା କରନ୍ତି କିନ୍ତୁ ଏଥିମଧ୍ୟରେ ଆମ୍ଭେମାନେ ଦେଖିଅଛୁଁ ଯେ ଏକପଲ ସରବରାକାର ସ୍ଥାନୀୟ ହାକିମଙ୍କ କର୍କଶ ବ୍ୟବହାରରେ ବ୍ୟସ୍ତ ହୋଇ କମିଶ୍ନରରେ ଅପିଲ କରିବାକୁ ଆସିଥିଲେ ଏବଂ କିଛି ପ୍ରତିକାର ନ ପାଇ ଫେରିଗଲେ । ଗବର୍ଣ୍ଣମେଣ୍ଟଙ୍କର ଦୟା ଓ ସୁବିଚାର ସ୍ଥାନୀୟ କର୍ମଚାରୀଙ୍କଦ୍ୱାରା ଏପରି ବ୍ୟର୍ଥହେବା ଉଚିତ କି ?

---

## ସଡ଼କାଡ-ଗଞ୍ଜାଇ ।

ଗଡ଼ଜାତ ଗଞ୍ଜାଇସମ୍ପର୍କରେ ଗତ ଅବକାରୀ ବିବରଣର ସମାଲୋଚନାରେ ମାନ୍ୟବର ଲେଫ୍ଟେନାଣ୍ଟ ଲେଖିଅଛନ୍ତି କି ଏ ପ୍ରସଙ୍ଗ ପୁନର୍ବାର ରେବନ୍ୟୁବୋର୍ଡ ଗବର୍ଣ୍ଣମେଣ୍ଟଙ୍କ ଗୋଚରରେ ଆଣିଅଛନ୍ତି । ପ୍ରଥମେ ସନ ୧୮-

Digitized by srujanika@gmail.com

୭୮ ସାଲରେ ଓଡ଼ିଶା ଗଡ଼ଜାତ ଗଞ୍ଜାଇର ଅପରେ ଉଚିତର ବସିଲା ତହିଁରୁ ସନ ୧୮୮୪ ସାଲରେ ତହିଁର ଆମଦାନୀ ମୋଗଲବନ୍ଦିକୁ ଏକାବେଳକେ ରହିତ ହେଲା । କିନ୍ତୁ ଏହି ନିଷେଧନିୟମରୁ ଉକ୍ତ ଗଞ୍ଜାଇ ଜମାଗତ ଗୁପ୍ତଭାବରେ ମୋଗଲବନ୍ଦିକୁ ଆମଦାନୀ ହେଉଅଛି । ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ବୁଝିଅଛନ୍ତି ଯେ ଗଡ଼ଜାତ ଗଞ୍ଜାଇ ସ୍ୱତନ୍ତ୍ର ଗାଞ୍ଜେଇଠାରୁ ସମ୍ପୂର୍ଣ୍ଣରୂପେ ପୃଥକ୍ ଏବଂ ଅଳ୍ପ ଅନିଷ୍ଟକର ଅଟଇ । ଅତଏବ ସ୍ୱତନ୍ତ୍ର ଗଞ୍ଜାଇର ଖର୍ଚ୍ଚ ବଢ଼ାଇବା କାରଣ ଗଡ଼ଜାତ ଗଞ୍ଜେଇର ଆମଦାନୀ ଉଠାଇଦେବା ବାଞ୍ଛନୀୟ ହେଉ ନାହିଁ । ଏହି କାରଣରୁ ଭାଙ୍ଗ ଓ ସିଦ୍ଧିପରି ଗଡ଼ଜାତ ଗଞ୍ଜାଇଉପରେ ଅଳ୍ପ ଟିକସ ଅର୍ଥାତ ପ୍ରତି ସେର ଟ ୦ ୫ ଲେଖାଏଁ ବସାଇ ଉକ୍ତଦ୍ରବ୍ୟ ଗଡ଼ଜାତରୁ ମୋଗଲବନ୍ଦିକି ଆମଦାନିକରିବା କଥା ଗବର୍ଣ୍ଣମେଣ୍ଟ ବିବେଚନା କରୁଅଛନ୍ତି ।

ଆମ୍ଭେମାନେ ବଙ୍ଗୀୟ ଛୋଟଲାଟଙ୍କ ଉପରଲିଖିତ ମନ୍ତବ୍ୟ ପାଠକରି ବଡ଼ ଆନନ୍ଦିତ ହୋଇଅଛୁଁ । କିନ୍ତୁ ଦୁଃଖର ବିଷୟ ଯେ ଗବର୍ଣ୍ଣମେଣ୍ଟ ପ୍ରକୃତ ଅବସ୍ଥା ନ ବୁଝି ସ୍ଥାନୀୟ ହାକିମଙ୍କ କଥାରେ ପଡି ଅନର୍ଥକ ଲୋକଙ୍କର ଭିନ୍ନ ଅବସ୍ଥା ଉପୁଜାଇଲେ । ଯେଉଁ ସମୟରେ ଗଡ଼ଜାତ ଗଞ୍ଜାଇର ଆମଦାନୀ ନିଷେଧ ହେଲା ତହିଁର ଅନେକ ପରେ ପ୍ରଜାବାସିମାନେ ଆପତ୍ତି କଲେ ଏବଂ ଆମ୍ଭେମାନେ ସେ ଆପତ୍ତିମାନ ଯଥାସାଧ୍ୟ ପ୍ରକାଶ କରି ଏବଂ ପୁନଃ ୨ ତହିଁର ଉଲ୍ଲେଖ କରିଅଛୁଁ । ମାତ୍ର ଗବର୍ଣ୍ଣମେଣ୍ଟ ତହିଁପ୍ରତି ଆସ୍ଥା କଲେ ନାହିଁ । ଗବର୍ଣ୍ଣମେଣ୍ଟଙ୍କର ଶାସନପ୍ରଣାଳୀର ଗୁରୁତର ଦୋଷ ଏହି ଯେ ଲୋକଙ୍କ କଥାରୁ ଆସ୍ଥା ନ କରି କେବଳ ସ୍ଥାନୀୟ ହାକିମମାନଙ୍କ ଉପରେ ନିର୍ଭର କରାଯାଏ ଏବଂ ସ୍ଥାନୀୟ ହାକିମମାନେ ବିଦେଶୀୟ ଲୋକ ଥିବାରୁ ଦେଶୀୟ ଲୋକଙ୍କ ଅନ୍ତରର ଭାବ ବୁଝିପାରନ୍ତି ନାହିଁ ଏବଂ କଦାଚ ବୁଝିଲେହେଁ ସ୍ୱକୀୟବୁଦ୍ଧି ଦେଖାଇ ସୁଖ୍ୟାତି ପାଇବା ଆଶାରେ ତହିଁପ୍ରତି ଅବୋଦୃଷ୍ଟି କରନ୍ତି ନାହିଁ । ଉପସ୍ଥିତ ସ୍ଥଳରେ ସ୍ଥାନୀୟ ହାକିମମାନେ ଗଡ଼ଜାତ ଓ କଲିକତା ଗଞ୍ଜେଇ ପ୍ରଭେଦ ନ ବୁଝି ଅବକାରୀସମ୍ପର୍କୀୟ ବୁଦ୍ଧିସ୍ୱଭାବେ ଲୋକଙ୍କୁ ସାମାଜିକ ମାଦକ ସେବନରୁ ଟାଣୁଆଳକ ଶୃଙ୍ଖଳାରୁ ବାଧ କଲେ ଏବଂ ଗଡ଼ଜାତ ପରିର ଆମଦାନୀ ବନ୍ଦକରି ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ଔଷଧର ଯଥୋଚିତ ବ୍ୟାଘାତ ଜନ୍ମାଇଲେ । ଏବେ କରସ୍ପର୍ଦ୍ଧା ବିଶେଷ ବୃଦ୍ଧି କିମ୍ବା ଲୋକ କାରବାର ବନ୍ଦ ହେଲା ନାହିଁ । ଦେଶୀୟ ଲୋକଙ୍କ କଥା ନ ଶୁଣି କେବଳ ସ୍ଥାନୀୟ ହାକିମଙ୍କ ଉପରେ ନିର୍ଭର କରିବାର ଅନିଷ୍ଟକାରିତା ଏଥିରୁ ଗବର୍ଣ୍ଣମେଣ୍ଟ ଶିକ୍ଷାକରିବେ କି ?

---

## ବଙ୍ଗଦେଶର ଦେଶୀୟ ସମିତି ।

ଏହି ସମିତି ଚଳିତମାସ ତା ୧୭, ୧୮ ଓ ତା ୧୯ ରଖମାନଙ୍କରେ କଲିକତାରେ ବସିଥିଲା । ବଙ୍ଗଳା ବିହାର ଏବଂ ଓଡ଼ିଶାର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏମାନଙ୍କ ସଂଖ୍ୟା ଜଣାପଡ଼ି ନାହିଁ । ରାଜା ପ୍ୟାରୀମୋହନ ମୁଖୋପାଧ୍ୟାୟ ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ମାନ୍ୟବର ଡାକ୍ତର ମହେନ୍ଦ୍ରଲାଲ ସରକାର ସଭାର କାର୍ଯ୍ୟାରମ୍ଭସୂଚକ ବକ୍ତୃତା ପ୍ରଦାନ କରିଥିଲେ । ସଭାରେ ତଳ ଲିଖିତ ବିଷୟମାନ ଧାର୍ଯ୍ୟ ହେଲା । ଯଥା;

୧ । ଅଂଶିକ ପ୍ରତିନିଧି ପ୍ରଣାଳୀରେ ବ୍ୟବସ୍ଥାପକ ସଭାମାନ ଗଠିତ ହେବା ଆବଶ୍ୟକ ।

୨ । ନୂତନ ହାବଡ଼ା ପ୍ରଭୃତିରୁ ଟୋଲଘାଟ ଉଠାଇ ଦେବା ହେତୁ ବଙ୍ଗୀୟ ଛୋଟଲାଟଙ୍କୁ ଧନ୍ୟବାଦ ଦିଆଯିବା ଓ ସମସ୍ତ ସ୍ଥାନରୁ ଶୀଘ୍ର ଟୋଲଘାଟ ଉଠିଯିବା ଏ ସଭାର ବିବେଚନାରେ ଉଚିତ ଅଟଇ ।

୩ । ବିଲାତ ପାର୍ଲିମେଣ୍ଟସଭାର ସଭ୍ୟ ଶ୍ରୀଯୁକ୍ତ ସ୍ମିଥ୍ ସାହେବ ଓ ଶ୍ରୀଯୁକ୍ତ କେନ୍ ସାହେବ ଏ ପ୍ରଦେଶର ଅବକାରୀ ନିୟମର ସଂସ୍କରଣ ଏବଂ ମାଦକଦ୍ରବ୍ୟର ବ୍ୟବହାର ନିବାରଣ ନିମିତ୍ତ ବିଶେଷ ଯତ୍ନ ଓ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ଧନ୍ୟବାଦ ଦିଆଯାଉ ।

୪ । କୁଲି ସମ୍ବନ୍ଧରେ ବ୍ୟବସ୍ଥା କରିବା ଉଦ୍ଦେଶରେ ଆସାମ କୁଲିଙ୍କର ଅବସ୍ଥା ଏବଂ ପ୍ରଚଳିତ ଆଇନସବୁର କାର୍ଯ୍ୟକାରିତା ଅନୁସନ୍ଧାନ କରିବା କାରଣ ଗୋଟିଏ ସ୍ୱାଧୀନ ସମିତି ଶୀଘ୍ର ନିଯୁକ୍ତ କରିବା ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ଅଟଇ ।

୫ । ପୁଲିସର ସଂସ୍କାର ପ୍ରସଙ୍ଗ ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନ ଥିବାରୁ ସଭା ଆନନ୍ଦିତ ହୋଇ ବିବେଚନା କରନ୍ତି କି ଇନ୍ସପେକ୍ଟରଙ୍କୁ ଉନ୍ନତ କରିବା ଏବଂ ଡେପୁଟୀମାଜିଷ୍ଟ୍ରେଟଙ୍କ ମଧ୍ୟରୁ ବାଛି କେତେକଙ୍କ ଦ୍ୱାରା ପୁଲିସ ସୁପ୍ରିଣ୍ଟେଣ୍ଡେଣ୍ଟ ନିଯୋଗ ହେଲେ ଓ ଆସିଷ୍ଟାଣ୍ଟ ପଦ ଉଠିଗଲେ ଏବଂ ହେଡ଼କନଷ୍ଟେବଲ ଓ ସବ୍ ଇନ୍ସପେକ୍ଟରଙ୍କ ବେତନ ବୃଦ୍ଧି ହେଲେ ଉତ୍ତମ ହେବ ।

୬ । ଦେଓ୍ୱାନୀ ମୋକଦ୍ଦମା କରିବାରେ ଖର୍ଚ୍ଚା ଓ ବିଳମ୍ବରୁ ଲୋକଙ୍କୁ ଅବ୍ୟାହତି ଦେବାନିମିତ୍ତ ତଳ ଲିଖିତ ସଂଶୋଧନ ଆବଶ୍ୟକ, ଯଥା;—

୧—ମୁନସଫ ଓ ସବ୍ଜଜଙ୍କ ସଂଖ୍ୟା ବୃଦ୍ଧି କରିବା ୨—ଅମଲାମାନଙ୍କ ବେତନ ବୃଦ୍ଧି କରି ଅଧିକ ଯୋଗ୍ୟ ଲୋକଙ୍କୁ ନିଯୁକ୍ତ କରିବା ।
୩—ଅବୈତନିକ କୋର୍ଟ ବସାଇବା ।
୪—କୋର୍ଟଫିସ ଓ ତଲବାନା ଫିସର ଦର ଊଣା କରିବା ।

୭ । ଶିଳ୍ପାଦି ଶିକ୍ଷାଦାନର ବନ୍ଦୋବସ୍ତ ଶୀଘ୍ର ହେବାର ଉଚିତ ।

୮ । ମିଉନିସିପଲ ଓ ଆତ୍ମଶାସନ ଘଟିତ ଆଇନ ଏପରି ଭାବରେ ସଂଶୋଧିତ ହେଉ କି ବଜେଟ ଫେର ବଦଳ କରିବାର ଅଧିକାର ସ୍ଥାନୀୟ ହାକିମଙ୍କଠାରୁ ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ହସ୍ତକୁ ଉଠିଯାଉ ।

୯ । ବାର୍ଷିକ ଶତକଡ଼ା ଟ ୪୲ କା ଆୟ ହୋଇ ପାରେ ଏମନ୍ତ କାର୍ଯ୍ୟ ସକାଶେ ସ୍ଥାନୀୟ ବୋର୍ଡ ପ୍ରାର୍ଥନା କଲେ ଗବର୍ଣ୍ଣମେଣ୍ଟ ଟଙ୍କା ଋଣ ଦେଇ ପାରିବେ ଏପରି ନିୟମ ଥିବାରୁ ସ୍ୱାସ୍ଥ୍ୟ ରକ୍ଷାର କାର୍ଯ୍ୟ ନିର୍ମାଣରେ ବ୍ୟାଘାତ ହେଉଅଛି । ଅତଏବ ଅଯୁକ୍ତିଯୁକ୍ତ ନିୟମଟି ଆଇନରୁ ଉଠାଇ ଦେବାର ଉଚିତ ।

୧୦ । ଗ୍ରାମ୍ୟସମିତି ସ୍ଥାପିତ ହେବା ଓ ଉକ୍ତ ସମିତିମାନ ସ୍ଥାନୀୟ ବୋର୍ଡଙ୍କ ଅଧୀନରେ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାର ନିୟମ ହେବା ମୋଫସଲର ସ୍ୱାସ୍ଥ୍ୟରକ୍ଷା ନିମିତ୍ତ ନିତାନ୍ତ ଆବଶ୍ୟକ ଅଟଇ ।

୧୧ । ଜାତୀୟ ମହାସମିତି ସହିତ ଏ ସଭାର ସମ୍ପୂର୍ଣ୍ଣ ସହାନୁଭୂତି ଅଛି ଏବଂ ଏ ସଭା ଅନୁରୋଧ କରୁଅଛନ୍ତି ଯେ ବ୍ୟବସ୍ଥାପକ ସଭାର ସଂସ୍କାର ବିଷୟରେ ଜାତୀୟ ସମିତି ଦୃଢ଼ରୂପେ ଚେଷ୍ଟା କରିବେ ।

---

## ଅନୁଗୁଳର ଅବସ୍ଥା—ଡାକାର ଦୋଷ ।

ଅନୁଗୁଳର ଅନୁଭୂତ ଜୀବନ ସେଠା ତହସିଲଦାର ବାବୁ ନାରାୟଣ ପ୍ରସାଦ ଜାୟୁବଙ୍କ

Split by PDF Splitter
Digitized by srujanika@gmail.com

ଦାୟିତ୍ୱ ଅନେକଦିନରୁ ସର୍ବସାଧାରଣଙ୍କ ଦୃଷ୍ଟି-ଗୋଚରରେ ଆସିଅଛି ଏବଂ ତାହାଙ୍କ ସପକ୍ଷ ଓ ବିପକ୍ଷରେ ନେକତେଶଣ୍ଡ ପ୍ରେରିତପତ୍ର ଆମ୍ଭେମାନେ ପ୍ରକାଶ କରିଅଛୁଁ । ପତ୍ରପ୍ରେରକଙ୍କର ସରକାର ସମ୍ବାଦ ଜାଣିବାର କୌଣସି ସୁବିଧା ନ ଥିବାରୁ ସେମାନଙ୍କର ମତାମତ ଉପରେ ଲକ୍ଷେତ ନିର୍ଭର କରାଯାଇ ନ ପାରେ । ଦୁର୍ଭିକ୍ଷ ଅନୁଗୁଳରେ କଷ୍ଟ ପଡ଼ିଲା ଅଥଚ ବହୁତ ପ୍ରତୀକାର ହେଲା ନାହିଁ ଏହା ଦେଖି ଲୋକେ ସ୍ୱଭାବତଃ ତହସିଲଦାରଙ୍କର ଦୋଷ ଦେଇ ଥାଇନ୍ତି କାରଣ ସାହାଯ୍ୟ ନ ହେବାରୁ ଅବଶ୍ୟ ଅନୁମାନ କରିବାକୁ ହେବ ଯେ ତହସିଲଦାର ପ୍ରକୃତ ଅବସ୍ଥା ଜଣାଇବାରେ ତ୍ରୁଟି କରିଅଛନ୍ତି ଯାହା ହେଉ ଶ୍ରୀଯୁକ୍ତ ପ୍ରଧାନ ସେକ୍ରେଟେରୀ ଏଡ୍‌ଗାର ସାହେବଙ୍କ ରିପୋର୍ଟ ପ୍ରକାଶ ହେବାରୁ ପ୍ରକୃତକଥା ବାହାର ପଡ଼ିଅଛି । ଆଉ ଅନୁମାନ ଉପରେ ନିର୍ଭର କରିବାର କୌଣସି ପ୍ରୟୋଜନ ନାହିଁ । ଏହି ରିପୋର୍ଟର ସାରାଂଶ ଆମ୍ଭେମାନେ ପାଠକମାନଙ୍କୁ ଜଣାଇଅଛୁଁ । ତାହାକୁ ମନୋଯୋଗ ପୂର୍ବକ ପାଠକଲେ ଦେଖାଯାଏ ଯେ ଅନୁଗୁଳର ତହସିଲଦାର ସେଠା ଅଧିବାସୀଙ୍କ କଷ୍ଟର ସମ୍ବାଦ ଯଥାସମୟରେ ଆପଣା ଉପରସ୍ଥ ହାକିମ ଗଡ଼ଜାତର ସୁପ୍ରିଣ୍ଟେଣ୍ଡ ସାହେବଙ୍କୁ ଜଣାଇବାରେ ତ୍ରୁଟି କରି ନାହାନ୍ତି ବରଂ କ୍ରମାଗତ ଜଣାଇ ଆସିଅଛନ୍ତି । ଏ ଅଂଶରେ ତାହାଙ୍କର ଦୋଷ ଏତିକ ଯେ ସେ ସାହସପୂର୍ବକ ଆପଣା ବିଶ୍ୱାସମତେ କାର୍ଯ୍ୟ କରିବାକୁ ସର୍ବଦା ସକ୍ଷମ ହୋଇ ନାହାନ୍ତି । ସାହସ ପୂର୍ବକ କାର୍ଯ୍ୟ କର ନ ଥିବା ତାହାଙ୍କର ଗତ ଜୁଲାଇ ତା ୧୯ ରିଖର ପତ୍ରରୁ ପ୍ରକାଶ । ଉକ୍ତ ପତ୍ରରେ ସେ ସୁପ୍ରିଣ୍ଟେଣ୍ଡ ସାହେବଙ୍କୁ ଜଣାଇଲେ ତ ଏଥିପୂର୍ବେ ଯେପରି ଭୟଙ୍କର କଷ୍ଟର କଥା ଲେଖିଥିଲେ ସେଠା ଅବସ୍ଥା ସେପରି ଭୟଙ୍କର ନ ଥିଲା । ଯେହେତୁ ଲୋକଙ୍କର କଷ୍ଟ କ୍ରମାଗତ ବଢ଼ୁଥିଲା ଏବଂ ଉକ୍ତ ତାରଖ ଦିନରୁ ଅଧିକ ବଢ଼ିଲା ସେସ୍ଥଳେ ଉକ୍ତପ୍ରକାର ରିପୋର୍ଟ କରିବା ଯେ ଠିକ ହୋଇ ନାହିଁ ଏଥିରେ ସନ୍ଦେହ ନାହିଁ ଏବଂ ଏହି ରିପୋର୍ଟ ସୁପ୍ରିଣ୍ଟେଣ୍ଡ ସାହେବଙ୍କ ମନକୁ ଭଲ ଦେଖିବାରୁ ସେ ଗବର୍ଣ୍ଣମେଣ୍ଟଙ୍କୁ ଲେଖିଲେ ଯେ ଅନୁଗୁଳ ବିଷୟରେ ଆଉ ଭୟ ନାହିଁ । ସାହେବଙ୍କର ଏପରି ଲେଖିବାରୁ ଜଣାଯାଏ ନିଶ୍ଚୟ ସେ ଏହିପରି ରିପୋର୍ଟ ଲୋଡ଼ୁଥିଲେ କାରଣ ଅନୁଗୁଳ ଦୁର୍ଭିକ୍ଷରେ ତାହାଙ୍କର ଅବୌ ବିଶ୍ୱାସ ନ ଥିଲା ଏବଂ ସମ୍ଭବତଃ ତାହାଙ୍କ ମନ ଯୋଗାଇବା ସକାଶେ ତହସିଲଦାର ସେପରି ଲେଖିଥିଲେ । ଦୁର୍ଭିକ୍ଷର ସମ୍ବାଦ ଦେବାରେ ତହସିଲଦାରଙ୍କର ଏତିକ ତ୍ରୁଟି ହୋଇଅଛି । ଏହି ତ୍ରୁଟି ଯେ ସାମାନ୍ୟ ଏପରି ଆମ୍ଭେମାନେ କହୁ ନାହୁଁ ମାତ୍ର ଯେବେ ସେ ସୁପ୍ରିଣ୍ଟେଣ୍ଡଙ୍କଠାରୁ ଆପଣା କର୍ତ୍ତବ୍ୟ ଉଚିତ ମତେ ପାଳିବାକୁ ସାହସ ପାଇଥାନ୍ତେ ତେବେ ଏପରି କରି ନ ଥାନ୍ତେ ଏବଂ ସୁପ୍ରିଣ୍ଟେଣ୍ଡ ସାହେବଙ୍କର ଲୋକଙ୍କ କଷ୍ଟପ୍ରତି ହୃଦଏ ସହାନୁଭୂତି ରହିଥିଲେ ତାହାଙ୍କର ଏପରି ରିପୋର୍ଟରେ ସନ୍ତୁଷ୍ଟ ହୋଇ ନ ଥାନ୍ତେ ସୁତରାଂ ଉଦ୍ୟୋଗ କରୁ ଅନୁଷ୍ଠ ହୋଇ ନ ଥାନ୍ତା ।

ତହସିଲଦାରଙ୍କର ଆଉ ଗୋଟିଏ ଦୋଷ ଅତିଅଳ୍ପ ପରିମାଣରେ ସାହାଯ୍ୟ ଦେବା । କଙ୍କାଳମାନଙ୍କୁ ଯେପରିମାଣରେ ସେ ଗ୍ରୁଲ ଦେବାର ବନୋବସ୍ତ କଲେ ତହିଁରେ ବାହାର ଜୀବନ ରକ୍ଷାହେବା ଅସମ୍ଭବ । ଆମ୍ଭମାନଙ୍କର ଜଣେ ପତ୍ରପ୍ରେରକ ସେକଥା ଲେଖିଥିଲେ ଏବଂ ବାବୁ କାଳୀପଦ ମୁଖୁର୍ଯ୍ୟା ଆସିଷ୍ଟାଣ୍ଟ କମିଶନରଙ୍କ ତଦାରଖରେ ତାହା ସପ୍ରମାଣ ହେଲା । ତହସିଲଦାରଙ୍କର ଏହି ଦୋଷଟି ଅପେକ୍ଷାକୃତ ଗୁରୁତର ଅଟଇ ଏବଂ ଦୁର୍ଭିକ୍ଷ-ବିଧି ଓ ଜେଲଖାନାର ଖୋରାକୀ ନିୟମରେ ଏକଜଣର ନିସ୍ତାହ ନିମିତ୍ତ ଦିନକୁ କେତେ ଗ୍ରୁଲ ଲୋଡ଼ା ତହିଁର ନିରୂପଣ ଲେଖାଥିବାରୁ ସେ କହି ନ ପାରନ୍ତି ଯେ କେତେ ଗ୍ରୁଲ ଜଣପ୍ରତି ଦେବା ଉଚିତ ସେକଥା ତାହାଙ୍କୁ ଜଣା ନ ଥିଲା । ଅନୁମାନ ହୁଅଇ କେବଳ ଅଳ୍ପଖର୍ଚ୍ଚରେ ସାହାଯ୍ୟଦାନ କାର୍ଯ୍ୟ ଶେଷ କରି ପ୍ରଶଂସିତ ହେବା ଆଶାରେ ସେ ଏପରି କରିଥିଲେ ଏବଂ ପୂର୍ବବର୍ଷ ସାହାଯ୍ୟକାର୍ଯ୍ୟରେ ଅଳ୍ପ ବ୍ୟୟ କରି ଓର୍ପେନ ସାହେବ ସୁପ୍ରିଣ୍ଟେଣ୍ଡଙ୍କଠାରୁ ପ୍ରଶଂସିତ ହୋଇଥିବା ଏବଂ ଗବର୍ଣ୍ଣମେଣ୍ଟଙ୍କ ନିର୍ଦ୍ଧାରଣରେ ତାହା ପ୍ରକାଶ ହୋଇଥିବାରୁ ଖର୍ଚ୍ଚ ଊଣା କରିବାରେ ତାହାଙ୍କର ଅଧିକ ଉତ୍ସାହ ହୋଇଥିବ । ଅତଏବ ଅନୁପଯୁକ୍ତ ସାହାଯ୍ୟ ଦେବାରେ ସେ ଯେଉଁ ଦୋଷ କରିଅଛନ୍ତି ତହିଁର ମୂଳ ମଧ୍ୟ ତାହାଙ୍କ ଉପରସ୍ଥ ହାକିମ ଅଟନ୍ତି । ସୁତରାଂ ଯେ କୌଣସି ଦିଗରୁ ବିଚାର କଲେ ତହସିଲଦାରଙ୍କ ଦାୟିତ୍ୱ ଅପେକ୍ଷା ତାହାଙ୍କ ଉପରସ୍ଥ ହାକିମମାନଙ୍କର ଦାୟିତ୍ୱ ଅଧିକ ଜଣାଯାଉଅଛି । କେବଳ ତହସିଲଦାରଙ୍କର ଯେ ଦୋଷ ହୋଇ ନାହିଁ ଏ କଥା ବୋଲାଯାଇ ନ ପାରେ । ଗବର୍ଣ୍ଣମେଣ୍ଟ ସୁବିଚାର କରି ତହସିଲଦାର ଓ ସୁପ୍ରିଣ୍ଟେଣ୍ଡ ଉଭୟଙ୍କୁ ଦାୟୀଗ୍ରସ୍ତ କରିଅଛନ୍ତି । ଏଥିର ଶେଷ ନିଷ୍ପତ୍ତି କିପରି କରନ୍ତି ଦେଖିବାକୁ ବାକି ରହିଲା ।

ପଞ୍ଚଶେଷରେ ବକ୍ତବ୍ୟ ଏହି ଯେ ବଙ୍ଗୀୟ-ଗବର୍ଣ୍ଣମେଣ୍ଟ ଥରେ ଆପଣାର କାର୍ଯ୍ୟ ବିଚାର କଲେ ବଡ଼ ଭଲ ହେବ । ମାନ୍ୟବର ବେଲି ସାହେବ ଏ ପ୍ରଦେଶରେ ବିରାଜମାନ ହେବା କାଳରେ ଏବଂ ତହିଁର ପୂର୍ବେ ଓ ପରେ ଅନୁଗୁଳ ବାସିମାନେ ତାହାଙ୍କ ନିକଟକୁ ଆବେଦନପତ୍ରମାନ ପଠାଇଥିଲେ । ଅନ୍ୟାନ୍ୟ ଲୋକଙ୍କମଧ୍ୟରେ ଏଠା ଉତ୍କଳସଭା ଅନୁଗୁଳ ବିଷୟ ତାହାଙ୍କ ଗୋଚରରେ ଆଣିବାରେ ପୁରୀ ଦରବାରରେ ତହିଁର ଉତ୍ତରରେ କଟୂକ୍ତି ପ୍ରୟୋଗ କଲେ । ଖୋରଧାର ଲୋକମାନେ ଗୁହାରି କରିବାକୁ ରୁଣ୍ଡ ହେବାରୁ ତାହାଙ୍କୁ ପଦେ କହିବାକୁ ସୁଦ୍ଧା ଅବକାଶ ଦେଲେ ନାହିଁ । ସ୍ଥାନୀୟ ସମ୍ବାଦପତ୍ରରେ କ୍ରମାଗତ ଦୁଇବର୍ଷ କାଳ ଅନୁଗୁଳର ଦୁରବସ୍ଥା ଯେଉଁ ଆନ୍ଦୋଳନ ହେଲା ତହିଁରେ କର୍ଣ୍ଣପାତ କଲେ ନାହିଁ । କେବଳ ଗଡ଼ଜାତର ସୁପ୍ରିଣ୍ଟେଣ୍ଡ ଗତ ଜୁଲାଇରେ ପତ୍ର ଲେଖିବାରୁ ଦୁର୍ଭିକ୍ଷ କଥାରେ ତାହାଙ୍କର ପ୍ରତ୍ୟୟ ଜନ୍ମିଲା ଏବଂ ଷ୍ଟେଟ୍ସମାନ ସମ୍ବାଦପତ୍ର ଅନେକଥର ଅନୁଗୁଳର କଥା ଲେଖି ଶେଷରେ ଏକ ପ୍ରେରିତପତ୍ର ପ୍ରକାଶପୂର୍ବକ ଜଣେ ଇଂରାଜ ତହିଁର ଲେଖକ ଥିବାର ଦେଖାଇ ଦେବାରୁ ଗବର୍ଣ୍ଣମେଣ୍ଟଙ୍କର ନିଦ୍ରାଭଙ୍ଗ ହେଲା । ସର ଷ୍ଟୁଆର୍ଟ ବେଲୀ ବଡ଼ଦୟାଳୁ ଏବଂ ଯେଉଁଠାରେ ଅନ୍ନକଷ୍ଟ କଥା ଶୁଣିଅଛନ୍ତି ସେଠାରେ ଉପଯୁକ୍ତ ସାହାଯ୍ୟ ଦେବାରେ ତତ୍ପର ହୋଇଅଛନ୍ତି ଏକଥା ଆମ୍ଭେମାନେ ପୁନଃ ପୁନଃ ସ୍ୱୀକାର କରୁଅଛୁଁ ଏବଂ ଏଥିପାଇଁ ତାହାଙ୍କୁ ଅଗଣ୍ୟ-ଧନ୍ୟବାଦ ଦେଉଅଛୁଁ । ମାତ୍ର [illegible] ଇଂରାଜଠାରୁ ନ ଶୁଣିଲେ ଅନ୍ୟ କାହାର କଥାରେ ଆସ୍ଥା କରିବାର ପ୍ରଥା କରନ୍ତି ମନ ଅଟଇ ଏବଂ ସର ଷ୍ଟୁଆର୍ଟ ବେଲୀଙ୍କ ପରି ଦୟାଳୁ ଲୋକ ଯେ ତାହା ଅନୁଭବ କରିପାରୁ ନାହାନ୍ତି ବଡ଼ ଦୁଃଖର କଥା ଅଟଇ । ଯେବେ ସ୍ଥାନୀୟ ଲୋକ ଏବଂ ସମ୍ବାଦପତ୍ରର ଗୁହାରି ପ୍ରତି ସେ ପ୍ରଥମରୁ ଆସ୍ଥା କରିଥାନ୍ତେ ତେବେ ଅନୁଗୁଳ

Digitized by srujanika@gmail.com

Split by PDF Splitter



### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ମୋହର ଏହି ନିମ୍ନଲିଖିତ ବିଷୟଟିକୁ ଆପଣଙ୍କର ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନଦାନ କରି ଆଶା ପୂର୍ଣ୍ଣ କରିବା ହେବେ ।

ଏହିକି ଏସ୍ଥାନର ବ୍ରାହ୍ମଣମାନଙ୍କ ମଧ୍ୟରେ ବିବାଦ ଉପସ୍ଥିତ ହୋଇଅଛି ଯେ ପିତୃଶ୍ରାଦ୍ଧ ସ୍ଥଳକୁ ଶାଳଗ୍ରାମାଦି ବିଷ୍ଣୁପ୍ରତିମା ନୀତ ହେବା ଯୁକ୍ତ କି ନା ? ଏକପକ୍ଷ କହନ୍ତି ଯୁକ୍ତ । ମଧ୍ୟ ଅନେକ ସ୍ଥାନରେ ନେବାର ଦୃଷ୍ଟିଗୋଚର ହେଉଅଛି । ଅନ୍ୟପକ୍ଷ କହନ୍ତି ପିତୃଶ୍ରାଦ୍ଧ କର୍ମ ଅପସବ୍ୟ ପ୍ରଯୁକ୍ତ ତାହା ଅଯୁକ୍ତ । ଏଥିରେ କେଉଁ ମତ ଗ୍ରହଣୀୟ ସୁଧିବେତ୍ତାମାନେ ଅନୁଗ୍ରହ ପୂର୍ବକ ସଦୁତ୍ତର ଲେଖି ସନ୍ଦେହ ଭଞ୍ଜନ କରିବେ ।

ବଶମ୍ବଦ
୨୨।୧୦।୮୯ } ଶ୍ରୀ ଚିନ୍ତାମଣି ମିଶ୍ର, ହେଃ ପଣ୍ଡିତ
ଆଠମଲ୍ଲିକ ନଳଗଡ଼ ସ୍କୁଲ ।

ମହାଶୟ !

ଏଠାରେ ଦୁର୍ଗାଦେବୀଙ୍କ ପୂଜା ଓ ଲକ୍ଷ୍ମୀପୂଜା ଦଶମୀଠାରୁ ପୌର୍ଣ୍ଣମୀ ପର୍ଯ୍ୟନ୍ତ ପଞ୍ଚଶାସ୍ତ୍ରଜ୍ଞଙ୍କଦ୍ୱାରା ଲଭାଇ ପୂଜା ଉତ୍ତମ ସମାରୋହରେ ଶେଷ ହେଲା ଅତଏବ ରାଜାମହାଶୟ ନୂତନ ସାଲ ଆରମ୍ଭଠାରୁ ସ୍ୱକୀୟ ମହାଲ ରାଜ୍ୟ ଚଳାଇବାର ବନ୍ଦୋବସ୍ତ କରିଅଛନ୍ତି ମଧ୍ୟ ପ୍ରତିଦିନ ନୂତନ ନୂତନ ପ୍ରଥାମାନ ଚଳାଇବାର ମନସ୍ଥ କରୁଅଛନ୍ତି । ଏଥି ପୂର୍ବେ କନିକା ରାଜା ସପରିବାରରେ ଶ୍ରୀ ଲକ୍ଷ୍ମୀନୃସିଂହଙ୍କ ସନ୍ଦର୍ଶନାର୍ଥ ପଦ୍ମପୁର ଘାଟ ଦେଇ ଆଗମନ କରୁଥିବାର ଅତଏବ ରାଜା ଗ୍ରହଣ କରି ଅଭ୍ୟର୍ଥନା ସ୍ୱରୂପ ପାଲିଙ୍କି ଅଶ୍ୱ ଓ ବାଦ୍ୟାଦିଦ୍ୱାରା ଉକ୍ତ ଘାଟରୁ ଆଣାଇଲେ ଉକ୍ତ ରାଜା ଏଠାରେ ବଲ୍ଲଭଙ୍କଙ୍କ ନିକଟସ୍ଥ ଲକ୍ଷ୍ମୀନଗରରେ ବସା କରି ଶ୍ରୀ ଲକ୍ଷ୍ମୀନୃସିଂହଙ୍କ ଦର୍ଶନ କରି ଏକଶତ ଟଙ୍କା ପର୍ଯ୍ୟନ୍ତ ଭେଟଣୀ କରାଇଥିଲେ । ଉକ୍ତ ରାଜା ଅତଏବ ରାଜାଙ୍କ ନଗର ସନ୍ଦର୍ଶନାର୍ଥ ଗମନ କରିଥିଲା ସ୍ଥଳ * ଗୋଟି ମୋହର ଉପହାର ସ୍ୱରୂପରେ ଦେଇ ରାଜାଙ୍କ ସାକ୍ଷାତ କଲେ ଏହିରୂପ ଉପହାର ଦେଇ ରାଣୀଙ୍କ ସହିତ ରାଣୀ ଠାକୁରମାଙ୍କ ସହିତ ଠାକୁରମା ପରସ୍ପରି ସାକ୍ଷାତ କରି ଗୃହଦିବସ ରହି ନାନାପ୍ରକାର ମର୍ଯ୍ୟାଦାମାନ ପ୍ରାପ୍ତ ହୋଇ ଆପଣା ରାଜ୍ୟକୁ ଗମନ କଲେ ଅତଏବ ରାଜା ଉପସ୍ଥିତ ରାଜାଙ୍କୁ ଉତ୍ତମ ସମାଦରରେ ରଖାଇ ବନାରସି ପ୍ରଭୃତି କପଡ଼ାମାନ ମର୍ଯ୍ୟାଦା ସ୍ୱରୂପ ଦେଇ ବିଦାୟ ଦେଲେ ଏହି ସମାରୋହରେ ଅତଏବ ରାଜାଙ୍କର ପ୍ରାୟ ତିନ ହଜାର ଟଙ୍କା ବ୍ୟୟ ହୋଇଥିଲା ।

ଏ ବର୍ଷ ଶସ୍ୟ ଭଲ ହେବାର ଦେଖାଯାଉଥିଲେ ହେଁ ଏଠାରେ ମହାର୍ଘ୍ୟ କମ୍ତି ହୋଇ ନାହିଁ ଟଙ୍କାକୁ ଚାଉଳ ବାରସେର ଅଟେ ପୁରାତନ ଶସ୍ୟର ଶେଷ ନୂତନ ଶସ୍ୟ ଆମଦାନି ହୋଇ ନାହିଁ ଏ ହେତୁ ଲୋକମାନେ ଆହାର ବିଷୟରେ ବହୁକ୍ଳେଶରେ ଦିନପାତ କରୁଅଛନ୍ତି । ୨୭।୧୦।୮୯

ଅନ ଶ୍ରୀ ଭଗୀରଥୀ ନନ୍ଦ
। ଭ । ପଣ୍ଡିତ

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ପଣ୍ଡିତ ଗୋପୀନାଥ ମିଶ୍ରଶର୍ମା | ପୁରୀ | ଅଗ୍ରିମ ୫ ୯୧ |
| ବାବୁ ଧ୍ରୁବଚନ୍ଦ୍ର ମଣ୍ଡଳ | କଟକ | „ ୫ ୯୧ |
| „ ବୃନ୍ଦାବନ ପଣ୍ଡା | ନରସିଂହପୁର | „ ୫ ୯୧ |

## ବିଜ୍ଞାପନ ।

ଓଡ଼ିଶାର ଆଗାମୀ ବନ୍ଦୋବସ୍ତର ପ୍ରସଙ୍ଗ ବିବେଚନା କରିବା କାରଣ ଚଳିତମାସ ତା ୯-ରିଖ ରବିବାର ଅପରାହ୍ନ ଘ ୪ ଟା ସମୟରେ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ କୋଠାରେ ଉତ୍କଳସଭାର ଏକ ସାଧାରଣ ଅଧିବେଶନ ହେବ । ସର୍ବସାଧାରଣ ଓ ବିଶେଷତଃ ଜମିଦାରମାନଙ୍କୁ ଏହି ଅଧିବେଶନରେ ଉପସ୍ଥିତ ହେବା କାରଣ ଅତ୍ୟନ୍ତ ବିନୟ ସହିତ ପ୍ରାର୍ଥନା କରୁଅଛୁଁ ।

କଟକ } ଶ୍ରୀ ଗୌରୀଶଙ୍କର ରାୟ
୨।୧୧।୮୯ } ସମ୍ପାଦକ

### NOTICE.

**ORISSA GRADUATES' AND UNDER-GRADUATES' ASSOCIATION.**

Lecturer—Babu Sriram Chandra Bose B L.

Subject—Aim of Life.

Time—5 P. M. Sunday the 3rd. Inst.

Place—Printing Company's Hall.

Gentlemen are respectfully invited to attend.

Cuttack } Akshoy Kumar Ghose,
1—11—89. } *Honorary Secretary.*



## WANTED

A tutor by the Raja of Barpalli Zillah Sumbulpore, salary Rs. 20. None need apply who has not passed the University examination. Candidates are requested to send their application with copies of testimonials to the undersigned.

1—11—89. Gouree Sunker Roy,
Cuttack.

### NOTICE.

Wanted a Sub-Overseer for the Khondmals. Salary Rs. 30 with fixed travelling allowance of Rs. 10 per month. Applications should be made to the undersigned on or before the 15th November 1889. None need apply who does not hold a certificate of the qualifications of a Sub-Overseer and cannot furnish security of Rs. 200 in cash.

KALI PADA MOOKERJI
Asstt. Supdt.
Ty. Mehals

## FOR SALE.

The thatched bungalow with about ten máns of rented land, situated near Tulsipore and lately occupied by Mr. Homan, excellent accommodation, with several out offices, close to Government offices, and with airy situation.

Apply to
MISS BEALE
Cuttack.

## WANTED

A manager for the Temple of Juggernath of Puri. Applications with testimonials of character to be addressed to the Ranee of Puri at Puri. Please write on the cover application for the post of the manager.

M. S. DAS
Pleader and agent
for the Ranee of Puri.


Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ପ୍ରମେହାନ୍ତକ କଷାୟ ।

ଏହି ଔଷଧ ସେବନରେ ସକଳ ପ୍ରକାର ମେହ ରୋଗ ଏକ ସପ୍ତାହ ମଧ୍ୟରେ ଏକାବେଳକେ ଆରୋଗ୍ୟ ହୁଏଇ । ପ୍ରସ୍ରାବ କଲାବେଳେ ଯନ୍ତ୍ରଣା ଥାଇ ପଡ଼ିବା ରକ୍ତ ପ୍ରସ୍ରାବ ଖଡ଼ିଜଳ ପରି ପ୍ରସ୍ରାବ, ଟୋପା ଟୋପା ପ୍ରସ୍ରାବ ପ୍ରସ୍ରାବଦ୍ୱାର ଫୁଲିବା ଓ ଦୁର୍ଗନ୍ଧାଦ ଏକାବେଳକେ ଆରୋଗ୍ୟ ହୁଏଇ ।

ଏକଶିଶିର ମୂଲ୍ୟ ଟ ୧ ପ୍ୟାକିଂ ଟ ୦ ⁄
ଡାକମାସୁଲ ଟ ୦ ।

---

ଲୋମନାଶକ ଚୂର୍ଣ୍ଣ ।

ଏହି ଚୂର୍ଣ୍ଣକୁ ଫେଣାଇ ଲୋମଯୁକ୍ତ ସ୍ଥାନରେ ଲଗାଇ ଦେଲେ ମାତ୍ରକେ ତତ୍‌କ୍ଷଣାତ ବିନା ଯନ୍ତ୍ରଣାରେ ଲୋମମାନ ସେ ସ୍ଥାନରୁ ଉଡିଯିବ । ଏହି ଚୂର୍ଣ୍ଣଦ୍ୱାରା ଦାଢ଼ି ଚଷ, କେଶ ପ୍ରଭୃତି ସ୍ଥାନରୁ ଲୋମ ଉଠାଇଦେବା ଅତି ସହଜ ଅଟେ ।
ଏକଶିଶିର ମୂଲ୍ୟ ଟ ୦ ୱ ପ୍ୟାକିଂ ଟ ୦ ⁄
ଡାକମାସୁଲ ଟ ୦ ।

ଏହା ଛଡ଼ା ସକଳ ପ୍ରକାର ରୋଗର ଔଷଧ ଅଛି । ବିଦେଶରୁ ରୋଗର ଅବସ୍ଥା ସମସ୍ତ ଲେଖି ପଠାଇଲେ ଉକ୍ତ ଉପଯୋଗୀ ବ୍ୟବସ୍ଥା ଦିଆଯାଏ ।

ଚିକିତ୍ସକ ଶ୍ରୀ ଅଧରନାଥ ଶର୍ମା
ନଂ ୨୮ ନମ୍ବର ହରଘୋଷର ଷ୍ଟ୍ରିଟ, ସିମୁଲିଆ
କଲିକତା ।

---

# ଦ୍ୱିଭାଷୀ ।

( ନୂତନ ପୁସ୍ତକ )

ମାଇନର ବର୍ଣ୍ଣାକ୍ୟୁଲର ସ୍କୁଲ ଓ ଏଣ୍ଟ୍ରେନ୍ସ ସ୍କୁଲର ଅଧିକାଂଶ ଶ୍ରେଣୀର ଛାତ୍ରମାନଙ୍କର ଇଂରାଜୀଶିକ୍ଷାପକ୍ଷରେ ଏହି ପୁସ୍ତକ ଅତ୍ୟନ୍ତ ଉପଯୋଗୀ । ଏଥିରେ ପ୍ରାୟ ଦୁଇସହସ୍ର ଅବଶ୍ୟକୀୟ ଓ ନାନାବିଷୟକ ଓଡ଼ିଆଶବ୍ଦର ଇଂରାଜୀ ଅନୁବାଦ, ପ୍ରତ୍ୟେକ ଇଂରାଜୀଶବ୍ଦର ଉଚ୍ଚାରଣ ଓ ପ୍ରତ୍ୟେକ ପୃଷ୍ଠାରେ ଗୋଟିଏ ଲେଖାଏଁ ଇଂରାଜୀ ହିତୋପଦେଶ ଓ ତାହାର ଓଡ଼ିଆ ଅନୁବାଦ ଅଛି । ମୂଲ୍ୟ ଟ ୦ । ଅଣା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

ଆୟୁର୍ବେଦୋକ୍ତ
ନୂତନ

# ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ୍ୟ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

---

ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ !

ସଙ୍ଗୀତ ସାଗର ।

ପ୍ରଥମତରଙ୍ଗ ।

କବିସୂର୍ଯ୍ୟ ବ୍ରଜଗୁରୁ, ବନମାଳୀ, ଉପେନ୍ଦ୍ରଭଞ୍ଜ, ରାମକୃଷ୍ଣ, ଗୋପାଳକୃଷ୍ଣ ଓ ହର ପ୍ରଭୃତି କବିମାନଙ୍କ ରଚିତ ଉତ୍କୃଷ୍ଟ ଏକଶତ ସଙ୍ଗୀତ ସୂଚିପତ୍ର ଓ କଠିନ ଅର୍ଥ ସହିତ ଏକତ୍ରେ ସନ୍ନିବେଶିତ । ଏପ୍ରକାର ପୁସ୍ତକ ସୁଲଭ ମୂଲ୍ୟରେ ଏପର୍ଯ୍ୟନ୍ତ ପ୍ରକାଶ ହୋଇ ନ ଥିଲା । ମୂଲ୍ୟ ଟ ୦ । ମାତ୍ର । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟ ଓ ଅନ୍ୟାନ୍ୟ ପୁସ୍ତକାଳୟରେ ପ୍ରାପ୍ୟ ।

---

ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ⁄ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମଶଙ୍କର ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଏଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରୀ ପଦାର୍ଥ, ବିବିଧପ୍ରକାର ଖେଳଣା, କଲ-ଗାଡ଼ି, ନାମିକ, କୋଟ, ଦେଶୀ ଓ ବିଲାତୀଯୋତା, ନାନାପ୍ରକାରଲୁଗା, ସେଲକାର ଖଟ୍ଟି, କଲ୍, ଛାତ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଏଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କିଣି ଆଣି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କିଣି ପଠାଇବାର ପରିଶ୍ରମ ଇତ୍ୟାଦି ଶତକଡ଼ା ୫ ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୂଲନ ବ ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ଅବରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପରିଚିତ ସ୍ଥାନକୁ ଭାଲୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । ତେବେ ଏତେ ମାତ୍ର କହିପାରୁଁ ଯେ ଆମ୍ଭମାନଙ୍କଠାରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack Stores } ଲଳିତମୋହନ ଚକ୍ରବର୍ତ୍ତୀ
ବିବିଧଦ୍ରବ୍ୟ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

Digitized by srujanika@gmail.com

ଆଲମଗଞ୍ଜ ବଜାର ପୁଲିସ ଏକାଡେମୀସ୍କୁଲ ନିକଟ ଅମ୍ଭ ବସାରେ ଅନେକ ଦିନ ହେଲା ଗୋଟିଏ ବଢ଼ାଇକାରଖାନା ଖୋଲିଅଛୁ ଯେ ତହିଁରେ ପଲଙ୍କ, କୁରୁଚୀ, ଆଲମାରୀ, ଟେବୁଲ ଇତ୍ୟାଦି କାଠପଦାର୍ଥ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ମଧ୍ୟ ହେଉଥିବ ପଦାର୍ଥ ପ୍ରସ୍ତୁତ ହୋଇ ବିକ୍ରୟାର୍ଥେ ରଖାଯାଇଅଛି । ଯେଉଁ ବ୍ୟକ୍ତି କିଛି ପଦାର୍ଥ ନେବାକୁ ଇଚ୍ଛୁକ ହେବେ ଉକ୍ତ ସ୍ଥାନକୁ ଯାଇ ପଦାର୍ଥ ଦେଖି ମୂଲ୍ୟକରି ନେଇପାରିବେ ଅଥବା ଯେବେ କେହି କିଛି ପଦାର୍ଥ ନେବାକୁ ଫରମାସ ଦେବେ ତେବେ ସେ ଫରମାସି ପଦାର୍ଥର ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଦେଇ ଫରମାସ ଦେଲେ ଅତିସତ୍ୱର ସୁସ୍ତାଦରରେ ପାଇପାରିବେ । ଇତି ।

କଟକ ୨୯-୮-୯୫
ଆଲମଗଞ୍ଜବଜାର ଶ୍ରୀ କପିଳେଶ୍ୱର ନନ୍ଦ ।—

## ମେହରୋଗ ।

ଗ୍ରୀଷ୍ମ ସ୍ଥାନଷ୍ଟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଲ୍ଲାର୍ଦ୍ଧ ରୋଗିଣୀଙ୍କ ଶାରୀରିକ ଓ ଆର୍ଥିକ ସାମାଜିକ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତି ।

ଏହି ଔଷଧ ଯଥାନିୟମରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସପ୍ତାହ ସେବିଲେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛି ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଈଶ୍ୱର ଅନୁଗ୍ରହରେ ପରୀକ୍ଷିତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅହେରିଟୋଲା ନଂ ମହ ଭବନରେ ସି, କେ, ସେନ କମ୍ପାନିଙ୍କଠାରେ ଏବଂ କଟକ ବଡ଼ଙ୍ଗବଜାର ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ୧୨୵ ଟା । ପ୍ୟାକିଙ୍ଗ ଓ ଡାକମାଶୁଲ ପୃଥକ

## ବାଲିକାଗଣ ।

ଉଲ୍ଲସିତ ହସ୍ତେ ଦଉରେ ସହର ନିକଟ ଚୌଧୁରୀ ବଜାର ବାବୁ ଗୌରିଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୭ ଓଁ ମାସ | ଟ ୧॥ ୵ | ଦ ୧୬ | ଟ ୦ ୮୭ |
| ୧୭ ଓଁ .. | .. | ଟ ୨୲ | ଟ ୦ ୮୦ |
| ୧୨ ଓଁ .. | .. | ଟ ୨୲ | ଟ ୦ ୦ |
| ୧୦ ଟେଶିକଡେଲିଫଇସ୍ଟେପ .. | | ଟ ୩୲ | ଟ ୦ ୮୭ |

ଗାୟୁତ ବାବୁ ଗୌରିଶଙ୍କର ରାୟଙ୍କର ନିଜଅଧିକାରର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଉଦରଭୋଗୀ ଓ ଭଲ୍ଲା ଓ ଭେଷମାଂସରେର କୁଚୀ ଓ ଶ୍ଳେଷ୍ମନାଶ ଓ ଉଇ ଭଙ୍ଗ ଇତ୍ୟାଦି ସଂଗ୍ରହର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ଭିଦିତ ଅଛି । ଉପଭୋକ୍ତ ଅନ୍ତ ହେଉଥିବ ଫେସନ ଇଲସାନ ଉନ୍ନତ ସକାଶେ ପ୍ରସ୍ତୁତ ଅଛି ତାହା ଚନ୍ଦ୍ର ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାଇବେ । ଏତଦ୍ଭିନ୍ନ ଅମ୍ଭମାନେ ଫଲେନ ଶୀତ ନିମନ୍ତେ ସକାଶେ ଦୋକାନରେ ପ୍ରସ୍ତୁତ କରିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ନିଜସ୍ୱ ଲାଗିବ । ସବ ଉକ୍ତ ଶୀତମାନ ନିଜସ୍ୱ ହେବା ଏବଂ ଅପଣା ମଫସଲ ସକାଶେ ଦରଖାସ୍ତ ହେବେ ଏକ ଗଜକୁ ଟ ଦଶ ଟଂ୧୫ ହିସାବରେ ବଡ଼ାଦେଲେ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଖରିଦାରଙ୍କ ଉପରେ ଥିବ । ଖଣ୍ଡ ହେଲେ ଶୀତଳ ପୁଣ୍ଡ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଇଷ୍ଟହେଲ ।

ଲଲିତ ଶେଖଣା ଓ ଚଳିରେ ସହ ହେଉଛି ଛୁରୀ । ଦଦୀରଖାତ କର୍ପେଟ ତେଲ କଲିକା ଖେଳ ସାମା ଓ ଭୋଜ ସଜ୍ଜ । ନୂଆ ଅର୍ଗାନ କଳସା ଛଡ଼ିବା ଭାରତ ପେନ୍ସିଲ ଓ କଲମ । ହେଡ଼ହିଲ ଜୋତା ଜଳ । କାଚ ପ୍ରକାରର ଓଠିଂ ଭାଷେ ଓ ଇଣାପ ଟେଟ ଘଡ଼ି । ଟେନିସ ବଲି । ଚଷମା ସାବୁନ । ତାରାଦି ସାବାକ ସର୍ବଂରେ ଲୁଗା ଶରୀରର ବୁଝି । ସାଟିନ ଲେସ—ଅର୍ଗାନ ସୁଗନ୍ଧି ଦ୍ରବ୍ୟ । ଅଏଲ କ୍ଲଥ । ଉତ୍ତମ ଖୁଦ ଖଇରା ।

କଫିକ ଅଛ । ଲୋହିତଭାଗ । ବାଲ ଟେବଲ ଓ ଲୁହ ଇଟିଲ ଓ ଖାଟ ଖଟ୍ଟି ଛଟେଟ ବୁଲଫଲଜୁଆ ଏକଫଲ ଜୁତା ହେଲାଏନ ଲଣ୍ଠନ ସ୍ୱର ହେତୁ ଜ୍ଞେନ ଏ, ଗୋଷକ ରସ୍ତେନ କାମିଜ ଓ କୁରୁତା । ବଟନ ଷ୍ଟୀକବୋଟ ଏଡ଼ିବ ଭାରତ । ଅଣ୍ଡମୋନଙ୍କ ଟେଲିକିଲ ଅଛି ଏ ଟେଲିକିଲରେ ଲେଖି ଲେଖନ ପେନ ଲବ୍ ଉଚାଇ ଟେବୁଲ ଟେଲିକିଲ ଲେଖା ଓ ଟଲେ ଟେଡ଼ ଟଗାତ ଅବଲୋକନ କରି କର ଲ ଯାଏ ।

ଟୋର୍ପିଲୁହା ଓ ପିତଳର କେଟଲ ଟେଲ ଓ ଭାତ ଭଟେ ଘଟେ ବୃନ୍ତ ଖାଟ ଲଠାଡ଼ ଲେଡ଼ି ଆଟେଲେ ଅନ ଓ ସୁନ୍ଦର ଭଳା ହେବ । ଆଇନା ଓ୍ୟା ୧୨ × ୧୦ ଇଂ ୧୪ × ୧୨ ଇଂ ୧୬ × ୧୪ .. ଟୋଲା ଓ ଟୋଲାଭଟ ଡବଲ ଏଡ ଲଟଣ୍ଟ ଜଲଗ୍ଲାସ ଭଳା ଓ ସ୍ୱଚ୍ଛ ଟେଟେମ୍ବଲେଜ ।

ଜଟଓ ପାଇବେଟୋଲ ଚିଠା ଲଶିଶ ଟେଡଲ ଲଣ୍ଡ କାଗଜ ଖାତ ମନୁଷ୍ୟମାନ ଟେଲ ବୁ ପେନ୍ସିଲ ଡାକ୍ତରୀ ଯନ୍ତ୍ର ଓ ଲୋଚ ଓ ଲଡ଼ ଲବଙ୍ଗଲାଲ ଓ ଷ୍ଟିଲ ସାଲ ସାଟେଲୋ ଓ ଯାଉ । ସିଲ୍କ କାଡ଼ ଏଣ୍ଡଲୋସ ଅଧିକ ଲମ୍ବା ଏଡ଼ ଲପାଲ ଅଡ଼ର ପଶ୍ଚିମ ଲବଣ କଲଲେ ଲଡ଼କାର ରୁଏ ।

## ପିତଛାର ।

ଏ ଛାରକୁ ନେକୁଆରେ ପାଦରେ ରହି ନିଅଁରେ ଛଇଲାଇ ଦୋଠାକ୍ରମର ପାଟରେ ଦେଲେ ପାଣିଗଲା ବନ୍ଦ ହେବ, ଗଳର ଗଣ୍ଠି ଅଲେ ଲେପିଦେଲେ ମଙ୍ଗଳ ହେବ ଓ ଭୟ ଥିବ ନାହିଁ ।

ଜବିର ଦମଡ଼ା ଓ ଷାଳରେ ଲଗାଇବାକୁ ଭଲ ମଧ୍ୟ ଅଛି ।

ଅଲ୍ପନେତ୍ରିତ କଲ ବଣ୍ଟା

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦୵୧
ଅର୍ଦ୍ଧସ୍ତମ୍ଭ ଟ ୩୲
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୬୲

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ଛପାଇବାର ଖର୍ଚ୍ଚ ଟ ୦୲ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧେକ ଓ ତିନିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କ ଅଗ୍ରୀମ ଦେବାକୁ ହେବ ।

ଏହି ଉତ୍କଳଦୀପିକା ପ୍ରତି ଶନିବାର ପ୍ରକାଶ କରାଯାଏ କଟକ ପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

## ମା ବଡ଼ ନା ବାପ ବଡ଼ ।

ମାବଡ଼ ନା ବାପବଡ଼ ? ଏ ପ୍ରଶ୍ନଟି ଛାତ୍ରମାନଙ୍କର ଉପଯୋଗୀ ନହାନ୍ତ ବାଲ୍ୟ-ବୟସରେ ସେମାନଙ୍କ ସଙ୍ଗେ ପ୍ରଶ୍ନଟିର ମୀମାଂସା କରିବାକୁ ଚେଷ୍ଟା କରିଥିଲୁଁ । ଯହୁଁ ବହୁ ବୟସ-ହେଲା, ସେତେବେଳେ ଜାଣିଲୁଁ ଯେ ବାପଠାରୁ ମା ବଡ଼, କାରଣ ମାତା ଦଶମାସ ଗର୍ଭରେ ଧରିଥିଲେ ଏବଂ ଶିଶୁସମୟରେ ପାଳନ କରିଥିଲେ । କିନ୍ତୁ ପ୍ରଶ୍ନଟିର ଉତ୍ତମ-ରୂପେ ମୀମାଂସା ହେଲ ନାହିଁ । ସନ୍ତାନ ଜନ୍ମ-ହେଲା ମାତ୍ରକେ ଯେବେ ମାତା ମରିଯାଏ, ଏବଂ ପିତା ତାହାର ଲାଳନପାଳନ କରନ୍ତି ସେହି ଅବସ୍ଥାରେ କି ମାତା ବଡ଼ ? ଶୈଶବ, ବାଲ୍ୟ ଓ ଯୌବନ ଗଲା, ତଥାପି ଏହି ପ୍ରଶ୍ନର ମୀମାଂସା ହେଲା ନାହିଁ । ଭାବିଥିଲୁଁ ଯେ ଅମୂଲ୍ୟ ଯେଉଁମାନେ ପାଗଲ, ସେମାନଙ୍କ ମନରେ ଏପରି ଉଦୟ ହୁଅଇ ବର୍ତ୍ତମାନ ଦେଖୁଅଛୁଁ ଯେ ତାହା ନହେଲା । ବଡ଼ବଡ଼ ମୂଳ ଋଷି, ଅଜକାଲରୁ ଯେଉଁମାନେ ଲୋକରେ ପୂଜା ପାଇ ଆସୁଅଛନ୍ତି, ସେମାନେ ସୁଦ୍ଧା ଏହି ପ୍ରଶ୍ନର ମୀମାଂସା କରିବାକୁ ଚେଷ୍ଟା କରିଅଛନ୍ତି ।

କଠିନ ପ୍ରଶ୍ନ ହେଲେ ଅନେକ ଲୋକ ଉପମା ବ୍ୟବହାର କରି ପ୍ରଶ୍ନ ସହଜ କରିବାକୁ ଚାହାନ୍ତି । ସୁତରାଂ ପିତା ବୀଜସ୍ୱରୂପ ଓ ମାତା କ୍ଷେତ୍ରସ୍ୱରୂପ ଏହି ଉପମାର ସୃଷ୍ଟି ହୋଇଅଛି । କିନ୍ତୁ ମୀମାଂସା ସହଜ ହୋଇ ନାହିଁ । କାରଣ ମନୁ କହୁଅଛନ୍ତି ;—

ବୀଜମେକେ ପ୍ରଶଂସନ୍ତି କ୍ଷେତ୍ରମନ୍ୟେ ମନୀଷିଣଃ ।
ବୀଜକ୍ଷେତ୍ରେ ତଥୈବାନ୍ୟେ ତତ୍ରେୟଂ ତୁ ବ୍ୟବସ୍ଥିତିଃ ।

ମନୁ ୧୦ ଅ, ୭୦ ଶ୍ଳୋକ ।

ଅର୍ଥାତ୍ ମନୀଷିମାନଙ୍କ ମଧ୍ୟରୁ କେଏ ବୀଜର, କେଏ କ୍ଷେତ୍ରର ଏବଂ କେଏବା ବୀଜ ଓ କ୍ଷେତ୍ର ଏ ଦୁହିଁଙ୍କର ପ୍ରଶଂସା କରନ୍ତି । ସେହିପରି-ସ୍ଥଳରେ ବକ୍ଷ୍ୟମାଣରୂପ ବ୍ୟବସ୍ଥା ଜାଣିବେ ।

ଏହି ପର୍ଯ୍ୟନ୍ତ ଜାଣିଲୁଁ ଯେ ମନୁଙ୍କ ସମୟ-ପର୍ଯ୍ୟନ୍ତ ବାପ ବଡ଼ ନା ମା ବଡ଼ ଏ କଥାଟିର ମୀମାଂସା ହୋଇ ନ ଥିଲା । ମନୁ କହୁଅଛନ୍ତି " ଶୁଣ, ଅମ୍ଭେ ମୀମାଂସା କରୁଅଛୁଁ ।"

ଅକ୍ଷେତ୍ରେ ବୀଜମୁତ୍ସୃଷ୍ଟମନ୍ତରୈବ ବିନଶ୍ୟତି । ଅବୀଜକମପି କ୍ଷେତ୍ରଂ କେବଳଂ ସ୍ଥଣ୍ଡିଳଂ ଭବେତ୍ ।

ଅର୍ଥାତ୍ କୁକ୍ଷେତ୍ରରେ ନିକ୍ଷିପ୍ତ ବୀଜ ଅଙ୍କୁରିତ ନ ହୋଇ, ମୃତ୍ତିକାଭିତରେ ବିନାଶ ପାଏ ଏବଂ ବୀଜହୀନ କ୍ଷେତ୍ରମଧ୍ୟ ସ୍ଥଣ୍ଡିଳସ୍ୱରୂପ ହୁଅଇ ।

ମୂଳ ପ୍ରଶ୍ନର ଉତ୍ତର ହେଲ ନାହିଁ । ମନୁ ଖୋଲସା ବୋଲିଅଛନ୍ତି ।

ଯସ୍ମାଦ୍ବୀଜପ୍ରଭାବେଣ ତିର୍ଯ୍ୟଗ୍ଜା ଋଷୟୋଽଭବନ୍ । ପୂଜିତାଶ୍ଚ ପ୍ରଶସ୍ତାଶ୍ଚ ତସ୍ମାଦ୍ବୀଜଂ ପ୍ରଶସ୍ୟତେ ।

ଅର୍ଥାତ୍ ଯେତେବେଳେ ବୀଜରୁ ତିର୍ଯ୍ୟଗ୍ଜାତି ବ୍ୟକ୍ତିମାନେ ମଧ୍ୟ ପୂଜିତ ଓ ପ୍ରଶସ୍ତ ଋଷି ହୋଇଥିଲେ, ସେତେବେଳେ ବୀଜ ଏକା ପ୍ରଶସ୍ତ ବୋଲି ସିଦ୍ଧ । ଋଷିଙ୍କ ଔରସରେ ଓ ହରିଣୀ-ଗର୍ଭରେ ଋଷ୍ୟଶୃଙ୍ଗ ମୁନିଙ୍କର ଜନ୍ମ । ଯେଉଁ-ମାନେ ଅଜକାଲି ଡାରୱିନ ସାହେବଙ୍କ ଗ୍ରନ୍ଥ ପଢିଅଛନ୍ତି, ସେମାନେ କହିବେ ଯେ, ମନୁଷ୍ୟ ଔରସରେ ଓ ହରିଣୀର ଗର୍ଭରେ କି ମନୁଷ୍ୟ ଜନ୍ମ ହୁଅଇ ? ହେଉ ବା ନ ହେଉ, ମନୁଙ୍କ ସମୟରେ ଲୋକଙ୍କର ବିଶ୍ୱାସ ଥିଲା ଯେ, ଋଷ୍ୟ-ଶୃଙ୍ଗ ମୁନି ହରିଣୀଗର୍ଭରେ ଜନ୍ମିଥିଲେ । ହରିଣୀ ଅର୍ଥରେ ଅଜକାଲିର ହରିଣୀ ବୁଝିଲେ ଚଳିବ ନାହିଁ । ତେବେ ଆଉ ରାମାୟଣ ପାଠ କରି ହେବ ନାହିଁ । ରାମଙ୍କ ବାନର ସୈନ୍ୟ ଆଉ ଅଜକାଲିର ବାନରଶ୍ରେଣୀରେ ବହୁତ ଅନ୍ତର । ସେ ଯାହା ହେଉ, ବୀଜଗୁଣରେ ହରିଣୀ ଗର୍ଭରେ ଜନ୍ମି ସୁଦ୍ଧା ଋଷ୍ୟଶୃଙ୍ଗ ଋଷି ହେଲେ । ମନୁ ଅନ୍ୟଠାରେ ବୋଲିଅଛନ୍ତି ।

ତପୋବୀଜପ୍ରଭାବୈସ୍ତୁ ତେ ଗଚ୍ଛନ୍ତି ଯୁଗେ-ଯୁଗେ । ଉତ୍କର୍ଷଂ ଚାପକର୍ଷଂ ଚ ମନୁଷ୍ୟେ-ଷ୍ୱିହ ଜନ୍ମତଃ ।

ଅର୍ଥାତ୍ ଇହଲୋକରେ ଜନ୍ମାପେକ୍ଷା ତପସ୍ୟା ଓ ବୀଜପ୍ରଭାବରେ ବର୍ଣ୍ଣୋତ୍କର୍ଷ ଓ ବର୍ଣ୍ଣାପକର୍ଷ ହୁଅଇ ।

ଧର୍ମଲୋକଙ୍କର ଯାହା ହେଉ, ମନୁ ଏସ୍ଥଳରେ ଇହଲୋକର କଥା କହୁଅଛନ୍ତି । ଶତ ଦୁଇଶତ ବର୍ଷଠାରୁ ଇଂରେଜମାନେ ଦେଶ ଛାଡ଼ିରୁ ଦେଶ ଅଧିକାର କରୁଅଛନ୍ତି । ମନୁଙ୍କ ସମୟରେ ହିନ୍ଦୁମାନଙ୍କର ମଧ୍ୟ ସେହିରୂପ ଉନ୍ନ-ତଭାବ ଦେଶଦେଶାନ୍ତରେ ଉଡ୍ଡୀନ ହେଉଥିଲା । ସମାଜରେ ଏହିରୂପ ଜୟଶାଳୀ ଅବ-ସ୍ଥାରେ ବର୍ଣ୍ଣ ବିଗ୍ରହ କରି ଚଳିବାର ଅସମ୍ଭବ । ଭାରତବର୍ଷକୁ ଆସିଲେ ସମୁଦ୍ରଗମନ୍ୟ ସର ଗ୍ରେନ୍ସ ଏଡସନ ଓ ଲର୍ଡ ହତଲିଙ୍ଗ ବ୍ରାହ୍ମଣଙ୍କ ମଧ୍ୟରେ ବଡ଼ ପାର୍ଥକ୍ୟ ନ ଥିଲା । କେବଳ ତାହା ନୁହେଁ । ମନୁଷ୍ୟ ପ୍ରକୃତି ସର୍ବତ୍ର ସମାନ । ଗ୍ରୀସରେ ଓ ମାକେଡୋନିଆରେ ପ୍ରତିବର୍ଷ ଯେପରି ସଙ୍ଗମ ହୋଇଥିବା ବିଦେଶୀୟ ସନ୍ତାନ ଜନ୍ମୁଅଛନ୍ତି, ଭାରତର ଜୟଶାଳୀ ଅବ-ସ୍ଥାରେ ମଧ୍ୟ ସେହିପରି ଆର୍ଯ୍ୟ ବୀଜରେ ଅନାର୍ଯ୍ୟ ଔରସରେ ଅନେକ ସନ୍ତାନ ଜନ୍ମଗ୍ରହଣ କରୁ-ଥିଲେ । ଇଉରେସିୟାନ ଶ୍ରେଣୀ କିଣ, Anglo Indian ବା native ଏହିଶବ୍ଦରେ କଲିକତାର ଡେଲିନ୍ୟୁସ ଏବଂ ପ୍ରୟାଗର ପାୟୋନିୟର ପତ୍ରିକାରେ ଯେପରି ଯୁଦ୍ଧ ଚାଲୁ-ଅଛି, ହିନ୍ଦୁମାନଙ୍କର ଯେତେବେଳେ ଜୟ-ଶୀଳ ଅବସ୍ଥା ଥିଲା, ସେତେବେଳେ ମନୁ-ଆଦି ଋଷିମାନେ ସେହିପରି ଯୁଦ୍ଧ କରି ଏହି ପ୍ରଶ୍ନର ମୀମାଂସା କରିବାକୁ ଚେଷ୍ଟା କରିଥିଲେ । ମନୁ ଏକ ସ୍ଥଳରେ Daily News ର ସମ୍ପା-ଦକ ତୁଲ୍ୟ ଅପର ସ୍ଥଳରେ Pioneer ର ସମ୍ପାଦକ ତୁଲ୍ୟ ମୀମାଂସା କରିଅଛନ୍ତି । କ୍ଷେତ୍ର-ଅପେକ୍ଷା ବୀଜ ପ୍ରଶସ୍ତ, ଜନ୍ମ ଅପେକ୍ଷା ଔରସ-ପ୍ରଶସ୍ତ, ଏହି କଥା ଅନେକ ସ୍ଥଳରେ କହୁ-ଅଛନ୍ତି । ଏହି କାରଣରେ ଅନୁଲୋମଜାତ-ସନ୍ତାନମାନେ ନିଜର ଗୁଣ ହେଲେ ସୁଦ୍ଧା ପିତୃ-ବର୍ଣ୍ଣ ପ୍ରାପ୍ତ ହୋଇଅଛନ୍ତି ।

ଜାତୋ ନାର୍ଯ୍ୟାମନାର୍ଯ୍ୟାୟାମାର୍ଯ୍ୟାଦାର୍ଯ୍ୟୋ ଭବେଦ୍ଗୁଣୈଃ । ଜାତୋଽପ୍ୟନାର୍ଯ୍ୟାଦାର୍ଯ୍ୟା-ୟାମନାର୍ଯ୍ୟ ଇତି ନିଶ୍ଚୟଃ । ୧୦।୬୭

ଅର୍ଥାତ୍ ଆର୍ଯ୍ୟ ଔରସରେ ଅନାର୍ଯ୍ୟ ନାରୀ-ଠାରେ ଜାତ ସନ୍ତାନ ଗୁଣବାନ୍ ହେଲେ ଆର୍ଯ୍ୟ ହୁଅଇ । କିନ୍ତୁ ଅନାର୍ଯ୍ୟ ଔରସରେ ଆର୍ଯ୍ୟ-ନାରୀଠାରୁ ଜାତ ସନ୍ତାନ ନିଶ୍ଚୟ ଅନାର୍ଯ୍ୟ ହୁଅନ୍ତି । ନିଜର ଗୁଣ ହେଲେ ପିତୃବର୍ଣ୍ଣର ଅଧି-କାରୀ ହୋଇ ପାରିବ, କିନ୍ତୁ ନିଜର ଗୁଣ ଥିଲେ ସୁଦ୍ଧା ମାତାର ଉଚ୍ଚବର୍ଣ୍ଣର ଅଧିକାରୀ ହୋଇ ପାରିବ ନାହିଁ । କାରଣ କ୍ଷେତ୍ର ଅପେକ୍ଷା ବୀଜର ପ୍ରଭାବ ଅଧିକ, ଗର୍ଭାପେକ୍ଷା ଔରସର ପ୍ରଭାବ ପ୍ରବଳ । ମନୁ କହୁଅଛନ୍ତି ;—

ତପୋବୀଜପ୍ରଭାବୈସ୍ତୁ ତେ ଗଚ୍ଛନ୍ତି ଯୁଗେ-ଯୁଗେ । ଉତ୍କର୍ଷଂ ଚାପକର୍ଷଂ ଚ ମନୁଷ୍ୟେଷ୍ୱିହ ଜନ୍ମତଃ । ଜାତୋ ନାର୍ଯ୍ୟାମନାର୍ଯ୍ୟାୟାମାର୍ଯ୍ୟା-ଦାର୍ଯ୍ୟୋ ଭବେଦ୍ଗୁଣୈଃ ।

ଅର୍ଥାତ୍ କେବଳ ପିତାର ଗୁଣରେ ତାହାର ବର୍ଣ୍ଣ ନିର୍ଣ୍ଣୟ ହୁଅଇ ନାହିଁ । ତପଃପ୍ରଭାବ ଓ ଗୁଣପ୍ରଭାବ ମଧ୍ୟ ବର୍ଣ୍ଣ ନିର୍ଣ୍ଣୟର ଏକତମ କାରଣ ସତ୍ୟ । ଯେବେ ତାହା ହୋଇ ନ ଥାନ୍ତା,

Split by PDF Splitter



ତେବେ କ୍ଷଣମେଷ ଶୂଦ୍ର ହୋଇଯାଇ ନ ଥାନ୍ତେ ଅଥବା ଜାତି ବର୍ଣ୍ଣ ହୋଇ ପାର ନ ଥାନ୍ତେ ।

ବଢଶୀ ଛନ୍ଦ୍ର ଋଷି ହେଲେ, ଏକ କଥା ଯେପରି ମନୁଙ୍କ ନିକଟରେ ହୁଇ ଏକ ସମ୍ପୃକ୍ତ ଭଲ ଲାଗି ନ ଥିଲା । ତାହା ମଧ୍ୟ ଲେଖିଅଛନ୍ତି ।

ଶୂଦ୍ରାୟାଂ ବ୍ରାହ୍ମଣାଜ୍ଜାତଃ ଶ୍ରେୟସଚେତ୍ପ୍ରଜାୟତେ । ଅଶ୍ରେୟାନ୍ ଶ୍ରେୟସୀଂ ଜାତିଂ ଗଚ୍ଛତ୍ୟାସପ୍ତମାଦ୍ଯୁଗାତ୍ ।

ଅର୍ଥାତ୍ ବ୍ରାହ୍ମଣ ଔରସରେ ଶୂଦ୍ରାଗର୍ଭଜାତ କନ୍ୟାକୁ ଯେବେ ବ୍ରାହ୍ମଣ ବିବାହ କରେ, କନ୍ୟାସନ୍ତାନ ଜନ୍ମେ ଏବଂ ସେହି ସନ୍ତତିକି ବ୍ରାହ୍ମଣ ବିବାହ କରେ—ଏହିରୂପେ ସାତପୁରୁଷ ଯାଏ ଯେବେ କନ୍ୟାକୁ ବ୍ରାହ୍ମଣପୁରୁଷ ବିବାହ କରିଆସେ ତେବେ ସପ୍ତମପୁରୁଷଠାରେ ସନ୍ତତି ବ୍ରାହ୍ମଣ ବୋଲି ଗଣ୍ୟ ହେବ ।

ଏହି କଥାଟା ଠିକ ମନୁଙ୍କ କି ନା, ସନ୍ଦେହସ୍ଥଳ । କାରଣ ତଥାପିର ଭାରତରେ ସିଭିଲସର୍ଭିସ କମିଶନରମାନଙ୍କର ଭୂମିକା ଦେଖୁଅଛୁ । ମହାରାଣୀ ପ୍ରଚାର କରିଅଛନ୍ତି—"We hold ourselves bound to the natives of our Indian Territorries by the same obligations of duty which bind us to all our subjects; and those obligations, by the Blessing of Almighty God, we shall faithfully and conscienciously fulfil. And it is our further will that so far as may be, our subjects, of whatever race or creed, be freely and impartially admitted to offices in our service, the duties of which they may be qualified by their education, ability and integrity duly to discharge."

ମନୁ ମଧ୍ୟ ତାହାହିଁ ବୋଲିଅଛନ୍ତି;—

ତପୋବୀଜପ୍ରଭାବୈସ୍ତୁ ତେ ଗଚ୍ଛନ୍ତି ଯୁଗେ ଯୁଗେ । ଉତ୍କର୍ଷଂ ଚାପକର୍ଷଂ ଚ ମନୁଷ୍ୟେଷ୍ୱିହ ଜନ୍ମତଃ ।

ମହାରାଣୀଙ୍କର ପୂର୍ବେ ପାର୍ଲିମେଣ୍ଟର ନିୟମ କରିଅଛନ୍ତି;—"That no native of the said territories (India) nor any natural born subject of His Majesty resident therein shall be shall, by reason only of his religion, place of birth, descent, color or any of them, be disabled from holding any place, office or employment under the said government."

ମନୁ ମଧ୍ୟ କହିଅଛନ୍ତି;—

ଜାତୋ ନାର୍ଯ୍ୟାମନାର୍ଯ୍ୟାୟାମାର୍ଯ୍ୟାଦାର୍ଯ୍ୟୋ ଭବେଦ୍ ଗୁଣୈଃ ।

ମହାରାଣୀଙ୍କ ପ୍ରଶଂସା ଓ ପାର୍ଲିମେଣ୍ଟର ପ୍ରଶଂସା ଅନେକ ଶୁଣିଅଛୁଁ, କିନ୍ତୁ ଋଷିମାନଙ୍କ ପ୍ରଶଂସା କେହି ଶୁଣାଏ ନା ।

ମହାତ୍ମାଙ୍କ ସିଭିଲସର୍ଭିସ କମିଶନରମାନେ ଭାବିଲେ ଏହି ଉତ୍ତମ କଥା । ତେବେ ଅନ୍ୟ ଭାରତବର୍ଷରେ ଇଂରାଜଙ୍କ ସ୍ୱତନ୍ତ୍ର ହେବ ନାହିଁ । ତେଣୁ ନିୟମ କଲେ, ବିଲାତକୁ ଆସି ପରୀକ୍ଷା ଦେବାକୁ ହେବ । ଏହି ସାମାନ୍ୟ ଫନ୍ଦିରେ ମହାରାଣୀ ଓ ପାର୍ଲିମେଣ୍ଟଙ୍କ ଆଦେଶ ଉଡିଗଲା ।

ନେପୋଲିଅନଭାବରେ ଜାଣ ଯେ ଦେଖୁଅଛୁଁ । ଯେତେ ଗୁଣ ଥିଲେ ଭାରତମାନଙ୍କ ଭୂମି ଭାରତବର୍ଷରେ ଅଧିକାର ହେବ, ଯେତେ ପିତୃପୁରୁଷ ଯୋଗେ ବ୍ରିଟିଶଙ୍କ ଭୂମି ଭାରତବର୍ଷରେ ଅଧିକାର କରିବ, ତେବେ ଆଉ ମହାରାଣୀଙ୍କ ଧର୍ମ ରହିବ କେଉଁଠାରେ ? ତେଣୁ ନିୟମ ହେଲା ।

ଶୂଦ୍ରାୟାଂ ବ୍ରାହ୍ମଣାଜ୍ଜାତଃ ଶ୍ରେୟସା ଚେତ୍ ପ୍ରଜାୟତେ । ଅଶ୍ରେୟାନ୍ ଶ୍ରେୟସୀଂ ଜାତିଂ ଗଚ୍ଛତ୍ୟା ସପ୍ତମାଦ୍ଯୁଗାତ୍ । ମନୁ ୧୦।୬୪ ଶ୍ଳୋକ ।

କମିଶନରମାନେ ବୋଲନ୍ତି, ସିଭିଲସର୍ଭିସର ହୁଅନ୍ତି ଅଦ୍ଭୁତ । ସେହି ସପ୍ତମରେ ତାହାର ଅଗ୍ରଣୀ, ହିନ୍ଦୁ ଜାତିକର ପ୍ରସିଦ୍ଧ ହେଉଅଛି । ଲଣ୍ଡନକୁ ଆସି ପରୀକ୍ଷା ଦିଅ ।

ବ୍ରାହ୍ମଣମାନେ ବୋଲୁଅଛନ୍ତି, ଦ୍ୱିଜ ଗୁଣପ୍ରଭାବରେ ବର୍ଣ୍ଣ ନିର୍ଣ୍ଣୟ ହେଉଥିଲା, କିନ୍ତୁ ସେପରି ଆଉ ନାହିଁ । * ଖାଲି ପ୍ରଭାବରେ ବର୍ଣ୍ଣ ନିର୍ଣ୍ଣୟ ହୁଅଇ ନାହିଁ, ଏପରି ବୋଲୁ ନାହୁଁ । କିନ୍ତୁ ସପ୍ତମପୁରୁଷରେ ଯେ Caste code ଭାଙ୍ଗି ହେଲା, ମନୁଙ୍କ ହୃଦୟ ହୋଇ ଆଉ ଯାହାର ହୃଦୟ ହୋଇ ତାହା ଅତିକ୍ରମ କରିଯିବ ନାହିଁ ।

ଅନେକବ୍ୟକ୍ତି ସ୍ଥିର କଲେ, ବଲିଷ୍ଠ, ତେବେ ବଳଶାଳୀକୁ ସିଦ୍ଧ ବା ସପ୍ତମପର୍ଯ୍ୟନ୍ତ ବ୍ରାହ୍ମଣକୁ କନ୍ୟାଦାନ କରିବା । ତେବେ ତେଲେ ଭଲଲକୁ ଯାଇ ପାର କଲେ—ବ୍ରାହ୍ମଣେ ସ୍ତ୍ରୀପୁରୁଷ କନ୍ୟାଦାନ ଦେଇ ବ୍ରାହ୍ମଣତ୍ୱ ଲାଭ କଲେ ।

ଏଣେ ଋଷିଙ୍କର ବଳ ତେଣେ ଭାରତର ମନ୍ତ୍ରୀ ( Secretary of state ) ଏହି ଅଧିକ ନିବାରଣ ଉପାୟ ଚିନ୍ତା କରିବାକୁ ଲାଗିଲେ । ଋଷିମାନେ ସ୍ଥିର କଲେ ।

ତାବୁଭାବପ୍ୟସଂସ୍କାର୍ଯ୍ୟାବିତି ଧର୍ମୋ ବ୍ୟବସ୍ଥିତଃ । ବୈଗୁଣ୍ୟାଜ୍ଜନ୍ମନଃ ପୂର୍ବ ଉତ୍ତରଃ ପ୍ରତିଲୋମତଃ । ମନୁ ୧୦ ଅ, ୬୮ ।

ଜନ୍ମବୈଗୁଣ୍ୟ ଏହି ପ୍ରତିଲୋମ ବଶତଃ ଅନୁଲୋମ ଓ ପ୍ରତିଲୋମଜାତ ସନ୍ତାନ ଦୁହେଁ ଯାକ ଅସଂସ୍କାର୍ଯ୍ୟ । ମନୁଙ୍କର ସାତପୁରୁଷ ଏବଂ ଶୂଦ୍ରପୁତ୍ର ଉଡିଗଲା । ଇଂରାଜଙ୍କ ମଧ୍ୟ ସେହିପରି । ସିଭିଲସର୍ଭିସର ବୟସ ତ ୧୯ ବର୍ଷ ହେଲା ଏବଂ Accounts, Customs, Forest, Jail, Opium, Postal, Police, Public Works, Registration, Salt and Survey.

ଏହି ସବୁ ବିଭାଗରେ ୨୩୫୭ * ଜଣ ଉଚ୍ଚପଦସ୍ଥଙ୍କ ମଧ୍ୟରେ ତ ୯୮୮ ଜଣ ଦେଶୀଲୋକ ସ୍ଥାନ ପାଇଲେ ।

ଇଂରାଜବାହାଦୁର କହନ୍ତି ବ୍ରାହ୍ମଣ । ବ୍ରାହ୍ମଣପ୍ରବୃତ୍ତି ସର୍ବଦା ଏକପ୍ରକାର କି ନା, ପାଠକଗଣ ବିଚାର କରନ୍ତୁ ।

ମନୁ କହନ୍ତି, ଜନ୍ମପ୍ରଭାବ ଅପେକ୍ଷା ଶିକ୍ଷାପ୍ରଭାବ ପ୍ରବଳ, ସୁତରାଂ ଇଂରେଜୀଶିକ୍ଷିତମାନଙ୍କ ଇଂରାଜତ୍ୱପ୍ରାପ୍ତି ଉଚିତ । ଆଉ କହୁଅଛନ୍ତି 'ସପ୍ତପୁରୁଷର' ନିୟମ ଭାଙ୍ଗି ଦେଲୁଁ; ଯେ ଇଂରେଜୀରେ ସେହି ନିୟମ ରକ୍ଷା କରିବେ, ସେ ଇଂରାଜ ହୋଇପାରିବେ । ମନୁଙ୍କର ଏହି ଫଳ ସ୍ଥିର ରହିଲା ନାହିଁ । ବରଂ ପ୍ରତ୍ୟକ୍ଷ, ଇଂରାଜଙ୍କ ଆଗ ମଧ୍ୟ ପରିବର୍ତ୍ତନ । ତାହା ହୋଇଲେ ଓଁକାର ବାଚସ୍ପତିଙ୍କର ଏହି ଭୂମି ମଧ୍ୟ ଯାଇଥାନ୍ତା । ପଣ୍ଡିତ ଶାସ୍ତ୍ର ବୋଲନ୍ତି, ହାଇକୋର୍ଟର ସବୁ ପଣ୍ଡିତ କର୍ତ୍ତବ୍ୟ; କାରଣ ଜଜସାହେବ ମୂର୍ଖ । ଯେବେ ମନୁ ପ୍ରଭୃତି ମୂର୍ଖ ଥିଲେ, ନା କରିଥିଲେ ପଣ୍ଡିତମାନେ ବ୍ୟବସ୍ଥା ଦେଇ ଜାତିନିର୍ଣ୍ଣୟ କରନ୍ତେ, ଏହି ସ୍ୱଦେଶରେ ମନୁ ଏକ ସ୍ଥଳରେ

ତପୋବୀଜପ୍ରଭାବୈସ୍ତୁ ତେ ଗଚ୍ଛନ୍ତି ଯୁଗେ ଯୁଗେ । ଉତ୍କର୍ଷଂ ଚାପକର୍ଷଂ ଚ ମନୁଷ୍ୟେଷ୍ୱିହ ଜନ୍ମତଃ ।

* ବାହୁ କନାହୁ ? ।

*Vide Report of the Fourth National Congress, page 30.

Digitized by srujanika@gmail.com

Split by PDF Splitter



ଏତଦେଶା ବୋଲି ସୁଜରପି ବଧି ଭଲେ ।

ଭାରୁଭରପ୍ୟଙ୍ଗସ୍ତାର୍ଯ୍ୟାବଚ ଧର୍ମେ ବ୍ୟବ-ସ୍ଥିତଃ । ବୈଶ୍ୟଶ୍ୟାଦ୍ଧନ୍ନଃ ପୂର୍ବ ଜୁତ୍ୱଭଃ ପ୍ରବ-ଲୋମଚଃ ।

ଜନ୍ମବୈଗୁଣ୍ୟଦୋଷରେ ଓ ପ୍ରତିଲୋମ-ବଶରୁ ଅନୁଲୋମଜାତ ସନ୍ତାନ ହେବ ବା ପ୍ରତିଲୋମଜାତ ସନ୍ତାନ ହେଉ ହୁଁହେଁଯାକ ଉପନୟନ ସଂସ୍କାରର ଅଯୋଗ୍ୟ । ବେ ବ୍ରାହ୍ମଣରୋଷାଇଁ ଯେବେ ଉଦଃପ୍ରଭାବ, ଗୁଣ-ପ୍ରଭାବ ଓ ବୀଜପ୍ରଭାବ ଅଛି ରହିଲା ଯେଉଁ-ଠାରେ ? ଏଥିପାଇଁ ବହୁଥିଲୁଁ, ସତ୍ୟଯୁଗର ବ୍ରାହ୍ମଣ ହେଉ ଅବା କଳିର ବ୍ରାହ୍ମଣ ହେଉ ବ୍ରାହ୍ମଣଙ୍କର କୁଟୀଗତ ଛନ୍ଦ ଓ ସଦ୍ଧା ବିଦ୍ୟମାନ ରହିଅଛି ।

ମନୁ ପ୍ରଥମରେ କହିଲେ, ମନୀଷିବ୍ୟକ୍ତିମାନଙ୍କ ମଧ୍ୟରେ କେହି ବୋଲନ୍ତି ବୀଜ ପ୍ରଶସ୍ତ; କେହି ବୋଲନ୍ତି କ୍ଷେତ୍ରପ୍ରଶସ୍ତ; କେହିବା ବୋଲନ୍ତି ବୀଜ ଓ କ୍ଷେତ୍ର ଦୁଇଁ ପ୍ରଶସ୍ତ । ଗସ୍ତ ଲେଖିବାକୁ ବସି ପ୍ରଥମରୁ କହିଲେ, କ୍ଷେତ୍ର ଅପେକ୍ଷା ବୀଜ ପ୍ରଶସ୍ତ; ତହିଁ ଉତ୍ତାରେ କହିଲେ କ୍ଷେତ୍ରଅପେକ୍ଷା ବୀଜ ପ୍ରଶସ୍ତ ହୁଅଇ, ଯେବେ ତଇ ବାୟୁ ଅନୁକୂଳ ହୁଏ—ସନ୍ତାନ ପିତୃବର୍ଣ୍ଣ ପ୍ରାପ୍ତ ହୁଅଇ, ଯେବେ ଗୁଣ ଥାଏ । ତହିଁ ଉତ୍ତାରେ କହିଲେ ତପଃପ୍ରଭାବ ଓ ଗୁଣପ୍ରଭାବ ମିଥ୍ୟା କଥା, ବୀଜ ପ୍ରଶ୍ନଟିମାନଙ୍କୁ, ବନ୍ଧୁ ସପ୍ତପୁରୁଷ କ୍ରମାନୁସୂରେ ବବାହ ଚଳିଲେ, ତେବେ ଶୂଦ୍ରଜାତ ସନ୍ତାନ ବ୍ରାହ୍ମଣ ହେବ । ଅଥ ପ୍ରତିଲୋମ ଜାତ ସନ୍ତାନ ବୀଜପ୍ରଭାବରେ ଅଧମବର୍ଣ୍ଣ ପ୍ରାପ୍ତ ହେବ । "ମା ଅପେକ୍ଷା ବାପ ବଡ଼" ଏହା ଦିଆଗଲା ହେଲା । ଅବଶେଷରେ କହିଲେ, ତେଜଃ-ପ୍ରଭାବ, ଗୁଣପ୍ରଭାବ, କ୍ଷେତ୍ରପ୍ରଭାବ ଏହାସବୁ କନ୍ୟା ନାହିଁ । ଉଭାବତ ଅଭିନ ପାସ ହେଲା ।

ଭାରୁଭରପ୍ୟଙ୍ଗସ୍ତାର୍ଯ୍ୟାବଚ ଧର୍ମେ ବ୍ୟବ-ସ୍ଥିତଃ । ବୈଶ୍ୟଶ୍ୟାଦ୍ଧନ୍ନଃ ପୂର୍ବ ଜୁତ୍ୱଭଃ ପ୍ରବ-ଲୋମଚଃ ।

ଅଭିନ ପାସ ହେଲା ପ୍ରାମାଣ କନୁ ଲେଖକଙ୍କ ମନ ମାନିଲା ନାହିଁ । ତଭୁର ସ୍ଥାପେନ ଉଦ୍ୟମ କଲେ, କେଟିଛି ଲେକ ଇଂରାଜଙ୍କ ବିରୁଦ୍ଧ ହଉଥାନ୍ତେ ନାହିଁ । ଜେଷ୍ଟଭମ ନେ ମେଟେଜ-ଷ୍ଟେଷ୍ଟ ହେଉନ୍ତୁ ଅଥ ଛଇ ହେଉନ୍ତୁ ପଛକେ ସେମାନଙ୍କର ସେ କ୍ଷମତା ରହିଲା ନାହିଁ । ଏହି କାରଣ ଭୂମ୍ନ ଅନ୍ଦୋଳନ—ବୋଲ୍‌ବୋଲ-ଠେଙ୍ଗାବାଡ଼ି-ହେଲା । ଅବଶେଷରେ ଗୋଟାଏ Cncordat ବା ମୀମାଂସା ହୋଇଗଲା । ମହା-ଷଣ୍ଡୀଙ୍କ ପ୍ରଭୃର ବାକ୍ୟ ବଜାୟ ରହିଲା । ଏଠାରେ ମଧ୍ୟ ସେହିପରି ତପଃପ୍ରଭାବରେ ଓ ବୀଜପ୍ରଭାବରେ ବର୍ଣ୍ଣ ନିର୍ଣ୍ଣୟ ହେବ, ଶାସ୍ତ୍ର ପ୍ରଭୃର କଲ, ପୁନଶ୍ଚ ତପୋବଳ ଓ ବୀଜବଳ ସମସ୍ତଇ ମିଥ୍ୟା, ଏହି କଥା ପ୍ରଭୃର କଲେ କେହି ସୂକ୍ଷ୍ମା ତହିଁବେ ଅଣ୍ଡା କଲେ ନାହିଁ । ଅବଶେଷରେ ଅନେକଦିନର ବୋଲବୋଲ-ଠେଙ୍ଗାବାଡ଼ି ଉତ୍ତାରେ ଗୋଟାଏ Concordat ମୀମାଂସା ହେଲା ।

ଶୂଦ୍ରାୟାଂ ବୈଶ୍ୟତୋ ଯଜ୍ଜେ କରଣୋ ନାମ ସଙ୍କରଃ । ବୈଶ୍ୟାୟାଂ ବ୍ରାହ୍ମଣାତ୍ତୋ ହିମ୍ବଷ୍ଠୋ ହିଅ ଗବଦୋ ବଣିକ୍ ।

କାଂସକାରଶଙ୍ଖକାରୌ ବ୍ରାହ୍ମଣାଜ୍ଜଂବଭୂ-ବତୁଃ । ଜଗସ୍ତ ସ୍ୱଜପୁଷ୍ପ ଉଦ୍‌ଧ୍ୟା ଷଡ଼ଭବ-ଭୂବଭୂଃ । କୁମ୍ଭକାରତନ୍ତୁବାୟୌ ସବପଦ୍ମାଂ ବଭୂବତୁଃ । କର୍ମକାରସ୍ତ ବାସସ୍ତ ଦେବଜ୍ଞୋ-ଷ୍ଟ୍ରାବୁବୁବତୁଃ । ବୈଶ୍ୟାବୃତ୍ତୁକ ଦୁଇଗୋ ମାଗଧୋ ଗୋପ ଏବଚ । ଷତ୍ରେୟ ଛନ୍ଦ୍ରକନ୍ୟାୟାଂ ନାଇଗୀଷ ବଭୂବଚ । ବ୍ରାହ୍ମଣ୍ୟାଂ ଷତ୍ରିୟାତ୍ ସୂତୋ ମଲକାରଯ୍ୟୟା ମୂକେ । ବୈଶ୍ୟାତ୍ ଦ୍ୱିଜକନ୍ୟାୟାଂ ଜାତୌ ଛାମ୍ବଟୈଳକୌ । ବଂଶଧ ସଂକର ଏତେ ଜାବାଲେ କଥିତ-ସ୍ତବ । ବୃହଦ୍ଧର୍ମପୁରାଣ ।

କରଣ, ବୈଦ୍ୟ, ଗନ୍ଧବଣିକ୍, କାଂସକାର, ଶଙ୍ଖକାର, ତନ୍ତ୍ର, ସହସ୍ରନ, କୁମ୍ଭକାର, ତନ୍ତୁ-ବାୟ, କର୍ମକାର, ଦୁଇଗ, ମାଗଧ, ଗୋପ, ନାପିତ, ମୋଦକ, ବାରୁଜୀବୀ, ସୂତ, ମାଳା-କାର, ତାମ୍ବୁଳୀ, ତୈଳକ, ଏହି ବଂଶଜ "ଉତ୍ତମାଃ ସଙ୍କର ଏତେ ଜାବାଳେ କଥିତା-ସ୍ତବ" ଉତ୍ତମ ସଂସ୍କାରଯୋଗ୍ୟ ବର୍ଣ୍ଣ ମଧ୍ୟେ ଗଣ୍ୟ ହେଲେ କାହିଁକି ନା ।

ତପୋବୀଜପ୍ରଭାବୈସ୍ତୁ ତେ ଗଚ୍ଛନ୍ତି ଯୁଗେ-ଯୁଗେ । ଉତ୍କର୍ଷଂ ଚାପକର୍ଷଂ ଚ ମନୁଷ୍ୟେଷ୍ୱିହ ଜନ୍ମତଃ ।

କେହି ବୀଜପ୍ରଭାବ, କେହି ଗୁଣପ୍ରଭାବରେ ବର୍ଣ୍ଣୋତ୍କର୍ଷ ଲାଭ କଲେ ।

ଅନୁଲୋମସନ୍ତାନ ବୈଦ୍ୟ, କରଣ ବାରୁଜ, ନାପିତ ଓ ମୋଦକ ଏମାନେ ବୀଜ-ପ୍ରଭାବରେ ଉତ୍ତମ । ଅଥ ପ୍ରତିଲୋମସନ୍ତାନ ମାଳାକାର, ଗୋପ, ତାମ୍ବୁଳୀ ତୈଳକ ଓ ତନ୍ତୁବାୟ ଗୁଣପ୍ରଭାବରେ ଉତ୍ତମ ।

ହିନ୍ଦୁ ଓ ମୁସଲମାନ ରାଜାଙ୍କ ଶାସନ ସମୟରେ ।

ଯସ୍ମାଦ୍ବୀଜପ୍ରଭାବେଣ ତିର୍ଯ୍ୟଗ୍ଜା ଋଷୟୋ ଽଭବନ୍ । ପୂଜିତାଶ୍ଚ ପ୍ରଶସ୍ତାଶ୍ଚ ତସ୍ମାଦ୍ବୀଜଂ ପ୍ରଶସ୍ୟତେ । ମନୁ ୧୦।୧୨ ।

ତପୋବୀଜପ୍ରଭାବୈସ୍ତୁ ତେ ଗଚ୍ଛନ୍ତି ଯୁଗେ-ଯୁଗେ । ଉତ୍କର୍ଷଂ ଚାପକର୍ଷଂ ଚ ମନୁଷ୍ୟେଷ୍ୱିହ ଜନ୍ମତଃ । ଶୂଦ୍ରୋ ବ୍ରାହ୍ମଣତାମେତି ବ୍ରାହ୍ମଣଶ୍ଚୈତି ଶୂଦ୍ରତାଂ । କ୍ଷତ୍ରିୟାଜ୍ଜାତମେବନ୍ତୁ ବିଦ୍ୟାଦ୍ବୈଶ୍ୟାତ୍ତଥୈବଚ ।

ମନୁ ଅ୧୦।୬୫ ଶ୍ଲୋକ ।

ନେଶାଶ୍ଳାକଥାରେ ହିନ୍ଦୁସମାଜଗଠିତ ହୋଇ-ଅଛି । ଅନେକ କ୍ଷୁଦ୍ର ବ୍ରାହ୍ମଣ-ପଣ୍ଡିତ ମନୁଙ୍କ ଶାସ୍ତ୍ର ବ୍ୟର୍ଥ କରିବାକୁ ଚେଷ୍ଟା କରୁଅଛନ୍ତି । କନ୍ତୁ ସେହି ଚେଷ୍ଟା ସଫଳ ହୋଇ ନାହିଁ । ଷ୍ଟେଫେନପ୍ରଭୃତି ଲେକମାନେ ଫଉଜଦାରୀ-କାର୍ଯ୍ୟବିଧି ପରିବର୍ତ୍ତନ କରିପାରନ୍ତି; କନ୍ତୁ ମହା-ରାଣୀଙ୍କ ପ୍ରଭୃର ବାକ୍ୟ Magna charta of India ଉଦ୍ଧୃତକରି ସେମାନଙ୍କ ଷମତାର-ବହିର୍ଭୂତ ।

ଜନେକ ତାନ୍ତବଂଶୀୟ
କନ୍ତୁ ବର୍ଣ୍ଣପରମ୍ପରାଗ ବ୍ୟକ୍ତି ।

———

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଖ ୨୪ ଶ
ସ ୪୪ ସଂଖ୍ୟା

ତା ୧ ଲଗ ମାହେ ନବେମ୍ବର ସନ ୧୮୮୯ ମସିହା । ଓ କାର୍ତ୍ତିକ ଶୁ ୧୦ ... ସନ ୧୨୯୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩॥୰
ପଶ୍ଚାଦ୍ଦେୟ ଟ ୪୲୰

ଅମ୍ଭେମାନେ ସନ୍ତୋଷ ହୋଇ ପାଠକମାନଙ୍କୁ ଜଣାଉଅଛୁଁ ଯେ ବଡ଼ଲାଟ ଶ୍ରୀଯୁକ୍ତ ଲାର୍ଡ଼ ଲାନ୍ସଡାଉନ ( ଯାହାଙ୍କର ପୀଡ଼ାର ସମ୍ବାଦ ଶୁଣି ଭାରତବାସି ସମସ୍ତ ଦୁଃଖିତ ଥିଲେ ) ଆରୋଗ୍ୟଲାଭ କରିଅଛନ୍ତି ଏବଂ ଅନ୍ୟର ମୁଖର ବିଷୟ ଏହା କି ସେ ଆପଣାର ସ୍ୱାସ୍ଥ୍ୟ ଉନ୍ନତି-ଜନିତ ଭାରତବର୍ଷକୁ ସୂଚନା କରୁଅଛନ୍ତି । ତାରସମ୍ବାଦରୁ ଜଣାଯାଏ ଯେ ସେ ଶୀଘ୍ର ଶିମଲାରୁ ଯାତ୍ରା କରି ବମ୍ବେଠାରେ ଜାଞ୍ଜିସ୍ଥ-ନଙ୍କାସଙ୍ଗର କାର୍ଯ୍ୟ ସନ୍ଦର୍ଶନ କରିବେ । ଅମ୍ଭେମାନେ ଏହାକୁ ପ୍ରାର୍ଥନା କରୁଅଛୁଁ କି ଏ ସମ୍ବାଦ ସତ୍ୟ ହେବ ଏବଂ ଭାରତବାସିମାନେ ତାହାଙ୍କୁ ଦର୍ଶନ ଏବଂ ତାହାଙ୍କଠାରେ କୃତଜ୍ଞତା ପ୍ରକାଶ କରି ଧନ୍ୟ ହେବେ ।

---

ଗତ ଓଡ଼ିଆ ଓ ନବସମ୍ବାଦରେ କାଲେଶର ବ୍ରାହ୍ମ ସମାଜର ଡାଇରେକ୍ଟର ସଭାର ଗତମାସ ତା ୨୧ ଦିନର ଅଧିବେଶନର ବିବରଣ ପ୍ରକାଶିତ ହୋଇଅଛି । ତହିଁରୁ ଜଣାଯାଏ ଯେ ଉପାଧ୍ୟାୟ ବାବୁ ଭଗବାନଚନ୍ଦ୍ର ଦାସ ଆପଣା ପିତୃଶ୍ରାଦ୍ଧ ଉପଲକ୍ଷରେ ପୌତ୍ତଳିକମତର ଅନୁଷ୍ଠାନରେ ଯୋଗ ଦେଇଥିବାରୁ ତହିଁର ବିଚାର ହୋଇ ଅବଶେଷରେ ଧାର୍ଯ୍ୟ ହେଲା ଯେ ଭଗବାନ ବାବୁଙ୍କ କାର୍ଯ୍ୟ ବ୍ରାହ୍ମଧର୍ମାନୁମୋଦିତ ନୁହଇ ଏବଂ ଅଧିକାଂଶ ମତରେ ସ୍ଥିର ହେଲା କି ଯେପର୍ଯ୍ୟନ୍ତ ସେ କୌଣସି ବିଶେଷ କାର୍ଯ୍ୟଦ୍ୱାରା ଆପଣାର ଯୋଗ୍ୟତା ନ ଦେଖାଇବେ ସେ ପର୍ଯ୍ୟନ୍ତ ବେଦୀର କାର୍ଯ୍ୟ କରି ପାରିବେ ନାହିଁ । କି ପ୍ରକାର ବିଶେଷ କାର୍ଯ୍ୟଦ୍ୱାରା ଏହି ଅପରାଧର ପ୍ରାୟଶ୍ଚିତ୍ତ ହେବ ତାହା ବୁଝାଯାଉ ନାହିଁ ।

---

ଗତ ଅକ୍ଟୋବରମାସ ତା ୨୬ ଦିନ ଶନିବାର ଦିନ ଡାର୍ଜିଲିଂଠାରେ ଅମ୍ଭମାନଙ୍କର ଲେଫ୍ଟେନାଣ୍ଟସାହେବ ବାହାଦୁର ଏକ ଦରବାର କରି ସର୍ ଜନ୍ ଏଡ଼ଗାରସାହେବଙ୍କୁ କେ, ସି, ଏସ୍, ଆଇ, ଓ ସିକିମ ଅନ୍ତର୍ଗତ ଲୁଡ଼ୁମିର ବଡ଼ା ଲେଦ୍‌ବସ୍ଲଗାରଙ୍କୁ ମହାରାଜା ଉପାଧିମାନ ପ୍ରଦାନ କରିଅଛନ୍ତି । ଏଡ଼ଗାରସାହେବଙ୍କ ଯୋଗ୍ୟତାର ପରିଚୟ ଦେବାର ପ୍ରୟୋଜନ ନାହିଁ ଅଳ୍ପଦିନ ତଳେ ଏଠାକୁ ଆସି ସେ ଉତ୍କଳବାସିଙ୍କର ଯେ ଉପକାର କରିଅଛନ୍ତି ତହିଁନିମନ୍ତେ ଏବା ଅନୁକୂଳ କାଳ ଓଡ଼ିଶାବାସିମାନେ ଅତ୍ୟନ୍ତ କୃତଜ୍ଞ ହୋଇଅଛନ୍ତି । ତାହାଙ୍କୁ ଏ ସମ୍ମାନ ଦଅଯିବାରେ ଉଚିତ ହୋଇଅଛି । ଶେଷୋକ୍ତ ବ୍ୟକ୍ତି ଇଂରାଜଙ୍କର ଜଣେ ପରମଭକ୍ତ ତାହାଙ୍କୁ ସମ୍ମାନଦାନଦ୍ୱାରା ସିକିମରାଜ୍ୟ ସହିତ ଇଂରାଜମାନଙ୍କର ସୌହାର୍ଦ୍ଦ୍ୟ ଅଧିକତର ସ୍ଥାପିତ ହେବ ।

---

ମାନ୍ଦ୍ରାଜରେ ଜଣେ ବ୍ରାହ୍ମଣ ବିଧବାବିବାହ କରିବାରୁ ତାହାର ଜାତି ଗଲା ବୋଲି ଏବଂ ଦେବାଳୟରେ ତାହାକୁ ପ୍ରବେଶ କରିବାକୁ ଦେଲେ ନାହିଁ । ବ୍ରାହ୍ମଣ ଉକ୍ତ ଦେବାଳୟର କର୍ତ୍ତା ନାମରେ ଖେସାରତର ନାଲିସ କଲା । ମୁନସଫ ତାହାକୁ ଡିକ୍ରି ଦେଲେ କିନ୍ତୁ ହାଇକୋର୍ଟରେ ଅପିଲ ହେବାରୁ ମାନ୍ୟବର ଜଜ ମଥୁସ୍ୱାମୀ ଆୟାର ମୁନସଫଙ୍କ ରାୟ ରଦ କରି ଏହି ମତ ପ୍ରକାଶ କଲେ ଯେ ସନ ୧୮୫୦ ଓ ସନ ୧୮୫୬ ସାଲର ଆଇନ ଅନୁସାରେ ହିନ୍ଦୁ ବିଧବା ପୁନର୍ବାର ବିବାହ କଲେ ତାହାର ଉତ୍ତରାଧିକାରତ୍ୱ ଓ ସମ୍ପତ୍ତିର ସ୍ୱତ୍ୱ ନଷ୍ଟ ହେବ ନାହିଁ କିନ୍ତୁ ଉକ୍ତ ଆଇନମାନଙ୍କଦ୍ୱାରା ହିନ୍ଦୁମତର ଅନ୍ୟର ବ୍ୟବହାର କିମ୍ବା ଧର୍ମସଙ୍କ୍ରାନ୍ତ କାର୍ଯ୍ୟମାନ ରହିତ ହୋଇ ନାହିଁ । ହାଇକୋର୍ଟର ଉକ୍ତ ଯଥାର୍ଥ ହୋଇଅଛି ସନ୍ଦେହ ନାହିଁ । ଏଥିରେ ବିଧବାବିବାହ ପକ୍ଷ ବାଧା ଘଟିବ ମାତ୍ର ଗବର୍ଣ୍ଣମେଣ୍ଟ କାହାର ଧର୍ମବିଷୟରେ ହସ୍ତକ୍ଷେପ କରି ନ ପାରନ୍ତି । ଏ ବେଳେ ଅନେକ ଆନ୍ଦୋଳନ ହେବ ବୋଲି ଜଣା ଯାଉ ଅଛି ।

---

ଗତ ସପ୍ତାହର ଅତିରିକ୍ତରେ ପ୍ରକାଶ ହୋଇଥିବା " ମା ବଡ଼ ନା ବାପ ବଡ଼ " ଶିର୍ଷକ ପ୍ରବନ୍ଧଟି ' ନବ୍ୟଭାରତ 'ରେ ପ୍ରକାଶିତ ହୋଇଥିଲା । ସେ ପ୍ରବନ୍ଧ ଜଣେ ବଙ୍ଗପ୍ରଖ୍ୟାତ ବ୍ୟକ୍ତିର ଲେଖା କିନ୍ତୁ ପାଠିକାରେ ପ୍ରକାଶିତ ପ୍ରବନ୍ଧର ଲେଖକ ଆପଣାକୁ

Digitized by srujanika@gmail.com

“ଜନୈକ ଜାତିବିରୋଧୀ ବନ୍ଧୁ କର୍ତ୍ତୃ ପକ୍ଷପାତି ବ୍ୟକ୍ତି ” ବୋଲି ପରିଚୟ ଦେଇଅଛନ୍ତି । ଏହି ଘଟଣାକୁ ସହଯୋଗୀ ଦୀପର ସିଦ୍ଧାନ୍ତ କରୁଛନ୍ତି ସେ ଅନ୍ୟବ୍ୟକ୍ତିର ଏପରି ପ୍ରବନ୍ଧ ଅବିକଳ ପ୍ରକାଶ କରି ସ୍ୱୀକାର ନ କରିବା ଭଦ୍ରତାନୁମୋଦିତ ଏବଂ ସ୍ୱଜାତିର ନୂଆ ବିନୟ-ପ୍ରତିଧ୍ୱାଗତ ବ୍ୟକ୍ତି ଯେବେ ଆପଣାକୁ ଜନୈକ ଜାତିବିରୋଧୀ ଲେଖାଇ ବୋଲି ପରିଚୟ ଦେଇଥିଲେ ତେବେ କହିଁରେ କି କିଛି ଦୋଷ ହେଲା ? ଏ କୁହେଁ ଭଲ ବ୍ୟକ୍ତି ବୋଲି ସହଯୋଗୀ କେଉଁଠାରୁ ପାଇଲେ ? ଅନ୍ୟର ପ୍ରବନ୍ଧ ପ୍ରକାଶ କରି ନାମ ନଦେବାକୁ ଯେବେ ତାହାର ଇଚ୍ଛା ଥାନ୍ତା ତେବେ ସେ ଆପଣାର ପ୍ରକୃତ ନାମ ଲେଖିବାକୁ ପ୍ରବୃତ୍ତ ହୋଇଥାନ୍ତା । ପ୍ରକୃତ କଥା ନ ବୁଝି ଦୋଷାରୋପ କରିବା କି ଭଦ୍ରାନୁମୋଦିତ କାର୍ଯ୍ୟ ? ।

---

ଜାତୀୟ ମହାସଭାର ପଞ୍ଚମଅଧିବେଶନ ବମ୍ବେଇନଗରରେ ଆଗାମୀମାସ ତା୨୬ଖରେ ବସିବ । ଗତ ଡିସେମ୍ବର ମାସରେ ଏଲହାବାଦ ଠାରେ ଏସଭା ବସିଥିଲା ଏଥର ସଭାପତି ଶ୍ରୀଯୁକ୍ତ ଇଉଲ ସାହେବ ହୋଇଥିଲେ । ଆଗାମି ସଭାର ସଭାପତି ସର୍ ଉଇଲିୟମ ବେଡରବର୍ଣ୍ଣ ସାହେବ ହେବେ ବୋଲି ପ୍ରସ୍ତାବିତ ହୋଇଅଛି । ବେଡରବର୍ଣ୍ଣ ସାହେବ ବର୍ତ୍ତମାନ ବିଲାତରେ ଅଛନ୍ତି । ସେ ବହୁକାଳ ଭାରତବର୍ଷରେ କାର୍ଯ୍ୟ କରି ବମ୍ବେଇ ଗବର୍ଣ୍ଣମେଣ୍ଟର ସେକ୍ରେଟରୀ ଏବଂ ବମ୍ବେଇ କୌନସଲର ଜଣେ ମେମ୍ବର ଥିଲେ । କିଛୁଦିନ ସେଠା ହାଇକୋର୍ଟର ଜଜ ମଧ୍ୟ ଥିଲେ । ଏଦେଶରେ କାର୍ଯ୍ୟ କରିବା ସମୟରେ ଦେଶୀୟ ଲୋକଙ୍କର ଜଣେ ପ୍ରଧାନ ବନ୍ଧୁ ଓ ହିତୈଷୀ ଥିଲେ । କେତେକ ବର୍ଷ ହେଲା ସେ ପେନସନ ନେଇ ସ୍ୱଦେଶରେ ରହି ଅଛନ୍ତି । ଏପରି ମହାନୁଭବ ବ୍ୟକ୍ତି ଜାତୀୟମହାସଭାର ସଭାପତି ହୋଇ ଆସୁଅଛନ୍ତି ଅତ୍ୟନ୍ତ ଆନନ୍ଦର ବିଷୟ ଅଟଇ ଏବଂ ଏଥିରୁ ସ୍ପଷ୍ଟ ଜଣାଯାଉଅଛି ଯେ ଭାରତବର୍ଷପ୍ରତି ତାହାଙ୍କର ମମତା ଓ ମଙ୍ଗଳକାମନାର କିଛିମାତ୍ର ହ୍ରାସ ହୋଇ ନାହିଁ ବରଂ ଅଧିକ ପ୍ରବଳ ହୋଇଅଛି ବୋଲି ସେ ଏତେ କଷ୍ଟ ସ୍ୱୀକାରପୂର୍ବକ ଆସୁଅଛନ୍ତି । ଏହାଙ୍କ ସଭାପତିତ୍ୱରେ ଜାତୀୟସଭାର ଗୌରବ ବିଶେଷ ବୃଦ୍ଧି ହେବ ସନ୍ଦେହ ନାହିଁ ।

---

ଓଡ଼ିଶା ଗଡ଼ଜାତ ମହଲମାନଙ୍କର ଗତବର୍ଷର କାର୍ଯ୍ୟସମ୍ବନ୍ଧରେ ମାନ୍ୟବର ସୁପରିଣ୍ଟେଣ୍ଡେଣ୍ଟଙ୍କ ମନ୍ତବ୍ୟ ଅତି ସଂକ୍ଷେପରୂପେ ପ୍ରକାଶିତ ହୋଇଅଛି । ପୂର୍ବପର ପ୍ରତ୍ୟେକ ଗଡ଼ଜାତର ତାହାଙ୍କ କାର୍ଯ୍ୟର ସମାଲୋଚନା ହୋଇ ନାହିଁ । ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟ ସେପରି ରିପୋର୍ଟ କରିଥିଲେ ବୋଲି ତାହା ମନୋନୀତ ହୋଇ ନାହିଁ ଏବଂ ଉକ୍ତସାହେବଙ୍କୁ ସଂକ୍ଷେପ ରିପୋର୍ଟ କରିବା କାରଣ ତାହାଙ୍କୁ ସତର୍କ କରି ଦିଆଯାଇ ଅଛି । ଫସଲ ଲୋକସାନ ବର୍ତ୍ତମାନବର୍ଷରେ ଓଡିଶା ଗଡ଼ଜାତର ପ୍ରଧାନ ଘଟଣା ଏବଂ ଏହିହେତୁରୁ ସକଳ ବାଣୀ ପଡିଅଛି ମୋକଦ୍ଦମା ଓ ଷ୍ଟାମ୍ପ ବିକ୍ରୟ ଊଣା ହୋଇଅଛି ସ୍କୁଲ୍ ଓ ମଦଦୋକାନମାନ ବନ୍ଦ ହୋଇଅଛି ମୂଲିଆଙ୍କୁ ମୂଲ ମିଳୁ ନାହିଁ ଓ ନିର୍ବାହ ହେବାର କାର୍ଯ୍ୟ ମିଳୁ ନାହିଁ ଏବଂ ଲୁଣର କର ଏବଂ ଓଲଉଠା ରୋଗ ବୃଦ୍ଧି ହୋଇଅଛି । କୋର୍ଟ ଅବ୍ୱାର୍ଡ଼ସର ଅଧୀନଥିବା ମୟୂରଭଞ୍ଜ, ବଡ଼ାମ୍ବା ନରସିଂହପୁର ଓ ଢେଙ୍କାନାଳର ବିବରଣ ବିସ୍ତାରିତରୂପେ ଲେଖାଅଛି ଏବଂ ଏହି ଚାରି ଗଡ଼ଜାତର ଆମଦାନୀ ମଧ୍ୟରେ ଅବକାରୀ ରାଜସ୍ୱ କ୍ରମଶଃ ବୃଦ୍ଧି ହେବାର ଦେଖାଯାଏ । ଏହି ଗୁରଗଡ଼ଜାତମଧ୍ୟରୁ ନରସିଂହପୁର ଓ ବଡାମ୍ବାରେ ବିଶେଷ ଏବଂ ଢେଙ୍କାନାଳରେ ସାମାନ୍ୟ ଅନାବୃଷ୍ଟି ହୋଇଥିବା ପ୍ରତିକ୍ଷେ ଅବକାରୀ ରାଜସ୍ୱ କପରି ବୃଦ୍ଧି ହେଲା ଏଥିର କାରଣ ଏହି ମାତ୍ର ବୋଧ ଯାଉଅଛି ଯେ ସରକାରଙ୍କର ପକ୍ଷରୁ କାର୍ଯ୍ୟନିର୍ବାହ ହେବାରେ ମାଦକଦ୍ରବ୍ୟର ବ୍ୟବହାର ବୃଦ୍ଧି ହେଉଅଛି ଏବଂ ଏ ବିଷୟରେ ଗବର୍ଣ୍ଣମେଣ୍ଟ ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କୁ ସ୍ମରଣ କରାଇଦେଇ ଉଚିତ କାର୍ଯ୍ୟ କରିଅଛନ୍ତି ।

---

ବମ୍ବେଇର ମାମଲତଦାରଙ୍କ ଉତ୍କୋଚବିଷୟକ ଆଇନ ବିଧିବଦ୍ଧ ହୋଇଅଛି । ଉକ୍ତ ଆଇନର ମର୍ମ ଏହି କି କ୍ରଫୋର୍ଡ ସାହେବ ମୋକଦ୍ଦମାରେ ମାମଲତଦାରମାନେ ସାକ୍ଷୀସ୍ୱରୂପ ଯାହା ଯୋବାନବନ୍ଦି ଦେଇଅଛନ୍ତି ସେଥିସକାଶେ ସେମାନଙ୍କ ବିରୁଦ୍ଧରେ କୌଣସି ଅଦାଲତରେ କୌଣସି ମୋକଦ୍ଦମା ଚଳିପାରିବ ନାହିଁ । ଏହିସବୁ ମାମଲତଦାରମାନଙ୍କୁ ଘୁଷ ଦେବା ଅପରାଧର ମାମଲତଦାରିପଦରୁ ଖାରଜ ପାଇଲେ ମାତ୍ର ସେମାନଙ୍କୁ କାର୍ଯ୍ୟରେ ରଖିବାବିଷୟରେ ସାଧାରଣମତ ସେପରି ପ୍ରବଳରୂପେ ବ୍ୟକ୍ତ ହେଉଥିବା ଗବର୍ଣ୍ଣମେଣ୍ଟ ସେମାନଙ୍କୁ ଆପଣା କାର୍ଯ୍ୟରେ ରଖିବାକୁ ସ୍ୱୀକୃତ ହେଲେ ନାହିଁ । ଶେଷକଥାଟି ଏହି ହେଲା କି ଯେଉଁମାନେ ବାଧ୍ୟ ହୋଇ ଘୁଷଦେବାର କହୁଅଛନ୍ତି ସେମାନେ କାର୍ଯ୍ୟରେ ରହିବେ କିନ୍ତୁ ଯେଉଁମାନେ ଇଚ୍ଛାପୂର୍ବକ ଘୁଷ ଦେଇ ଗ୍ରହଣ କରିଅଛନ୍ତି ସେମାନେ ଚାକରିରେ ରହିବେ ନାହିଁ ମାତ୍ର ଗବର୍ଣ୍ଣମେଣ୍ଟ ସେହି ଅଭୟପ୍ରଦାନ କରିଥିବାରୁ ସେମାନେ ଯେ ଯେତେ ବେତନ ପାଉଅଛନ୍ତି ତାହା ପାଉଥିବେ ଏବଂ ପେନସନର ସମୟ ହେଲେ ପେନସନ ମଧ୍ୟ ପାଇବେ । ସୁତରାଂ ତାହାଙ୍କର କିଛିମାତ୍ର କ୍ଷତି ହେଲା ନାହିଁ ବରଂ ବିନାପରିଶ୍ରମରେ ବେତନ ପାଇବା ଅଧିକ ଲାଭ ହେଲା । ଗବର୍ଣ୍ଣମେଣ୍ଟଙ୍କର ଏହି କାର୍ଯ୍ୟରୁ ଦୋଷ ଦିଆଯାଇ ନ ପାରେ । କେବଳ ରଫା ହୋଇଅଛି କି ସାମାନ୍ୟରେ ପ୍ରତିଜ୍ଞା ଭଙ୍ଗ ହେଲାବୋଲି ଉତ୍ତରକାଳରେ କେହି ଗବର୍ଣ୍ଣମେଣ୍ଟଙ୍କ ପ୍ରତିଜ୍ଞାରେ ସମ୍ପୂର୍ଣ୍ଣ ବିଶ୍ୱାସ ନ କରିବେ । ଆମ୍ଭେମାନେ ବିବେଚନା କରୁଁ କି ଏପରିସ୍ଥଳେ ପ୍ରତିଜ୍ଞା ରକ୍ଷା ଗ୍ରହଣୀୟ ଅଟଇ । ମାମଲତଦାରମାନେ ଘୁଷ ଦେଇ କାର୍ଯ୍ୟ ପାଇଥିଲେବୋଲି ସେ ଘୁଷ ନେବାକୁ ପ୍ରବୃତ୍ତ ହେବେ ଏମନ୍ତ ବୋଧ ଯାଇ ନ ପାରେ । ବରଂ ଏଣିକି ତାହାଙ୍କଉପରେ ଲୋକଙ୍କର କଠିନ ଦୃଷ୍ଟି ରହନ୍ତା ଓ କିଛିଏ ଅନ୍ୟାୟ କଲେ ତାହା ବାହାରପଡ଼ନ୍ତା ଓ ତହିଁରେ ସେମାନେ କାର୍ଯ୍ୟଚ୍ୟୁତ ହୋଇ ବେତନ ଓ ପେନସନ ହିତରୁ ବଞ୍ଚିତ ହୁଅନ୍ତେ ତେବେ ସରକାରଙ୍କ ମଧ୍ୟ କ୍ଷତିଗ୍ରସ୍ତ ହେବାକୁ ପଡ଼ନ୍ତା ନାହିଁ ।

---

ଜାବଳର ଲକ୍ଷ ।

ଗତ ରବିବାର ଅପରାହ୍ନ କାଳରେ ଏଠା ଗ୍ରାଜୁଏଟ ସଭାର ଗୋଟିଏ ଅଧିବେଶନ ହୋଇଥିଲା । ଏଥର ଅପେକ୍ଷାକୃତ ଅଧିକ ସଭ୍ୟ ଉପସ୍ଥିତ ହେବାର ଦେଖି ଆମ୍ଭେମାନେ ବଡ଼ ଆନନ୍ଦିତ ହେଲୁଁ । କିନ୍ତୁ ଅନେକ ସଭ୍ୟ ବିଳମ୍ବରେ ଆସିଥିଲେ । କ୍ରମାଗତ ଅନେକ ବର୍ଷ ବିଦ୍ୟାଳୟରେ ଯଥା ସମୟରେ ଉପସ୍ଥିତ ହେବାକୁ ଅଭ୍ୟସ୍ତ ହୋଇ ବିଦ୍ୟାଳୟ ତ୍ୟାଗ କରିବାର ଅଳ୍ପଦିନ ପରେରୁ ତାହା ପାସୋରି

ଥିବା ସ୍ଥଳର ନୁହଇ। ବିଶେଷତଃ ଅଜ କାଲି ଘଡିର ମୂଲ୍ୟ ଅତ୍ୟନ୍ତ ଶସ୍ତା ହୋଇଅଛି।

ଏହି ଅଧିବେଶନରେ ବାବୁ ଶ୍ରୀରାମଚନ୍ଦ୍ର ବସୁ ଜୀବନର ଲକ୍ଷ ବିଷୟରେ ଗୋଟିଏ ଦୀର୍ଘ ଇଂରାଜୀ ପ୍ରବନ୍ଧ ପାଠ କଲେ। ଅତି ସଂକ୍ଷେପରେ ତହିଁର ମର୍ମ ଏହିକି ଅତି ପ୍ରାଚୀନ କାଳରୁ ମହାତ୍ମାମାନେ ଭିନ୍ନ୨ ଏବଂ ସ୍ଥଳ ବିଶେଷରେ ପରସ୍ପରର ବିରୁଦ୍ଧ ମତ ପ୍ରକାଶ କରିଥିବା ସ୍ଥଳେ ଏବିଷୟରେ ନିଶ୍ଚୟ ମତ ଦେବା କଠିନ। ତାହାଙ୍କ ସାମାନ୍ୟ ବୁଦ୍ଧିରେ ସେ ବୁଝିଅଛନ୍ତି ଯେ ଶାରୀରିକ ମାନସିକ ଏବଂ ନୈତିକ ଉନ୍ନତି କରିବା ଜୀବନର ଲକ୍ଷ ହୋଇଅଛି। ଏ ସବୁରେ ପୂର୍ଣ୍ଣତା ଲାଭ କରିବା ମନୁଷ୍ୟର ସାଧ୍ୟ ନୁହଇ କାରଣ ମନୁଷ୍ୟ ଅପୂର୍ଣ୍ଣ ତନୁ ଯଥାସାଧ୍ୟ ସେହି ପୂର୍ଣ୍ଣତାର ନିକଟବର୍ତ୍ତୀ ହେବାକୁ ଚେଷ୍ଟା କରିବ। ଉକ୍ତ ତ୍ରିବିଧ ଉନ୍ନତିର ଉପାୟ ସମ୍ବନ୍ଧରେ ଅନେକ ସାରଗର୍ଭ ବ୍ୟାଖ୍ୟା କରି ଜ୍ଞାନାଲୋକ ଏବଂ ପ୍ରେମବଳରେ ସିଦ୍ଧିଲାଭ କରିବାର କହି ପାଠ ଶେଷ କଲେ।

ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରୁ କେତେକ ଜଣ ପ୍ରବନ୍ଧର ପ୍ରଶଂସା କରି ଓ ପ୍ରବନ୍ଧ ପାଠକଙ୍କୁ ଧନ୍ୟବାଦ ଦେଇ ସଂକ୍ଷେପରେ ଆପଣା ଆପଣା ଅଭିପ୍ରାୟ ବ୍ୟକ୍ତ କଲେ। କେହି କହିଲେ ଧର୍ମ କେହି କହିଲେ କର୍ତ୍ତବ୍ୟକାର୍ଯ୍ୟସମ୍ପାଦ କେହି କହିଲେ ଅନ୍ୟର ଅସୁଖ ନ କରାଇ ଆପଣାର ସୁଖ ସମ୍ପାଦନ ଏବଂ କେବେ କେବେ ତ୍ୟାଗ ସ୍ୱୀକାର ଜୀବନର ଲକ୍ଷ ଅଟଇ। ଆଉ ଏକବ୍ୟକ୍ତି ପ୍ରଶ୍ନ କଲେକି ସବୁବେଳେ ତ୍ୟାଗ ସ୍ୱୀକାର କରିବା କି ଭଲ ନୁହଇ? ତହିଁ ଉତ୍ତରରେ କେହି କହିଲେ ଯେ ସବୁବେଳେ ତାହା କଲେ ସଂସାରର ଉନ୍ନତି ହେବ ନାହିଁ ଏହିପରି ତର୍କ ବିତର୍କ ହୁଅନ୍ତେ ସଭା ଭଙ୍ଗ ହେଲା।

ଶିକ୍ଷିତ ଯୁବାମାନଙ୍କର ଏପରି ବିଷୟ ଆଲୋଚନା କରିବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ପ୍ରୀତ ହେଲୁଁ। ଆମ୍ଭମାନଙ୍କର ଆଶା ଯେ ଏପରି ଗୁରୁତର ବିଷୟର ଆଲୋଚନା ଏକଥରରେ ଶେଷ ନ ହୋଇ ଦୁଇ ତିନି ଅଧିବେଶନରେ ହେଲେ ଭଲ ହେବ।

---

### ସରକାରୀ-ଗୁପ୍ତବିଷୟର ଆଇନ।

ସମ୍ପ୍ରତି ଏହି ନାମରେ ଖଣ୍ଡିଏ ନୂତନ ଆଇନ ହୋଇଅଛି। ଏହି ଆଇନର ସୂତ୍ରପାତ ପ୍ରଥମେ ବିଲାତରେ ହେଲା। ଇଂରାଜଙ୍କ ରଣତରୀ ଓ କିଲ୍ଲାର ନକ୍ସା ପ୍ରଭୃତି ଏବଂ ଯୁଦ୍ଧବିଭାଗର ଗୋପନୀୟ ସମ୍ବାଦ କେହି୨ ବିଦେଶୀୟ ଲୋକଙ୍କୁ ଯୋଗାଇବାରେ ତାହା ନିବାରଣ କରିବା ଏହି ଆଇନର ଉଦ୍ଦେଶ୍ୟ। ଏପ୍ରକାର ସରକାରୀ ସମ୍ବାଦ ଯେ କେହି ଅନ୍ୟ କୌଣସି ରାଜ୍ୟର ଲୋକକୁ ଦେବ ସେ ଆଇନ ଅନୁସାରେ ଦଣ୍ଡନୀୟ ହେବ। ବିଲାତର ଏହି ଆଇନ ଭାରତବର୍ଷ ପ୍ରତି ଖଟିଇ ମାତ୍ର ଭାରତବର୍ଷୀୟ ବ୍ୟବସ୍ଥାପକ ସଭା ଭାରତ ଆଇନରେ ତୃପ୍ତ ନ ହୋଇ ସେହି ଆଦର୍ଶରେ ଏ ଦେଶ ସକାଶେ ଗୋଟିଏ ନୂତନ ଆଇନ ଜାରି କରିଅଛନ୍ତି ଏବଂ ତହିଁରେ ବିଧାନ ହୋଇଅଛି କି ସରକାରୀ କୌଣସି ଗୋପନୀୟ ସମ୍ବାଦ ଯେ କେହି ବ୍ୟକ୍ତି ଅନ୍ୟ ବ୍ୟକ୍ତିକି ଦେବ ତାହା ପ୍ରମାଣ ହୁଅନ୍ତେ ଏକବର୍ଷ ପର୍ଯ୍ୟନ୍ତ କାରାବାସ ଦଣ୍ଡରେ ଦଣ୍ଡିତ ହେବେ। ଅନେକ ସରକାରୀ ଗୋପନୀୟ କାଗଜପତ୍ର ଏହି ବର୍ଷ ମଧ୍ୟରେ ନାନା ସମ୍ବାଦପତ୍ରରେ ବାହାରିବାରୁ ତାହା ନିବାରଣାର୍ଥେ ଏପରି ଆଇନ ହୋଇଅଛି ଏବଂ ଏହି ଆଇନ ସେହି ବର୍ତ୍ତମାନ ଭାରି ଅନୁମୋଦନ ଲଭିଅଛି। ସରକାରୀ ଗୋପନୀୟ ସମ୍ବାଦମାନ ଅବଶ୍ୟ ସରକାରୀ କର୍ମଚାରୀଙ୍କ ଯୋଗେ ପ୍ରକାଶିତ ହୁଅନ୍ତି। ଏଥିରୁ ଏହି ସରକାରୀ ମହକୁମାରେ ବଡ଼ଠାରୁ ଛୋଟ ପର୍ଯ୍ୟନ୍ତ ଅନେକ କର୍ମଚାରୀ ଥିବାରୁ ସେ ପ୍ରକାଶ କଲା ତାହାକୁ ଧରିବା ବଡ଼ ସହଜ କଥା ନୁହେ। ସମ୍ଭବତଃ ଏକଜଣ ଦୋଷି କର୍ମଚାରୀ ସକାଶେ ଅନ୍ୟ ଜଣ ବା ଅଧିକ ଜଣ ବିପଦରେ ପଡିବେ ପଶ୍ଚାତ୍ରେ ସାଧାରଣହିତାର୍ଥେ ଯେଉଁ ଗୋପନୀୟ ସମ୍ବାଦ ପ୍ରକାଶ ହେବା ଉଚିତ ତାହା ସୁଦ୍ଧା କେହି ଭୟରେ ପ୍ରକାଶ କରିବେ ନାହିଁ। ଯୁଦ୍ଧସମ୍ବନ୍ଧୀୟ ସମ୍ବାଦମାନ ଗୋପନୀୟ ରହିବା ଅବଶ୍ୟ ଉଚିତ ସେଥିରେ କାହାର ପ୍ରତିବାଦ ନାହିଁ କିନ୍ତୁ ସମସ୍ତ ସରକାରୀ ସମ୍ବାଦ ପ୍ରତି ଆଇନ ହୋଇଥିବାରୁ ଭୟ ହେଉଅଛି ଯେ ସମ୍ବାଦପତ୍ରର ସ୍ୱାଧୀନତା ରହି ପାରିବ ନାହିଁ ଓ କେତେବେଳେ କୌଣସି କାରଣ ଇଚ୍ଛା କଲେ କୌଣସି ସମ୍ବାଦପତ୍ରକୁ ବିପଦରେ ପକାଇ ପାରିବେ। ବିଲାତର ଲୋକମାନେ ପାର୍ଲିମେଣ୍ଟସଭା ଯୋଗେ ଗୋପନୀୟ ସରକାରୀ ସମ୍ବାଦ ପ୍ରକାଶ କରାଇ ପାରନ୍ତି ଭାରତବାସିଙ୍କର ସେ ଅଧିକାର ନାହିଁ ସୁତରାଂ ଏ ଆଇନଦ୍ୱାରା ଅନିଷ୍ଟ ଘଟିବାର କଥା। ତଥାପି ଆମ୍ଭେମାନେ ଆଶା କରୁଁ କି ଗବର୍ଣ୍ଣମେଣ୍ଟ ସାବଧାନ ହୋଇ କାର୍ଯ୍ୟ କରିବାଦ୍ୱାରା ଏହି ଆଇନର କଠୋରତା ଲାଘବ କରିବାକୁ ଏବଂ ଦେଶୀୟ ଓ ଇଂରାଜୀ ସମ୍ବାଦପତ୍ରମାନଙ୍କୁ ସମଦୃଷ୍ଟିରେ ଦେଖିବାକୁ ଯତ୍ନବାନ୍ ହେବେ।

---

### କର୍ତ୍ତବ୍ୟପରାୟଣତା।

ଗତକାଲର ଦୁର୍ଭିକ୍ଷରେ ଯେଉଁ ରାଜାମାନେ ଆପଣା୨ ପ୍ରଜାଙ୍କର ସାହାଯ୍ୟ କରିଅଛନ୍ତି ତହିଁମଧ୍ୟରେ ଅଠମଲିକ ରାଜା ବିଶେଷ ପ୍ରଶଂସା ଲାଭ କରିଅଛନ୍ତି। କହିବୁ ସେ ଏତେ ପ୍ରଶଂସନୀୟ ହେଲେ ସର ଜାନ ଏଡଗାର ସାହେବଙ୍କ ରିପୋର୍ଟରେ ତାହା ବିସ୍ତାରିତରୂପେ ବର୍ଣ୍ଣିତ ହୋଇଅଛି ଏବଂ ସର୍ବସାଧାରଣଙ୍କ ଅବଗତିନିମିତ୍ତ ତହିଁରୁ ଉଲ୍ଲିଖିତ ବିଷୟମାନ ସଙ୍କଳିତ ହେଲା।

ଅନାବୃଷ୍ଟିର ଲକ୍ଷଣ ପ୍ରତ୍ୟକ୍ଷ ହେବାମାତ୍ରକେ ରାଜା ଆପଣା ରାଜ୍ୟର ଲୋକଙ୍କ ବ୍ୟବସାୟ ଓ ଜୀବିକାଅନୁସାରେ ସଂଖ୍ୟା ଗ୍ରହଣ କଲେ ଏବଂ ସରବରାହକାରମାନେ ରାତମଧ୍ୟେ ସମ୍ବାଦ ନ ଦେବାରୁ ରାଜ୍ୟକୁ ୧୫ ଭାଗରେ ବିଭକ୍ତ କରି ଏବଂ ପ୍ରତି ଭାଗ ର ଜଣେ ଲେଖାପଢ଼ା ଜାଣିବା ସରବରାହକାରଙ୍କୁ ନିଯୁକ୍ତ କରି ଦୈନିକ ଅନ୍ନର ବିକ୍ରି ଚାଲିବାରେ ଯେତିକି ପରିବର୍ତ୍ତନ ଘଟିବ ତାହା ଜଣାଇବାର ଆଦେଶ ଦେଲେ। ପ୍ରତ୍ୟେକ ଗ୍ରାମର ସର୍ଦ୍ଦାର ବା ପଧାନପ୍ରତି ଆଦେଶ ହେଲା କି ଯେଉଁଠାରେ ଯେତେ କଙ୍ଗାଳ ପାଇବେ ସେମାନଙ୍କୁ ରାଜାଙ୍କ ଖର୍ଚ୍ଚରେ ସେଠାରୁ ପଠାଇଦେବେ। ଏକାର୍ଯ୍ୟ ସେମାନେ ଯଥାମତେ ନ କରିବାରୁ ରାଜା ଗସ୍ତସମୟରେ ସେମାନଙ୍କମଧ୍ୟରୁ ଯେଉଁମାନେ ବିଶେଷ ତ୍ରୁଟି କରିଥିଲେ ସେମାନଙ୍କୁ ଦଣ୍ଡ ଦେଲେ ଏବଂ ସମସ୍ତଙ୍କଠାରୁ ମୁଚୁଲିକା ନେବାରେ ଯଥାମତ କାର୍ଯ୍ୟ ହେଲା। ଗଡ଼ରେ କଙ୍ଗାଳମାନେ ଅନ୍ନଛତ୍ରରେ ପ୍ରତିପାଳିତ ହେଲେ ଏବଂ କେତେକଲୋକ ମୋଫସଲରେ ମାଗିଖାଇ ପ୍ରାଣରକ୍ଷା ମଧ୍ୟ କରିଥିଲେ। ଗତ ବର୍ଷପୂର୍ବେ ରାଜା ଜଳଦକାର ଟଙ୍କା ସାହାଯ୍ୟକାର୍ଯ୍ୟରେ ଖର୍ଚ୍ଚ କରିଥିଲେ। ଏଥିର ଅର୍ଦ୍ଧାଂଶ ଅର୍ଥାତ ଟ ୩୮୬୯ କା ଧାନଦାଦନ ଦିଆଯାଇଥିଲା। ଅବଶିଷ୍ଟ ଟଙ୍କା ନଗଦରୁଥାର

Split by PDF Splitter

Digitized by srujanika@gmail.com

ଛାଡ଼ଛାଡ଼ିବାର ବାବଦ ସାହାଯ୍ୟକାର୍ଯ୍ୟ କମିଶ ଏବଂ ଖଏରାତରେ ଖର୍ଚ୍ଚ ହୋଇଥିଲା । ଏପରି ସାକ୍ଷିଗୋପାଳଙ୍କର ଧାନ ସଦକର ଗୋଦାମରେ ରଖି ବଜାରଭାବରେ ଲୋକଙ୍କୁ ବିକ୍ରି କରିଥିଲେ । ଗତବର୍ଷ ଅକ୍ଟୋବରୁ ଗତ ଅଗଷ୍ଟ ମାସପର୍ଯ୍ୟନ୍ତ ଏହିପରି ଭାବରେ ଟଙ୍କାର ଧାନ ବିକ୍ରି ହୋଇଅଛନ୍ତି ଏବଂ ଟ ୧୭୮୭୭ ଙ୍କା ସାହାଯ୍ୟକାର୍ଯ୍ୟରେ ବ୍ୟୟ ହୋଇଅଛନ୍ତି ଯଥା ଧାନବାବଦ ଟ ୬୭୬୨୮ ଙ୍କା ନଗଦ ଋଣ ଟ ୩୭୬୩୯ ଙ୍କା ଗୃହଦାନ ଖଏରାତ ଟ ୬୬୫୦ଙ୍କା ସାହାଯ୍ୟକାର୍ଯ୍ୟ କମିଶ ଟ ୩୮୯୯ ଙ୍କା ଏବଂ କର୍ମଚାରୀଙ୍କ ବାବଦ ଟ ୬୬୨ ଙ୍କା । ଗୋଦାମରୁ ନଗଦ ବିକ୍ରିହେବା ହେତୁ ଲୋକଙ୍କୁ ଧାନମୂଲ୍ୟ ଉଠାଇ ମଧ୍ୟ ଦସ୍ତାଖାଇ-ଅଛି । ଏଥିରୁ ପାଠକମାନେ ଦେଖିବେ ଯେ ଅଠମଲିକର ରାଜସ୍ୱ ବାର୍ଷିକ ଟ ୭୦୦୦ ଙ୍କାରୁ ଅଧିକ ନ ଥିବା ଦୃଷ୍ଟିରେ ସେଠା ରାଜା ପ୍ରଜା ମାନଙ୍କୁ ଯେପରି ସାହାଯ୍ୟ କରିଅଛନ୍ତି ଏବଂ ସାହାଯ୍ୟର ବ୍ୟବସ୍ଥା କରିବାରେ ଯେପରି ମନୁଷ୍ୟତା ଓ ବିଚକ୍ଷଣତାର ପରିଚୟ ଦେଇ-ଅଛନ୍ତି ତାହା ଅବଶ୍ୟ ପ୍ରଶଂସନୀୟ ଅଟଇ ଏବଂ ଏଥିପାଇଁ ସେ ଗବର୍ଣ୍ଣମେଣ୍ଟରୁ ପୁରସ୍କୃତ ହୋଇବାର ଯୋଗ୍ୟ ଏଥିରେ ସନ୍ଦେହ ନାହିଁ । ଭରସା କରୁଁ ଅନ୍ୟାନ୍ୟ ରାଜାମାନେ ଏ ବିଷୟରେ ଏହି ଉଦାହରଣରୁ ଉଚିତ ଶିକ୍ଷାଲାଭ କରିବେ ।

---

## ପରୀକ୍ଷକ ନିର୍ବାଚନ ।

ଚଳନ୍ତିବର୍ଷର ମାଇନର, ବର୍ଣ୍ଣାକ୍ୟୁଲର ଓ ଉଚ୍ଚ ପ୍ରାଇମେରି ପରୀକ୍ଷାମାନ ଆଗାମୀ ଜାନୁ-ଆରୀ ମାସ ତା ୨୭ ଦିନରେ ଆରମ୍ଭ ହୋଇ ତା ୩୧ ଦିନରେ ଶେଷ ହେବ । ମାଇନର-ପରୀକ୍ଷାର ଇଂରାଜୀ ସାହିତ୍ୟ ଓ ବ୍ୟାକରଣରେ ଟ୍ରେନିଂ ସ୍କୁଲର ହେଡ଼ମାଷ୍ଟର ବାବୁ ଜଗ-ଦୀଶଚନ୍ଦ୍ର ମଜୁମଦାର, ବର୍ଣ୍ଣାକ୍ୟୁଲର ପରୀକ୍ଷାରେ ଓଡ଼ିଆ ସାହିତ୍ୟରେ ପୁରୀ ଜିଲାସ୍କୁଲର ହେଡ଼-ମାଷ୍ଟର ବାବୁ ହରିବଲ୍ଲଭନାଥ ଘୋଷ, ବ୍ୟାକରଣରେ କଟକ ନର୍ମାଲ ସ୍କୁଲର ଜନୈକ ଶିକ୍ଷକ ଗଦାଧର ତ୍ରିପାଠୀ, ଇତିହାସରେ ପୁରୀ-ଜିଲାସ୍କୁଲର ଜନୈକ ଶିକ୍ଷକ ଶ୍ରୀ ଜଗନ୍ନାଥ-ମିଶ୍ର, ଭୂଗୋଳରେ ରେଭେନ୍‌ସା କଲେଜର ୪ର୍ଥ ଶିକ୍ଷକ ବାବୁ ଶରତଚନ୍ଦ୍ର ମୁଖୋପାଧ୍ୟାୟ, ଅଙ୍କରେ ଇନ୍‌ସପେକ୍ଟରଙ୍କ କିରାଣୀ ବାବୁ ଜଗନ୍ନାଥ ରାଓ ଓ ନର୍ମାଲସ୍କୁଲର ସୁପରିଣ୍ଟେ-ଣ୍ଡେଣ୍ଟ ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀ, କେମି-କଲ୍ ଓ କ୍ଷେତ୍ରପରିମାଣରେ ସର୍ବେସ୍କୁଲର ହେଡ଼-ମାଷ୍ଟର ବାବୁ ଉମେଶଚନ୍ଦ୍ର ଘୋଷ, ଏବଂ ବିଜ୍ଞାନ ଓ ସ୍ୱାସ୍ଥ୍ୟରକ୍ଷାରେ ନର୍ମାଲ ସ୍କୁଲର ଜ-ନୈକ ଶିକ୍ଷକ ବାବୁ ମାଧବଧର ଦାସ, ଏବଂ ଉଚ୍ଚ ପ୍ରାଇମେରି ପରୀକ୍ଷାର ସାହିତ୍ୟ ଓ ବ୍ୟା-କରଣରେ ରେଭେନ୍‌ସା ପ୍ରେସର ମ୍ୟାନେ-ଜର ଶ୍ରୀ ଅଭୟ ଚରଣ ନାୟକ, ବିଜ୍ଞାନ ଓ ସ୍ୱାସ୍ଥ୍ୟ-ରକ୍ଷାରେ ମିସନ ହାଇସ୍କୁଲର ୨ୟ ଶିକ୍ଷକ ଶ୍ରୀ ସାଧୁଚରଣ ରାୟ, ଇତିହାସରେ ପ୍ୟାରିମୋ-ହନ ଏକାଡେମୀର ୨ୟ ଶିକ୍ଷକ ଶ୍ରୀ ଶୈଳେନ୍ଦ୍ର-ନାଥ ଘୋଷ, ଭୂଗୋଳରେ ଏକାଡେମୀର ଜନୈକ ଶିକ୍ଷକ ଶ୍ରୀ ଗଗନବନ୍ଧୁ ଦାସ, ଅଙ୍କରେ ଇନ୍‌ସପେକ୍ଟରଙ୍କ ୨ୟ କିରାଣୀ ବାବୁ ଯୋ-ଗେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ ଏବଂ ବାଲେଶ୍ୱର ଜିଲାସ୍କୁଲର ଜନୈକ ଶିକ୍ଷକ ବାବୁ ଗୋପୀ-ନାଥ ଦତ୍ତ ଏବଂ କେମିକଲ୍ ଓ କ୍ଷେତ୍ରପରିମା-ଣରେ ଟ୍ରେନିଂସ୍କୁଲରଜନୈକ ଶିକ୍ଷକ ଶ୍ରୀ ଭଗବାନ ଦାସ ପରୀକ୍ଷକ ପଦରେ ନିର୍ବାଚିତ ହୋଇ ଅଛନ୍ତି ।

ଉପରଲିଖିତ ପରୀକ୍ଷକ ନିର୍ବାଚନ ଆମ୍ଭମା-ନଙ୍କ ବିବେଚନାରେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ହୋଇ ନାହିଁ । ଇନ୍‌ସପେକ୍ଟରଙ୍କ ଅଧୀନସ୍ଥ ଯୋଗ୍ୟତା ବିବେଚନା କରି ନିର୍ବାଚନ କରିଥିବେ ବଲୁ ହେବାର ଯୋଗ୍ୟ ହେବା ଯଥେଷ୍ଟ ନୁହଇ ଯାହାଙ୍କ ଯୋଗ୍ୟତାରେ ସର୍ବସାଧାରଣଙ୍କର ବିଶ୍ୱାସ ହେବ ସେପରି ଲୋକ ନିର୍ବାଚନ ହେବା ଉଚିତ । ବର୍ତ୍ତମାନ ସମୟରେ ଓଡ଼ିଶା-ରେ ବି ଏ, ଏଫ୍‌, ଏ, ପ୍ରଭୃତି ପାସକରିବା ଲୋକଙ୍କ ସଂଖ୍ୟା ଊଣା ନୁହଇ ଏବଂ ଏମାନଙ୍କ ମଧ୍ୟରୁ ଅନେକ ଲୋକ ସରକାରୀ ବା ଅର୍ଦ୍ଧସର-କାରୀ କାର୍ଯ୍ୟରେ ଉଚ୍ଚପଦସ୍ଥ ଅଧିକାର କରି କର୍ତ୍ତବ୍ୟପରାୟଣତା ଓ ଦାୟିତ୍ୱ ବୋଧର ଉତ୍ତମ ପରିଚୟ ଦେଉ ଅଛନ୍ତି । ଏପ୍ରକାର ଲୋକ ପରୀକ୍ଷକ ହେବାକୁ ଯେବେ ଅସମ୍ମତ ହୋଇଥାନ୍ତି ତେବେ ସାମାନ୍ୟ ଅବସ୍ଥାର ଲୋକଙ୍କ ନିର୍ବାଚନ ଅନ୍ୟାୟ ବୋଲିଯିବ ନାହିଁ । ଅନ୍ୟଥା କୋଇବାକୁ ହେବ ଯେ ବ୍ୟକ୍ତିବିଶେ-ଷରେ ଲାଭ ଦୃଷ୍ଟିରେ ଏପରି ହୋଇଅଛି । ମାତ୍ର ଏଥିର ଲାଭ କରାଇବାଠାରୁ ଯୋଗ୍ୟତା-କ୍ରମେ ପଦବୀ ଦେବା ଯୁକ୍ତିଯୁକ୍ତ ଅଟଇ । ଉକ୍ତ ବାବୁ ଗୋପାଳବନ୍ଧୁ ଦାସ କଟକ ଲିଟି ଗତବର୍ଷ ପରୀକ୍ଷକ ହୋଇଥିଲେ । ଏଥର ତାହାଙ୍କର ନାମ ପୋଛି ଗଲା କାହିଁକି ?

---

# ସାପ୍ତାହିକସମ୍ବାଦ ।

ଶୀତଋତୁ ପ୍ରବେଶ ହୋଇଅଛି ମାତ୍ର ଏହାପ୍ରାତରେ ଶୀତ ଊଣା ଅଛି ।

ଗତ ଗୁରୁବାର ଏ ନଗରର ବାଣିଯାତ୍ରା ଗତବର୍ଷ ପରି ଅନୁଷ୍ଠ ନରେ ନ ହୋଇ ନଦୀର ତୀରରୂପେ ଗଡଗଡ଼ିଆଠାରେ ହୋଇଥିଲା ଏବଂ ଅନେକ ରାତ୍ରି ହୋଇଥିଲା । ସାଗ ଭାଲ ଥିବା ସୁଦ୍ଧ ଦୁଇପ୍ରହର ପର୍ଯ୍ୟନ୍ତ ସଂକୀର୍ତ୍ତନ ଚାଲିଥିଲା ।

ଶ୍ରୀ ଯୁକ୍ତ କମିଶ୍ନର ସାହେବ ଜେନେରେଲ ଗଡ଼ଜାତ ଗସ୍ତକରି ଗତ ଗୁରୁବାର ଏଠାକୁ ଫେରି ଆସିଅଛନ୍ତି ।

ଏଠା ଡେପୁଟୀକଲେକ୍ଟର ବାବୁ ଜଗନ୍ନାଥ ସ୍ୱର୍ଣ୍ଣ ଆଗା-ମୀମାସ ଅବସ୍ଥାକୁ ପେନସନ ନେବାର ପ୍ରାର୍ଥନା କରିଅଛନ୍ତି ।

ସମ୍ବାଦ ଲେଖିଅଛନ୍ତି କି ଏଠାରେ ମୁଣ୍ଡମାଳରେ ଯେଉଁ ବଧବା ବହାର ଦେଖାଇ ଭଣ୍ଡା ଏହି ଉତ୍କଳ ଦେଶର ନାମ ପ୍ରସନ୍ନକୁମାର ମିତ୍ର ଜବାବ ବାଲେଶ୍ୱର । ବିନା ଏଠାରେ ଜନ୍ମିତ ବୟସ ବ ୧୦୬ ର୍ଥ । ବର୍ତ୍ତମାନ ସେ ମଧ୍ୟ ବାଲେ-ଶ୍ୱରରେ । ସେଠାରେ ବ୍ରାହ୍ମଣମାନଙ୍କ ବେଶ୍ୟ ରେଣ୍ଟାର ନ ଥିବାରୁ ଏକଗରରୁ ବାହାରହେବାରୁ ଅସିଅଛନ୍ତି ବୋଲି କଥିତ ହୁଅଇ ସୁତରାଂ ପ୍ରକୃତରେ ଏ କଥାର ନିଶ୍ଚୟ ନୁହଇ ।

ଗତ ବୁଧବାର ଭଙ୍ଗାଭାଗୁର ଶୋଥୁବଳ ନାମରେ ଫୌଜଦାରି ମୋକଦ୍ଦମା ବଣ୍ଟନ ହେବାର ଥିଲା । ଆସାମୀ-ମାନେ ହାଇକୋର୍ଟରେ ମୋସନ କରିବେ ବୋଲି ପ୍ରାର୍ଥନା କରିବାରୁ ମାଜିଷ୍ଟ୍ରେଟସାହେବ ହୁଇସପ୍ତାହ ମୁଲତବୀ ଦେଇ-ଅଛନ୍ତି । ଚଳିତମାସ ତା ୨୧ ଦିନରେ ମୋକଦ୍ଦମାର ବିଚାର ହେବ ।

ଏଠା ପୋଲିସ ହେଡ଼ କିରାଣୀ ବାବୁ କାଳୀଚରଣ ରାୟ ଓ ସବ୍ ଇନ୍‌ସପେକ୍ଟର ନନ୍ଦକୁମାର ଦାସଙ୍କ ନାମରେ ଉପରୋକ୍ତ ମୋକଦ୍ଦମା ନାଁ ଗତ ବୁଧବାର ବିଚାର ହୋଇଥାନ୍ତା କିନ୍ତୁ ଆସାମୀମାନଙ୍କ ମୋସନ ମତେ ହାଇକୋର୍ଟରୁ ମାଜି-ଷ୍ଟ୍ରେଟସାହେବଙ୍କ ଉପରେ ରୁଲ ଜାରି ହୋଇଥିବାରୁ ମୋକଦ୍ଦମା ସ୍ଥଗିତ ରହିଲା ।

ଆଗାମୀ ବଳେଶ୍ୱର ରବିବାର ଅପରାହ୍ନ ୨ ଘ ଣ୍ଟା ସମୟରେ ବାଲ୍ୟସମାଜର ଅଧିବେଶନ ହେବ । ପଣ୍ଡିତ ଶ୍ରୀ ଦେବେନ୍ଦ୍ର-ନାଥବିଦ୍ୟାଭୂଷଣ ଉପଦେଶ ପ୍ରଦାନ କରିବେ ।

ବର୍ତ୍ତମାନ ଓଡ଼ିଶାରେ ପୂର୍ବ ବିସୂଚିକାରୋଗ ଏ ନଗରର ସ୍ଥାନ ବିଶେଷରେ ଦୃଷ୍ଟ ହେଉଅଛି । ଏଠା ବାଙ୍ଗାଳୀ ଚେଲିଆପଡ଼ା ସୂତାହାଟ ଓ ପଟ୍ଟନାଯକ ମାନଙ୍କରେ ପ୍ରବଳ ଆକାର ଦେଖାଯାଉଅଛି । କିନ୍ତୁ ମୃତ୍ୟୁ ସଂଖ୍ୟା ସାମାନ୍ୟ ହେଉଥିବାରୁ କେବଳ ପ୍ରାଦୁର୍ଭାବ ବିଶେଷରୂପେ ଜଣାଯାଇ ନାହିଁ । ଇତିମଧ୍ୟରେ ଏଠା କେନ୍ଦ୍ରରକ୍ଷିତ ପ୍ରିଣ୍ଟିଂଲରେ ମଧ୍ୟ ଗୋଟିଏ ଛାତ୍ରକୁ ଲକ୍ଷ୍ମ ରୋଗ ଆକ୍ରମଣ କରିଥିଲା । ତାହା ହେଉ ସାମୟିକ ଚିକିତ୍ସାରେ ଉପସ୍ଥିତ ହେଲା ଆରୋଗ୍ୟଲାଭ କରି ଅଛି ।

## କଲିକତା—ଗେଜେଟ୍ ।

ସବ୍‌ଡେପୁଟୀ କଲେକ୍ଟର ବାବୁ ବନମାଳୀ ଘୋଷ ଗତ-ସେପ୍ଟେମ୍ବର ମାସ ତା ୨ ଦିନରୁ ବୋର୍ଡ଼ରେ ଅବସ୍ଥାପିତ ହେଲେ ।

Split by PDF Splitter

Digitized by srujanika@gmail.com

ବାଲେଶ୍ୱରଜିଲ୍ଲା ସ୍କୁଲର ତୃତୀୟ ଶିକ୍ଷକ ବାବୁ ହରପ୍ରସାଦ ଦାସ ଉକ୍ତ ସ୍କୁଲର ୨ୟ ଶିକ୍ଷକ ବାବୁ ଇଶ୍ୱର ପ୍ରସାଦ ପାଣ୍ଡେଙ୍କ ଅନୁପସ୍ଥିତ କାଳରେ ୨ୟ ଶିକ୍ଷକ କାର୍ଯ୍ୟ କରିଥିଲେ ।

ବାବୁ ରଘୁନାଥ ସେଠ ସବ୍‌ଇନ୍‌ସ୍ପେକ୍ଟରଙ୍କ ଛୁଟି ନେଇଅଛନ୍ତି ।

ସନ ୧୮୭୮ ମସିହାର ସାମୁଦ୍ରିକ କଷ୍ଟମ ଆଇନର ଧା ୧୯ ଅନୁସାରେ ଚନ୍ଦନନଗରର ଫ୍ରାନ୍‌ସିସ୍ ଜାମଖେସ୍ ଇଂରେଜ ସମ୍ବାଦପତ୍ର ହୋଇଅଛି ଇଙ୍ଗ୍ଳଣ୍ଡୀୟ ପ୍ରତିନିଧି ଦ୍ୱାରା ଭାରତବର୍ଷମଧ୍ୟରୁ ଯନ୍ତ୍ରମାନଙ୍କ ଅଥବା ସ୍ଥାନମାନଙ୍କ ନେବା ଓ ଆଣିବାର ନିଷେଧାଜ୍ଞା ବାହାରିଛି ସମ୍ବାଦ ପ୍ରକାଶ କରିଅଛନ୍ତି ।

ପୁରୀ ମିଉନିସିପାଲିଟିର ବର୍ତ୍ତମାନ ସୀମା ସଂଶୋଧିତ ହୋଇ ସଂଶୋଧିତସୀମାର ବିବରଣ ପ୍ରକାଶିତ ହୋଇ ଅଛି ।

---

ଗତ ଅକ୍ଟୋବର ମାସ ତା ୨୪ ଦିନରେ ସହୋରଠାରେ ମୁସଲମାନମାନେ ଏକ ହିନ୍ଦୁଙ୍କୁ ବଧ କରି ମୁସଲମାନମାନଙ୍କ ମଧ୍ୟରେ ମୃତ୍ୟୁ ଓ ଦଙ୍ଗାହଙ୍ଗାମା ଲକ୍ଷରେ ଗଢ ଭଣ୍ଡ କରିବାର ଅନେକତା କରିଥିବାର ସମ୍ବାଦ ମିଳଇ । ସବୁଦିଗରେ ସର୍ବଜାତୀୟଙ୍କ ମଧ୍ୟରେ ଏକତ୍ର ଶାନ୍ତି ବଢ଼ୁଥିବାର ଦେଖାଯାଏ ମାତ୍ର ଏହିପରି ଲୋକେ ସ୍ଥାନେ ଉପଦ୍ରବ କରି ଦେଖାଇଲେ ଏପରି ସଦ୍ଭାବନାର ଭଙ୍ଗ ଫଳ ହେବାର ଆଶା କରିବା ବୃଥା ।

ଗ୍ରୀସଦେଶର ଯୁବରାଜଙ୍କ ସହିତରେ ଜର୍ମାନୀ ସମ୍ରାଟ୍ଟୀ ପ୍ରିନ୍‌ସେସ୍ ସୋଫିଙ୍କର ଶୁଭବିବାହ ଗତ ଅକ୍ଟୋବର ମାସ ତା ୨୭ ଦିନରେ ସମ୍ପନ୍ନ ହୋଇଥିବାର ସମ୍ବାଦ ମିଳଇ । ଆନନ୍ଦ ନଗର ଅତି ସୁନ୍ଦରରୂପେ ସୁସଜ୍ଜିତ ହୋଇଥିଲା । ୟୁରୋପୀୟ ଭାବଗ୍ରାହୀ ରାଜାମାନଙ୍କ ସୁକୁମାରୀ ସୁନ୍ଦରରୂପେ ସମ୍ମିଶ୍ର ଜନତାରେ ସୁସଜ୍ଜିତ ହୋଇ ରହିଥିଲା । ଜର୍ମାନର ସମ୍ରାଟ୍ ୱିଲିୟମ, ରୁଷିଆମାନଙ୍କର ଯୁବରାଜ ଏବଂ ଅନ୍ୟାନ୍ୟ ୟୁରୋପୀୟ ରାଜବଂଶୀୟ ଲୋକେ ଏହି ବିବାହମଙ୍ଗଳରେ ଉପସ୍ଥିତ ଥିଲେ ।

ଇଷ୍ଟ ଇଣ୍ଡିଆ ରେଲୱେରେ ଏକ ରେଲଗାଡ଼ି କଲିକତାଠାରୁ ୮୦୭ ମାଇଲ ଦୂରବର୍ତ୍ତୀ ଟୁଣ୍ଡଲାଠାରେ ରେଲ ବାଟରୁ ବାହାରିଯାଇ ପଡ଼ିଥିବାରୁ ଡ୍ରାଇଭର ଓ ୧୮ ଜଣ ଲୋକଙ୍କର ପ୍ରାଣ ବିନାଶ ହୋଇଅଛି ଏବଂ ଅପର ୪୨ ଜଣ ଗୁରୁତର ଅଘାତପ୍ରାପ୍ତ ହୋଇଅଛନ୍ତି ଏମାନଙ୍କ ମଧ୍ୟରୁ ଅନେକଙ୍କର ବଞ୍ଚିବାର ଅତି ଆଶା ନାହିଁ ।

ଲଣ୍ଡନଠାରୁ ଅସିଥିବା ଗତ ଅକ୍ଟୋବରମାସ ତା ୩୦ ଦିନର ତାରସମ୍ବାଦରୁ ପ୍ରକାଶ ଯେ ଡାକୋଟାଠାରେ ହଠାତ୍ ପ୍ରବଳ ତୁଷାର ପତନ ହେବାରେ ପ୍ରାୟ ଏକଲକ୍ଷ ମେଷ ନଷ୍ଟ ହୋଇଯାଇଅଛନ୍ତି ।

ଇଙ୍ଗ୍ଳଣ୍ଡର ମାନ୍ୟବର ଲେଫ୍ଟେନାଣ୍ଟ କାପ୍ତାନ ଗତ ମାସ ତା ୧ ଦିନରେ ଭାଇନାଲଂଠାରୁ ହିମାଳୟ ଶୃଙ୍ଗ ଭ୍ରମଣ କରିବାକୁ ଯାତ୍ରା କରିଅଛନ୍ତି । ଉକ୍ତ ଜାହାଜ କରେ "ଚଲେଞ୍ଜର" ନାମ ତା ୧୬ ଦିନରେ ଜଳପାଇଗୁଡ଼ିରେ ଏବଂ ସେଠାରୁ ବାହାରି ତା ୧୮ ଦିନରେ କଲିକତାରେ ପ୍ରବେଶ କରିବେ ।

ଇଟାଲି ପଥରକୋଇଲା ଖଣିରେ ଅଗ୍ନି ଲାଗି ୫୦୦ ଜଣ ଲୋକ ମାରା ପଡ଼ିଅଛନ୍ତି ।

ନେପାଳର ତରଫରୁ ବର୍ତ୍ତମାନ କାବୁଲୀସମ୍ବନ୍ଧୀୟ ଲୋକମାନଙ୍କରେ ବୃଦ୍ଧି ଏବଂ ରାଜ୍ୟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଅଛି । ବଡ଼ ଅସମ୍ଭବ ବିଷୟ ଯେ ଏହି ମଧ୍ୟରେ ସେ ସମସ୍ତଙ୍କଠାରେ ପ୍ରଚୁର ବୃଷ୍ଟି ହୋଇ ଫସଲର ବିଶେଷ ଉପକାର କରିଅଛି ଏବଂ ଅନ୍ନକଷ୍ଟର ସମ୍ଭାବନା ଏକାବେଳକେ ଦୂର ହୋଇଅଛି ।

ଉତ୍ତର ପଶ୍ଚିମର କାପ୍ତାନମାନେ ସୁଲତାନଙ୍କ ଉଦ୍ଧାରନିମିତ୍ତ କାଶ୍ମୀରଠାରେ ସଜ୍ଜ କରି ସ୍ଥିର କରିଅଛନ୍ତି ସେ ସ୍ଥିର ଓ ଅଧିକ ସେନାମାନଙ୍କର ଅବସ୍ଥାନର କାରଣ ଅଟଇ । ଏଥିରୁ ଜଣେ କାପ୍ତାନ ଗୋଟିଏ କାପ୍ତାନବନ୍ଦେଲର ସ୍ଥାପନନିମିତ୍ତ ଅନେକ ଟଙ୍କା ଦାନ କରିଅଛନ୍ତି ।

ଜାନୁଆରୀର ଲଜପତମାନେ ମଧ୍ୟ ସମାଜ ସଂସ୍କାରରେ ଦୃଢ଼ ହୋଇ ଗତବର୍ଷ ପରି ଜଳ ଦ୍ୱିଷ୍ଟ ବିଳାପର ବାଦ୍ୟ ସଙ୍ଗତ ଏବଂ ବାଲ୍ୟବିବାହ ନିବାରଣ ପକ୍ଷରେ ଚେଷ୍ଟା କରୁଅଛନ୍ତି ।

ତନ୍ତ୍ରମତ ଅବସ୍ଥା ଭଲ ହେବାରୁ ସାହାଯ୍ୟଦାନ କ୍ରମଶଃ ଊଣ ହୋଇ ଆସୁଅଛି । ଗତମାସ ତା ୨୭ ଦିନରେ ଶେଷ ହେବା ସପ୍ତାହରେ ଅନ୍ନସତ୍ରରେ କେବଳ ୬୩୧୦ ଜଣ ଥିଲେ । ମୃତ୍ୟୁର ହ୍ରାସ ।

ଅନ୍ତ୍ୟ ନେ ମଲକାନଙ୍କ ଗୋଟିଏ ଜାହାଜ ବେଲସେଣ୍ଟଠାରେ ତଳାରେ ଲାଗି ଯାଇଥିବାର ସମ୍ବାଦ ମିଳଇ ।

ଅପୂର୍ଣ୍ଣ ଦେଶର ପାର୍ନେଲ ସାହେବଙ୍କ ମୋକଦ୍ଦମା ସେଠି କମିଶନଙ୍କର୍ତ୍ତୃକ ବିଚାରିତ ହେଉଥିଲା ସେହି କମିଶନର ତୃତୀ ଅଧିବେଶନ ଏ ଅବସ୍ଥାରେ ଅଶାନ୍ତିମାନଙ୍କ ପକ୍ଷରୁ ବକ୍ତୃତା ଦେଇ ହୋଇଅଛି । ଶୀଘ୍ର କମିଶନ ଉକ୍ତ ମୋକଦ୍ଦମାର ରିପୋର୍ଟ ଲେଖି ପାର୍ଲିମେଣ୍ଟରେ ଅର୍ପଣ କରିବାର ସମ୍ଭାବନା ଅଛି ।

ବ୍ରେଷ୍ଟଲ ନଗରରେ ଏକସହସ୍ର ମଜୁର ଅପଣା ମଜୁରି ବଢ଼ାଇବା ଉଦ୍ଦେଶ୍ୟରେ କାମ ଛାଡ଼ିଥିବାର ସମ୍ବାଦ ମିଳଇ ।

ସଲ୍‌ମାନ ପ୍ରିନ୍‌ସ୍ ଅଲବର୍ଟ ଭିକ୍ଟର ଭାରତରୁ ଆସିଲେ ହାଇଦରାବାଦର ନିଜାମ ତାହାଙ୍କୁ ଅପଣା ରାଜ୍ୟରେ ନେଇ ଦେଖାଇବେ ସ୍ଥିର ହୋଇଅଛି । କେବଳ ବିଳାତୀୟ ଦର୍ଶନ ନୁହେଁ ଜର୍ମାନ୍ ଏ ସେନେଟ ନିମନ୍ତ୍ରଣ କରିଥିବ ଏବଂ ନିଜାମ ଏ ଉପଲକ୍ଷରେ ଅପଣାର ରାଜ୍ୟର ଲୋକଙ୍କ ପ୍ରତି କରିବାର ମନସ୍ଥ କରିଅଛନ୍ତି । ଏ ପର୍ବତରେ ୫୦୦ ଟଙ୍କା ଉଠାଇ ହେବେ ।

ଗତ ଅକ୍ଟୋବରମାସ ତା ୨୨ ଦିନରେ ଲଣ୍ଡନ ନଗରରେ ବ୍ରହ୍ମଦେଶର ଡେପୁଟି କମିଶନର ଏକ ଦରବାର କରିଥିଲେ । ଏ ଦରବାରରେ କାର୍ଯ୍ୟ ଅତି ସନ୍ତୋଷଜନକରୂପେ ସମାପ୍ତ ହୋଇଅଛି । ଅନ୍ୟୂନ ୫୦୦ ଜଣ ବ୍ରହ୍ମଦେଶୀୟ ଲୋକେ ଦରବାରରେ ଉପସ୍ଥିତ ଥିଲେ । କମିଶ୍ନର ମହୋଦୟ ଅପଣା ବକ୍ତୃତାରେ ବ୍ରହ୍ମଦେଶରେ ଅବଶେଷରେ ଶାନ୍ତି ସଂସ୍ଥାପନ ହୋଇଥିବାର ସନ୍ତୋଷର ଆନନ୍ଦ ପ୍ରକାଶ କଲେ ।

## କଟକ-ସମ୍ବାଦ ।

ଗତ ଦୁର୍ଭିକ୍ଷ ଦୁର୍ଦିନରେ ଏତଦ୍ଦେଶ ପ୍ରଜାମାନେ ଅନ୍ନକଷ୍ଟ ହୋଇ ଭାରତବର୍ଷ ଅଧୋଗମନ ପରଗଣା ପର୍ଯ୍ୟନ୍ତ ବୃଦ୍ଧି କୋଟିକାରୁ ଜୀବନର ପ୍ରତ୍ୟାଶା ଦୂର କରି ଥିଲେ ମାତ୍ର କରୁଣାମୟ ଜଗଦୀଶ୍ୱରଙ୍କ ଅନୁଗ୍ରହରୁ ଉକ୍ତମାସ ଶେଷ ପରଗଣାଠାରୁ ସାମାନ୍ୟ ବୃଷ୍ଟି ହେବାରୁ ପ୍ରଥମରେ ଫେଲ ଫସଲ ଯାହା କ ଭାଦ୍ରବ ମାସରେ ଉତ୍ପନ୍ନ ହୁଏ ଅର୍ଥାତ୍ ମାଣ୍ଡିଆ, ମକା, ଡାଙ୍ଗୁ, ଧୂଅଁ, ବୁଟ୍ଟି ପ୍ରଭୃତି ବୁଣିଲେ ଓ କେତେକ ପ୍ରଜାମାନେ ଧାନ୍ୟ ବୁଣିବାର ଉଦ୍ଯୋଗ କଲେ, ଅସ୍ମାନଙ୍କର ଦୟାବାନ୍ ଗାଯୁକ୍ତ ବଡ଼ ମହୋଦୟ କଲେକ୍ଟର ସାହେବଙ୍କର ପ୍ରଜାପାଳନାର୍ଥ ସଦର ଓ ମୋଫସଲରେ ଗୋଟି ଅନ୍ନଛତ୍ର ସ୍ଥାପନ କଲେ ଏବଂ ପ୍ରଜାମାନଙ୍କୁ ବିହନ-ଧାନ ଟଙ୍କା ଓ ଗୁଲବନ୍ଦେଶରେ ବଳଦ ସାହାଯ୍ୟ ପ୍ରଦାନ କରିବାରୁ ଏକଥର ପ୍ରଜାମାନେ ଧାନ୍ୟଜମିମାନ ବୁଣିଲେ; କେତେକ ପ୍ରଜା ମନବୃଷ୍ଟି ହେଲେ ପରିଶ୍ରମ ବିଫଳ ହେବ ଏହି ଅଶଙ୍କାରେ ଡିପ ଜମିମାନ ପଡ଼ିଆ ରଖିଲେ ।

ଅଜବୁ ଗତମାସ ହେଉ ଅମ୍ଭମାନଙ୍କ ପ୍ରଶଂସିତ ଡେପୁଟି ବାବୁ ମଧୁସୂଦନ ରାଜଗୁରୁ ମଫସଲ ଗସ୍ତରେ ଅବତ ଭଟ୍ଟ ଅସହ୍ୟ କଷ୍ଟ ସ୍ୱୀକାର କରି ଝର୍ଦ୍ଦାକାରରେ ଦୁର୍ଭିକ୍ଷପୀଡ଼ିତ ବର୍ତ୍ତମାନ ହେବାରୁ ଦୁଷ୍ଟ ଦେଶ ପଲ୍ଲୀଗ୍ରାମମାନଙ୍କରେ ଅନୁଷ୍ଠାନ ପୂର୍ବକ ରହିବାର ଉଚିତ ଅଛନ୍ତି; ଓ ସାଧ୍ୟ ସର୍ବ କର୍ମକୁ ପ୍ରତୀକ୍ଷିତ କରି ଅଛନ୍ତି । ଯଥା ।

ବଙ୍ଗାଳସର୍ବ ବୃଷ୍ଟି ହେବା ସ୍ଥଳେ ସରକାରଙ୍କ ଓ ମହାଜନମାନଙ୍କଠାରୁ ନାନାପ୍ରକାର ଉପୋଯୋଗୀ ଦ୍ୱାରା ଧାନ ଓ ଟଙ୍କା ଋଣରୂପେ ଗ୍ରହଣ କରି ଅନ୍ନଛତ୍ରରେ ଗୁଜର ଓ ଗୁଲବନ୍ଦେଶରେ ଭଦ୍ରଶ୍ରେଣୀ ପ୍ରଜାମାନଙ୍କୁ ଧାନ ଓ ଟଙ୍କା ପ୍ରଦାନ କରୁଅଛନ୍ତି ।

ଅଙ୍କୁଶର ପ୍ରଜାମାନଙ୍କର ରବିଫସଲର ବିହନ ନ ଥିବାରୁ ସେମାନଙ୍କୁ କଡ଼, ଖସି, ମୁଗ, ବ୍ରୀହି, ହରଡ଼, ଓ ଶୀତକାଳୀନ ମାଣ୍ଡିଆ ଏବଂ ଲହୁନ ଇତ୍ୟାଦି ବିହନ କିଣି ସେମାନଙ୍କୁ ପ୍ରଦାନ କରି ପଡ଼ିଆ ଓ ପଦର ଜମିମାନଙ୍କରେ ବୁଣିବା ନିମିତ୍ତ ଆଦେଶ ଦେଇ ଏବଂ ୨ ସ୍ଥାନରେ ଗୋଟିଏ ୨ ଅମିନ ଓ ଏକ ୨ ରକ୍ଷଣାବେକ୍ଷଣକାରୀ ଲୋକ ରବିଫସଲର ବୁଣାକାର୍ଯ୍ୟ ସମ୍ପନ୍ନ କରୁଅଛନ୍ତି ଯେଉଁ ରୂପେ ଗତମାସ ପରେ ପ୍ରଜାମାନେ ବୁଣିଷ ବସ୍ତୁରଣ କରିବେ ।

ଗତ ଦୁଇବର୍ଷରେ ପ୍ରଜାମାନେ ବିହନ ଧାନ ଗାଇ ଦେଇଥିବାରୁ ସରକାରଙ୍କର ସାହାଯ୍ୟ ପ୍ରାପ୍ତ ହେଲେ ସୁଦ୍ଧା ବିହନ ଅଭାବରୁ ଅନେକ ଜମି ପଡ଼ିଆ ରଖିଲେ ଅତଏବ ଆଗାମୀ ବର୍ଷକୁ ପ୍ରଜାମାନେ ପ୍ରଚୁରଫସଲର ବିହନ ପ୍ରାପ୍ତ ହେବାନିମନ୍ତେ ମାଣ୍ଡିଆ କରିବା ନିଷ୍ପତ୍ତିରେ ଗୋଟିଏ ଗୁଦାମୋବସ୍ତ କରିଅଛନ୍ତି । ଏହି ନୂତନ କାର୍ଯ୍ୟଟି ବାବୁଙ୍କର ବୁଦ୍ଧିପ୍ରତିଭାର ଫଳ । ବର୍ତ୍ତମାନ ଟଙ୍କାରେ ଚାଉଳ ସେ ୧୮ ଭ ହୋଇଅଛି

ବଙ୍ଗାଳସର୍ବ କରିବାରୁ ଗୁଜରାଟି ଅଭିବୃଦ୍ଧି କର ହେଉଅଛି କେବଳ ଛତ୍ରପ୍ରଭୃତିରେ ବନ୍ଦ ହୋଇ ନାହିଁ ।

---

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।**

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହାଶୟ ସମୀପେଷୁ ।

ମହାଶୟ,

ପବିତ୍ର ହିନ୍ଦୁଧର୍ମର ଉପକାରାର୍ଥେ ମୋହର ନିମ୍ନଲିଖିତ ପ୍ରସ୍ତାବଟିକୁ ଜନସାଧାରଣରେ ପ୍ରଚାର କରି ବାଧିତ କରିବା ହେବେ ।

ହିନ୍ଦୁଧର୍ମର ଅବନତି କାହିଁକି ? ଅତି ଏହି ପ୍ରଶ୍ନ ଆଜକାଲ ହିନ୍ଦୁମାନଙ୍କ ହୃଦୟାକାଶରେ ଉଦିତ ହେଉଅଛି ଏବଂ ସମସ୍ତେ ଏହି କଠିନ

Split by PDF Splitter

Digitized by srujanika@gmail.com

Split by PDF Splitter

384



ପ୍ରସ୍ତାବ କୌଣସି ବା କୌଣସି ଗୋଟିଏ କାରଣ ନିର୍ଦ୍ଦେଶ କରି ତାହା ମନଇଁ ଦର୍ଶାଇ ଦେଉଅଛନ୍ତି । ଆଜ ମୁଁ ମଧ୍ୟ ଉକ୍ତପ୍ରଶ୍ନର ଗୋଟିଏ ସାମାନ୍ୟ କାରଣ ନିର୍ଦ୍ଦେଶ କରି ସେମାନଙ୍କର ଅନୁପଥଗାମୀ ହେବି ।

ନାନା କାରଣରୁ ଖ୍ରୀଷ୍ଟାନଧର୍ମ ଅତି କାଳ ପ୍ରଭୃତ ପ୍ରତି ବିସ୍ତାର କରିଥିଲେହେଁ ଉକ୍ତଧର୍ମର ପ୍ରଧାନ ଧର୍ମପୁସ୍ତକ Bibleର ବହୁଳ ପ୍ରଚାରହିଁ ଉକ୍ତ ଧର୍ମର ଦ୍ରୁତ ବିସ୍ତାରର ଏକପ୍ରଧାନ କାରଣ ଅଟେ । ଅମ୍ଭେମାନେ ସ୍ପଷ୍ଟତଃ ଦେଖୁ । କେଣ ଯଦ୍ୟପି ଅମ୍ଭମାନଙ୍କର ପ୍ରଧାନ ଓ ବୃହତ ଧର୍ମପୁସ୍ତକ ବେଦର ପ୍ରଚାରରେ ଅମ୍ଭେମାନେ ଏକାନ୍ତ ଅକ୍ଷମ ଯେପରି ଅମ୍ଭେମାନେ ସ୍ୱଳ୍ପ ପଣ୍ଡିତଗଣର ମୁଖଦ୍ୱାରା ଦେଖିଲେ ଏହାର୍ଥ ସାଧନରେ କୌଣସି ତ୍ରୁଟି ଲକ୍ଷିତ ହେବ ନାହିଁ । କେବଳ ବେଦ ପ୍ରଚାରହିଁ ଯେ ଅମ୍ଭମାନଙ୍କର କାର୍ଯ୍ୟ ତାହା ନହେ । ପ୍ରଚାର କରିବା ସକାଶେ ଅମ୍ଭମାନଙ୍କର ନାନାବ ଧର୍ମପୁସ୍ତକମାନ ଅଛି । ଆଜି ଅନେକ ମହାତ୍ମା ମହାଭାରତର ଇଂରାଜୀ ଅନୁବାଦ କରି ଦେଶହିତାର କାଳ ଅମୂଳ୍ୟ ମହାତ୍ମା ରମାୟଣର ଇଂରାଜୀ ଅନୁବାଦ ନିମିତ୍ତ ଯାଇଦକାର ଟଙ୍କା ଅନେକଙ୍କର ଦାନ କରୁଥିବାର ଅତ୍ରମଉଦ୍ଧୃତ ବିଜ୍ଞାପନମାନ ବାହାରୁଅଛି । ପାଠକେ ! ଯଦି ଉକ୍ତ ଅର୍ଥବ୍ୟୟରେ ଅମ୍ଭମାନଙ୍କର ଖଣ୍ଡେ ବା ଦୁଇଖଣ୍ଡ ଧର୍ମଗ୍ରନ୍ଥର ନାନାଦ ଦେଶୀୟଭାଷାର ଅନୁବାଦ କରାଇ ଅଚିରାତ ହୁଅନ୍ତା ତାହା ହେଲେ କି ଅଧିକ ଉପକାର ହୁଅନ୍ତା ?

ପରନ୍ତୁ ଦେଶରେ ଅନେକଧର୍ମର ସାଧାରଣ ହିତକର ପୁସ୍ତକମାନ ଅଛି ଅମ୍ଭମାନଙ୍କର ଦେଶର କୌଣସି ପ୍ରଦେଶରେ ( ବିଶେଷତଃ ଉଡ଼ିଷ୍ୟାରେ ) ନାହିଁ । ତେଣୁ ମୋହର ପ୍ରସ୍ତାବ ଏହି ଯେ ଉଡ଼ିଷ୍ୟାରେ ଗୋଟିଏ ସାଧାରଣ ଧର୍ମପୁସ୍ତକାଳୟ ସ୍ଥାପିତ ହେଉ ଏବଂ ଉଡ଼ିଷ୍ୟାର ନାନାସ୍ଥାନରେ ଯେତେ ଧର୍ମସଭା ଅଛି ସେମାନଙ୍କର ଦ୍ୱାରା ଧର୍ମପୁସ୍ତକ ସଂଗୃହୀତ ହେଉ । ଉପରୋକ୍ତ ଦୁଇଗୋଟି ପ୍ରସ୍ତାବ ଦ୍ୱାରାମଧ୍ୟ ସର୍ବସାଧାରଣର ଅଶେଷ ଉପକାର ହୋଇପାରେ । ତେଣୁ ପ୍ରସ୍ତାବ ବିଷୟରେ ଜନସାଧାରଣ ବିଶେଷତଃ ଧର୍ମସଭାମାନଙ୍କର ସମ୍ପାଦକମାନଙ୍କ ନିକଟରେ ମୋହର ବିନୀତପ୍ରାର୍ଥନା ଏହି ଯେ ସେମାନେ ଉପରୋକ୍ତ ଦୁଇଗୋଟି ପ୍ରସ୍ତାବମଧ୍ୟରୁ କୌଣସି ଗୋଟିଏ ସମର୍ଥନ କରିଲେ ଏପର

ଉକ୍ତ ପ୍ରସ୍ତାବ ସମ୍ବନ୍ଧରେ ସାଧାରଣଙ୍କ ମତାମତ ପ୍ରକାଶିତ ହେବ । ଇତି ।

୨୧।୧୦।୮୯ } ନିବେଦକ
କୁଞ୍ଜପାଳ } ଜଣେ ହିନ୍ଦୁ

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| କୃଷ୍ଣଚନ୍ଦ୍ର ମହାନ୍ତି ବଇଦ | ଅଗ୍ରୀମ | ଟ | ୩୯ |
| ବାବୁ ବୈଦ୍ୟନାଥ ମିଶ୍ର ଅମୂରେଶ୍ୱର | " | ଟ | ୧୯ |
| " ଜଗବନ୍ଧୁନନ୍ଦାଶ୍ରୀ ଚନ୍ଦ୍ର । ଶ୍ରୀ ବଲାମାଇଅ | " | ଟ | ୩୯ |
| " ମଧୁସୂଦନ ମହାପାତ୍ର କଟକ | " | ଟ | ୧୯ |
| " ଅନନ୍ତଚନ୍ଦ୍ର ଦାସ କଟକ | ଅଗ୍ରୀମ | ଟ | ୩୯ |
| ମୁନସି ନେହାଲ ନଜର " କଟକ | | ଟ | ୧୯ |
| ମହନ୍ତ ନରସିଂହଚରଣ ଦାସ " | | ଟ | ୩୯ |
| ମୁନସି ଅବଦୁଲ ମଜିଦ ଖାନ ଉପାଧ୍ୟାୟ କଟକ | | ଟ | ୨୯ |

## ବିଜ୍ଞାପନ ।

ପରୀକ୍ଷିତ ଦଦ୍ରୁନାଶକ ଚୂର୍ଣ୍ଣ ।

ଏ ଚୂର୍ଣ୍ଣରେ ନାନାପ୍ରକାର ଦାଦୁ ଆରାମ ହୁଅଇ । ବିଶେଷତଃ କୋରକାଦୁରେ ଥରେ ବା ଦୁଇଥର ଲଗାଇଲେ ତାହା ନିଶ୍ଚୟ ଆରାମ ହୁଅଇ । ଜ୍ୱାଳା ହୁଏ ନାହିଁ ।

ଲଗାଇବାର ନିୟମ ।

ଏ ଚୂର୍ଣ୍ଣରୁ କିଛି ନେଇ ପାଣିଥିରେ ଗୋଳାଇ ମଲମ ପ୍ରସ୍ତୁତ କରିବ । ଦାଦୁକୁ ପରିଷ୍କାର କରି ତହିଁରେ ଲେପ ଦେବ । ଏହା କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଖାନାରେ ବିକ୍ରୟ ହେଉଅଛି । ମୂଲ୍ୟ ୧ ଡବାକୁ ୫୦ ମୋଫସଲକୁ ନେଲେ ଡାକଖର୍ଚ୍ଚା ୫୦ ଅଧିକା ଲାଗିବ । ଏକତ୍ର ୭।୮ ଡବା ନେଲେ ମଧ୍ୟ ସେହି ୫୦ ଡାକ ଖର୍ଚ୍ଚରେ ଯାଇ ପାରିବ ।

ଶ୍ରୀ ଭଗୀରଥୀ ପାଠିଆ

## NOTICE.

Wanted for the settlement office Kujang, a Head clerk—salary Rs. 40 per mensem.—Applicants must be able to write a good hand and to draft letters and reports with ease, and should submit copies of testimonials certifying their ability to do this.—Applications will be received up to 16th Instant.

The accepted candidate will be appointed on probation for a period of 3 months.

Dated Marshaghai } C. N. Ghose,
The 3rd Novr. 1889. } *Settlement officer.*

## WANTED

A tutor by the Raja of Barpaili Zillah Sumbulpore, salary Rs. 20. None need apply who has not passed the University examination. Candidates are requested to send their application with copies of testimonials to the undersigned.

1—11—89. Gouree Sunker Roy,
Cuttack.

## FOR SALE.

The thatched bungalow with about ten máns of rented land, situated near Tulsipore and lately occupied by Mr. Homan, excellent accommodation, with several out offices, close to Government offices, and with airy situation.

Apply to
Miss Beale
Cuttack.

# NOTICE

A general meeting of the Orissa Association will take place in the Hall of the Cuttack Printing Company at 4 P. M. on Sunday the 10th Instant to consider the subject of the approaching settlement of Orissa. The public are cordially invited to attend.

Cuttack } Gouree Sunker Roy
1-11-89 } *Hony. Secretary.*

## ବିଜ୍ଞାପନ ।

ଓଡ଼ିଶାର ଆଗାମୀ ବନ୍ଦୋବସ୍ତର ପ୍ରସଙ୍ଗ ବିବେଚନା କରିବା କାରଣ ଚଳିତମାସ ତା ୧୦ ରିଖ ରବିବାର ଅପରାହ୍ନ ଘ ୪ ଟା ସମୟରେ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ କୋଠାରେ ଉତ୍କଳସଭାର ଏକ ସାଧାରଣ ଅଧିବେଶନ ହେବ । ସର୍ବସାଧାରଣ ଓ ବିଶେଷତଃ ଜମିଦାରମାନଙ୍କ ଏହି ଅଧିବେଶନରେ ଉପସ୍ଥିତ ହେବା କାରଣ ଅତ୍ୟନ୍ତ ବିନୟ ସହିତ ପ୍ରାର୍ଥନା କରୁଅଛୁଁ ।

କଟକ } ଶ୍ରୀ ଗୌରୀଶଙ୍କର ରାୟ
୧।୧୧।୮୯ } ସମ୍ପାଦକ

Digitized by srujanika@gmail.com

Split by PDF Splitter





# ବିଜ୍ଞାପନ ।

## ପ୍ରମେହାନ୍ତକ କଷାୟ ।

ଏହି ଔଷଧ ସେବନରେ ସକଳ ପ୍ରକାର ମେହ ରୋଗ ଏକ ସପ୍ତାହ ମଧ୍ୟରେ ଏକାବେଳକେ ଆରୋଗ୍ୟ ହୁଅଇ । ପ୍ରସ୍ରାବ କଲାବେଳେ ଯନ୍ତ୍ରଣା ଥାଇ ପଡ଼ିବା ରକ୍ତ ପ୍ରସ୍ରାବ ଝଡ଼ିଲାପରେ ପୂଜ ପ୍ରସ୍ରାବ, ଟୋପା ଟୋପା ପ୍ରସ୍ରାବ ପ୍ରସ୍ରାବଦ୍ୱାର ଫୁଲିବା ଓ ଦୁର୍ବଳାଦି ଏକାବେଳକେ ଆରୋଗ୍ୟ ହୁଅଇ ।

ଏକଶିଶିର ମୂଲ୍ୟ ଟ ୧ ପ୍ୟାକିଂ ଟ ୦ ୵

ଡାକମାସୁଲ ଟ ୦ ।

---

## ଶ୍ଳେଷ୍ମନାଶକ ଚୂର୍ଣ୍ଣ ।

ଏହି ଚୂର୍ଣ୍ଣକୁ କୌଣସି ଶ୍ଳେଷ୍ମଯୁକ୍ତ ସ୍ଥାନରେ ଲଗାଇ ଦେଲେ ମାତ୍ରକେ ତତ୍କ୍ଷଣାତ୍ ଅଳ୍ପ ଯନ୍ତ୍ରଣାରେ ଶ୍ଳେଷ୍ମମାନ ସେ ସ୍ଥାନରୁ ଛାଡ଼ିଯିବ । ୵ ଚୂର୍ଣ୍ଣଦ୍ୱାର ଦାଢ଼ି ଦାଗ, ବେକ ପ୍ରଭୃତିରୁ ଶ୍ଳେଷ୍ମ ଉଠାଇଦେବା ଅତି ସହଜଅଟେ ।

ଏକଶିଶିର ମୂଲ୍ୟ ଟ ୦ ୳ ପ୍ୟାକିଂ ଟ ୦ ୵

ଡାକମାସୁଲ ଟ ୦ ।

ଏହା ଛଡ଼ା ସକଳ ପ୍ରକାର ରୋଗର ଔଷଧ ଅଛି । ବିଦେଶରୁ ରୋଗର ଅବସ୍ଥା ସମସ୍ତ ଲେଖି ପଠାଇଲେ ଉପଯୋଗୀ ବ୍ୟବସ୍ଥା କରାଯାଏ ।

କବିରାଜ ଶ୍ରୀ ଅଥରନାଥ ଶର୍ମା
ନଂ ୬୮ ନମ୍ବର ହଟଖୋଲର ଷ୍ଟ୍ରିଟ, ସିମୁଲିଆ
କଲିକତା ।

---

# ଦ୍ୱିଭାଷୀ ।

( ନୂତନ ପୁସ୍ତକ )

ମାଇନର ବର୍ଣ୍ଣାକ୍ୟୁଲର ସ୍କୁଲ ଓ ଏଣ୍ଟ୍ରେନ୍ସ ସ୍କୁଲର ଅଧିକାଂଶ ଶ୍ରେଣୀର ଛାତ୍ରମାନଙ୍କର ଇଂରାଜୀଶିକ୍ଷାପକ୍ଷରେ ଏହି ପୁସ୍ତକ ଅତ୍ୟନ୍ତ ଉପଯୋଗୀ । ଏଥିରେ ପ୍ରାୟ ଦୁଇସହସ୍ର ଅବଶ୍ୟକୀୟ ଓ ନାନାବିଷୟକ ଓଡ଼ିଆଶବ୍ଦର ଇଂରାଜୀ ଅନୁବାଦ, ପ୍ରତ୍ୟେକ ଇଂରାଜୀଶବ୍ଦର ଉଚ୍ଚାରଣ ଓ ପ୍ରତ୍ୟେକ ପୃଷ୍ଠାରେ ଗୋଟିଏ ଲେଖାଏଁ ଇଂରାଜୀ ହିତୋପଦେଶ ଓ ତାହାର ଓଡ଼ିଆ ଅନୁବାଦ ଅଛି । ମୂଲ୍ୟଟ ୦ । ଅଣା କଟକ ପ୍ରିଣ୍ଟିଙ୍ଗ୍‌କମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

---

ଆୟୁର୍ବେଦୀୟ
ନୂତନ

# ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସ୍ୱଳ୍ପ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

---

ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ !

ସଙ୍ଗୀତ ସାଗର !

ପ୍ରଥମତରଙ୍ଗ ।

ଉଦ୍ଭବସୂର୍ଯ୍ୟ ସମ୍ପୁରୁ, ବନମାଳୀ, ଉପେନ୍ଦ୍ରଭଞ୍ଜ, ରାମକୃଷ୍ଣ, ଗୋପାଳକୃଷ୍ଣ ଓ ହରି ପ୍ରଭୃତି କବିମାନଙ୍କ ରଚିତ କିଞ୍ଚିଦଧିକ ଏକଶତ ସଙ୍ଗୀତ ସ୍ୱରପତ୍ର ଓ କଠିନ ଅର୍ଥ ସହିତ ଏକତ୍ରେ ସନ୍ନିବେଶିତ । ଏପ୍ରକାର ପୁସ୍ତକ ସୁଲଭ ମୂଲ୍ୟରେ ଏପର୍ଯ୍ୟନ୍ତ ପ୍ରକାଶ ହୋଇ ନ ଥିଲା । ମୂଲ୍ୟ ଟ ୦ । ମାତ୍ର । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ସନ୍ନିକଟସ୍ଥ ଓ ଅନ୍ୟାନ୍ୟ ପୁସ୍ତକାଳୟରେ ପ୍ରାପ୍ୟ ।

---

ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୵ କଟକ ପ୍ରିଣ୍ଟିଙ୍ଗ୍‌କମ୍ପାନୀ, କାଲୁ ରାମପ୍ରସାଦ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ନନ୍ଦନମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

---

## କଟକେଷ୍ଟ ସ୍ଟୋର୍ସ ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରୀ ପଦାର୍ଥ, ବିବିଧପ୍ରକାର ଖେଳଣା, ଲଣ୍ଠନ, ଛାମିନ, କୋଟ, ଚଉଦୀ ଓ ବନାତଯୋଡ଼ା, ନାନାପ୍ରକାରଲୁଗା, ଖେଳିବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅଚିରରେ ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଅମ୍ଭମାନଙ୍କ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ କ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ ଟଙ୍କା ପଠାଇବାର ପରିଶ୍ରମ ନିମନ୍ତେ ଟଙ୍କାକୁ ୫ ମ ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଅମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବୟସ ଭୁଲିଛି କି ନା, ରୋଗ ପୂର୍ବେ କି ଥିଲା, ରୋଗର ଅବସ୍ଥା, ବପ୍ରକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପରିଚିତ ଗ୍ରାହକଙ୍କୁ ଭାଲୁପେବଲ ଡାକରେ ପଠାଯାଇ ପାରିବ ।

ଅଧିକ ଅଗ୍ରିମର କିଛି ଆଶଙ୍କା ନାହିଁ ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । କେବେ ଏହା ମାତ୍ର କହୁଅଛୁଁ କି ଅମ୍ଭଠାରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଚିଠି କଉଡ଼ି ଓ ପଣାଦି ନିମ୍ନ ଠିକଣାରେ ଅମ୍ଭଠାକୁ ପଠାଇବାକୁ ହେବ ।

Cuttack Stores } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
କଟକଷ୍ଟୋର୍ସ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ



Digitized by srujanika@gmail.com

ଆଳମଗଞ୍ଜ ବଜାର ପୂର୍ବରଜ ଏକାଡେମୀସ୍କୁଲ ନିକଟ ଆମ୍ଭ ବସାରେ ଅନେକ ଦିନ ହେଲା ଗୋଟିଏ ହଲୁଆଇଖାନା ଖୋଲିଅଛୁ ସେ ଠାରେ ପଲଙ୍କ, ଖୁରୁଚୀ, ଅଳମାଣ୍ଡ, ବେଲ ଇତ୍ୟାଦି ନାନାପଦାର୍ଥ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ମଧ୍ୟ କେତେକ ପଦାର୍ଥ ପ୍ରସ୍ତୁତ ହୋଇ ବିକ୍ରୟନିମିତ୍ତ ରଖାଯାଇ ନଅଛି। ଯେଉଁ ବ୍ୟକ୍ତି ଉକ୍ତ ପଦାର୍ଥ ନେବାକୁ ଇଚ୍ଛୁକ ହେବେ ଉକ୍ତ ସ୍ଥାନକୁ ଯାଇ ପଦାର୍ଥ ଦେଖି ମୂଲ୍ୟକରି ନେଇପାରିବେ ଆଉ ଯେବେ କେହି ଉକ୍ତ ପଦାର୍ଥ ନେବାକୁ ଫରମାସ ଦେବେ ତେବେ ସେ ଫରମାସି ପଦାର୍ଥର ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଦେଇ ଫରମାସ ଦେଲେ ଅତିସତ୍ୱର ସମ୍ବାଦରେ ପାଇପାରିବେ। ଇତି।

କଟକ ୨୧-୮-୮୯

ଆଳମଗଞ୍ଜବଜାର ଶ୍ରୀ କପିଳେଶ୍ୱର ନନ୍ଦ।—

## ମେହରୋଗ।

ଏହି ଔଷଧରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ। ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଚାର୍ଦ୍ଧ ରୋଗ ଶାନ୍ତିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରି ନୁହେ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ମାସ ସପ୍ତାହ କଲେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ କିମ୍ବା କହୁଅଛି ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ। ଶରୀର ଉପରିଭାଗରେ ପ୍ରକଟ ନ ହେଲେ ସୁଦ୍ଧା ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ସ୍ୱହସ୍ତାକ୍ଷରରେ ପ୍ରକଟିତ ହେବ କଲିକତା ଅଟ୍ଟେଲଷ୍ଟୋର ନଂ ମୂଳ ଭବନରେ ସି, କେ, ସେନ କମ୍ପାନିଙ୍କଠାରେ ଏବଂ କଟକ ବକ୍ସିବଜାର ଔଷଧିକମ୍ପାନିଙ୍କ ସ୍ୱତ୍ୱାଧୀନରେ ଏହି ଔଷଧ ବିକ୍ରୟ ହେଉଅଛି। ମୂଲ୍ୟ ଏକଶିଶି ୨୲ ଟା। ପ୍ୟାକିଙ୍ଗ ଓ ଡାକଖର୍ଚ୍ଚ ପୃଥକ

## ବାଲିକାଗନ୍ଧ।

ଉଲ୍ଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ ଦତ୍ତ କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | |
|---|---|---|---|
| ୧୭ ଇଞ୍ଚ ବାଲ | ଦର ୧୮ ଟ ୨॥୰ | ଦ ୧୮ ଟ ୦ ⁄୦ | |
| ୧୫ ଇଞ୍ଚ | „ | „ ଟ ୨୲ | „ ଟ ୦ ⁄୦ |
| ୧୨ ଇଞ୍ଚ | „ | „ ଟ ୨। | „ ଟ ୦ ⁄ |
| ୨୨ ଇଞ୍ଚ ଉଦ୍‌ଭିଦପୁଷ୍ପଷ୍ଟେପ୍ | „ ଟ ୩। | „ ଟ ୦ ⁄୦ | |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଉପରୋକ୍ତ ଓ ଅନ୍ୟ ଓ ରେସମୀଓଗେର ଲୁଗା ଓ ଷ୍ଟେସନେରୀ ଓ ଜଳ ଛତ ଇତ୍ୟାଦି ସରଞ୍ଜାମର ବିକ୍ରୟ ହେଉଅଛି ତାହା ସମସ୍ତ ସ୍ଥାନବର୍ଗଙ୍କ ମଧ୍ୟରେ ବିଦିତ ଅଛି। ଉପରିଲୁ ଅଛି କେତେକ ଫର୍ଦ୍ଦ ଉପଯୋଗ ବିକ୍ରୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ତାହ ନମ୍ବୁ ଖାତାରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ। ଏତଦ୍ଭିନ୍ନ ଅନେକମାନେ କଲିକତା ଶାଢ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ। କେହି ଖରଚ କରିବାକୁ ଚାହିଁଲେ ତାକୁ ବିକ୍ରୟ କରାଯିବ। ଯଦି ଉକ୍ତ ଶାଢ଼ିମାନ ବିକ୍ରୟ ହେବା ପରେ ଅପଣା ମଫସଲ ସକାଶେ ଦରକାର ହେବେ ଏବଂ ସେମାନେ ଟଙ୍କା ୫୦ ହିସାବରେ ଦରଦେଲେ ପାଇ ପାରିବେ। ମାତ୍ର ତାହାର ଅଧିକ ଖରଚର ଭାର ତାଙ୍କ ଉପରେ ଥିବ। କିନ୍ତୁ ତେବେ ଶାଢ଼ିର ପୁନ ମୂଲ୍ୟ ତାଙ୍କ ଦେବାକୁ ହେବ।

### ଫର୍ଦ୍ଦ।

| | |
|---|---|
| ନୂତନ ଶୈଳଣ ଓ ଉତ୍କଳ ଲୁଗ କେତେ ସ୍ଥଳେ। | ସାର୍ଟ ଅଛି। |
| ମେସିନ୍‌ରେ ଲେଖା | କୋଟଜେକେଟ। |
| କୋମ୍ପାନୀ ଟେଲ ଜଙ୍ଗା ସେନ ସ୍ୱାଦ ଓ ତୋଷ ଗହନା। | ଗାଉ ଚିତ୍ରର ଓ ରଙ୍ଗ ଛିଟ ଓ ଗାଢ଼ା |
| ରେଶମ ଅର୍ଥାତ୍ ଜରୀ ଚଉଦା କାଗଜ ପେନ୍‌ସିଲ ଓ କଲମ। | ସତ୍ରୀ |
| ପେନ୍‌ସିଲ ବାକ୍ସ। | ଉତ୍କର୍ଷ ରୂପଙ୍ଗସ୍ତ୍ରିକ ରେଶମର ବସ୍ତ୍ର |
| ନାନା ପ୍ରକାରର ଚଟିଣ କାଗଜ ଓ ଲଫାଫା | ନେଲସନ ଉପଯୋଗୀ ସବ ନେଟବସ୍ତ୍ର ଅଦଳ |
| ନିଶ ଦଣ୍ଡ | ୧, ଲୋଷଣ ଗୃହଟେଉ |
| ପିତଳ ହୁକ। | କାଳୀଙ୍କ ଓ କପୁଡ଼। |
| ଭଙ୍ଗ ସାବୁନ। | ଅନେକ ସାଜଲୋକ ଏକ ବାଗସ୍। |
| ବାବାର ସାବାନ ସହିତ ଲେ ବାସ ପରିଷ୍କାର ହୁଏ। | ଅଣ୍ଡମେଣ୍ଟ ପେନ୍‌ସିଲ ଥିବ ଏ ପେନ୍‌ସିଲ୍‌ରେ |
| ଅଙ୍ଗୋଛା ଟ୍ରେନ—ଅର୍ଥାତ୍ ଦୂଜନୀ ଦୁହେଁ। | ଲେଖି କରିବ ଯେତ ଉତ୍ତ ପ୍ରକାର ସେହି |
| ଅଜଲି ହୁକ। | ପେନ୍‌ସିଲ୍ ଲେଖା ସ୍ଥଳେ ଦେଇ ତାପରେ |
| ଓଷ୍ଠର ମୁଖ ରଙ୍ଗ। | ବେଲୋଟ୍ରଙ୍ଗ ଉଠ ନ ରହେ। |
| ଗୋଷ୍ଠକୃଷ୍ଣ ଓ ପିତଳର | ଗଣେଶ ସାଇଙ୍କ ଛୋଟ |
| କେଶର ତେଲ ଓ ରାଜ ରତନ ସ୍ୱାଦ | ପିଠା |
| ଚୁଲାର ଭାତ ରର୍ଥାତ | ରବଡ଼ି ତେଲରେ କଡ଼ |
| ଲେଟିଗାଲିକରେ ସବ ଓ ସୁଗନ୍ଧରେ ଜଣା ହେବ। | କାଠକାର ଝୀନ ମହଯାମା |
| ସୂଚନା ତଲା ୧୨×୧୦ ଇଞ୍ଚ ୧୪×୧୨ ଇଞ୍ଚ ୧୬×୧୪ „ | ରେଲ ଟ୍ରକ ପେନ୍‌ସିଲ |
| ମୋଜା ଓ ମୋଜାଗଡ଼ | ଜହାଜରୀ ଶାର୍ଟ ଓ ଜାମା ଓ ଚଦ |
| ଉଡ଼ନ ୫ଓ ଡେସ୍କ | ନବଯୁବାବାସ ଓ ଛିଟ ପାଟ ଗାଲୋପ ଓ ଶାଢ଼ୀ। |
| ଦେଶୀ ସ୍ୱାସ୍ଥ୍ୟ ଜଣା ଓ ସ୍ୱଦେଶୀ | ଟ୍ରିଙ୍କ ବାକ୍ସ |
| ଭେଟମେଷ୍ଟ। | ଏଜିମୋଷ ଅର୍ଥାତ୍ ଚଷମା ହିଜ ଛାପାର ଅଛଲ ଚଷ୍ମର ବସ୍ତ୍ରା ଭଲେଇ ଦରକାର ହୁଏ। |

## ପିତଗାର।

ଏ ଭାରକୁ କେହିଏସେ ସାଜରେ ଉଷ୍ଣି ଜଣଙ୍କ ରେ ଛରୁଲାଇ ହୋଟାରଙ୍କର ଫା ଦେଲେ ପାଣିଗଲା ବନ୍ଦ ହେବ, ଉଭର କ ଅନେକ ଲେପନ ଦେଲେ ମଢ଼ିବୁନ ହେବ ଓ ନ ଧରିବ ନାହିଁ।

କଟକ ଚମକା ଓ ସାତରେ କବାଟନାଭି କାଳ ମଧ୍ୟ ଅଛି।

ଅନୁଗତଶିଷ୍ୟ ଜଡ଼ ବନ୍ଧାଣ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା;—

ପ୍ରଥମଥର ନିମନ୍ତେ

| | |
|---|---|
| ଧାଡ଼ିପ୍ରତି | ଟ ୦⁄୦ |
| ଅକ୍ଷରପ୍ରତି | ଟ ୨୲ |
| ପୃଷ୍ଠା ଏକ ସ୍ତମ୍ଭକୁ | ଟ ୩୲ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ଖର୍ଚ୍ଚ ଟ ୦⁄ ରୁ ଉଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ତେହା ଓ ଦ୍ୱିଗୁଣ ଯଥାକ୍ରମେ ହେବ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ବଙ୍ଗାଳୀ ଶ୍ରୀହରିନାଥ ଘୋଷଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୭ ଶ } ତା ୧୨ ଇଶ ମାହେ ନବେମ୍ବର ସନ ୧୮୮୧ ଇଂରାଜୀ । ତା ମାର୍ଗଶିର ୭ ଶ ଢ ୪୭ ୧୨୮୭ ସାଲ ଉଦଶାବ { ଅଗ୍ରିମ ବାର୍ଷିକ ମୂଲ୍ୟ ... ୨
ସଂ ୪୬ ସଂଖ୍ୟା } { ପଶ୍ଚାଦେୟ ... ୨ ।୦

ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଦେଓପୁର ଏବଂ ଖେଡ଼ବାହାର ଗୌଣ୍ଟିଆମାନଙ୍କର ଜମିଦାରି କରିମାଲଗୁଜାରିଦେଇ ଅପଣା ସମ୍ପତ୍ତି ରକ୍ଷା-ଣାବେକ୍ଷଣ କରିବାକୁ ଅକ୍ଷମ ଥିବାର ଦରଖାସ୍ତ କରି-ବାରୁ ମଧ୍ୟପ୍ରଦେଶର ପ୍ରଧାନ କମିଶନର ଉକ୍ତ ସମ୍ପତ୍ତି କୋର୍ଟଅବ୍ୱାର୍ଡ଼ସ୍ ଅଧୀନରେ ରଖା ଯିବାର ମଞ୍ଜୁର କରିଅଛନ୍ତି ।

---

ଗତ ବୁଧବାର ସନ୍ଧ୍ୟାରୁ ରାତ୍ରିପର୍ଯ୍ୟନ୍ତ ଝଡ଼ି-ଲଗାଇ ବର୍ଷି ଅନେକ ଜଳ ବୃଷ୍ଟି ହୋଇଥିଲା । ଗତବର୍ଷ ଏହି ସମୟରେ ମେଘ ଜଳ ଦାନ କରି ମୃତଦେହରେ ଜୀବନ ସଞ୍ଚାର କରି-ଥିଲା ଏବର୍ଷ ପୁଷ୍ଟଦେହକୁ ରୁଗ୍ଣ କରୁଅଛି । କାରଣ ଏ ବୃଷ୍ଟିରେ ଶସ୍ୟ ଉନ୍ନ ଉପକାର ନାହିଁ କେବଳ ଶୀଘ୍ର ଥଣ୍ଡାଗଲେ ଶସ୍ୟ ଉଣା-ହୋଇପାରେ ।

---

ଭାଷ୍ଟ୍ରୀୟଭଲ ଫାସିକଣ୍ଡାଙ୍କ ବିରୁଦ୍ଧରେ ଯୁଭଷିଏଲ କମିଶନରଙ୍କ ନିକଟରେ ଅପିଲ ହୋଇ-ଅଛି । ଫଳ ଜଣାଯାଇ ନାହିଁ । ଅମ୍ଭେମାନେ ଅଶା କରୁଁ ଅପିଲ ଅଦାଲତ ବିଶେଷ ମନୋ-ଯୋଗସହିତ ବିଗ୍ରହ କରିବେ । ଦଉଡ଼ା ଅଦା-ଲତରେ ସରକାର ତରଫରୁ ଭାଷ୍ଟ୍ରୀୟାର କରୁ-ଣ୍ଡିକ ଜଣେ ବାରଷ୍ଟର ନିଯୁକ୍ତ ହୋଇଥିଲେ । ମାତ୍ର ଭାଷ୍ଟ୍ରୀୟାପକ୍ଷରେ କେହି ଓକିଲ ନ ଥିଲେ । ଏପରି ମୋକଦ୍ଦମାରେ ଅସାମିର ଜଣେ ଓକିଲ ଦେବା ନିତାନ୍ତ ଉଚିତ୍ ଥିଲା ।

---

ଡାଏମଣ୍ଡ ହାରବର ସବଡିବିଜନରେ ଗତ ଷଣ୍ମାସଠାରୁ ବିଶେଷ ଅନ୍ନକଷ୍ଟ ପଡ଼ିଥିବାର ପାଠକମାନଙ୍କୁ ଜଣାଅଛି । ଉକ୍ତ ସବଡିବିଜନ-ଅନ୍ତର୍ଗତ ଜନସାନବାସି ହାଜିମହମ୍ମଦଇବକୁବନ-ବଳି ନାମକ ଜଣେ ମୁସଲମାନଭଦ୍ରଲୋକ ପ୍ରତି-ଦିନ ଏକହଜାର ଦରିଦ୍ରଲୋକଙ୍କୁ ଅନ୍ନଦାନ କରୁଅଛନ୍ତି । ହିନ୍ଦୁ ଓ ମୁସଲମାନଙ୍କର ବାରଣ ନାହିଁ ଅର୍ଥାତ୍ ଯାହାର ଅନ୍ନକଷ୍ଟ ହୋଇଅଛି ସେ ସାହାଯ୍ୟ ପାଉଅଛି ଅଥଚ ହିନ୍ଦୁ ଓ ମୁସଲ-ମାନମାନଙ୍କର ଅହାରର ସ୍ଥାନ ଏବଂ ଅହାର୍ଯ୍ୟ-ଦ୍ରବ୍ୟ ଭିନ୍ନ ଭିନ୍ନ ଅଛି । ହାଜିସାହେବ ଯଥାର୍ଥ ସାଧୁ, ସେ କେବଳ ଲୋକଙ୍କର କଷ୍ଟ-ଦେଖି ତାହା ନିବାରଣ ନିମନ୍ତେ ଉପର ଡାକ-ହାଙ୍କ ପ୍ରଭୃତି ତାହାଙ୍କ ମନରେ ସ୍ଥାନ ପାଇ ନାହିଁ ।

---

ବାଲେଶ୍ୱରର ସମ୍ବାଦପତ୍ରମାନଙ୍କରେ ପାଠ-କଲୁଁ କି ହନୁମନ୍ତ ନାମରେ ଜଣେ ତେଲଙ୍ଗା ବାଲେଶ୍ୱରରେ ଅନେକ ଲୋକଙ୍କୁ ଠକି କିଛି ଟଙ୍କା ନେଇଥିଲା । ସେ କହିଲା କି ତାହା ଘର ଦକ୍ଷିଣ ବିଜୟନଗରରେ । ତାହାଙ୍କ ସାହା-ଯ୍ୟରେ ଭୁବନ କଲେଜରେ ପଢ଼ୁଥିଲା ଘରକୁ ଫେରି ଆସିବା ବେଳେ ବାଟରେ ସର୍ବସ୍ୱ ଚୋରି ଯିବାରୁ ବାଟଖର୍ଚ୍ଚ ବିନା ଘରକୁ ଯାଇ ପାରୁ ନାହିଁ । ବାଲେଶ୍ୱରରେ କହିଦନ ଠକିଲା ଉତ୍ତାରୁ ସନ୍ଦେହ ହେବାରୁ ସେଠାରୁ ବସ୍ତାକୁ ଯାଇ ପୁଲିସ ସବଇନସପେକ୍ଟରଙ୍କୁ ସେହିପରି ଠକିବାର ଚେଷ୍ଟା କଲା ମାତ୍ର ପୁଲିସ ତାହାକୁ ଠକ ବୋଲି ଜାଣି ପାରି ଚାଲାନ ଦେବାରେ ଡେଃ ମାଃ ବାବୁ ଶଶିଚନ୍ଦ୍ର ତାହାକୁ ହାଜ-ତରେ ରଖି ମୋକଦ୍ଦମାର ବିଗ୍ରହ କରୁଅଛନ୍ତି । ଏହି ଲୋକ ଅରେ କଟକରେ ଥିଲା ଏବଂ ଶୁଣିବାରେ ଯାଜପୁରରେ କଏଦ ହୋଇ-ଥିଲା ।

---

କୁଆଁପାଳରୁ ଜଣେ ପତ୍ରପ୍ରେରକ ଲେଖି-ଅଛନ୍ତି କି ସେଠା ପୋଷ୍ଟମାଷ୍ଟର ସ୍ୱଳ୍ପ-ମନି-ଅର୍ଡରର ବ୍ୟବହାରଜ୍ଞ ଲୋକଙ୍କୁ ବୁଝାଇ ସେହି ଉପାୟରେ ଖଜଣା ପଠାଇବାକୁ ପ୍ରବର୍ତ୍ତ କରାନ୍ତି । ଗତ କିଷ୍ଟବନ୍ଦରେ ଉକ୍ତ ଡାକଘରେ ୭୦ କଣ ମନିଅର୍ଡର ଦ୍ୱାରା ପ୍ରାୟ ବୃନ୍ଦହଜାର ଟଙ୍କା ପଠାଯାଇ ଥିଲା । ପତ୍ରପ୍ରେରକ ଯଥାର୍ଥ ଲେଖି-ଅଛନ୍ତି କି ମୋଫସଲସ୍ଥ ସମସ୍ତ ପୋଷ୍ଟମାଷ୍ଟରଙ୍କର ଏହି ଆଦର୍ଶରେ କାର୍ଯ୍ୟକରିବା ଉଚିତ । ମନି-ଅର୍ଡରଦ୍ୱାରା ଖଜଣା ଦାଖଲ କରିବାର ସୁବିଧା ଅନେକ ଯେ ବୁଝିଅଛି ସେ ତାହା ଛାଡ଼ିବ ନାହିଁ ଆଉ ଯେଉଁମାନେ ବୁଝି ନାହାନ୍ତି ତାହାଙ୍କୁ ବୁଝା-ଇଦେବା ଉଚିତ୍ । ମନିଅର୍ଡରରେ କେବଳ କମିଶନସ୍ୱରୂପ କିଛି ଲାଗି ବେଶିକାକୁ ଦଣ୍ଡିର ମାତ୍ର କଟକକୁ ଅସିବା ଯିବାର ପରିଶ୍ରମ, ବସାଖର୍ଚ୍ଚ

Digitized by srujanika@gmail.com

ଓ ଅମଲାପ୍ରଭୃତିଙ୍କ ପୂଜା ଇତ୍ୟାଦି ଅନେକ ଖର୍ଚ୍ଚ ବହିଯାଏ । ମୋଟରେ ସ୍ଥାନୀୟ ଜମିଦାରଙ୍କର ଲାଭ ବଳା ଅଛି ନାହିଁ ।

---

କାର୍ତ୍ତିକମାସରେ ଆକାଶପ୍ରଦୀପ ଦେବାର ତାତ୍ପର୍ଯ୍ୟ ବୈଦିକସମ୍ବାଦପତ୍ରରେ ଏହିପରି ବୁଝାଇ ଦିଆଯାଇ ଅଛି ଯେ ବର୍ଷାକାଳରେ ମାଟିରେ ପଡ଼ିଥିବା ଦ୍ରବ୍ୟମାନ ପଚି ରହିଥାଏ । କାର୍ତ୍ତିକମାସ ଶେଷରେ ସେସବୁର ଦୁର୍ଗନ୍ଧମୟ ବାଷ୍ପ ଆକାଶକୁ ଉଠଇ ଏବଂ ଗଗନରେ ତାହାର ପଡ଼ିବାରୁ ପୁଣି ଶୀତଳ ହୋଇ ତଳକୁ ଓହ୍ଲାଏ, ଏହି ବାଷ୍ପ ଜ୍ୱରାଦି ନାନାରୋଗର କାରଣ । ଇଂରାଜୀରେ ଏହାକୁ ମେଲେରିୟା କହନ୍ତି । ରାତିରେ ଆକାଶରେ ଆଲୁଅ ଜାଳିଲେ ତହିଁର ଉତ୍ତାପଯୋଗେ ଉକ୍ତବାଷ୍ପ ଉର୍ଦ୍ଧ୍ୱରେ ରହି କ୍ରମେ ପରିଷ୍କାର ହୋଇଯାଏ । ଦୁଇ ଚାରିଜଣ ଆକାଶଦୀପ ଜାଳିଲେ କିଛି ଫଳ ନାହିଁ କିନ୍ତୁ ଗ୍ରାମବାସିମାନେ ସମସ୍ତେ ଜାଳିଲେ ଅବଶ୍ୟ ଉପକାର ହେବ ଏହି ହେତୁରୁ କାର୍ତ୍ତିକମାସରେ ଆକାଶଦୀପ ଛଡ଼ା ଅନ୍ୟାନ୍ୟପ୍ରକାର ଆଲୋକଦାନର ମଧ୍ୟ ବ୍ୟବସ୍ଥା ହୋଇଅଛି । ଯେଉଁମାନେ ହିନ୍ଦୁଙ୍କର ଆଗ୍ରହ ଅନୁଷ୍ଠାନକୁ କେବଳ କୁସଂସ୍କାର ମନେ କରନ୍ତି ସେମାନେ ଏଥିରୁ ଶିକ୍ଷା ପାଇବେ ସନ୍ଦେହ ନାହିଁ ।

---

ଗତ ଶନିବାର ଭାରତବର୍ଷ ପକ୍ଷରେ ଗୋଟିଏ ଅତି ଶୁଭଦିନ ଥିଲା । ଶ୍ରୀମତୀ ମହାରାଣୀଙ୍କ ପୌତ୍ର କୁମାର ଆଲବର୍ଟ ଭିକ୍ଟର ଭାରତ ସନ୍ଦର୍ଶନ ଉପଲକ୍ଷରେ ଜାହାଜ ଦେଇ ବମ୍ବେଇନଗରରେ ପ୍ରଥମେ ପାଦାର୍ପଣ କଲେ । ଅପରାହ୍ଣ ୩ ଘଣ୍ଟା ସମୟରେ କୁମାରଙ୍କର ପହଞ୍ଚିବାର କଥା ଥିଲା କିନ୍ତୁ ଅନୁକୂଳ ଘଟଣାକ୍ରମେ ତାହାଙ୍କୁ ଆଣିଥିବା ଓସେନିୟା ଜାହାଜ ସକାଳ ଆଠଘଣ୍ଟା ସମୟରେ ବନ୍ଦରରେ ଉପସ୍ଥିତ ହେଲା । ସୁତରାଂ ଘାଟରେ ଅଳ୍ପ ଲୋକ ଉପସ୍ଥିତ ହୋଇ ପାରିଥିଲେ ଏବଂ ଅଭ୍ୟର୍ଥନାର ବନ୍ଦୋବସ୍ତ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ଭଲଣ୍ଟିଅର୍ ଓ ପଲଟନର ସେନାମାନେ ଯଥାସମୟରେ ପ୍ରସ୍ତୁତ ହୋଇ ପାରିଲେ ନାହିଁ । ଫଳରେ ଅଭ୍ୟର୍ଥନାସମାରୋହ ଯେମନ୍ତ ସୁନ୍ଦର ହେବାର ଥିଲା ତହିଁରୁ ଅନେକ ଊଣା ହେଲା । ଲର୍ଡ ରେ ଓ ତାହାଙ୍କ ପତ୍ନୀ ଜାହାଜଘାଟକୁ ଯାଇ ନଥିବାରୁ କାଲକ୍ଟେ କୁମାରଙ୍କୁ ଘାଟରୁ ନେଇ ଆସିଥିଲେ ଏବଂ ସେଠାରେ ମିଉନିସିପାଲ କମିଶନରଙ୍କର ଅଭିନନ୍ଦନପତ୍ର ଶ୍ରବଣ ଏବଂ ତହିଁର ଉତ୍ତରଦାନ ପୂର୍ବକ ଅଲକ୍ଷଣ ଉପରୁ ପୁନାକୁ ଯାତ୍ରା କଲେ । ବର୍ତ୍ତମାନ ପୁନାରୁ ହାଇଦରାବାଦକୁ ଯାଇଅଛନ୍ତି ।

---

ଷ୍ଟେଟସମ୍ୟାନର ଅନୁଗୋଳ ସମ୍ବାଦଦାତା ଲେଖିଅଛନ୍ତି କି ଗତ ଅକ୍ଟୋବରମାସର ଅତିବୃଷ୍ଟିରେ ସେଠାର ଧାନ ଓ ରବିଫସଲର ବିଶେଷ କ୍ଷତି ହୋଇଅଛି । କେନ୍ଦୋଳଖଣ୍ଡିର ସମ୍ପୂର୍ଣ୍ଣ କ୍ଷତି ହୋଇଅଛି ମାଡିର ଆଶା ଶତମାଂଶ ନାହିଁ । ବ୍ରୀହି ଫସଲ, ଗୃହପଣର ଆଶା ଅଛି । ବିହନ ଅଭାବରୁ ମୁଗ ଓ ବୋଲଥ ବୁଣା ହୋଇ ନାହିଁ । କେବଳ ହରଡ଼ ଫସଲ ଭଲ ହୋଇଅଛି । ଫୁଲ ଧୋଇ ଯିବାରୁ ଧାନର ମଧ୍ୟ ଅନେକ କ୍ଷତି ହୋଇଅଛି । ଫସଲ ଘରକୁ ଆସିବା ପର୍ଯ୍ୟନ୍ତ ଅନେକ ବିପଦ ଥାଏ ଏହା ସମସ୍ତେ ଜାଣନ୍ତି ଏବଂ ଏ ବର୍ଷର କାର୍ତ୍ତିକମାସ ବୃଷ୍ଟିରେ ରବି ଓ ଧାନର କିଛି କ୍ଷତି ହୋଇଥିଲେହେଁ ସର୍ବାଂଶ ଭଲ ଫସଲ ହେବାର ସମସ୍ତେ ସ୍ୱୀକାର କରୁଅଛନ୍ତି ଏବଂ ବଜାରର ଭାବରୁ ଜଣାପଡ଼ୁଅଛି । ଏସବୁ ବିବେଚନାରେ ଅନୁଗୁଳସମ୍ବାଦଦାତାଙ୍କ ଲେଖା ଅତି ରଞ୍ଜିତ ବୋଲି ଜଣାପଡ଼ୁଅଛି । ଓଡ଼ିଶା ଓ ସମ୍ବଲପୁର ଜିଲ୍ଲାମାନଙ୍କରେ ଭଲ ଫସଲ ହୋଇଥିବା ପ୍ରତ୍ୟକ୍ଷେ ଅନୁଗୁଳର ଅବସ୍ଥା ଏତାଦୃଶ ଶୋଚନୀୟ ହୋଇ ନପାରେ । ମାତ୍ର ଏ ସପ୍ତାହର ବୃଷ୍ଟି ସେଠାରେ ହୋଇଥିଲେ ଅଧିକ କ୍ଷତି ହେବାର ଭୟ ହେଉଅଛି ।

---

ଭାରତବର୍ଷର ରେଜିଷ୍ଟ୍ରୀକୃତ କମ୍ପାନୀ ଅର୍ଥାତ୍ ଜୌଥକାରବାର ସମ୍ବନ୍ଧରେ ଯେଉଁ ବିଜ୍ଞାପନୀ ବାହାର ଅଛି ତହିଁରୁ ପ୍ରକାଶ ଯେ ସନ ୧୮୮୭।୮୮ ସାଲରେ ୯୧୧ ଜୌଥକାରବାରକୁ ମୂଳଧନ ନାମରେ ୩୦ କୋଟି ମାତ୍ର ଅସଲ ୨୨ କୋଟି ଟଙ୍କା ଥିଲା । ସନ ୧୮୮୮।୮୯ ସାଲଶେଷରେ ୮୯୫ ଜୌଥକାରବାରର ମୂଳଧନ ନାମରେ ୩୧ କୋଟି ମାତ୍ର ଅସଲ ୨୩ କୋଟି ଟଙ୍କା ଥିଲା । ଏଥିରୁ ଦେଖାଯାଏ ଯେ କମ୍ପାନୀର ସଂଖ୍ୟା ସାମାନ୍ୟ ଊଣା ହୋଇଅଛି ମାତ୍ର ମୂଳଧନ ବଢ଼ିଅଛି । ବମ୍ବେଇରେ ୨୨୩ କମ୍ପାନୀର ମୂଳଧନ ୯ କୋଟି ୭ ଲକ୍ଷଟଙ୍କା ବଙ୍ଗଳାରେ ୨୩୪ କମ୍ପାନୀର ମୂଳଧନ ୯ କୋଟି ୭୭ ଲକ୍ଷ ଟଙ୍କା ଏବଂ ମାନ୍ଦ୍ରାଜରେ ୨୬୬ କମ୍ପାନୀର ମୂଳଧନ ଦେଢ଼କୋଟି ଟଙ୍କା । ଅନ୍ୟାନ୍ୟ ପ୍ରଦେଶର କମ୍ପାନୀର ସଂଖ୍ୟା ଓ ମୂଳଧନ ଊଣା ଅଟଇ । ବମ୍ବେଇ ଓ ବଙ୍ଗଳାର କାରବାର ପ୍ରାୟ ସମାନ ବୋଲିବାକୁ ହେବ ଏବଂ ମାନ୍ଦ୍ରାଜର ସଂଖ୍ୟା ଅଧିକ ହେଲେହେଁ ପୁଣି ଅନେକ ଊଣା ଅଟଇ । ଏଥିରୁ ପ୍ରକାଶ ଯେ ମାନ୍ଦ୍ରାଜରେ ଖେଟି କାରବାର ଅଧିକ । ବମ୍ବେଇରେ ତୁଳାର କାରବାର ଏବଂ ବଙ୍ଗଳାରେ ଗୃହ ଓ ଚାଫେଲ କାରବାର ଅଧିକ । ବଡ଼ ବଡ଼ କାରବାର ବର୍ତ୍ତମାନ ଇଂରାଜଙ୍କ ହାତରେ ଅଧିକ । ଦେଶୀୟମାନେ ଏପ୍ରକାର କାରବାରରେ ଅଧିକ ନିଯୁକ୍ତ ହେଲେ ସୁଖର ବିଷୟ ହେବ ।

---

ବଙ୍ଗଦେଶର ପଥ ଓ ପ୍ରଦେଶୀୟକର ସନ ୧୮୮୮।୮୯ ସାଲରେ ନିମ୍ନଲିଖିତରୂପେ ଆଦାୟ ହୋଇଥିଲା ଯଥା—

| | |
|---|---|
| ପଥକର | ଟ ୩୨୭୪୫୨୪ |
| ପ୍ରଦେଶୀୟକର | ଟ ୩୮୫୫୩୭୨ |

ଏଥିରୁ ଉକ୍ତ ଦୁଇ କରର ହାଲଜମା ଟ୬୭୨୯୮୯୬ ଏବଂ ବାକୀ ଟ ୧୭୨୦୭୭୨୮ ଟଙ୍କା ଉସୁଲ ହେବାର ଥିଲା । ମୋଟରେ ବାକୀରୁ ଶତକଡ଼ା ୭୫ ଓ ହାଲ ଜମା ଶତକଡ଼ା ଟ୮।୧୮ ଉସୁଲ ହୋଇଅଛି । ମାନ୍ୟବର ଷ୍ଟେଟକ୍ଲାର୍କ ଲେଖିଅଛନ୍ତି କି ପୂର୍ବେ ରୋଡସେସବିଭାଗ ଏତେ ଊଣା ଉସୁଲ ହୋଇ ନ ଥିଲା । ଫସଲ ନୋକ୍ସାନ ଊଣା ଉସୁଲର କାରଣ ବୋଲି ଲେଖା ହୋଇଅଛି । କିନ୍ତୁ ଗବର୍ଣ୍ମେଣ୍ଟ ଏଥିରେ ସନ୍ତୁଷ୍ଟ ନ ହୋଇ କହୁଅଛନ୍ତି ହାକିମମାନଙ୍କର ହେଳା ହେତୁରୁ ଉସୁଲ କାର୍ଯ୍ୟ ଭଲ ହୋଇ ନାହିଁ । ଦାର୍ଜିଲିଂ ପ୍ରଭୃତି ୮ ଜିଲ୍ଲାରେ କାର୍ଯ୍ୟ ଭଲ ହୋଇଅଛି ଅର୍ଥାତ୍ ଶତକଡ଼ା ଟ ୯୦ରୁ ଓ ତହିଁରୁ ଅଧିକ ଉସୁଲ ହୋଇଅଛି ମାତ୍ର ଓଡ଼ିଶାର ଚାରିଜିଲ୍ଲା ସହିତ ବର୍ଦ୍ଧମାନପ୍ରଭୃତି ମିଶି ୨୧ ଜିଲ୍ଲାର କାର୍ଯ୍ୟ ନିତାନ୍ତ ମନ୍ଦ ଅଟଇ । ବକେୟା ଆଦାୟ ନିମନ୍ତେ ୨୧୩୪୬ ସାର୍ଟିଫିକେଟ ଜାରି ହୋଇଥିଲା । ଏଥିମଧ୍ୟରୁ ୭୧୯ ମୋକଦ୍ଦମାରେ ସ୍ଥାବର ସମ୍ପତ୍ତି ନିଲାମ ହୋଇଅଛି । ଛୋଟନାଗପୁର ବିଭାଗରେ ସର୍ବାପେକ୍ଷା ଊଣା ଏବଂ ପାଟନା ବର୍ଦ୍ଧମାନ ଓ ପ୍ରେସିଡେନ୍ସୀ ବିଭାଗମାନଙ୍କରେ ସର୍ବାପେକ୍ଷା ଅଧିକ ସାର୍ଟିଫିକେଟ ଜାରି ହୋଇଥିଲା । ଏହି ସବୁ ବିଷୟର ସ୍ତ୍ରାକ୍ଟେ ଅବଲମ୍ବ ଘଟୁଅଛି ।

Digitized by srujanika@gmail.com

Split by PDF Splitter



ଅନୁକଷ୍ଟ ସମୟରେ ସାର୍ଟିଫିକଟ ମୋକଦମାଦ୍ୱାରା ଲୋକଙ୍କୁ ହଇରାଣ କରିବା କେମନ୍ତ କହ ଆମ୍ଭେମାନେ ବୁଝିପାରୁ ନାହୁଁ ।

---

ଡିଷ୍ଟ୍ରିକ୍ଟ ବୋର୍ଡ ଏବଂ ମିଉନିସିପାଲିଟୀର ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପେନ୍‌ଶନ୍ ବିଷୟରେ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କର ଆଦେଶ ପ୍ରକାଶିତ ହୋଇଅଛି । ବଙ୍ଗୀୟ ଷ୍ଟେଟଲାଟ ଏ ବିଷୟରେ କେତେଗୁଡ଼ିଏ ଆଦର୍ଶନିୟମ ପ୍ରସ୍ତୁତ କରି ପ୍ରତ୍ୟେକ ସ୍ଥାନର ବୋର୍ଡ ଏବଂ ମିଉନିସିପାଲିଟୀଙ୍କୁ ସେହି ଆଦର୍ଶ ଅନୁସାରେ ନିୟମାବଳୀ ପ୍ରସ୍ତୁତ କରିବାର ଅଧିକାର ଦେଇଅଛନ୍ତି । ବର୍ତ୍ତମାନ ଆଦେଶର ମୂଳ ନିୟମ ଏହି କି ମିଉନିସିପଲ କର୍ମଚାରୀଙ୍କ ପେନ୍‌ଶନ୍ ନିମିତ୍ତ ସରକାର ଦାୟୀ ହେବେ ନାହିଁ । ମିଉନିସିପାଲିଟୀ ଆପଣା ଇଚ୍ଛା ମତେ କର୍ମଚାରୀଙ୍କ ବେତନରୁ କିଛି କାଟି ନେଇ ଗୋଟିଏ ପାଣ୍ଠି କରି ସେଭିଙ୍ଗ୍ ବାଙ୍କରେ ତାହା ଜମା କରିବେ ଯେ ସେହି ଟଙ୍କାରୁ ପେନ୍‌ଶନ ହୋଇଯିବ । ଅଥବା ଆପଣା ହାତରୁ ପେନ୍‌ଶନ ଦେବେ । ଡିଷ୍ଟ୍ରିକ୍ଟ ବୋର୍ଡର କର୍ମଚାରୀଙ୍କ ବେତନ ସରକାରରୁ ମିଳିବ ମାତ୍ର ବୋର୍ଡମାନେ ସେହି ସବାଶେ କର୍ମଚାରୀଙ୍କ ବେତନର ୯ ଭାଗରୁ ଏକଭାଗ ହିସାବରେ ସରକାରରେ ଟଙ୍କା ଅମାନତ କରିବେ । ଯେଉଁମାନେ ବୋର୍ଡ ଗଠିତ ହେବା ପୂର୍ବେ ଲୋକାଲଫଣ୍ଡରେ କାର୍ଯ୍ୟ କରୁଥିଲେ ଏବଂ ଯେଉଁମାନେ ସରକାରୀ ଚାକର ଥିଲେ ଏବଂ ବର୍ତ୍ତମାନ ବୋର୍ଡର ଅଧୀନ ହୋଇଅଛନ୍ତି ସେମାନଙ୍କ ପ୍ରତି ମଧ ଏହି ନିୟମ ଖଟିବ । ବିଶେଷ କଥା ଯାହାର ଜାଣିବାର ଆବଶ୍ୟକ ସେମାନେ ନିୟମାବଳୀରୁ ତାହା ସବୁ ଅବଗତ ହେବେ । ସ୍ଥଳରେ ଏତିକି ସୂଚନା ଦିଅଯାଏ ଯେ ଏହି ସବୁ ସ୍ଥାନୀୟ ସମିତିର କର୍ମଚାରୀଙ୍କ ପେନ୍‌ଶନ୍ ପାଇବା ପକ୍ଷରେ ଯେଉଁ ସନ୍ଦେହ ଥିଲା ତାହା ସବୁ ଦୂରଗଲା । ସରକାରୀ କର୍ମଚାରୀମାନଙ୍କ ପେନ୍‌ଶନ ସମ୍ବନ୍ଧରେ ଯେସମସ୍ତ ନିୟମ ଅଛି ଏସବୁର କର୍ମଚାରୀମାନେ ସେହି ନିୟମ ଓ ଦରରେ ପେନ୍‌ଶନ୍ ପାଇବେ ।

---

### ଓଡ଼ିଶାର ବନ୍ଦୋବସ୍ତ ।

ଓଡ଼ିଶାର ଆଗାମି ବନ୍ଦୋବସ୍ତର ପ୍ରସଙ୍ଗ ବିବେଚନା କରିବାନିମନ୍ତେ ଏ ନଗରରେ ସଭା ହେବାର ଉତ୍କଳଦୀପିକାର ଯେଉଁ ଅଧିବେଶନ ହୋଇଥିଲା ତାହାରୁ ସଫଳ ହୋଇବାରୁ ହେବ । କେବଳ ସଭାର ସଭ୍ୟଙ୍କ ମଧ୍ୟରୁ ଅନେକଲୋକ ଉପସ୍ଥିତ ହୋଇଥିଲେ ଏତକ ନୁହେ ନଗରର ପ୍ରଧାନ ଜମିଦାର ପ୍ରାୟ ସମସ୍ତେ ଆସିଥିଲେ ଓ ଦର୍ଶକଙ୍କ ମଧ୍ୟରେ ଅନେକ ଜମିଦାରଙ୍କ ଗୁମାସ୍ତା ଓ ମୁକ୍ତାରମାନେ ଉପସ୍ଥିତ ଥିଲେ ଏବଂ ପ୍ରଜା ଓ ଅନ୍ୟାନ୍ୟଶ୍ରେଣୀର ଦର୍ଶକଙ୍କ ଦ୍ୱାରା ଗୃହ ପୂର୍ଣ୍ଣ ହୋଇଥିଲା । ଏଥିରୁ ବିଲକ୍ଷଣ ଜଣାଯାଏ ଯେ ବନ୍ଦୋବସ୍ତର କଥା ସମସ୍ତଙ୍କୁ ବ୍ୟସ୍ତ କରିଅଛି ଏବଂ ସମସ୍ତେ ତହିଁର ମୂଳ ନିୟମମାନ ଜାଣିବାକୁ ବ୍ୟଗ୍ର । ସଭାର କାର୍ଯ୍ୟାରମ୍ଭ ହେବାରୁ ସହକାରୀ ସଭାପତି ବାବୁ ମଧୁସୂଦନ ଦାସଙ୍କ ଅନୁରୋଧମତେ ବାବୁ ଜଗମୋହନ ରାୟ ପ୍ରକାଶକଲେ କି ବନ୍ଦୋବସ୍ତସମ୍ପର୍କରେ ଆସିବା କେତେଗୁଡ଼ିଏ ଗୁରୁତର ବିଷୟରେ ଗବର୍ଣ୍ଣମେଣ୍ଟଙ୍କ ଅଭିପ୍ରାୟ ଜାଣିବା ନିତାନ୍ତ ଆବଶ୍ୟକ, ଯଥା—୧ ମ—ମାଲଗୁଜାରୀ ପ୍ରଚଳିତ ହାରରେ ବନ୍ଦୋବସ୍ତ ହେବ କି ତହିଁର କିଛି ପରିବର୍ତ୍ତନ ହେବ ? ୨ୟ-ନୂତନ ଅର୍ଥାତ୍ ସମସ୍ତ ଭୂମିର ବିସ୍ତାରିତ ଜରିପ ହେବ କି ପୂର୍ବବନ୍ଦୋବସ୍ତରେ ଯେସମସ୍ତ ପଡ଼ିଆ ଥିଲା ତହିଁମଧ୍ୟରୁ କେତେ ଉଠିଯାଇ ଅଛି ଓ କେତେ ପଡ଼ିଆ ରହିଅଛି କେବଳ ତହିଁର ଜରିପ ହେବ । ୩ ୟ—ଜଙ୍ଗଲର ବର୍ତ୍ତମାନପର ପୃଥକ୍ ରହିବ କି ଭୂମି ସଙ୍ଗେ ସଙ୍ଗେ ବନ୍ଦୋବସ୍ତ ହେବ । ଏପରି ପଥ ଓ ପ୍ରଦେଶାନ୍ତର ଜାଗିର ଓ ଲାଖରାଜ ବାଜ୍ୟାପ୍ତି ପ୍ରଭୃତି ଅନେକ କଥାର ମୀମାଂସା ହେବାର ଅଛି । ନୂତନବନ୍ଦୋବସ୍ତ କି ନିୟମରେ ହେବ ତାହା ପୂର୍ବରୁ ଜାଣିବା ଏବଂ ଆବଶ୍ୟକମତେ ଜମିଦାର ଓ ପ୍ରଜାଙ୍କ ଆପତ୍ତି ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବା ନିତାନ୍ତ ଆବଶ୍ୟକ । ନୂତନବନ୍ଦୋବସ୍ତରେ କି ଅବସ୍ଥା ଘଟିବ ଏହିବିଷୟରେ ଲୋକଙ୍କ ମନରେ ଏତେ ଭୟ ଜାତ ହୋଇଅଛି ଏବଂ ତହିଁନିମିତ୍ତ ଜମିଦାରୀ ଖରିଦ କରିବାକୁ ସାହସ ନ ହେବାରୁ ବଜାରମୂଲ୍ୟ ଊଣା ହୋଇ ଆସୁଅଛି । ଲୋକଙ୍କର ଏପ୍ରକାର ଭୟ ନିବାରଣ କରିବା ନିତାନ୍ତ ପ୍ରୟୋଜନ ଅଟଇ ତାହା ନ ହେଲେ ଅନେକଲୋକ କ୍ଷତିଗ୍ରସ୍ତ ହେବାର ସମ୍ଭବ । ଅତଏବ ସେ ପ୍ରସ୍ତାବକଲେ କି ଆଗାମି ବନ୍ଦୋବସ୍ତରେ କେଉଁ ମୂଳନିୟମମାନ ଅବଲମ୍ବନ କରିବାର ସ୍ଥିର କରିଅଛନ୍ତି ଏସବୁକୁ ତାହା ଜଣାଇବା ନିମିତ୍ତ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ ପଠାଯାଉ ଯେ ଗବର୍ଣ୍ଣମେଣ୍ଟଙ୍କ ଅଭିପ୍ରାୟ ଜଣାଗଲାଉତ୍ତାରୁ କୌଣସି ଆପତ୍ତି କରିବାର ହେଲେ କରାଯିବ । ଗବର୍ଣ୍ଣମେଣ୍ଟଙ୍କ ଅଭିପ୍ରାୟ ନ ଜାଣି କିଛି ବୋଲିଯାଇ ନ ପାରେ ।

ବାବୁ ମଧୁସୂଦନ ଦାସ ଏପ୍ରସ୍ତାବ ଅନୁମୋଦନ କରି କହିଲେ କି ଆଗାମି ବନ୍ଦୋବସ୍ତର କଥା ସେ ପୂର୍ବରୁ ଭାବି ନ ଥିଲେ । ସମ୍ପ୍ରତି ଏ ପ୍ରସଙ୍ଗ ଉପସ୍ଥିତ ହେବାରୁ ସେ ଆପଣା ପୁସ୍ତକାଳୟ ଖୋଜିବାରେ ବନ୍ଦୋବସ୍ତର ନିୟମାବଳୀମାନରେ ଖଣ୍ଡେ ଇଂରାଜୀପୁସ୍ତକ ପାଇଲେ ସେଥିରେ କେବଳ ଜରିପ ବା ଜମାବନ୍ଦି ଇତ୍ୟାଦିର କେତେଗୁଡ଼ିଏ ନିୟମ ଲେଖା ହୋଇଅଛି । ମାଲଗୁଜାରୀ ପ୍ରଭୃତି ଯେସମସ୍ତ ପ୍ରସଙ୍ଗ ବର୍ତ୍ତମାନ ଉପସ୍ଥିତ ହେଲା ସେସବୁର କିଛି ଉଲ୍ଲେଖ ନାହିଁ ଏବଂ ଅଳ୍ପସକାଳେ ଦୁଇ ଏକଜଣ ବନ୍ଧୁଙ୍କ ସଙ୍ଗେ କଥାବାର୍ତ୍ତା କରି ଜାଣିପାରିଲେ ଯେ ବନ୍ଦୋବସ୍ତ ସଂକ୍ରାନ୍ତ ଅନେକ ଜଟିଳକଥା ଅଛି କି ଯହିଁର ସନ୍ତୋଷଜନକ ମୀମାଂସା ନିତାନ୍ତ ପ୍ରୟୋଜନ । ସଂକ୍ଷେପରେ ସେ ବୁଝୁଅଛନ୍ତି ଯେ ସାମାନ୍ୟପ୍ରଜା ବରଂ ଚୌକିଦାରଠାରୁ ବଡ଼ଜମିଦାର ପର୍ଯ୍ୟନ୍ତ ସମସ୍ତଶ୍ରେଣୀର ଲୋକଙ୍କର ଏହି ବନ୍ଦୋବସ୍ତ ସଙ୍ଗେ ଊଣା ଅଧିକ ସମ୍ପର୍କ ରହିଅଛି । ସୁତରାଂ ଗବର୍ଣ୍ଣମେଣ୍ଟଙ୍କ ଅଭିପ୍ରାୟ ପୂର୍ବରୁ ଜାଣିବା ନିତାନ୍ତ ଆବଶ୍ୟକ ।

ପଣ୍ଡିତ ହରେକୃଷ୍ଣ ଶତପଥି ଏପ୍ରସ୍ତାବ ସମର୍ଥନ କଲେ ଏବଂ କହିଲେ ଯେ ଦେବୋତ୍ତର, ବ୍ରହ୍ମୋତ୍ତର ଓ ଅନର୍ଥ୍ୟଲବ୍ଧ ବାହାଲି ଏବଂ ଜାଗିରଜମି ସମ୍ବନ୍ଧରେ ମଧ ମୀମାଂସାର ଆବଶ୍ୟକ ।

ସର୍ବସାଧାରଣ ଏକମତ ହୋଇ ଏ ପ୍ରସ୍ତାବ ଅନୁମୋଦନ କଲାରୁ ଚୌଧୁରୀ ଶ୍ୟାମସୁନ୍ଦର ରାୟଗୁରୁ ପ୍ରସ୍ତାବ କଲେ କି ଉପରଲିଖିତ ପ୍ରସ୍ତାବାନୁସାରେ ଆବେଦନପତ୍ର ପ୍ରସ୍ତୁତକରି ଆଗାମି ସଭାରେ ଉପସ୍ଥିତ କରିବା ଓ ସେ ସମ୍ପର୍କରେ ଅନ୍ୟାନ୍ୟ କାର୍ଯ୍ୟ କରିବା ନିମିତ୍ତ ଗୋଟିଏ କମିଟୀ ମନୋନୀତ ହେଉ ଏବଂ ରାଜା ବୈଦ୍ୟନାଥ ପଣ୍ଡିତ, ରାଏ କମଳଚରଣ ବୋଷ ବାହାଦୁର, ବାବୁ ଜଗମୋହନ ରାୟ, ବାବୁ ମଧୁସୂଦନ ଦାସ, ଚୌଧୁରୀ କାଶୀନାଥ ଦାସ, ବାବୁ ଲକ୍ଷ୍ମୀନାରାୟଣ ରାଏ ଚୌଧୁରୀ, ବାବୁ ରାଧାବିନୋଦ ନେଓଗ ଓ ବାବୁ ରାମଶଙ୍କର ରାୟ ତହିଁର ସଭ୍ୟ ହେଉନ୍ତୁ ଏବଂ ଏମାନଙ୍କ ସମ୍ମତି ନିଆଯାଉ ଯେ ଅନ୍ୟସଭ୍ୟ ଆପଣା ସହିଁସ୍ୱରୂପ ମନୋନୀତ କରି ପାରିବେ ।

Digitized by srujanika@gmail.com

ଚୌଧୁରୀ ନରସିଂହ ପ୍ରତାପ ଏ ପ୍ରସ୍ତାବ ଅନୁମୋଦନ କଲେ ଏବଂ ଦର୍ଶକଙ୍କ ମଧ୍ୟରୁ ଏକବ୍ୟକ୍ତି ଛଡ଼ା ଅନ୍ୟ ସମସ୍ତଙ୍କ ମତରେ ତାହା ଧାର୍ଯ୍ୟ ହେଲା ।

ବାବୁ କାଳୀପଦ ବାନାର୍ଜ୍ଜୀ ପ୍ରସ୍ତାବ କଲେ ଯେ ବନ୍ଦୋବସ୍ତର ପ୍ରସଙ୍ଗ ଅତ୍ୟନ୍ତ ଗୁରୁତର ବିଷୟ । ଉତ୍କଳସଭାରେ ନାନାଶ୍ରେଣୀର ଲୋକ ଥିବାରୁ ସେମାନଙ୍କର ସ୍ୱାର୍ଥ ନାନାପ୍ରକାର ଅଟଇ । ଏମନ୍ତ ସଭାରୁ ଜମିଦାରଙ୍କର ବନ୍ଦୋବସ୍ତ ବିଷୟ ସ୍ୱାର୍ଥରକ୍ଷାର ସମ୍ପୂର୍ଣ୍ଣ ପ୍ରତ୍ୟୟର ଆଶା କରାଯାଇ ନ ପାରେ । ଜମିଦାରଙ୍କର ଏ ବିଷୟରେ ଅବିଶ୍ରାନ୍ତ ପରିଶ୍ରମ ଓ ଯତ୍ନର ପ୍ରୟୋଜନ ଅତଏବ କେବଳ ଜମିଦାରଙ୍କର ଗୋଟିଏ ସଭା ହେଲେ ଭଲ ହେବ ।

ବାବୁ ମଧୁସୂଦନ ଦାସ କହିଲେ ଯେ ଏ ପ୍ରସ୍ତାବଟି ଉତ୍ତମ ଅଟଇ ଏବଂ ଜମିଦାରମାନେ ଯେବେ ଆପଣା ସ୍ୱାର୍ଥରକ୍ଷା ନିମିତ୍ତେ ପୃଥକ୍ ସଭା କରି କାର୍ଯ୍ୟ କରନ୍ତି ତହିଁରେ ଉତ୍କଳସଭା ଦୁଃଖିତ ନ ହୋଇ ବରଂ ଆହ୍ଲାଦିତ ହେବେ। କିନ୍ତୁ ସେ ପ୍ରସ୍ତାବ ଉପସ୍ଥିତ କରିବା ସ୍ଥଳ ଏ ନୁହଇ । ଏଠାରେ ଉତ୍କଳସଭାର ଅଧିବେଶନ ହୋଇଅଛି ଏଥିର କର୍ତ୍ତବ୍ୟ ବିଷୟରେ ଯେ ଯାହା କହିବେ ତାହା ଆନନ୍ଦ ସହିତ ଶୁଣାଯିବ । ଯାହାଙ୍କର ଇଚ୍ଛା ହେବ ସେ ଜମିଦାରମାନଙ୍କୁ ଆହ୍ୱାନପୂର୍ବକ ଭିନ୍ନସଭା କରିପାରନ୍ତି ।

ବାବୁ ନଗେନ୍ଦ୍ରନାଥ ଚାଟାର୍ଜ୍ଜୀ କାଳୀବାବୁଙ୍କ ପ୍ରସ୍ତାବ ଅନୁମୋଦନ କରି ଜମିଦାରଙ୍କର ସଭା ଛଡ଼ା ପ୍ରଜାଙ୍କର ଗୋଟିଏ ସ୍ୱତନ୍ତ୍ର ସଭା କରିବାର ପ୍ରସ୍ତାବ କଲେ କାରଣ ତାହାଙ୍କ ବିବେଚନାରେ ଜମିଦାରମାନେ ଆପଣା ସ୍ୱାର୍ଥପ୍ରତି ଦୃଷ୍ଟି ରଖିବେ ପ୍ରଜାଙ୍କର ସ୍ୱତ୍ୱ—ରକ୍ଷାପ୍ରତି ସେମାନଙ୍କର ଦୃଷ୍ଟି ପଡ଼ିବ ନାହିଁ । ସେ ଆହୁରି କହିଲେ ଯେ ବନ୍ଦୋବସ୍ତର ମୂଳନୀତିମାନ ଜାଣିବା ନିମିତ୍ତେ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରିବାର ପ୍ରୟୋଜନ ନାହିଁ ଯେହେତୁ ସେ-ବିଷୟରେ ଗୋପ୍ୟଯୁକ୍ତ ରହିଅଛି ଏବଂ ଅବାଧ୍ୟତ ହେଲେ ମଧ୍ୟ ଏଥିପାଇଁ ଲେଖିଲେ ଉତ୍ତର ଅବଶ୍ୟ ହେବ ତହିଁପାଇଁ ଗୋଟାଏ କମିଟୀ କରିବାର ଆବଶ୍ୟକ ନାହିଁ । ଏ ବାବୁ ଏ ନଗରକୁ ନୂତନ ଓ ନୂଆ ହୋଇ ଆସିଅଛନ୍ତି ଏବଂ ତାହାଙ୍କ ବକ୍ତୃତାରୁ ଜଣାଗଲା ଯେ ଏ ପ୍ରଦେଶର ଜମିଦାର ଓ ପ୍ରଜାସମ୍ବନ୍ଧ ବିଷୟ ସେ ସମ୍ପୂର୍ଣ୍ଣ ଅବଗତ ହୋଇ ନାହାନ୍ତି । ଯାହା ହେଉ ପ୍ରଥମ ପ୍ରସ୍ତାବ ଏକାନ୍ତ ଅଧିକାଂଶଙ୍କରୁ ଧାର୍ଯ୍ୟ ହୋଇଥିବା ଏବଂ ୨ୟ ପ୍ରସ୍ତାବ ସମ୍ବନ୍ଧରେ ତାହାଙ୍କ ମତ ସଙ୍ଗେ ଆଉ କେହି ଐକ୍ୟ ନ ହେବାରୁ ଏବଂ ସେ ନିଜେ ଯେଉଁ ପ୍ରସ୍ତାବ ଅନୁମୋଦନ କରିବାକୁ ଦଣ୍ଡାୟମାନ ହେଲେ ତହିଁର ଅନ୍ତ—ରକ୍ତ ପ୍ରସ୍ତାବ କରିବାରୁ ତାହାଙ୍କ ସଫଳତା ବ୍ୟର୍ଥ ହୋଇଗଲା ।

ଏହିରୂପେ ସଭାର କାର୍ଯ୍ୟ ଶେଷ ହେଲା । ଏଥିମଧ୍ୟରେ ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଓଡ଼ିଶାର ଉତ୍ତରଖଣ୍ଡରେ ଜରିପ କାର୍ଯ୍ୟ ଆରମ୍ଭ କରିବା କାରଣ ଅମିନ ମାନେ ଆସିଅଛନ୍ତି । ଏ ଜରିପରେ ଥାକବସ୍ତ ହାଉସ ଲେବଲ ନାଇ ରିଭିନ୍ୟୁପାର୍ଟ୍ସ ଜମି ଜରିପ ହେବ । ଏଥିରୁ ବନ୍ଦୋବସ୍ତକାର୍ଯ୍ୟର ସମ୍ଭାବନା ଜଣା ପଡ଼ୁଅଛି । ପରଗଣା ବା ତାଲୁକ ଅର୍ଦ୍ଧାଂଶରେ ଜରିପ ନ ହୋଇ ଲମ୍ବଭାଗରେ ଚାଲିଲା ଥିର ଜରିପ କରିବା କେମନ୍ତକଥା ପାଠକମାନେ ବୁଝି ପାରିବେ । ଯାହା ହେଉ ଜମିଦାର ଓ ପ୍ରଜାମାନଙ୍କର ଏ ସମୟରେ ନିଶ୍ଚିନ୍ତ ରହିବାର ଅବକାଶ ନାହିଁ । ଅତଏବ ଉତ୍କଳସଭାର ଲୋକଙ୍କର ଜାଗର୍ତ୍ତି ଲେବା ଉଚିତ । ଆଗାମୀ ବନ୍ଦୋବସ୍ତରେ ରାଜସ୍ୱ ବୃଦ୍ଧି ହେବ ସନ୍ଦେହ ନାହିଁ ଏବଂ ସରକାରଙ୍କ ସ୍ୱତ୍ୱ ରକ୍ଷା କରିବା ସମସ୍ତଙ୍କର ଯେମନ୍ତ କର୍ତ୍ତବ୍ୟ ଜମିଦାର କିମ୍ବା ପ୍ରଜାଙ୍କର ସ୍ୱତ୍ୱର କୌଣସି ହାନି ନ ହେବା ଏବଂ ବୃଦ୍ଧି କର ଅତ୍ୟଳ୍ପରେ ଅବାଧ୍ୟ ହେବାପ୍ରତି ମଧ୍ୟ ସମସ୍ତଙ୍କର ଦୃଷ୍ଟି ରଖିବା କର୍ତ୍ତବ୍ୟ ଅଟଇ । ସନ୍ତୋଷର ଉପଯୁକ୍ତ ରକ୍ଷା ପାଏ ଏଥିର ବ୍ୟବସ୍ଥା କରିବା ଉଚିତ ।

---

# ସାପ୍ତାହିକସମ୍ବାଦ ।

## କଲିକତା-ଗେଜେଟ ।

ଛୁଟିପ୍ରାପ୍ତ ପ୍ରଥମ ଡେପୁଟୀ ମାଜିଷ୍ଟ୍ରେଟ ବାବୁ କମଳନାଥ ଘୋଷ କାଶୀପୁରକୁ ବଦଳି ହେଲେ ।

ଏକଜିକ୍ୟୁଟିଭ ଇଞ୍ଜିନିୟର ଅମୃତଲାଲ ରାୟ ବାହାଦୁର ଓଡ଼ିଶାଡିଭିଜନକୁ ବଦଳି ହେଲେ ।

ମୃତ ବାବୁ ହରିକୃଷ୍ଣ ଦାସଙ୍କ ସ୍ଥାନରେ ବାବୁ ନାରାୟଣ ଚନ୍ଦ୍ର ଘୋଷ କଟକ ଉପଭ ଷ୍ଟାଲ୍ କୋର୍ଟର ମେମ୍ବର ହେଲେ ।

---

ଜର୍ମାନର ସମ୍ରାଟ୍ ଦରବାରରେ ଏକା ସମୟରେ ବଦଳର ସୁଲତାନଙ୍କର ଦୂତ ପ୍ରେରଣରେ ଏକଶେଷ ଅଭାବ ବ୍ୟକ୍ତ କରିଥିଲେ । ବର୍ତ୍ତମାନ ଅବଗତ ହେଲୁଁ ସେ ସୁଲତାନ ସେହି କଥା ଗତମାସ ତା ୩୦ ରିଖର ପାଇଓନିୟର କାଗଜରେ ଲେଖନ କରିବା ସମ୍ବନ୍ଧରେ ଟିପ୍ପଣୀ କରିଅଛନ୍ତି । ସେ କହୁଅଛନ୍ତି ସେ ସାମୁଦ୍ରିକ ସ୍ତ୍ରୀ ସମ୍ବନ୍ଧରେ ଜର୍ମାନୀବାସୀ ନବ୍ୟ ଯୁବକମାନେ ଇଂଲଣ୍ଡଠାରେ ବରୁଡ଼ ଶିକ୍ଷା ଲାଭ କରି ପାରିବେ ।

ଲିଭରପୁଲରୁ ଆସିଥିବା ଗତମାସ ତା ୯ ରିଖର ଟେଲିଗ୍ରାଫରୁ ପ୍ରକାଶ ଯେ ଷ୍ଟେସନଲଣ୍ଡନଠାରେ ଏକ ବାଲ୍ଟେଜ କାରଖାନାଘର ଭାଙ୍ଗିପଡ଼ିବାରୁ ତହିଁ ତଳେ ୫ ୫୦ ଜଣ ରହିଯାଇଥିଲେ ସେ ୫ ୪୦ ଜଣଙ୍କ ମୃତଦେହ ପାଇ ଯାଇଅଛି । ଅବଶିଷ୍ଟ ୫ ୧୦ ଜଣଙ୍କ ଶବର ଠିକ ନାହିଁ । ଏ ଘଟଣା ଡୋଯାନ ଯୋଗେ ଘଟିଅଛି ।

ନବେମ୍ବରମାସ ତା ୩ ରିଖରେ କନଷ୍ଟାଣ୍ଟିନୋପଲଠାରୁ ଆସିଥିବା ତାର ସମ୍ବାଦରୁ ପ୍ରକାଶ ଯେ ତୁର୍କିଙ୍କର ସମ୍ରାଟ୍ ସେବନ ସେଠାରେ ପହୁଞ୍ଚଲେ । ଅନେକ ସମାରୋହ ସହିତରେ ତାହାଙ୍କର ଅଭ୍ୟର୍ଥନା ହୋଇଥିଲା । ଅନେକ ଦେଶୀ ସମ୍ଭ୍ରାନ୍ତ ଲୋକ ଉପସ୍ଥିତ ହୋଇଥିଲେ ଏବଂ ନଗରକୁ ବାଲ୍ଟାଲି ପ୍ରାପ୍ତ ହୋଇଥିବା ଲୋକ ଅଭ୍ୟନ୍ତର ଦେଖିବାକୁ ଯାଇ ଭୁଣ୍ଡ ହୋଇଥିଲେ । ସମ୍ରାଟ୍ ସନ୍ତୋଷ ହୋଇ ଯାଇଅଛନ୍ତି ।

ବର୍ତ୍ତମାନ ଶୁଣାଯାଉଅଛି ଯେ ରାଜକୁମାର ପ୍ରିନ୍ସ ଆଲବର୍ଟ ଭିକ୍ଟରଙ୍କୁ କେବଳ ପ୍ରଥମ ପ୍ରେସିଡେନ୍ସି ନଗରମାନଙ୍କରେ ଅଭିନନ୍ଦନପତ୍ର ପ୍ରଦତ୍ତ ହେବ ।

ସୁଇଡେନ ପ୍ରିନ୍ସ ଅଫ୍ ଓଏଲସ ଗତମାସ ତା ୧୨ ରିଖରେ ମିଶରଦେଶରେ ପହଞ୍ଚିବାରୁ ଅତ୍ୟନ୍ତ ଆଡ଼ମ୍ବର ସହିତ ତାହାଙ୍କର ଅଭ୍ୟର୍ଥନା ହୋଇଥିଲା ।

ଟ୍ରିବ୍ୟୁନ ମହନ୍ତଙ୍କ ନାମରେ ଯେଉଁ ପଞ୍ଜାବୀଙ୍କ ମୋକଦ୍ଦମା ଦାଏରହୋଇଥିଲା ତାହା ଗତମାସ ତା ୪ ରିଖରେ ଜଜ୍ ଅଦାଲତରେ ନିଷ୍ପତ୍ତି ହୋଇ ଅଭିଯୋଗ ଉପସ୍ଥିତରେ ମହନ୍ତଙ୍କୁ ଦୌରା ସୁପର୍ଦ୍ଦ କରାଯାଇଅଛି । ଦୌରା ବିଚାର ଆରମ୍ଭ ହୋଇ ନାହିଁ । ସେ ବର୍ତ୍ତମାନ ୫ ୧୦୦୦୦ ଟଙ୍କାର ମୁଚଲିକା ଓ ୫ ୧୦୦୦୦ ଟଙ୍କା ଲେଖାଏଁ ୨ ୨ ଜଣ ଜାମିନଦାରଙ୍କ ଜାମିନରେ ଖଲାସ ପାଇଅଛନ୍ତି ।

ମାନ୍ଦ୍ରାଜର ଗବର୍ଣ୍ଣର ଲର୍ଡ଼ କୋନେମାରାଙ୍କ ନାମରେ ତାଙ୍କ ପତ୍ନୀ ବିବାହବନ୍ଧନ ଭଙ୍ଗ ପ୍ରଭୃତି କାରଣର ପାଇବା ମର୍ମରେ ଯେ ମୋକଦ୍ଦମା ବିଲାତରେ ଦାଏର କରିଥିଲେ ତହିଁରେ ଲର୍ଡ଼ କୋନେମାରା ଜବାବ ଦାଖଲ କରିବାର ସମ୍ବାଦ ମିଳିଅଛି ।—ବଙ୍ଗବାସୀରେ ଏହାର କଥା ।

କଥିତ ଅଛି ଭୂରିସ୍ଥିତ ସମ୍ରାଟଙ୍କ ଜ୍ୟେଷ୍ଠପୁତ୍ରଙ୍କ ସହିତ ପ୍ରିନ୍ସେସ ବଜକୁମାରୀ ମାର୍ଗାରେଟଙ୍କର ବିବାହ ସମ୍ବନ୍ଧ ସ୍ଥିର ହୋଇଅଛି । ଉତ୍ତମ ।

ପଣ୍ଡିତା ରମାବାଈଙ୍କ ଶାରଦାସଦନରେ ନ ୨୫ ଜଣ ଛାତ୍ରୀ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୫ ୧୨ ଜଣ ସେହି ସଦନରେ ଭବବଳ ଥାନ୍ତି । ସେହି ୫ ୧୨ ଜଣ ମଧ୍ୟରୁ ୫ ୫ ଜଣ ବିଧବା, ୫ ୩ ଜଣ ସଧବା ଏବଂ ୫ ୩ ଜଣ କୁମାରୀ ଅଛନ୍ତି । ପଣ୍ଡିତା ଏମାନଙ୍କୁ ଗୋଟି କାର୍ଯ୍ୟ କରିବା, ଚୌକା ଓ ଲୋକାଇ ବୁଣିବା, ଅଙ୍କ ଓ ମାତୃର ଧର୍ମ ଇତ୍ୟାଦି ଶିକ୍ଷା ପ୍ରଦାନ କରନ୍ତି ।

ବଙ୍ଗତ ପାର୍ଲିଆମେଣ୍ଟର ମେମ୍ବର ବ୍ରାଡ଼ଲାସାହେବଙ୍କ ଭାରତକୁ ଆସିବା କଥା ପାଠକମାନଙ୍କୁ ଜଣାଅଛି । ତାଙ୍କୁ ଅର୍ଥସାହାଯ୍ୟ କରିବା କାରଣ ଲୋକ ଭାରତ୍ୱାରୁ ଚେଷ୍ଟା କରିବାକୁ କାସ୍ତି କଲେ । ତଥାପି ଜଣେ ପାର୍ଲିମେଣ୍ଟର ମେମ୍ବର ମେକ୍‌ଲନଲ୍ଡ ସାହେବ ତାଙ୍କଠାକୁ ୫ ୧୦୦ ଟଙ୍କା ପଠାଇ ଦେଇଅଛନ୍ତି ।

Split by PDF Splitter
Digitized by srujanika@gmail.com

କାଶ୍ମୀର ଦରବାର ଦେବାନ ଲଚ୍ଛମନଦାସଙ୍କ ନାମରେ ତେତଲକ୍ଷ ଟଙ୍କା ଦାବୀରେ ନାଲିସ ଦାଏର କରିଅଛନ୍ତି । ଦେବାନ ବଡ଼ ଲାଟ ମହୋଦୟଙ୍କ ସମୀପରେ ଆବେଦନ କରିବା ଅଭିଳାଷରେ ମା ୭ ଦିନ ମହଲତ ନେବା କାରଣ ପ୍ରାର୍ଥନା କରିଅଛନ୍ତି ।

ଗତମାସ ତା ୨ ଦିନରେ ଶେଷ ହେବା ସପ୍ତାହରେ ବମ୍ବେଠାରେ ୭ ୧୦୨୨୧ ଣ ଲୋକଙ୍କ ମଳମ୍ବ ଦଣ୍ଡଯାଇଥିବାର ସମ୍ବାଦ ମିଳଇ । ଇ୨୦୩୧ଣ ଲୋକଙ୍କ ଅବଚ୍ଛିନ୍ନରେ ଲୋକଙ୍କ ଦଣ୍ଡ ଉଠିଥିଲା ସେ ଏମାନଙ୍କ ମଧ୍ୟରେ ଲ୧୪୨୭ଣ ପିଲ୍ଲ ଥିଲେ ।

ଅମୃତସହରଠାରେ ଦୀପାବଳୀ ଅମାବସ୍ୟା ଦିନ ଲୋକ ଓ ଘୋଡ଼ା ଇତ୍ୟାଦିର ହାଟ ହୁଅଇ । ଗତବର୍ଷ ଗତ ଦୀପାବଳୀ ଅମାବସ୍ୟାରେ ଉକ୍ତ ସ୍ଥାନର ହାଟରେ ୩୦୦୦ ଘୋଡ଼ା ଓ ୨୦୦୦୧ ଗୋରୁଅଡ଼ ଏକତ୍ରିତ ହୋଇଥିଲେ ଏହି ଜନ୍ତୁମାନଙ୍କ ଉଚ୍ଚମୂଲ୍ୟ ହୋଇଯାଇଥିବାର ସମ୍ବାଦ ମିଳଇ ।

ଜର୍ମ୍ମାନର ସମ୍ରାଟ୍ ଗତମାସ ତା ୭ ଦିନରେ ତୁରଷ୍କ ସୁଲତାନଙ୍କଠାରୁ ବଦାୟ ଗ୍ରହଣ କରି ଓ ସ୍ୱଦେଶାଭିମୁଖରେ ଯାତ୍ରା କରିଅଛନ୍ତି । କଥିତ ଅଛି ସମ୍ରାଟ୍ ସାମ୍ରାଜ୍ଞୀ ତୁରଷ୍କରାଜା ଙ୍କୁ ଉପହାର ଦେଇଅଛନ୍ତି । ଏ ବିଷୟରେ ତୁରଷ୍କ ଭଣା ନୂତନ ।

ଇଂଲଣ୍ଡ ଓ ସ୍କଟଲଣ୍ଡ ମଧ୍ୟରେ ଉପସାଗର ଅଛି । ସେହି ସାଗର ଉପରେ ବର୍ତ୍ତମାନ ଗୋଟିଏ ଭାସା ପୋଲ ନିର୍ମ୍ମାଣ ହୋଇଅଛି । ଏଥିର ସାର୍ଦ୍ଧ ଦେଢ଼ ମାଇଲ ଏବଂ ପ୍ରସ୍ଥ ଦେଢ଼ ଫୁଟ । ଜୁହାର ଜୁଆର ଜଳ ସମୁଦ୍ର ଜଳରୁ ୩୬୧ ଫୁଟ ଉଚ୍ଚରେ ଅଛି । ଏତେ ପୋଲ ପୃଥିବୀରେ ଅତି ବିରଳ ।

ପାଟନାର ଦୁର୍ଭିକ୍ଷ ପ୍ରାୟ ଉପଶମ ହୋଇଅଛି ଶୀଘ୍ର ସାହାଯ୍ୟକାର୍ଯ୍ୟ ବନ୍ଦ ହେବ ।

ଏ ସପ୍ତାହରେ ଏ ନଗରରେ ଓଲାଉଠାର ପ୍ରାଦୁର୍ଭାବ ଘଟୁଅଛି ।

ଦକ୍ଷିଣଭାରତର ମହାରଣ୍ୟରେ ଗୋଟିଏ ବାଘ ପିଣ୍ଡଯାଇ ଗୋଦାବରୀ ଅଞ୍ଚଳରେ ୬୦ ଣ ମନୁଷ୍ୟଙ୍କୁ ନଷ୍ଟ କରିବାରୁ ତାହାକୁ ମାରିବା ପାଇଁ ସରକାର ୫ ୨୦୦୧ ଙ୍କା ପୁରସ୍କାର ଘୋଷିଥିଲେ । ମାତ୍ର ବାଘ ପୂର୍ବୋକ୍ତ ବନ୍ଦୁକଙ୍କ ଫେଡ ଅଦ୍ୟାବଧି ମହାଶୟଙ୍କ ମାତ୍ରଲୋକମାନେ ତାହାକୁ ଧରି କରି ଅଛନ୍ତି ।

---

## ପତ୍ରପ୍ରେରକଙ୍କ ପ୍ରତି ।

ସ୍ଥାନାଭାବରୁ କେତେକ ଖଣ୍ଡ ପତ୍ର ଅପ୍ରକାଶିତ ରହିଗଲା ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ,

ଏଥିପୂର୍ବେ ଆପଣଙ୍କର ଜଣେ ପତ୍ରପ୍ରେରକ ଗୃହଦେବତାମାନଙ୍କର ପଞ୍ଚାମୃତ ଦ୍ୱାରା କରିବା ବିଷୟରେ ଶାସ୍ତ୍ରୀୟ ପ୍ରମାଣ ମାଗିଥିଲେ । ଅତଏବ ତଦ୍‌ବିଷୟରେ ନିମ୍ନଲିଖିତ ପ୍ରମାଣ ପ୍ରାପ୍ତ ହେବାରୁ ଆପଣଙ୍କ ନିକଟକୁ ପ୍ରେରଣ କରି ପ୍ରାର୍ଥନା କରୁଅଛୁଁ ଯେ ଏହା କଷ୍ଟ ସ୍ୱୀକାର କରି ଦୀପିକାର ଏକପ୍ରାନ୍ତରେ ପ୍ରକାଶ କରି ବାଧିତ କରିବା ହେଉନ୍ତୁ ।

ସ୍ମୃତି ଦର୍ପଣେ ଯଥା,

ଗୃହେ ପ୍ରତିଷ୍ଠିତା ଦେବା ଗୌଶାଳଙ୍କର କେଶବାଃ । ଅନ୍ୟତ୍ର ପ୍ରାପ୍ତିଷ୍ଠା ଯାମ୍ୟବତ୍ତ ଗୋ ଗଣପଃ ସଦା ॥

ଦୁର୍ଗୋତ୍ସବତତ୍ତ୍ୱକାଧୃତଂ ଯଥା,

ପଞ୍ଚାମୃତମୁଖବର୍ତ୍ତିନାଂ ଶିବାଂ ପୂଜୟେଦ୍ଦ୍ୱିଜ ଗୃହେ ସମର୍ଚ୍ଚନଂ । ପୂଜକସ୍ତୁ ସ୍ୱରନାଥବତ୍ତ କ୍ଷୋ ଦେବତାଭିମୁଖ ଏବ ପୂଜୟେତ୍ ।

ପଞ୍ଚାମୃତମୁଖବର୍ତ୍ତିନାମମୂଂ ପୂଜୟେ ଦ୍ୱିଜ ହୃଦଂଗତାଂ ଚ ଭାଗ୍ୟପ୍ରଦେ । ସାଧକୋ ଧନଦବତ୍ତ କ୍ଷୋ ଭବେଦେବମୁତ୍ତରତୋଽପି ତାନ୍ତ୍ରିକାଃ ।

ସାରଙ୍ଗଗଡ଼ ନଗର } ଶ୍ରୀ ରଘୁନାଥ ମିଶ୍ର ଅଯୋଧ୍ୟାଗତ ପ୍ରଯାଗ ସମାଜର ମେମ୍ବର

---

ମହାଶୟ,

ଭଦ୍ରକ ସବ ଡିଭିଜନସ୍ଥ ଜଳେଶ୍ୱର ଅନ୍ତର୍ଗତ ଜମିଦାର ଶ୍ରୀଯୁକ୍ତ ବାବୁ ବ୍ରଜବଲ୍ଲଭ ପାଢ଼ୀ ସ୍ୱୀୟ ବୃଦ୍ଧପିତାଙ୍କ ଉଦ୍ଦେଶ୍ୟରେ ଗତ ଶୁକ୍ରବାର "ବୃଷ ପ୍ରୀତ" ନାମକ ତୁଳାପୁରୁଷ ଦାନର ଅନୁଷ୍ଠାନ କରିଥିଲେ ଛିସ୍ତ୍ରୀମଣ୍ଡପରେ ଏକଷଣ୍ଡ ଉଠନ୍ତି ତତ୍ତ୍ୱାଭିଜ୍ଞ ପଣ୍ଡିତ ଉପବନ୍ଧୁ ଆଦି ଅନୁଷ୍ଠିତ କାର୍ଯ୍ୟଟି ଯଥାଶାସ୍ତ୍ର ସମ୍ପନ୍ନ କରିଅଛନ୍ତି ଅନାହୂତ ମଧ୍ୟବିତ୍ତ ଓ ଭିକ୍ଷୁକ ବ୍ରାହ୍ମଣ ଏବଂ ଅନ୍ୟାନ୍ୟ ଜାତୀୟ ଦରିଦ୍ରମାନଙ୍କ ସଂଖ୍ୟା ପ୍ରାୟ ୭ସହସ୍ରରୁ ଅଧିକ ହୋଇଥିଲା । ଦ୍ୱିତୀୟ ଦିବସ ଦାନପ୍ରାପ୍ତି ଉଚିତ ବ୍ୟକ୍ତିମାନଙ୍କଠାରେ, ଅତ୍ୟନ୍ତ ଆନନ୍ଦର ବିଷୟ ଯେ, ପ୍ରତ୍ୟେକଙ୍କୁ ଦାନ ଦକ୍ଷିଣାଦ୍ୱାରା ଯଥୋଚିତରୂପେ ପରିତୃପ୍ତ ହେବା, ଉଲ୍ଲିଖିତ ବାବୁ ମହାଶୟଙ୍କର ଅଶାନ୍ତିତ ସାତ୍ତ୍ୱିକ ସ୍ୱଭାବଶାଳୀ ପରିଚାୟକ ଅଟେ ।

ଏହି କାର୍ଯ୍ୟ ସଙ୍ଗେ ବାବୁ ମହାଶୟ ସ୍ୱୀୟ ପିତାଙ୍କର ବନ୍ଧୁବର୍ଗୀୟ ଅନେକ ଖାତକମାନଙ୍କୁ ସେମାନଙ୍କଠାରୁ ଟଙ୍କା ଅଦାୟ କରିବାର ଉପାୟସତ୍ତ୍ୱେ, ଋଣମୁକ୍ତ କରି ବିଶେଷ ଦୟାଳୁତାର ପରିଚୟ ଦେଇଅଛନ୍ତି । ପୁନଶ୍ଚ ଏହି ଘଟନା ଉପଲକ୍ଷରେ ସ୍ୱୀୟ ପ୍ରତିଷ୍ଠିତ କୁଳଦେବତାଙ୍କ ସେବା ସୌକର୍ଯ୍ୟାର୍ଥ ୫୦୦ ମାଣ ପରିମିତ ନିଷ୍କର ଲାଖରାଜଭୂମି ଉତ୍ସର୍ଗ କରିଅଛନ୍ତି । ତଦୂର୍ଦ୍ଧ୍ୱତଃ ଉକ୍ତବ୍ୟ ପ୍ରସ୍ତାବିତ ସ୍କୁଲଗୃହଟି ଇଷ୍ଟକନିର୍ମ୍ମିତ କରାଇବାର ସାଧାରଣ ହିତକର ଶିକ୍ଷାରୂପ ସାର୍ବଜନୀନ ଦୃଢ଼ମୂଳ କରିବା ମାନସରେ ଏକକାଳୀନ ୫ ସହସ୍ର ଟଙ୍କା ଗଭର୍ଣ୍ଣମେଣ୍ଟରେ ଗଚ୍ଛିତ କରିବାର ସଙ୍କଳ୍ପ କରିଅଛନ୍ତି । ଭରସା କରୁଁ ବାବୁ ମହାଶୟଙ୍କର ଉକ୍ତକାମନା ଯେପରି ଅଚିରାତ୍ ଫଳବତୀ ହେବ ।

ଉପରୋକ୍ତ ବାବୁ ମହାଶୟଙ୍କର ଏବମ୍ପ୍ରକାର ଉଦୟ ଅତ୍ୟନ୍ତ ଶ୍ଳାଘନୀୟ ଅଟେ । ସୌଭାଗ୍ୟସମ୍ପନ୍ନ ବ୍ୟକ୍ତିମାନେ ଏହି ପ୍ରକାରରେ ପରସ୍ପର ଆଦର୍ଶ ହେବାକୁ ସମୁତ୍ସୁକ ହୋଇ ସମାଜ ଓ ଦେଶର ମୁଖୋଜ୍ଜ୍ୱଳ କରନ୍ତୁ । ଏହାହିଁ ଈଶ୍ୱରଙ୍କଠାରେ ଏକାନ୍ତ ପ୍ରାର୍ଥନୀୟ ।

ଭଦ୍ରକ ୨୧।୧୦।୮୯ }      ଶର୍ମ୍ମୀ

---

ମହାଶୟ !

ଆମ୍ଭମାନଙ୍କର ମାନନୀୟ ଶ୍ରୀଯୁକ୍ତ ଆସିଷ୍ଟାଣ୍ଟ ମେଜେଷ୍ଟର ବାବୁ ଭୁବନେଶ୍ୱର ସରକାର ମହୋଦୟଙ୍କ ଅନୁଗ୍ରହ ଯତ୍ନ ଆଉ ଉତ୍ସାହରେ ଏ ବର୍ଷ ଦୁର୍ଗର ମା ୩ ଗଲ ଦୁର୍ଗସ୍ଥ ଲୋକଙ୍କ ମହାଦେବଙ୍କ ନିକଟରେ ବାଲିଯାତ୍ରା ଉପଲକ୍ଷରେ କାର୍ତ୍ତିକପୂର୍ଣ୍ଣିମା ଦିନ ପ୍ରାତଃକାଳରୁ ରାତ୍ର ଘ ୧୦ ପର୍ଯ୍ୟନ୍ତ ଯାତ୍ରା ଜମିଥିଲା । ଏ ଯାତ୍ରାଟି ଏ ବର୍ଷ ନୂତନ ହୋଇ ଆରମ୍ଭ ହେବାରୁ ଦୂରସ୍ଥ ଲୋକମାନେ କେହି ଜାଣି ପାରିଲେ ନାହିଁ, ତଥାପି ଆଶାତୀତ ଲୋକ ଜମିଥିଲେ ତାହାଙ୍କ ଯେଉଁପରି ମନୋହର ସୌନ୍ଦର୍ଯ୍ୟ ଦୋକାନମାନଙ୍କର ନାନା ଦ୍ରବ୍ୟ ଦୋକାନ ଏବଂ ସଦର ରାସ୍ତା ଘଟସ୍ଥମଣ୍ଡରେ ଲାଗାଣ୍ଡ ପୂର୍ଣ୍ଣରୂପେ ଚଳୁଥିଲା ଦୋକାନଥିଲା । ଦର୍ଶକମାନଙ୍କର କୋତୁହଳଜନକ ଗୋଷ୍ଠୀପୂର୍ଣ୍ଣ ନାଚ, ରାତି, ମନ୍ତ୍ରକଥା ତମାସା ଏବଂ ନାମ ସଙ୍କୀର୍ତ୍ତନ ପ୍ରଭୃତି ଦ୍ୱାରା ଆମୋଦ ପ୍ରମୋଦରେ କାଳାତିପାତ କରିଥିଲେ । କିନ୍ତୁ ମହାପ୍ରଭୁଙ୍କ ମନ୍ଦିରର ଦୁରବସ୍ଥା ଦେଖି ଲୋକଙ୍କ ମନରେ ଦୁଃଖ ହୋଇଥିଲା । ଆଶା କରୁଁ ଉକ୍ତ ବାବୁ

Split by PDF Splitter



ଯେପ୍ରକାର ମନସ୍ଥ କରିଅଛନ୍ତି ଏହିପରି ଅନ୍ତଃକରଣର ସହିତ ମନୋଯୋଗ କଲେ ଏହି ମହତ୍ କାର୍ଯ୍ୟଟି ଶୀଘ୍ର ପ୍ରାପ୍ତି ହୋଇ ବାବୁ ମହାଶୟଙ୍କର ଯଶଃପତାକା ଉଡ୍ଡୀୟମାନ ହୋଇଥିବ । ପ୍ରାର୍ଥନା ଯେ ମହାପ୍ରଭୁଙ୍କ ମନ୍ଦିରଟିକୁ ନିର୍ମାଣ କରାଇ ଲୋକମାନଙ୍କର ମନଃକାମନା ପୂର୍ଣ୍ଣ କରନ୍ତୁ ଏବଂ ଏହି ଉତ୍କୃଷ୍ଟ କାର୍ଯ୍ୟ ନିମିତ୍ତ ବାବୁ ମହାଶୟଙ୍କୁ ପ୍ରଶଂସାର ସହିତ ଶତ ୨ ଧନ୍ୟବାଦ ଦେଉଅଛୁଁ । ଅତଃପର ଆମ୍ଭମାନଙ୍କର ମେନେଜର ମହାଶୟ ଏହା ଦେଖି ବୋଧ ହୁଏ ସ୍ଥିର ହୋଇ ପାରିବେ ନାହିଁ । ଜଣାଇ ପ୍ରାର୍ଥନା ଯେ ଏହିପରି ଆଉ ଗୋଟିଏ କିଛି ନୂତନ କାର୍ଯ୍ୟ ଆରମ୍ଭ କରି ଆପଣା ନାମର ଗୌରବତା ରକ୍ଷା କରନ୍ତୁ ।

ଢେଙ୍କାନାଳଃ—ଏ ରାଜ୍ୟର ଜଙ୍ଗଲ ବନ୍ଦୋବସ୍ତ କରିବା ନିମିତ୍ତ ଜଣେ ଫରେଷ୍ଟର ନିଯୁକ୍ତ ହୋଇ ଆଜକୁ ମାସ ୨ ସ ହେଲା ଏଠାରେ ଆସି ଉପସ୍ଥିତ ହୋଇଅଛନ୍ତି ଜଙ୍ଗଲରେ ଯେପରି ନିୟମ ପ୍ରଚଳିତ ହେବ ତହିଁର ରିପୋର୍ଟ ଗବର୍ଣ୍ଣମେଣ୍ଟକୁ ପଠାହୋଇଅଛି । ଏପର୍ଯ୍ୟନ୍ତ କୌଣସି ହୁକୁମ ଆସି ନାହିଁ । ଏହା ଦେଖି ଶୁଣି ଏଠା ପ୍ରଜାମାନେ ହତାଶ ହୋଇଯାଉଅଛନ୍ତି । ଅପର ସମୟରେ ଧୈର୍ଯ୍ୟ ଧରିବା ଉଚିତ । ଇତି ।

୫।୧୧।୮୯ }
ଢେଙ୍କାନାଳ } ଶ୍ରୀ—

### ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ସୁଦର୍ଶନ ମହାପାତ୍ର | ଲକ୍ଷ୍ମଣପୁର | କଟକ | ଟ ୩୯ |
| „ ନନ୍ଦକୁମାର ବୋଷ | ଅସମ୍ପୋ | ଅନୁଗୁଳ | ଟ ୩୯ |
| „ ହରେକୃଷ୍ଣ ମହାନ୍ତି | କଟକ | „ | ଟ ୧୯ |
| „ ଦଶରଥ ପଣ୍ଡା | ଯାଜପୁର | „ | ଟ ୩୯ |
| „ ଗୋବର୍ଦ୍ଧନ ବଷ୍ଟର ଚନ୍ଦ୍ର ମହାନନ୍ଦ ପ୍ରାଣସୁତ | | „ | ଟ ୪୯ |
| „ ଶ୍ରୀ ଭଗବତସିଂହ ଜମିଦାର ସହିତ | | „ | ଟ ୩୯ |

# ବିଜ୍ଞାପନ ।

ପରୀକ୍ଷିତ ଦଦ୍ରୁନାଶକ ଚୂର୍ଣ୍ଣ ।

ଏ ଚୂର୍ଣ୍ଣରେ ନାନାପ୍ରକାର ଦାଦୁ ଆରାମ ହୁଅଇ । ବିଶେଷତଃ କୋଉଜାଦୁରେ ଥରେ ବା ଦୁଇଥର ଲଗାଇଲେ ତାହା ନିଶ୍ଚୟ ଆରାମ ହୁଅଇ । ଜ୍ୱାଳା ହୁଏ ନାହିଁ । କିଛି ଚୂର୍ଣ୍ଣକୁ ପାଣିବୁନ୍ଦରେ ଗୋଳାଇ ଦାଦୁକୁ ପରିଷ୍କାର କରି ତହିଁରେ ଲେପ ଦେବ । ଏହା କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଖାନାରେ ବିକ୍ରୟ ହେଉଅଛି । ମୂଲ୍ୟ ୧ ଡବାକୁ ଟ ୦। ମୋଫସଲକୁ ନେଲେ ଡାକଖର୍ଚ୍ଚା ଟ ୦। ଅଧିକା ଲାଗିବ । ଏକତ୍ର ୭।୮ ଡବା ନେଲେ ମଧ୍ୟ ସେହି ଟ ୦। ଡାକ ଖର୍ଚ୍ଚାରେ ଯାଇ ପାରିବ । ଭେଲ୍ୟୁପେବଲରେ ନେଲେ ଅଗ୍ରିମ ଟ ୦ ୵ ପଠାଇବାକୁ ହେବ ।

ଶ୍ରୀ ଭଗୀରଥୀ ଷାଠିଆ

## WANTED

A Compounder for the Municipal Dispensary at Cuttack, salary Rs. 10 a month. Preference will be given to one who knows the duty of Compounder and Vaccinator and can write a good legible English hand writing.

Applications with copies of testimonials will be received up to the 30th Instant by the undersigned.

Cuttack Municipal Office. 15—11—89. } DWARKA NATH CHAKRABARTY, Chairman.

## CUTTACK STUDENTS' SERVICE.

Lecturer—Babu Mrigankadhur Roy Chowdhuri

Subect—" Duty of the Students' Service " in Bengalee.

Time—On Saturday, the 16th instant at 4 P. M.

Place—Cuttack Town School.

Students are requested to attend.

Cuttack 13—11—89. } Viswanath Kur.

ନାନାପ୍ରକାର ଛୋଟ ବଡ଼ ଶୂନ୍ୟଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରୁଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ଭେଟ କଲେ ସମସ୍ତ ଜାଣି ପାରିବେ ।

କଟକ ୧୬।୧୧।୮୯ } ଶ୍ରୀ ଗୌରୀଶଙ୍କର ରାୟ

## NOTICE.

Wanted an English teacher for the Calyanpur Middle school. Salary Rs. 15 a month. Applications will be received up to the 26th Instant.

Cuttack District Board's Office 12—11—89. } H. T. MAGUIRE Chairman.

## NOTICE.

Wanted 3 mohorirs, one at Rs. 20 and two at Rs. 15 each. Applications will be received up to 20th November. Preference will be given to those, who have a fair knowledge in English and in Surveying. Applicants should state their age.

Marshaghai The 6th November 1889. } C. N. GHOSE Settlement officer.

## NOTICE.

Wanted for the settlement office Kujang, a Head clerk—salary Rs. 40 per mensem.—Applicants must be able to write a good hand and to draft letters and reports with ease, and should submit copies of testimonials certifying their ability to do this.—Applications will be received up to 16th Instant.

The accepted candidate will be appointed on probation for a period of 3 months.

Dated Marshaghai The 3rd Novr. 1889. } C. N. Ghose, *Settlement officer.*

## WANTED

A tutor by the Raja of Barpaili Zillah Sambulpore, salary Rs. 20. None need apply who has not passed the University examination. Candidates are requested to send their application with copies of testimonials to the undersigned.

1—11—89. Gouree Sunker Roy, Cuttack.

# FOR SALE.

The thatched bungalow with about ten mans of rented land, situated near Tulsipore and lately occupied by Mr. Homan, excellent accommodation, with several out offices, close to Government offices, and with airy situation.

Apply to

MISS BEALE

Cuttack.

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ପ୍ରମେହାନ୍ତକ କଷାୟ ।

ଏହି ଔଷଧ ସେବନରେ ସକଳ ପ୍ରକାର ମେହ ରୋଗ ଏକ ସପ୍ତାହ ମଧ୍ୟରେ ଏକାବେଳକେ ଆରୋଗ୍ୟ ହୁଅଇ । ପ୍ରସ୍ରାବ କଲାବେଳେ ଯନ୍ତ୍ରଣା ଥାଉ ପଡ଼ିବା ରକ୍ତ ପ୍ରସ୍ରାବ ଶୁକ୍ରିକଣ ପଡ଼ ପ୍ରସ୍ରାବ, ଟୋପା ଟୋପା ପ୍ରସ୍ରାବ ପ୍ରସ୍ରାବଦ୍ୱାର ଫୁଲିବା ଓ ଦୁର୍ଗନ୍ଧ ଏକାବେଳକେ ଆରୋଗ୍ୟ ହୁଅଇ ।

ଏକଶିଶିର ମୂଲ୍ୟ ଟ ୧ ପ୍ୟାକିଂ ଟ ୦ ⁄
ଡାକମାସୁଲ ଟ ୦ ।

---

## ଦ୍ରୋମନାଶକ ଚୂର୍ଣ୍ଣ ।

ଏହି ଚୂର୍ଣ୍ଣକୁ କୌଣସି ରୋମଯୁକ୍ତ ସ୍ଥାନରେ ଲଗାଇ ଦେଲେ ମାତ୍ରକେ ତତ୍‌କ୍ଷଣାତ୍ ବିନା ଯନ୍ତ୍ରଣାରେ ରୋମମାନ ସେ ସ୍ଥାନରୁ ଛାଡ଼ିଯିବ । ଏହି ଚୂର୍ଣ୍ଣଦ୍ୱାରା ଦାଢ଼ି କଣ, ଦେହ ପ୍ରଭୃତି ସ୍ଥାନରୁ ରୋମ ଉଠାଇଦେବା ଅତି ସହଜଅଟେ ।

ଏକଶିଶିର ମୂଲ୍ୟ ଟ ୦ ୫ ପ୍ୟାକିଂ ଟ ୦ ⁄
ଡାକମାସୁଲ ଟ ୦ ।

ଏହା ଛଡ଼ା ସକଳ ପ୍ରକାର ରୋଗର ଔଷଧ ଅଛି । ବିଦେଶରୁ ରୋଗର ଅବସ୍ଥା ସମସ୍ତ ଲେଖି ପଠାଇଲେ ଉତ୍ତ ଉପଯୋଗୀ ବ୍ୟବସ୍ଥା ଦିଆଯାଏ ।

କବିରାଜ ଶ୍ରୀ ଅଧରନାଥ ଶର୍ମା
ନଂ ୬୮ ନମ୍ବର ହରଘୋଷର ଷ୍ଟ୍ରିଟ, ସିମୁଲିଆ
କଲିକତା ।

---

# ଦ୍ୱିଭାଷୀ ।

## ( ନୂତନ ପୁସ୍ତକ )

ମାଇନର ବର୍ଣ୍ଣାକ୍ୟୁଲର ସ୍କୁଲ ଓ ଏଣ୍ଟ୍ରେନ୍ସ ସ୍କୁଲର ଅଧିକାଂଶ ଶ୍ରେଣୀର ଛାତ୍ରମାନଙ୍କର ଇଂରାଜୀଶିକ୍ଷାପକ୍ଷରେ ଏହି ପୁସ୍ତକ ଅତ୍ୟନ୍ତ ଉପଯୋଗୀ । ଏଥିରେ ପ୍ରାୟ ଦୁଇସହସ୍ର ଆବଶ୍ୟକୀୟ ଓ ନାନାବିଷୟକ ଓଡ଼ିଆଶବ୍ଦର ଇଂରାଜୀ ଅନୁବାଦ, ପ୍ରତ୍ୟେକ ଇଂରାଜୀଶବ୍ଦର ଉଚ୍ଚାରଣ ଓ ପ୍ରତ୍ୟେକ ପୃଷ୍ଠାରେ ଗୋଟିଏ ଲେଖାଏଁ ଇଂରାଜୀ ହିତୋପଦେଶ ଓ ତାହାର ଓଡ଼ିଆ ଅନୁବାଦ ଅଛି । ମୂଲ୍ୟ ଟ ୦ । ଅଣା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

---

ଅପୂର୍ବ୍ବ ଦୋକାନ
ନୂତନ

# ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ୍ୟ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବ୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

---

ନୂତନ ପୁସ୍ତକ ! ନୂତନ ପୁସ୍ତକ ! ନୂତନ ପୁସ୍ତକ !

## ସଙ୍ଗୀତ ସାଗର ।

### ପ୍ରଥମତରଙ୍ଗ ।

କବିସମ୍ରାଟ୍ୟ ସ୍ୱପ୍ନଗୁରୁ, ବନମାଳୀ, ଉପେନ୍ଦ୍ରଭଞ୍ଜ, ରାମକୃଷ୍ଣ, ଗୋପାଳକୃଷ୍ଣ ଓ ହରି ପ୍ରଭୃତି କବିମାନଙ୍କ ରଚିତ ଉତ୍କୃଷ୍ଟ ଏକଶତ ସଙ୍ଗୀତ ସୂଚିପତ୍ର ଓ କଠିନ ଅର୍ଥ ସହିତ ଏକତ୍ରେ ସନ୍ନିବେଶିତ । ଏପ୍ରକାର ପୁସ୍ତକ ସୁଲଭ ମୂଲ୍ୟରେ ଏପର୍ଯ୍ୟନ୍ତ ପ୍ରକାଶ ହୋଇ ନ ଥିଲା । ମୂଲ୍ୟ ଟ ୦ । ମାତ୍ର । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟ ଓ ଅନ୍ୟାନ୍ୟ ପୁସ୍ତକାଳୟରେ ପ୍ରାପ୍ୟ ।

---

## ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୨ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ଚନ୍ଦ୍ରଶେଖରକରଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

---

## ବିଶେଷ ସୁବିଧା !

ସଦର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରି ପଦାର୍ଥ, ବିବିଧପ୍ରକାର ଖେଳଣା, କଲ-ଗାଡ଼ି, କାମିଜ, କୋଟ, ଦେଶୀ ଓ ବିଲାତିଯୋତା, ନାନାପ୍ରକାରଲୁଗା, ଖେଳବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ ବଣି ପଠାଇବାର ପରିଶ୍ରମ ବାବଦରେ ଶଇକଡ଼ା ୫ ଟଙ୍କା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ନୂତନ କି ପୁରୁଣା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପତ୍ରଲିଖିତ ସ୍ଥାନକୁ ଭାଲୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । ସେହିପରି ଏଠାରେ ମାତ୍ର କହୁଅଛୁଁ ଯେ ଆମ୍ଭମାନଙ୍କଠାରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ସମ୍ବାଦ ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack Stores } ଲଳିତମୋହନ ଚକ୍ରବର୍ତ୍ତୀ
ବଟକ୍ରେକ ଓ ଔଷଧାଳୟ ଡାକ୍ତର, ବାଲୁବଜାର କଟକ

Digitized by srujanika@gmail.com

ଅଳମଖାଁ ବଜାର ପୂର୍ବରେ ଏକାଡ଼େମୀସ୍କୁଲ ନିକଟ ଅମ୍ଭ ବସାରେ ଅନେକ ଦିନ ହେଲା ଗୋଟିଏ ବଢ଼ାଇକାରଖାନା ଖୋଲିଅଛୁ ସେ ଠାରେ ପଲଙ୍କ, ଖଟୁଲୀ, ଅଲମାରୀ, ଟେବୁଲ ଇତ୍ୟାଦି ନାନାପଦାର୍ଥ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ମଧ୍ୟ କେତେକ ପଦାର୍ଥ ପ୍ରସ୍ତୁତ ହୋଇ ବିକ୍ରୟନିମନ୍ତେ ରଖାଯାଇଅଛି । ଯେଉଁ ବ୍ୟକ୍ତି କିଛି ପଦାର୍ଥ ନେବାକୁ ଇଚ୍ଛୁକ ହେବେ ଉକ୍ତ ସ୍ଥାନକୁ ଯାଇ ପଦାର୍ଥ ଦେଖି ମୂଲ୍ୟ କରି ନେଇପାରିବେ ଅଉ ଯେବେ କେହି କିଛି ପଦାର୍ଥ ନେବାକୁ ଫରମାସ ଦେବେ ତେବେ ସେ ଫରମାସି ପଦାର୍ଥର ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଦେଇ ଫରମାସ ଦେଲେ ଅତିସତ୍ୱର ଶସ୍ତାଦରରେ ପାଇପାରିବେ । ଇତି ।

କଟକ ୨୯-୮-୯୫

ଅଳମଖାଁବଜାର ଶ୍ରୀ କପିଳେଶ୍ୱର ନନ୍ଦ ।—

# ମେହରୋଗ ।

୧୦।୧୨ ଖାନଗରେ ସମସ୍ତ ଜ୍ୱାଲା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉକ୍ତ ରୋଗର ଚିକିତ୍ସା ନିମନ୍ତେ ସାମାନ୍ୟ ଅର୍ଥବ୍ୟୟ ସହାୟରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାନିୟମରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ସେଉଁମାନେ ଆରୋଗ୍ୟ ନ ହେବେ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଔଷଧ ବ୍ୟବହାରରେ ଫଳ ନ ହେଲେ ଆଉ ଉପାୟ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରକାଶ ହେବ ।

କଟକରୀ ଅଲ୍ଲବର୍ଟ ଟାଉନ ନଂ ୧ ହାବଲରେ ୟୁ, କେ, ଦାସ କମ୍ପାନୀଙ୍କ ଠାରେ ଏବଂ କଟକ ଚଉଧୁରୀ ବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ୧।୵ ଟଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ

# ବାଲିକାଗଣ ।

ନିମ୍ନଲିଖିତ ଶସ୍ତା ଦରରେ ଖବର କଟକ ଚଉଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | |
|---|---|---|
| ୧୨ ଗଜି ଦାମ | ୮ ୧୧ ଓ ୨୭୮ | ୭ ୧୧ ଓ ୦ ୧୯ |
| ୧୦ ଗଜି " | " ଓ ୨୭ | " ଓ ୦ ୧୮ |
| ୬ ଗଜି " | " ଓ ୨ | " ଓ ୦ ୮ |
| ୨୨ ଗଜି ଉତ୍କଳ ପରିଚିତ୍ର " | ଓ ୪ | " ଓ ୦ ୧୯ |

ସାଧୁନ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ନବରଙ୍ଗୋଣା ଓ ନଲଗି ଓ ରେସମୀଓଟଗର ଲୁଗା ଓ ସ୍ତ୍ରୀସନଙ୍ଗ ଓ ନାନା ଜାତି ଜମାଖ ପୋଷାକର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଇଦାନିନ୍ତ ଆଉ କେତେକ ଫେସନ ଜିନିଷାଦି ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି ତାହା ନିମ୍ନ ସ୍ଥଳରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଥିବ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ନିକେଲ ଘଡ଼ି ବିକ୍ରୟ ନିମନ୍ତେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଘଡ଼ିମାନ ବିକ୍ରୟ ହେବା ପୂର୍ବେ ଆପଣା ମଫସଲ ନିମନ୍ତେ ବରାଦ ପଠାନ୍ତି ତେବେ ଏକ ସହିତ ଫି ବରା ଟଂ ୬/୨ ହିସାବରେ ବଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଖରିଦଦାରଙ୍କ ଉପରେ ଥିବ । ଖରିଦ ହେଲେ ଘଡ଼ିର ପୁରା ମୂଲ୍ୟ ତାଙ୍କ ଦେବାକୁ ହେବ ।

ଇଙ୍ଗ୍ଲିଶ ।

କଟକ ଷ୍ଟେସନ ଚା ଚଳିତେ ଶୁଦ୍ଧ ହେଲେ ଅଛି ।
ଫରେକଲୀସ
କପ୍ତେଆନ୍ ଟେଲ ନବବା ଶେଡ ସ୍ପୀଡ ଓ ଜୋନ୍ସ ଷ୍ଟକ ।
ଟୁପ ଅର୍ଥାତ୍ ନଳମା କମ୍ଭା ଚାଣର ପେନ୍ସିଲ ଓ କଲମ ।
ପେନ୍ସିଲ ବାକ୍ସ ଇତ୍ୟାଦି ।
ନାନା ପ୍ରକାରର ଛିଟ ଚାଦର ଓ ଜମାଜ ଟେଙ୍ଗ ବୁଲି
ଟେବଲ କପଡ଼ା ।
କମ୍ବଳ ସାବୁନ ।
ନାନାପ୍ରକାର ସାବାନ ଗନ୍ଧ ତେଲ ଲୁଗା ସଫାର ଦ୍ରବ୍ୟ ।
ଇକୋନ ଲେକ—ଅର୍ଥାତ୍ ସୁଗନ୍ଧି ଦ୍ରବ୍ୟ ।
ଅଗ୍ନି ବୁଝ ।
ଶିଙ୍ଗାଳି ସୁଚ ଇତ୍ୟାଦି ।
କର୍ପୂର ତର୍ଜ ।
ଲୋସନଲାଇନ ।
ନାନା ଦେଶର ଓ ମନ୍ତ୍ର ନଡ଼ିକ ଓ ଷ୍ଟାମ୍ପ ସଙ୍ଗୀ
ଉତ୍କର୍ଷ ଚୁଲିଫାଉଣ୍ଡ ପେନସିଲ ତୁଲ
ନେଲକଟ ଇସୋତ ସାନ କେଶପାଣ୍ଡ ଚଉଲ
ଏ, ଚୋଟକ ଲଣ୍ଠନ
ଦାମିକ ଓ କୁର୍ତ୍ତା ।
ରଙ୍ଗୀ ଲୋଟାଣୀ ଏକବାରେ ।
ଅଙ୍ଗ୍ରେଜୀ ପେନସିଲ ଅର୍ଥାତ୍ ଏ ପେନସିଲରେ ଲେଖି କପଡ଼ା ଧୋଇ ଲେଖା ଉଠେ ନାହିଁ ।
ପେନସିଲ ଦେଶୀ ଓ ଇଂରେଜୀ ଗଳେ ବେଠ ଦସ୍ତାନ
ବେଲୋଚକ୍ରେ ଇତ୍ୟାଦି ।
ପୋର୍ଟମେଣ୍ଟ ଓ ଟ୍ରଙ୍କର ବେଗ ନେଟ ଓ ଚଟଟ ଲେଟ ସଙ୍ଗେ
ବୋତାମ ଭାଡ଼ ସ୍ଥାପନ କରିବାକୁ ସେଟ ଓ ସୁଣ୍ଟିରେ କରାହେବ ।
ଅଲଗା ଭିନ୍ନ
୧୨ × ୧୦ ଇଞ୍ଚ
୧୮ × ୧୨ ଇଞ୍ଚ
୧୭ × ୧୪ "
ମୋଜା ଓ ମୋଜାବନ୍ଧ
ଚେନ ୧ଥ ନମ୍ବର
ଜେଲୋ ସାବୁନ ବଡ଼ା ଓ ସକଳ
ଗେମେମୁଲେକ ।
ଘଡ଼ି ଓ ପାଇଁ କେତୋଟ ଟୋପା
କପିଞ୍ଚ ଟେବଲେ ଛତ ଝାଡ଼ବାର ଗାଡ଼
ମଖମଲ
ରେଲ ତୁ ପେଣ୍ଟିଲ
କବାଟରୀ ଗାଡ଼ୀ ଓ ଗୋଡ଼ ଓ ଛତ
ସୁବର୍ଣ୍ଣଲାଲ ଓ ଟିଟାଗଡ଼ ପାଇପୋଡ଼ ଓ ଗାଡ଼ୀ ।
ହ୍ରିଙ୍ଗ କାଠ
ଏଣ୍ଟିମୋନ ଅର୍ଥାତ୍ ଲକ୍ଷ୍ମୀକ ଛାପାର ଅକ୍ଷର ତିଆର କରିବା ଜମରେ ଦରକାର ହୁଏ ।

# ପିଚଗାର ।

ଏ ଆରକ୍ତୁ କେଉଁଠାରେ ଥାଏଲେ ଭଳି ଜର୍ମାନୀରେ ଭରିବାର ଜୋତାଖିଲର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ, ଘରର ମଝିରେ ଅନ୍ଧ ଲେପିଦେଲେ ମଜବୁତ ହେବ ଓ ଭଳି ଧରିବ ନାହିଁ ।

ଜଗିଲ ଡମଣ୍ଡା ଓ ସାଜରେ ଲଗାଇବାର ଲାଭ ମଧ୍ୟ ଅଛି ।

ଅର୍ଦ୍ଧେନ୍ଦୁ କର କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୦ ୵୬ |
| ଅର୍ଦ୍ଧସ୍ତମ୍ଭ | ୨ ୵୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ୦ ୵୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚ ୧ ୵୨ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧ ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସପ୍ତାହ ଶନିବାର କଟକପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୦ ଶ | ସଂ ୪୯ ସଂଖ୍ୟା | ତା ୨୦ ଏଓ ମାହେ ଡିସେମ୍ବର ସନ ୧୮୮୫ ଇଂରାଜୀ । ମୁ । ମାର୍ଗଶିର ଶ ୧୦ ଦି ୧୨ ୧୨୯୨ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩॥ | ପଶ୍ଚାଦେୟ ଟ ୪॥

ସଞ୍ଜୀବନୀରେ ପାଠ କଲୁଁ ଯେ ଜମିଦାର ପଞ୍ଚାଏତର ଅଧିବେଶନ କାଳୀଘାଟ ସମାରୋହ ସହିତ ସମ୍ପନ୍ନ ହୋଇଅଛି । ଅନେକ ବଡ଼ ଜମିଦାର କାର୍ଯ୍ୟ ନିର୍ବାହକ ସଭାର ସଭ୍ୟ ହୋଇଅଛନ୍ତି । ବଡ଼ ସାନ ଯେ କେହି ଜମିଦାର ଇଚ୍ଛା କରନ୍ତି ଏ ସଭାର ସଭ୍ୟ ହୋଇ ପାରନ୍ତି ଓ ପ୍ରତ୍ୟେକ ସଭ୍ୟଙ୍କୁ ବାର୍ଷିକ ଟ ୧୫ ଙ୍କା ଦେବାକୁ ହେବ ଜମିଦାରମାନଙ୍କ ଘରର ବିବାଦ ଆପୋଷରେ ମୀମାଂସା କରିବା ଏବଂ ସେମାନଙ୍କର ଉନ୍ନତି କରିବା ଏ ସଭାର ଉଦ୍ଦେଶ୍ୟ ଅଟଇ ।

---

ଜନରବ ଉଠିଅଛି ଯେ ଅମ୍ଭମାନଙ୍କର ମାନନୀୟ ପଟ୍ଣା କମିଶନର ଶ୍ରୀଯୁକ୍ତ ମେଟକାଫ ସାହେବ କାର୍ଯ୍ୟରୁ ଇସ୍ତଫା ପ୍ରଦାନ କରି ପେନସନ ଗ୍ରହଣ କରୁଛନ୍ତି ଓ ତାଙ୍କ କାର୍ଯ୍ୟରେ ଅମ୍ଭମାନଙ୍କର ପବ୍ଲିକ ମାନନୀୟ ଶ୍ରୀଯୁକ୍ତ ଜମସ୍ ସାହେବ ଓଡ଼ିଶାର କମିଶନର ହୋଇ ଆସୁଅଛନ୍ତି । ସତ୍ୟ ମିଥ୍ୟା ଅତି ଶୀଘ୍ର ପ୍ରକାଶିତ ହେବ । ଓଡ଼ିଶା ବନ୍ଦୋବସ୍ତ ସମୟରେ ଶ୍ରୀଯୁକ୍ତ ଜମସ୍ ସାହେବ ଏଠାରୁ ଅସିଲେ ତାଙ୍କର ବହୁଦର୍ଶିତାରୁ ଓଡ଼ିଶା ଅନେକ ସୁବିଧାର ଆଶା ରଖେ ଏଥିପାଇଁ ଏ ଜନରବ ସତ୍ୟ ହେବାର କାମନା ଅମ୍ଭେମାନେ କରୁଅଛୁଁ ।

---

କଟକାପୁର ଓ ସିଂହଭୂମ ଛାତ୍ରବୃତ୍ତି ବିଷୟରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ନୂତନ ନିୟମ ବାହାରିଅଛି । ଏ ନିୟମାବଳୀ ପ୍ରାପ୍ତ ପୂର୍ବପର କିଛି ଅଛି ବିଶେଷ କିଛି ପରିବର୍ତ୍ତନ ପଟି ନାହିଁ । ଗୋଟିଏ ନିୟମ ଏହି ହୋଇଅଛି ଯେ ଯେଉଁ ଛାତ୍ର ବଙ୍ଗଦେଶର ପ୍ରଚଳିତ ଦେଶୀୟ ଭାଷା ମଧ୍ୟରୁ ଗୋଟିଏ ଭାଷା ଶୁଦ୍ଧରୂପେ ଏବଂ ସହଜରେ ଲେଖି ବା ପଢ଼ି ପାରିବ ନାହିଁ ସେ ଜୁନିୟର ଛାତ୍ରବୃତ୍ତି ପାଇ ପାରିବ ନାହିଁ । ଏ ନିୟମଟି ବଡ଼ ଭଲ ହୋଇଅଛି । ଏଥିରେ ଦେଶୀୟ ଭାଷା ପ୍ରତି ଛାତ୍ରମାନଙ୍କର ଅନାସ୍ଥା ରହିବ ନାହିଁ ।

---

ସେରାଜଗଞ୍ଜର ଜଏଣ୍ଟ ମାଜିଷ୍ଟ୍ରେଟ ମାକନେଲ ଓ ସେଠା ଯୁଟ କମ୍ପାନୀର ସୁପରିଣ୍ଟେଣ୍ଡେଣ୍ଟ ଡାଥବାର୍ଟ ସାହେବମାନେ ଷ୍ଟିମରରେ ଭ୍ରମଣ କରିବାରୁ ତାହାର କଳଗ୍ରାମ ଘାଟ ପାଖରେ ଥିଲେ । ଜଣେ ଅଳ୍ପ ବୟସର ମୁସଲମାନପିଲା ଷ୍ଟିମର ପାଖରେ ପ୍ରସ୍ରାବ କରିବାରୁ ସାହେବମାନେ ତାହାକୁ ମାଡ଼ ମାରିଲେ । ପିଲାର ବାପ ଏ ଘଟନା ଦେଖି ଗ୍ରାମରେ କହିବାରୁ ଛଅ ସାତଶ ଲୋକ ବାଡ଼ି ଧରି ଅସି ସାହେବମାନଙ୍କୁ ଭାଷା ପ୍ରହାର କଲେ ଓ ଷ୍ଟିମରର ଖଲାସିମାନେ ସାହେବମାନଙ୍କ ରକ୍ଷା ନିମିତ୍ତ ବାହାରିବାରୁ ଉଭୟ ଦଳରେ ମାଡ଼ପିଟ ହୋଇ କେତେ ଲୋକ ଆଘାତ ପାଇଅଛନ୍ତି । ମାକନେଲ ସାହେବ ମାଡ଼ପୀଡ଼ାରେ ଦୁର୍ବଳ ହାସପାତାଳରେ ଥିଲେ । ବର୍ତ୍ତମାନ ମୋକଦ୍ଦମା ଉପସ୍ଥିତ ହୋଇ ବିଚାରାଧୀନରେ ଅଛି ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ବିଶାଖାପଟ୍ଟନ ଜିଲ୍ଲା ଜୟପୁର ତାଲୁକର ଶ୍ରୀରାମଚନ୍ଦ୍ର ମହାରାଜା ବଡ଼ ପ୍ରଜାପାଳକ ଓ ଦାନଶୀଳ ଭୂପତି ଥିଲେ ଏବଂ ବିଦେଶୀୟଙ୍କର ଉତ୍ତମରୂପ ଚର୍ଚ୍ଚା କରୁଥିଲେ । ଗତମାସ ତା ୨୨ ରିଖରେ ତାହାଙ୍କର ମାନବଲୀଳା ଶେଷ ହେଲା ଯାନ୍ତୁ ସେ ଜୀବଦଶାରେ ଆପଣ ତାହାଙ୍କ ପୁତ୍ର ଶ୍ରୀ ବିକ୍ରମଦେବଙ୍କୁ ରାଜପଦ ସମର୍ପଣ କରିଥିଲେ । ଶ୍ରୀ ବିକ୍ରମଦେବଙ୍କ ବୟଃକ୍ରମ ବର୍ତ୍ତମାନ ବ ୧୬ ବର୍ଷ । ଏହାଙ୍କ ଶିକ୍ଷାନିମନ୍ତେ ଜଣେ ଇଂରାଜଶିକ୍ଷକ ପୂର୍ବରୁ ମାସିକ ଏକଶହ ଟଙ୍କା ବେତନରେ ନିଯୁକ୍ତ ଅଛନ୍ତି । ନୂତନ ରାଜା ନାବାଳଗ ଥିବାରୁ ରାଜ୍ୟ କୋର୍ଟଅବ ୱାର୍ଡ଼ସର ଅଧୀନରେ ଅସିଅଛି ଏବଂ ନଗଦ ଟଙ୍କା ଓ ବହୁମୂଲ୍ୟ ଦ୍ରବ୍ୟାଦି ସମସ୍ତ ତାଲିକା ହୋଇ ତାଲାମୋହର କରାଯାଇ ବନ୍ଦ ହୋଇଥିଲା ବର୍ତ୍ତମାନ ବିଶାଖପଟ୍ଟଣା ବାଙ୍କରେ ଜମା ହୋଇଅଛି । ଏସବୁର ମୂଲ୍ୟ ତିନିଲକ୍ଷ ଟଙ୍କା ହେବ । ଶୀଘ୍ର ଜଣେ ମାନେଜର ନିଯୁକ୍ତ ହେବେ ।

---

ଗତର ମାସ ତା ୨୨ ରିଖରେ ବାଙ୍କୀପୁରଠାରେ କାୟସ୍ଥମାନଙ୍କ ସମିତିର ଦ୍ଵିତୀୟ ଅଧିବେଶନ ହୋଇ ସାଇଥିବାର ସମ୍ବାଦ ମିଳିଲା । ଏ

Split by PDF Splitter

Digitized by srujanika@gmail.com

ଅଧିବେଶନରେ ଭାରତବର୍ଷର ନାନା ସ୍ଥାନରୁ ପ୍ରାୟ ୨୦୦୦ ଶ ପ୍ରତିନିଧି ଆସି ସମବେତ ହୋଇଥିଲେ । ପିଲଭିଟ୍‌ର ବାବୁ ଜୟନ୍ତୀପ୍ରସାଦ ସଭାପତିର ଆସନ ଗ୍ରହଣ କରିଥିଲେ । ବାଲ୍ୟବିବାହ ଦୂଷଣୀୟ ଥିବା ବିଷୟରେ ଏ ସମିତିରେ ପ୍ରସ୍ତାବ ଧାର୍ଯ୍ୟ ହେଲା । ବିବାହରେ ଶର୍ତ୍ତବନ୍ଦି, ମାଦକସେବନ, ନୀତି ଓ ବ୍ୟାୟାମଶିକ୍ଷା, ସ୍ତ୍ରୀମାନଙ୍କୁ ସସ୍ତ୍ରୀ ଓ ହିନ୍ଦୀଭାଷାରେ ଶିକ୍ଷା ପ୍ରଦାନ, ବାଣିଜ୍ୟର ଉନ୍ନତି, ପଞ୍ଚାୟତ ଦ୍ୱାରା ମୋକଦ୍ଦମା ନିଷ୍ପତ୍ତି କରଣ ଇତ୍ୟାଦି ବିଷୟମାନ କର୍ତ୍ତବ୍ୟ ହୋଇ ପ୍ରସ୍ତାବମାନ ଧାର୍ଯ୍ୟ ହୋଇଅଛି । ସଭାପତି ମହାଶୟ ବାଙ୍କୀପୁର ଠାରେ ଗୋଟିଏ ଗୋଶାଳା ନିର୍ମାଣ ହେବାର ଶୁଭ ଦେଲେ ଏବଂ କାୟସ୍ଥଜାତୀୟ ପାଣ୍ଠି ଓ ଗୋଶାଳା ନିମିତ୍ତ ସେହି ସ୍ଥାନରେ ଦଶସହସ୍ରରୁ ଅଧିକ ଟଙ୍କାର ଚାନ୍ଦା ସ୍ୱାକ୍ଷରିତ ହୋଇଗଲା । ସରକାରୀ କର୍ମଚାରୀମାନେ ଏହି ସମିତି ପ୍ରତି ଅତ୍ୟନ୍ତ ସହାନୁଭୂତି ପ୍ରକାଶ କରିଥିଲେ ଏବଂ ଅଧିବେଶନର ଅନ୍ତ୍ୟକାଳରେ ପୂର୍ଣ୍ଣ ଉତ୍ସାହ ପରିଲକ୍ଷିତ ଥିଲା ।

---

ଡିଷ୍ଟ୍ରିକ୍ଟ ବୋର୍ଡ ବା ଜିଲ୍ଲାସମିତିର ଗତବର୍ଷର କାର୍ଯ୍ୟ ବଙ୍ଗପ୍ରଦେଶର ଲେଟ୍‌ଲଣ୍ଟ ସମାଲୋଚନା କରି ଏକ ମନ୍ତବ୍ୟ ନିର୍ଦ୍ଧାରଣ ଲିପିବଦ୍ଧ କରିଅଛନ୍ତି ଏବଂ ତାହା କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଅମ୍ଭେମାନେ ତହିଁର ସଂକ୍ଷେପ ବୃତ୍ତାନ୍ତ ଏପତ୍ରେ ପାଠକମାନଙ୍କୁ ଜଣାଉଁ । ବର୍ତ୍ତମାନ ଆନନ୍ଦସହିତ ଜଣାଉଅଛୁଁ ଯେ ବଙ୍ଗଳାର ଲେଟ୍‌ଲଣ୍ଟ ସରୁ ଷ୍ଟୁଆର୍ଟ ବେଲି ଜିଲ୍ଲାସମିତିମାନଙ୍କ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିଅଛନ୍ତି ଏବଂ ଆତ୍ମଶାସନପ୍ରଣାଳୀ ସଫଳ ହେବାର ସ୍ୱୀକାର କରିଅଛନ୍ତି । ସେ କହିଅଛନ୍ତି ଯେ ସାଧାରଣତଃ ସମିତିର ମେମ୍ବରମାନେ ଆପଣା କାର୍ଯ୍ୟରେ ଅଧିକ ଆଗ୍ରହ ପ୍ରକାଶ କରିଅଛନ୍ତି । ଅନେକ ସ୍ଥାନରେ ଉପସ୍ଥିତ ସଂଖ୍ୟା ପ୍ରଶଂସନୀୟ ଏବଂ ଭଲରୂପେ କାର୍ଯ୍ୟ କରିବାର ସାଧୁଇଚ୍ଛା ପ୍ରକାଶ ପାଇଅଛି । ସ୍ଥାନେ ଉଦ୍ୟମ ଏବଂ ଅଦୂରଦର୍ଶିତାର ଫଳ ଓ କେତେକ ସ୍ଥଳେ ସାଧାରଣ କାର୍ଯ୍ୟକୁ ନିଜକାର୍ଯ୍ୟରୁ ଅଧିକ ଅନୁଭବରୂପେ କରିବାର ଦେଖାଯାଇଅଛି । କିନ୍ତୁ ଏ ସବୁ ଏକା ବଙ୍ଗଦେଶର ବିଶେଷ ଦୋଷ ନୁହଇ ମାତ୍ର ଅନ୍ତଃଶାସନପ୍ରଣାଳୀର ସ୍ୱାଭାବିକ ଦୋଷ ଅଟଇ । ବର୍ତ୍ତମାନ ଏ ପ୍ରଣାଳୀର ବାଲ୍ୟାବସ୍ଥା ଅଟଇ ଏହାର ଅନେକ ଅଙ୍ଗ ବଡ଼ ଲାଭକରିବାର ଅଛି ମାତ୍ର କ୍ରମଶଃ ଦେଖାଯାଉଅଛି । ଉପଦେଶ ଉତ୍ସାହ ଏବଂ ଆବଶ୍ୟକ ମତେ ଶାସନର ପ୍ରୟୋଜନ ଅଛି ଏବଂ ତହିଁ ନିମିତ୍ତ ଗୋଟିଏ ସେଣ୍ଟ୍ରାଲ ବୋର୍ଡ ସ୍ଥାପନ କରିବାର ମାନ୍ୟବର ଲେଟ୍‌ଲଣ୍ଟ ମନସ୍ଥ କରିଅଛନ୍ତି ।

---

ଗତ ସପ୍ତାହର ତା ୧୭ ନ ଝଡ଼ିଉତ୍ତାରୁ ଗତ ଶନିବାର ଆକାଶ ପରିଷ୍କାର ଥିଲା କିନ୍ତୁ ଏସପ୍ତାହରେ ରବିବାରଠାରୁ ବୁଧବାରପର୍ଯ୍ୟନ୍ତ ପୁନର୍ବାର ତା ୧୮ ନ ଲଗାଇ ଝଡ଼ ହେଲା । ଏଥିମଧ୍ୟରେ ସୋମବାର ରାତ୍ରିରୁ ବୁଧବାର ସନ୍ଧ୍ୟାପର୍ଯ୍ୟନ୍ତ ଭାରି ବୃଷ୍ଟି ହୋଇଥିଲା ଏବଂ ମଙ୍ଗଳବାର ରାତ୍ରରେ ପବନର ବଳ ଅତ୍ୟନ୍ତ ଅଧିକ ହୋଇଥିଲା । ଏଥିରେ ଅନେକ ଘରକାନ୍ଥ ଓ କେତେକ କଦଳପ୍ରଭୃତି ଗଛ ଭାଙ୍ଗିଯାଇଅଛି । ଏନଗରରେ ସାମାନ୍ୟ ତୋଫାନ ହୋଇଥିଲା ମାତ୍ର ନିକଟସ୍ଥ ଉପକୂଳରେ ବଡ଼ତୋଫାନ ହୋଇଥିବାର ଜଣାଯାଉଅଛି । ଅତ୍ୟନ୍ତ ବୃଷ୍ଟିହେତୁ ନଦୀମାନ ବଢ଼ିଅଛି । ମାର୍ଗଶିରମାସରେ ଏପରି ବର୍ଷା, ପବନ ଓ ନଦୀବଢ଼ି ପ୍ରାୟ କେବେ ଦେଖା ନ ଥିଲା । ତୋଫାନର ଏବଂ ଅନ୍ୟାନ୍ୟସ୍ଥାନର ସମ୍ବାଦ ଜଣାଯାଇ ନାହିଁ । ବାଲେଶ୍ୱର ଓ କେନ୍ଦ୍ରାପଡ଼ାର ତାରମାନ ଛିଣ୍ଡିଯାଇଥିବାରୁ ତାରଡାକ ବନ୍ଦଥିଲା । ଗ ୧୮ ଖ୍ରୀ ଅର୍ଥାତ୍ ବୁଧବାରରୁ ଅଧିକକାଳ କ୍ରମାଗତ ମେଘ ବର୍ଷିଅଛି ଯାହାକି ଏବର୍ଷ ବର୍ଷାକାଳରେ ସୁଦ୍ଧା ହୋଇ ନାହିଁ ଏବଂ ବିଲ ବାଡ଼ିସମସ୍ତ ପ୍ରାୟ ଜଳମଗ୍ନ ହୋଇଅଛି ଯେସ୍ଥଳେ ଫସଲର ଅବସ୍ଥା ଆଉ ବିଶେଷ କି ବୋଲିବୁଁ ପାଚିଲାଧାନ ପାଣିରେ ବୁଡ଼ି ରହିଅଛି । ଅତଏବ ଫଳ ପାଇବାର ଆଶା ଏକା ଝଡ଼ିରେ ବୁଡ଼ିଯାଇଅଛି ସମସ୍ତ ଈଶ୍ୱରେଚ୍ଛା । ସବିଶେଷବୃତ୍ତାନ୍ତ ଆଗାମୀରେ ପ୍ରକାଶିତ ହେବ ।

ପୁରୀରେ ଝଡ଼ ପରେ ତୋଫାନ ଓ ବୃଷ୍ଟି ହୋଇ ଅନେକ ଘର ଭାଙ୍ଗି ଯିବା ଓ ଦୁଃଖିଲୋକଙ୍କ ସାହାଯ୍ୟ ନିମିତ୍ତ ଚାନ୍ଦା ଆରମ୍ଭ ହେବାର ସମ୍ବାଦ ପାଇଅଛୁଁ ।

---

ଶ୍ରୀଜଗନ୍ନାଥ ସନାତନଧର୍ମରକ୍ଷିଣୀ ସଭାର ଯେଉଁ ଅଧିବେଶନ ଗତ ଅଶ୍ୱିନମାସରେ ହୋଇଥିଲା ତହିଁରେ ସଭାର ପୂର୍ବ ନିୟମାବଳୀ ପୁନର୍ବାର ଆଲୋଚିତ ହୋଇ କେତେକ ପରିମାଣରେ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହେଲା । ଉକ୍ତ ଅଧିବେଶନରେ ସମସ୍ତ ତୀର୍ଥମାନଙ୍କର ଶାସ୍ତ୍ରୀୟ ମହାତ୍ମ୍ୟ ରକ୍ଷା ହେବା ପ୍ରତି ଓ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଯାନଯାତ୍ରା ସ୍ଥଳେ କୌଣସି ବାଧା କିମ୍ବା ଅନିଷ୍ଟ ନ ହେବା ପ୍ରତି ଦୃଷ୍ଟି ରଖିବା ସଭାର ଉଦ୍ଦେଶ୍ୟ ବୋଲି ସ୍ୱୀକୃତ ହୋଇଅଛି ଏବଂ ହିନ୍ଦୁଧର୍ମସମ୍ବନ୍ଧୀୟ ବିଷୟ ବ୍ୟତୀତ ଅନ୍ୟ କୌଣସି ପ୍ରସଙ୍ଗ ସମ୍ବନ୍ଧରେ ଉପସ୍ଥିତ ହେବାର ନିଷେଧ ଅଛି । ଏଥିରୁ ଯାନଯାତ୍ରାରେ ବାଧା ବା ଅନିଷ୍ଟ ନ ଘଟିବା ଏବଂ ଯାତ୍ରିମାନଙ୍କ ଧନ ପ୍ରାଣ ରକ୍ଷା ଓ ଦର୍ଶନର ସୁବିଧା ନିମନ୍ତେ ଜଣେ ମାନେଜର ନିଯୁକ୍ତ କରିବାର ପୁରୀର ରାଣୀ ଏବଂ ସରକାରଙ୍କ ମଧ୍ୟରେ ଉଦ୍ୟମ ହୋଇଅଛି । ବର୍ତ୍ତମାନ ଉକ୍ତ ପଦ ଶୂନ୍ୟ ଅଛି ଏବଂ ରାଣୀ ଉକ୍ତପଦ ସକାଶେ ଜଣେ ସୁଯୋଗ୍ୟବ୍ୟକ୍ତି ଖୋଜୁଅଛନ୍ତି । ଅମ୍ଭେମାନେ ଅନୁମାନ କରୁଁ କି ରାଣୀଙ୍କର ସାହାଯ୍ୟ ଏବଂ ମନ୍ଦିରର ହିତ ସକାଶେ ସୁଯୋଗ୍ୟ ମାନେଜର ପସନ୍ଦ କରିବା ସଭାର ଗୋଟିଏ କାର୍ଯ୍ୟ ହେଉଅଛି । ସଭା ଯାହାଙ୍କୁ ପସନ୍ଦ କରିବେ ରାଣୀ ତାହାଙ୍କୁ ନିଯୁକ୍ତ କରିବାକୁ ବାଧ୍ୟ । ଏକଥା ଅମ୍ଭେମାନେ କହୁ ନାହୁଁ କିନ୍ତୁ ଯେସ୍ଥଳେ ସଭାର ଓ ରାଣୀଙ୍କର ଉଦ୍ଦେଶ୍ୟ ଏକ ଅଥଚ ଦଶଜଣଙ୍କ ବିବେଚନାରେ ଯେଉଁମାନେ ଏ ପଦ ପାଇବାର ଯୋଗ୍ୟ ବୋଲି ବିବେଚିତ ହେବେ ସେମାନଙ୍କମଧ୍ୟରୁ ରାଣୀ ଏକଜଣଙ୍କୁ ବାଛି ନେଲେ ସେଥିରେ ଭଲ ବିନା ମନ୍ଦ ହେବ ନାହିଁ ସେସ୍ଥଳେ ସଭା କେତେକଜଣ ଯୋଗ୍ୟଲୋକଙ୍କୁ ମନୋନୀତ କଲେ ଉତ୍ତମ ହେବ । ଅନ୍ତତଃ ଏହି ଗୁରୁତର ବିଷୟରେ ସଭାର ମନ୍ତବ୍ୟ ପ୍ରକାଶ କରିବା ଅପ୍ରାସଙ୍ଗିକ ହେବ ନାହିଁ । ମାନେଜର ନିଯୋଗ କଥା ଆଜି କାଲି ଚାରିଆଡ଼େ ଲାଗିଅଛି ମାତ୍ର କୌଣସି ଯୋଗ୍ୟବ୍ୟକ୍ତିର ନାମ ଅଦ୍ୟାପି ପ୍ରକାଶ ପାଇ ନାହିଁ ।

---

ଶ୍ରୀମତୀ ଭାରତେଶ୍ୱରୀଙ୍କ ଜ୍ୟେଷ୍ଠ ପୌତ୍ରଙ୍କର ଏ ଦେଶକୁ ଶୁଭାଗମନ କରିବାର ବାର୍ତ୍ତା ଜଣାଇଅଛୁଁ । ବର୍ତ୍ତମାନ ତାହାଙ୍କର ସଂକ୍ଷେପ ପରିଚୟ ଦେବା । ଏହାଙ୍କ ନାମ କୁମାର ଏଡ଼ୱାର୍ଡ ଆଲବର୍ଟ ଭିକ୍ଟର । ଯୁବରାଜ ପ୍ରିନ୍ସ ଅବ ୱେଲସ ଆମ୍ଭମାନଙ୍କର ଭାବୀ ସମ୍ରାଟଙ୍କର ଜ୍ୟେଷ୍ଠପୁତ୍ର ଅଟନ୍ତି; ଏହାଙ୍କର ଜନ୍ମ

Split by PDF Splitter

Digitized by srujanika@gmail.com

Split by PDF Splitter



ସନ ୧୮୬୪ ସାଲରେ ହୋଇଥିଲା । ବର୍ତ୍ତମାନ ବୟସ ବ ୨୫ ସ । ଦେଖିବାକୁ ବଡ଼ସୁନ୍ଦର ସବଳ ଏବଂ ମନୋହର ଅଟନ୍ତି । ରୂପସଙ୍ଗେ ଗୁଣର ମଧ୍ୟ ମଣିକାଞ୍ଚନ ଯୋଗ ହୋଇଅଛି । ବାଲ୍ୟକାଳରେ ଆପଣା ଘରେ ଶିକ୍ଷା ଆରମ୍ଭ କରି ଆପଣା କନିଷ୍ଠଭ୍ରାତ କୁମାର ଜର୍ଜଙ୍କ ସହିତ ଯୁଦ୍ଧ ଜାହାଜର କାର୍ଯ୍ୟ ଶିକ୍ଷା ନିମିତ୍ତ ବ୍ରିଟେନିୟା ନାମକ ଜାହାଜରେ ନିଯୁକ୍ତ ହେଲେ । ତ ୧୬ ଶ ବୟସ ସମୟରେ ଶ୍ରୀମତୀ ମହାରାଣୀଙ୍କ ଆଦେଶରେ ଆପଣା କନିଷ୍ଠଭ୍ରାତା ସହିତ ଏକ ରଣପୋତରେ ପୃଥିବୀ ପରିଭ୍ରମଣ କରିବାକୁ ଯାତ୍ରା କଲେ । ରେବରେଣ୍ଡ ଡାଲଟନ ଅଭିଭାବକସ୍ୱରୂପ ସଙ୍ଗରେ ଯାଇଥିଲେ । ପୃଥିବୀ ପରିଭ୍ରମଣ କରି ସନ ୧୮୮୨ ସାଲରେ ଇଂଲଣ୍ଡରେ ପହୁଞ୍ଚିଲେ । ତହିଁଉତ୍ତାରୁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ବିଦ୍ୟା ଶିକ୍ଷା କରି ଜର୍ମାନିର ଜଗଦ୍‌ବିଖ୍ୟାତ ହାଇଡ଼ଲବର୍ଗ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ସମାପ୍ତ କଲେ । ସନ ୧୮୮୩ ସାଲରେ ମହାରାଣୀଙ୍କଠାରୁ ଗାର୍ଟର ଉପାଧି ପ୍ରାପ୍ତ ହେଲେ ଏବଂ ଗତବର୍ଷ କେମ୍ବ୍ରିଜ ବିଦ୍ୟାଳୟରୁ ଏଲ, ଏଲ, ଡି ଉପାଧି ପାଇଅଛନ୍ତି । ଏଲଡାରସଟରେ ଉତ୍ତମରୂପେ ଯୁଦ୍ଧ ଶିକ୍ଷା କରି ସମ୍ପ୍ରତି ୟାର୍କସାୟରେ ଦଶ ହୁସାର୍ସ ରେଜିମେଣ୍ଟର ଲେଫ୍‌ଟେନାଣ୍ଟ ହୋଇଅଛନ୍ତି । ଏପର୍ଯ୍ୟନ୍ତ ବିବାହ ହୋଇ ନାହାନ୍ତି । ଏହାଙ୍କ ପିତା ସନ ୧୮୭୫ ସାଲରେ ଏବଂ ବଡ଼ କାକା ଡ୍ୟୁକ ଅବ ଏଡିନବରା ସନ ୧୮୬୯ ସାଲରେ ଏଦେଶ ଭ୍ରମଣ କରିବାକୁ ଆସିଥିଲେ । ମଝିଆଁ କାକା ଡ୍ୟୁକ ଅବ କନାଟ ଆପଣା ସ୍ତ୍ରୀସହିତ ସମ୍ପ୍ରତି ଭାରତବର୍ଷରେ ଅଛନ୍ତି ଏବଂ କାକା ଖୁଡ଼ୀ ଦୁହେଁ ଭ୍ରାତୃଷ୍ପୁତ୍ରଙ୍କୁ ସଙ୍ଗେ ନେଇ ସମସ୍ତ ଦେଖାଇ ବୁଲୁଅଛନ୍ତି ଏବଂ ତାହାଙ୍କ ଅଭ୍ୟର୍ଥନା ନିମିତ୍ତ ପୁନାଠାରେ ଶେଷକାଳ ଘୋର ଭଲ ସମାରୋହ କରିଥିଲେ ।

---

ଇନକମଟାକ୍ସଆଇନରେ ବିଧି ଅଛି କି କୌଣସି ବ୍ୟକ୍ତି ଉପରେ ଟିକସ ଧାର୍ଯ୍ୟ ହେଲା ଉତ୍ତାରୁ ଯେବେ ସେ ନିରୂପିତ ସମୟରେ ତାହା ନ ଦେବ ତେବେ ତାହା ଉପରେ ଧାର୍ଯ୍ୟ ହୋଇଥିବା ଟଙ୍କାର ଦ୍ୱିଗୁଣରୁ ଅଧିକ ନ ହେବା ପରିମାଣ ଟଙ୍କା ଅର୍ଥଦଣ୍ଡ ସ୍ୱରୂପ କଲେକ୍ଟର ସାହେବ ତାହାଠାରୁ ଆଦାୟ କରିବେ । ଏଠାର ପୂର୍ବ କଲେକ୍ଟରମାନେ ଏହି ବିଧି ଅନୁସାରେ ଟିକସ ଦେବାକୁ ତ୍ରୁଟି କରିବା ବ୍ୟକ୍ତିଙ୍କଠାରୁ ତାହା ଉପରେ ଟିକସସ୍ୱରୂପ ଧାର୍ଯ୍ୟ ହୋଇଥିବା ଟଙ୍କାର ସମାନ ଅଥବା ତହିଁରୁ ଊଣା କେତେ ଟଙ୍କା ଅର୍ଥଦଣ୍ଡ ନେଉଥିଲେ ଅର୍ଥାତ୍ ସେମାନେ ଉକ୍ତ ବିଧିର ମର୍ମ ଏହା ବୁଝିଥିଲେ ଯେ ଯାହାର ଟିକସ ଟ ୧୦ଙ୍କା ସେ ସମୟରେ ତାହା ନ ଦେଲେ ଅଧିକ ଦଶଟଙ୍କା ଅଥବା ତହିଁର କୌଣସି ଅଂଶ ଅର୍ଥଦଣ୍ଡ ଦେବ ଯେମନ୍ତ କି ଟିକସ ଟଙ୍କା ମିଶି ମୋଟରେ ଟ ୨୦ଙ୍କାରୁ ଅଧିକ ହେବ ନାହିଁ । ମାତ୍ର ବର୍ତ୍ତମାନ କଲେକ୍ଟର ଶ୍ରୀଯୁକ୍ତ ମାଗୁଆର ସାହେବ ଉକ୍ତ ବିଧିର ଏହି ଅର୍ଥ କଲେ କି ଟିକସ ଟଙ୍କା ଛଡ଼ା ତହିଁର ଦ୍ୱିଗୁଣପର୍ଯ୍ୟନ୍ତ ଜରିମାନା ହୋଇ ପାରିବ ଏବଂ ତଦନୁସାରେ ଯାହାର ଟିକସ ଟ ୧୦ଙ୍କା ଧାର୍ଯ୍ୟ ହୋଇଥିଲା ସେ ତାହା ଯଥା ସମୟରେ ଦେବାକୁ ତ୍ରୁଟି କରିବାରୁ ତାହାଠାରୁ ଟିକସର ଦ୍ୱିଗୁଣ ଅର୍ଥାତ୍ ଟ ୨୦ଙ୍କା ଅର୍ଥଦଣ୍ଡ ଏବଂ ଟିକସ ଟ ୧୦ ଙ୍କା ଏପରି ଟ ୩୦ ଙ୍କା ଆଦାୟ କରିବାର ଆଜ୍ଞା ଦେଲେ । ସୁଖର ବିଷୟ ଯେ ସାହେବଙ୍କର ଏପରି ସିଦ୍ଧାନ୍ତ ଅପିଲରେ ସ୍ଥିର ରହିଲା ନାହିଁ କାରଣ କମିଶନର ସାହେବ ନିଷ୍ପତ୍ତି କଲେ କି ଅର୍ଥଦଣ୍ଡସ୍ୱରୂପ ଦ୍ୱିଗୁଣ ନେବାର ଯେଉଁ ବିଧି ଅଛି ତାହା ଧାର୍ଯ୍ୟ ହୋଇଥିବା ଟିକସ ସହିତ ଧରିବାକୁ ହେବ ଟିକସ ଛଡ଼ା ନୁହେ । ଯେଉଁମାନେ ଅପିଲ କରିଥିଲେ ସେମାନେ କଲେକ୍ଟରସାହେବ କରିଥିବା ଅତିରିକ୍ତ ଅର୍ଥଦଣ୍ଡରୁ ମୁକ୍ତ ପାଇଲେ ମାତ୍ର ଯେଉଁମାନେ ଅପିଲ କରି ନାହାନ୍ତି ଓ ଅପିଲ କରିବାର ମିଆଦ ଯାଇଅଛି ସେମାନଙ୍କଠାରୁ ଅତିରିକ୍ତ ଅର୍ଥଦଣ୍ଡ ଆଦାୟ ହୋଇଅଛି । ଆମ୍ଭେମାନେ ବିବେଚନା କରୁଁ କି ସେମାନଙ୍କ ପ୍ରତି କଲେକ୍ଟର ସାହେବ ଦୟା କରି ତାହାଙ୍କଠାରୁ ଆଦାୟ ହୋଇଥିବା ଅତିରିକ୍ତ ଅର୍ଥଦଣ୍ଡ ଫେରି ଦେବେ । ଭ୍ରମ ଜାଣିଲା ଉତ୍ତାରୁ ତାହା ସଂଶୋଧନ କରିବା ଉଚିତ ଏବଂ ଅନ୍ୟାୟ ରୂପେ କାହାଠାରୁ ଟଙ୍କା ନେବା ଗବର୍ଣ୍ଣମେଣ୍ଟଙ୍କର ଉଦ୍ଦେଶ୍ୟ ନୁହଇ ।

---

ମହାଜାତୀୟସମିତି ସମ୍ବନ୍ଧରେ ହ୍ୟୁମ ସାହେବଙ୍କର ଖଣ୍ଡିଏ ପତ୍ରର ବିବରଣ ଏଲାହାବାଦରେ ଏକ ସମ୍ବାଦପତ୍ରରେ ପାଠ କରି ଆମ୍ଭେମାନେ ବଡ଼ ଦୁଃଖିତ ହେଲୁଁ । ସାହେବ ମହୋଦୟ ଲେଖିଅଛନ୍ତି କି ପୁନା କମିଟୀ ଆପଣାର ଦେୟ ଟଙ୍କା ଦେବାକୁ ଅକ୍ଷମ ଓ ବମ୍ବେ କମିଟୀ କେତେ ଟଙ୍କା ଦେବାକୁ ସ୍ପଷ୍ଟରୂପେ ଅସ୍ୱୀକୃତ ହେବାରୁ ସେ ଗତବର୍ଷର ଖର୍ଚ୍ଚ ସମ୍ବନ୍ଧ ନିଜ ହାତରୁ ଦଶହଜାର ଟଙ୍କା ଦେଇଥିଲେ ଏବଂ ଏ ବର୍ଷ ଯେବେ ଲଣ୍ଡନର ଖର୍ଚ୍ଚ ଭାରତବାସିମାନେ ନ ଦେବେ ତେବେ ସେ ଏ କାର୍ଯ୍ୟରୁ ହାତ ଉଠାଇବେ । ସେ ଯଥାର୍ଥ ଲେଖିଅଛନ୍ତି କି ଲଣ୍ଡନର ଖର୍ଚ୍ଚ ସକାଶେ ବାର୍ଷିକ ହ ୩୦୦୦ ହଜାର ଟଙ୍କା ଦରକାର ଏବଂ ଭାରତବାସୀମାନେ ଯେବେ ଏହି ସାମାନ୍ୟ ଟଙ୍କା ଦେଇ ନ ପାରିବେ ତେବେ ବୋଲିବାକୁ ହେବ ଯେ ମହାସମିତିର ଉଦ୍ୟମକାରୀମାନେ ଭ୍ରମରେ ପଡ଼ି ଅଛନ୍ତି ଏବଂ ତହିଁର ବିରୋଧିମାନେ ଠିକ୍ ବୁଝି ଅଛନ୍ତି । ପାଠକମାନେ ଜାଣନ୍ତି ଯେ ଦେଶୀୟ ଲୋକଙ୍କ ବାଞ୍ଛା ଓ ଅଭାବ ବିଲାତବାସିଙ୍କୁ ଜଣାଇବା କାରଣ ବିଲାତରେ ଗୋଟିଏ କାର୍ଯ୍ୟାଳୟ ବସାଇବାକୁ ହୋଇଅଛି ଏବଂ ଶ୍ରୀଯୁକ୍ତ ବ୍ରାଡଲ ଓ ଡିଗବି ସାହେବମାନେ ଏହି କାର୍ଯ୍ୟାଳୟରେ ନିଯୁକ୍ତ ହୋଇ ଭାରତବାସିଙ୍କ ନିମିତ୍ତ ପାର୍ଲିମେଣ୍ଟସଭା ଓ ଅପର ସ୍ଥାନରେ ଯେପରି ପ୍ରଶଂସନୀୟ କାର୍ଯ୍ୟ କରୁଅଛନ୍ତି ତାହା ସମସ୍ତେ ଜାଣିଅଛନ୍ତି । ଏହି କାର୍ଯ୍ୟାଳୟ ବିନା ମହାସମିତିଦ୍ୱାରା କୌଣସି ସୁଫଳ ଫଳିବାର ସମ୍ଭାବନା ନାହିଁ ଏବଂ ଯେବେ ଭାରତବାସିମାନେ ଏଥିର ଖର୍ଚ୍ଚ ଯୋଗାଇବାକୁ ଅକ୍ଷମ ତେବେ ସେମାନଙ୍କର ସଭା କରିବା ବୃଥା ଓ ସ୍ୱଦେଶାନୁରାଗର ପରିଚୟ ଦେବା କପଟତା ଅଟଇ । ବିନା ଅର୍ଥେ ମଧୁରଗମନ ନାସ୍ତି ଓ ଅର୍ଥ ପ୍ରଦାନ କରିବା ସରଳତାର ପରୀକ୍ଷାସ୍ଥଳ ଅଟଇ । ଯେଉଁ ବ୍ୟକ୍ତି ଦେଶର କଲ୍ୟାଣ ଯଥାର୍ଥ ଚାହେଁ ସେ ତହିଁର ଉପାୟନିମିତ୍ତ ଅର୍ଥ ସାହାଯ୍ୟ କରିବାକୁ ଅବଶ୍ୟ ପ୍ରସ୍ତୁତ ହେବ । କେବଳ ବକ୍ତୃତା ଓ ଆଡ଼ମ୍ବରରେ କିଛି ଫଳ ନାହିଁ । ଏମନ୍ତ ସଭା କରିବାଠାରୁ ନ କରିବା ଭଲ ଥିଲା କାରଣ ଏପରି ସଭାରେ କିଛି ଲାଭ ନାହିଁ କେବଳ ଲୋକହସା ସାର ।

ଏ ପ୍ରବନ୍ଧ ଲେଖାହେବା ଉତ୍ତାରୁ ବମ୍ବେଠାରୁ କଲିକତାକୁ ଆସିଥିବା ଏକ ତାରଖବରୁ ଅବଗତ ହେଲୁଁ ଯେ ଗତବର୍ଷର ଲଣ୍ଡନର ଖର୍ଚ୍ଚ ସମସ୍ତ ପଠାଯାଇଅଛି ଏବଂ ଏ ବର୍ଷର ଖର୍ଚ୍ଚ ମଧ୍ୟ ସଂଗୃହୀତ ହୋଇଅଛି । ଶୁଣିଥାଉଁ ହେବା ଅସ୍ପଷ୍ଟ । ମହାସମିତିର

Digitized by srujanika@gmail.com

Split by PDF Splitter



ଟଙ୍କା ଅଭାବ ଥିବାର କଥା କେବଳ ଶତ୍ରୁମାନେ ଉଠାଇଅଛନ୍ତି ଅସ୍ମେମାନେ ଏହା ପାଇକରି ଅଶ୍ୱାସ୍ତ ହେଲୁଁ ।

---

### କଷ୍ଟମହାଉସ ।

କଷ୍ଟମହାଉସର ଆମଦାନୀ ଜଙ୍ଗ ବୋର୍ଡ଼ର ଗୋଟିଏ ପ୍ରଧାନ ଅଙ୍ଗ ହୋଇଥିବାରୁ ଉହିଁର କାର୍ଯ୍ୟ ରୁଣ୍ଟାସ୍ୱର୍ଣ୍ଣାର ଭାର ଗବର୍ଣ୍ଣମେଣ୍ଟ ଉକ୍ତ ବୋର୍ଡ଼କୁ ଅର୍ପଣ କରିଅଛନ୍ତି ଏବଂ ମିଉନସିପାଲିଟୀ ମଧ୍ୟରେ ଥିବା କଷ୍ଟମହାଉସର ଭାର ମିଉନସିପଲ କମିଶନରଙ୍କ ହାତରେ ଦିଆଯାଇଅଛି । ଏହି କାର୍ଯ୍ୟ ସମ୍ବନ୍ଧରେ ସମୟେ ସମୟେ ନାନା ପ୍ରଶ୍ନ ଉଠିବାରୁ ଗବର୍ଣ୍ଣମେଣ୍ଟ କେତେଗୁଡ଼ିଏ ଆଦେଶ ସମ୍ପୃକ୍ତ ପ୍ରସ୍ତୁତ କରିଅଛନ୍ତି । ଉହିଁର ମର୍ମ ଏହିକି କଷ୍ଟମହାଉସ ବସାଇବା ଉହିଁର ସୀମାନିର୍ଣ୍ଣୟ କର୍ମଗୃହ ନିଯୋଗ ଓ ଫିସର ନିରୂପଣ ଇତ୍ୟାଦି କାର୍ଯ୍ୟ ବୋର୍ଡ଼ ଓ ମିଉନସିପାଲିଟୀ କରିବେ ମାତ୍ର ଉକ୍ତ କାର୍ଯ୍ୟ ସେମାନେ କରି ପାରିବେ ନାହିଁ । ଯାବତୀୟ କରମାନ ମାଲମ ଇତ୍ୟାଦି କାର୍ଯ୍ୟମାନ ମାଜିଷ୍ଟ୍ରେଟଙ୍କ ଅଧୀନରେ ରହିବ ମାତ୍ର ଉହିଁର ଅଙ୍ଗ ସ୍ଥାନୀୟ ସମିତିମାନେ ପାଇବେ । କଷ୍ଟମହାଉସରେ ପୁଲିସର କୌଣସି ଅଧିକାର ରହିବା ଉଚିତ ନୁହଇ ବୋଲି ଗବର୍ଣ୍ଣମେଣ୍ଟ ଆଦେଶ କରିଅଛନ୍ତି ଯେ କୌଣସି କଷ୍ଟମହାଉସରେ ପୁଲିସ କର୍ମଗୃହ ହାତରେ ରହିବ ନାହିଁ । ସ୍ଥାନୀୟ ସମିତିମାନେ ଅପଣା ଲୋକ ନିଯୁକ୍ତ କରାଇବେ । ଅଥବା ଇଜରା ଦେବେ ଏବଂ ଇଚ୍ଛା ହେଲେ ଡାକମୁନସି ଭଣ୍ଡାମୋହରର ପ୍ରଭୃତିଙ୍କୁ ଜନ୍ତୁ ଅଧିକା ବେତନ ଦେଇ ନିଯୁକ୍ତ କରିପାରିବେ । ଇଜରା ଦେବାର ନିୟମ ନିରୂପଣ ପୂର୍ବ ଓ ବଙ୍ଗଳାମାନଙ୍କ ଫାରମ ପ୍ରସ୍ତୁତ ହୋଇଅଛି ଏବଂ ତହିଁରେ ନିୟମ ହୋଇଅଛି କି ଇଜରଦାର ସ୍ଥାନୀୟସମିତିର ଅନୁମତିବିନା କାହାକୁ ଦର ପଟ୍ଟା ବା ଇଜରା ଦେବେ ନାହିଁ ଏବଂ କଷ୍ଟମହାଉସକୁ ପଶୁ ଅଣିବା ବ୍ୟକ୍ତିଙ୍କ ଠାରୁ କିଛି ନେବେ ନାହିଁ । ଇଜରଦାରମାନେ ପଶୁ ଅଣିବା କାରଣ ଲୋକଙ୍କୁ ନିଷ୍ଠୁର କରୁଥିବା ଦମ୍ଭା ଠିକା ଶୁଳ୍କର ରଖୁଥିବାରୁ ଘୋର ଅତ୍ୟାଚାର ହେଉଥିଲା । ଏଣିକି ଆଉ ତାହା ହୋଇ ପାରିବ ନାହିଁ । ଏହି ନିୟମଟି ସୁନ୍ଦର ହୋଇଅଛି । ପୁଲିସ ଓ ମାଜିଷ୍ଟ୍ରେଟ ସ୍ଥାନୀୟ ସମିତିର ସାହାଯ୍ୟ କରିବେ ଓ କାର୍ଯ୍ୟତ ଦୃଷ୍ଟି ରଖିବେ ମାତ୍ର କୌଣସିମତେ ହସ୍ତକ୍ଷେପ କରିବେ ନାହିଁ ବରଂ ଲୋକଙ୍କ ପ୍ରତି ଅତ୍ୟାଚାର ହେଲେ ତାହା ନିବାରଣ ଓ ତହିଁର ପ୍ରତିକାର କରିବେ । ଅମ୍ଭମାନଙ୍କର ବିଶ୍ୱାସ ହେଉଅଛି ଗବର୍ଣ୍ଣମେଣ୍ଟଙ୍କ ଆଦେଶାନୁସାରେ କାର୍ଯ୍ୟ ହେଲେ କଷ୍ଟମହାଉସର ଅତ୍ୟାଚାର ନିବାରିତ ହେବ ।

---

### ବଙ୍ଗଳାର ବାଣିଜ୍ୟ ।

ବାଣିଜ୍ୟ ଧନାଗମର ପ୍ରଧାନ ଉପାୟ । ବାଣିଜ୍ୟର ଅବସ୍ଥାରୁ ଦେଶର ଉନ୍ନତି ବା ଅବନତିର ପରିଚୟ ମିଳଇ । ବଙ୍ଗଳାର ଗତବର୍ଷର କଷ୍ଟମ ଅର୍ଥାତ୍ ସାମୁଦ୍ରିକ ବାଣିଜ୍ୟଦ୍ରବ୍ୟର ଶୁଳ୍କସମ୍ବନ୍ଧୀୟ ଗତବର୍ଷର ବିଜ୍ଞାପନୀରେ ଏ ପ୍ରଦେଶର ବାଣିଜ୍ୟର ଅବସ୍ଥା ପ୍ରକାଶିତ ହୋଇଅଛି । ତହିଁରୁ କେତେକ ଅଂଶ ଏଠାରେ ଉଦ୍ଧୃତ କରି ପାଠକମାନଙ୍କୁ ଏହି ଅନୁରୋଧ କରୁଅଛୁଁ କି ସେ ସବୁ ମନୋଯୋଗପୂର୍ବକ ବିବେଚନା କରି ଦେଖିବେ ଯେ ତଦ୍ୱାରା ଅମ୍ଭମାନଙ୍କର କେଉଁପରିମାଣରେ ଉନ୍ନତି ବା ଅବନତି ହୋଇଅଛି ।

ସନ ୧୮୮୭।୮୮ ସାଲରେ କଷ୍ଟମମାସୁଲ ମୋଟରେ ଟ ୨,୧୮,୨୦,୭୬୯ ଙ୍କା ଅଦାୟ ହୋଇଥିଲା ତହିଁ ମଧ୍ୟରେ ଟ ୧୮୬୩୦୧୫୫ ଙ୍କା କେବଳ ଲବଣ ମାସୁଲ ଅଟଇ । ସନ ୧୮୮୮।୮୯ ସାଲର ମୋଟ ମାସୁଲ ଟ ୨୭୨୩୨୮୭୧ ଙ୍କା ତହିଁ ମଧ୍ୟରେ କେବଳ ଲବଣ ମାସୁଲ ଟ ୨୨୭୨୮୩୩୭ ଙ୍କା ସୁତରାଂ ପୂର୍ବବର୍ଷଠାରୁ ଏବର୍ଷ ୫୪ ଲକ୍ଷ ଟଙ୍କା ଅଧିବୃଦ୍ଧି ହୋଇଅଛି । ତହିଁ ମଧ୍ୟରୁ ଏକା ଲବଣ ମାସୁଲ ବୃଦ୍ଧି ପ୍ରାୟ ୪୨ ଲକ୍ଷ ଅବଶିଷ୍ଟ ଦୁଇଲକ୍ଷ ଟଙ୍କା ମଦ ଓ କେରୋସିନତେଲର ଆମଦାନୀ ମାସୁଲ ବୃଦ୍ଧି ଏବଂ ରପ୍ତାନୀ ଦ୍ରବ୍ୟର ମାସୁଲ ଉଣା ହେବାଦ୍ୱାରା ଘଟିଅଛି । ଲବଣ ଅଧିକ ଆମଦାନୀ ହେବା ଏବଂ ମହଣ ପ୍ରତି ଆଠଅଣା ମାସୁଲ ବୃଦ୍ଧି ହେବାରୁ ଲବଣର ଆୟ ଅଧିକ ହୋଇଅଛି । ଲବଣ ମାସୁଲରେ ସରକାରଙ୍କର ଲାଭ ହେଲା ସତ୍ୟ ମାତ୍ର ଏହା ଅମ୍ଭମାନଙ୍କର ଉନ୍ନତିର ପରିଚୟ ଦେଉ ନାହିଁ । ଲବଣ ଏ ପ୍ରଦେଶରେ ପ୍ରଚୁର ପରିମାଣରେ ପ୍ରାପ୍ତ ହୋଇ ପାରେ ଏବଂ ଏହା ପ୍ରସ୍ତୁତ କରିବା ଏଠା ଲୋକଙ୍କ ଜୀବନଧାରଣର ଗୋଟିଏ ଉପାୟ । ଅସ୍ମେମାନେ ତାହା ପ୍ରସ୍ତୁତ କରି ନ ପାରି ବିଦେଶରୁ ଅଣାଇଲୁଁ ଅର୍ଥାତ୍ ଏକ ପକ୍ଷରେ ସେ ବ୍ୟବସାୟରୁ ବଞ୍ଚିତ ହେଲୁଁ । ଏବଂ ଅପର ପକ୍ଷରେ ଅଧିକ ମୂଲ୍ୟ ଦେଇ ସେହି ପ୍ରୟୋଜନୀୟ ଦ୍ରବ୍ୟ ବିଦେଶରୁ ଖରିଦ କରିବାଦ୍ୱାରା କ୍ଷତିଗ୍ରସ୍ତ ହେଲୁଁ ଏ ପ୍ରଦେଶରେ ପ୍ରସ୍ତୁତ ହେବା ଲବଣ ସେହି ପରିମାଣରେ ଖର୍ଚ୍ଚ ହୋଇଥିଲେ ଗବର୍ଣ୍ଣମେଣ୍ଟଙ୍କ ମାସୁଲରେ କ୍ଷତି ହୋଇ ନ ଥାନ୍ତା । ଅଥଚ ଅମ୍ଭମାନଙ୍କର ଲାଭ ହୋଇଥାନ୍ତା ।

ଆମଦାନୀ ଦ୍ରବ୍ୟର ମୂଲ୍ୟ ଗତବର୍ଷ ୬୦ କୋଟି ଟଙ୍କା ଥିଲା ଏବର୍ଷ ୬୨ କୋଟି ହୋଇଅଛି । ରପ୍ତାନୀ ଦ୍ରବ୍ୟର ମୂଲ୍ୟ ଗତବର୍ଷ ପ୍ରାୟ ୪୬ କୋଟି ଥିଲା ଏବର୍ଷ ୪୫ କୋଟି ହୋଇଅଛି । ଉପକୂଳ ବାଣିଜ୍ୟର ଆମଦାନୀ ଓ ରପ୍ତାନୀ ଉଭୟ ଉଣା ପଡ଼ିଅଛି । ସରକାରୀ ଦ୍ରବ୍ୟର ଆମଦାନୀ ଗତବର୍ଷ ୮୦ ଲକ୍ଷ ଥିଲା ଏବର୍ଷ ଏକକୋଟି ହୋଇଅଛି ।

ଆମଦାନୀ ଅପେକ୍ଷା ରପ୍ତାନୀ ଅଧିକ ହେବାରୁ ଦେଶର ଲାଭ ବୋଲିଯାଇ ନ ପାରେ କାରଣ ଅର୍ଥଶାସ୍ତ୍ରର ପଣ୍ଡିତମାନେ କହୁଅଛନ୍ତି କି ଯେଉଁ ଦେଶ ବିଦେଶୀୟ ଦ୍ରବ୍ୟ ଅଧିକ ଆମଦାନୀ କରିପାରେ ସେ ଦେଶ ଅପେକ୍ଷାକୃତ ଧନୀ ଏ ଅଂଶରେ ଅମ୍ଭମାନଙ୍କର ଦରିଦ୍ରତା ପ୍ରକାଶ ପାଉଅଛି କେଣୁ ଏ ପ୍ରଦେଶକୁ ଶିଳ୍ପଜାତ ଦ୍ରବ୍ୟ ଆମଦାନୀ ହୋଇଅଛି ଏବଂ କଞ୍ଚାମାଲ ଦ୍ରବ୍ୟ ଏ ଦେଶରୁ ରପ୍ତାନୀ ହୋଇଅଛି ତାହା ଦେଖିଲେ ଅମ୍ଭମାନଙ୍କର ଅବସ୍ଥା ଅଧିକ ଶୋଚନୀୟ ଜଣାଯିବ ।

ଆମଦାନୀ ଦ୍ରବ୍ୟ ମଧ୍ୟରେ ଏକା ସୂତାଲୁଗା ୧୪ କୋଟି ପଟ୍ଟି ଓ ଅନ୍ୟାନ୍ୟ ଲୁଗା ଏକ କୋଟି, ଧାତୁ ୧୨ କୋଟି, ତେଲ ୮୬ ଲକ୍ଷ ଲୁଣ ୭୭ ଲକ୍ଷ ଓ ମଦ ୬୨ ଲକ୍ଷ ଟଙ୍କାର ଆସିଅଛି । ରପ୍ତାନୀ ମଧ୍ୟରେ ଝୋଟ ୭ କୋଟି, ଅଫିମ ୭୨ କୋଟି, ଚା ୫ କୋଟି ଚମଡ଼ା ପ୍ରଭୃତି ଇତ୍ୟାଦି ୩୨ କୋଟି, ନୀଳ ୨୨ କୋଟି, ଅଶ୍ରା ୨୨ କୋଟି, ଚାଉଳ ୨ କୋଟି, ଗହମ ୧ କୋଟି ଏବଂ ତୈଳବୀଜ ପ୍ରାୟ ୨ କୋଟି ଟଙ୍କାର ବିଦେଶକୁ ଯାଇଅଛି । ଆମଦାନୀ ଦ୍ରବ୍ୟ ମଧ୍ୟରେ ଯେମନ୍ତ ସୂତାଲୁଗା ରପ୍ତାନୀ ଦ୍ରବ୍ୟ ମଧ୍ୟରେ ତେମନ୍ତ ଝୋଟ ଅନ୍ୟାନ୍ୟ ବର୍ଷଠାରୁ ଏବର୍ଷ ବିଶେଷ ବୃଦ୍ଧି ହୋଇଅଛି ।

ଉପରଲିଖିତ ତାଲିକାରୁ ସ୍ପଷ୍ଟ ଦେଖାଯାଉଅଛି ଯେ ଅସ୍ମେମାନେ ନିତାନ୍ତ ଦୁଃଖୀ ଓ ଅସହାୟ । ଲୁଗା ତେଲ ସୂତ

Digitized by srujanika@gmail.com